ଧରିତ୍ରୀ 51 Years
DHARITRI
ଭୁବନେଶ୍ୱର, ମଙ୍ଗଳବାର, ମାର୍ଚ୍ଚ ୧୧/୨୦୨୫ (୧୨ ପୃଷ୍ଠା) | Bhubaneswar, Tuesday, March 11/2025 Page 12 | ₹ 7.00 | RAYAGADA
୫୧ଶ ଭାଗ ୧୦୭ ସଂଖ୍ୟା | www.orissakhabar.com/www.dharitri.com | Printed at Rayagada, Bhubaneswar, Sambalpur & Angul | VOLUME 51 ISSUE 107 | ମୂଲ୍ୟ ₹୭/-



**ପୁରସ୍କାର ଦୌଡ଼ରେ ଅମିତ**
ଓଡ଼ିଶାର ଅମିତ ରୋହିଦାସ ଓ ସୁନେଲିତା ଟପ୍ପୋ ହକି ଇଣ୍ଡିଆ ପୁରସ୍କାର ଦୌଡ଼ରେ ରହିଛନ୍ତି।
୧୨

୦୨
**ହୋଲିକୁ ନେଇ 'ବମ୍ ବମ୍ ଭୋଲେ'**
ଅଭିନେତା ସଲମାନ ଖାନ୍‌ଙ୍କ ଆଗାମୀ ଫିଲ୍ମ 'ସିକନ୍ଦର'ର 'ବମ୍ ବମ୍ ଭୋଲେ' ଗୀତର ଟିଜର ସୋମବାର ଜାରି ହୋଇଛି।



# ଆମ୍ବୁଲାନ୍ସକୁ ଧକ୍କାଦେଲା ଟ୍ରେନ୍

## ବର୍ତ୍ତିଗଲେ ୭ ରୋଗୀ

ରାୟଗଡ଼ା,୧୦।୩
(ଆଶିଷ ରଞ୍ଜନ ପଣ୍ଡା)

ରାୟଗଡ଼ା ଜିଲା କଲ୍ୟାଣସିଂହପୁର ବ୍ଲକ୍ ଶିକରପାଇ ଓ ଭାଲୁମସ୍କା ରେଳ ଷ୍ଟେଶନର ମଧ୍ୟବର୍ତ୍ତୀ ସ୍ଥାନରେ ସୋମବାର ଏକ ଆମ୍ବୁଲାନ୍ସକୁ ମାଲବାହୀ ଟ୍ରେନ୍ ଧକ୍କା ଦେଇଛି। ଦୁର୍ଘଟଣା ପୂର୍ବରୁ ଆମ୍ବୁଲାନ୍ସ ଡ୍ରାଇଭରଙ୍କ ସହ ସେଥିରେ ଥିବା ୭ ଜଣ ରୋଗୀ ବାହାରକୁ ପଳାଇ ଆସିଥିବାରୁ ଅଳ୍ପକେ ବର୍ତ୍ତି ଯାଇଛନ୍ତି । ଟ୍ରେନ୍‌ର ଗତି କମ୍ ଥିବାରୁ ଧକ୍କଦେବା ପରେ ମଧ୍ୟ ଆମ୍ବୁଲାନ୍ସର ଅଧିକ କ୍ଷତି ହୋଇ ନ ଥିବା ଜଣାପଡ଼ିଛି। ଖବରପାଇ ରାୟଗଡ଼ା ଡିଭିଜନ ଡିଆର୍‌ଏମ୍ ଅମିତାଭ ସିଂଘଲ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲେ। ଆମ୍ବୁଲାନ୍ସ ଡ୍ରାଇଭରଙ୍କ ଖାମଖିଆଲ କାର୍ଯ୍ୟ ପାଇଁ ଏହି ଦୁର୍ଘଟଣା ଘଟିଥିବା ସୂଚନା ମିଳିଛି। ଘଟଣାରୁ ପ୍ରକାଶ, ଶିକରପାଇଠାରେ ସୋମବାର ଏକ ଚକ୍ଷୁ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଥିଲା। ଏହି ଶିବିରକୁ କଞ୍ଚାମଯୋଡି ☞ ପୃଷ୍ଠା-୪



ରାୟଗଡ଼ା ଜିଲା ଶିକରପାଇ ଓ ଭାଲୁମସ୍କା ରେଳ ଷ୍ଟେଶନ ମଝିରେ ଏକ ଆମ୍ବୁଲାନ୍ସକୁ ମାଲବାହୀ ଟ୍ରେନ୍ ଧକ୍କାଦେଇଛି। (ଫଟୋ-ଆଶିଷ ରଞ୍ଜନ ପଣ୍ଡା)

# ୧୪ରେ ପୂର୍ଣ୍ଣ ଚନ୍ଦ୍ରଗ୍ରହଣ

ଭୁବନେଶ୍ୱର,୧୦।୩(ସୁଚିସ୍ମିତା ସାହୁ)

ଚଳିତବର୍ଷ ମୋଟ ୪ଟି ସୂର୍ଯ୍ୟୋପରାଗ ଓ ଚନ୍ଦ୍ରଗ୍ରହଣ ସଂଗଠିତ ହେବ। ଦୁଇଟି ଆଂଶିକ ସୂର୍ଯ୍ୟୋପରାଗ ଏବଂ ଦୁଇଟି ପୂର୍ଣ୍ଣ ଚନ୍ଦ୍ରଗ୍ରହଣ ଦେଖିବାକୁ ମିଳିବ। ବର୍ଷର ପ୍ରଥମ ପୂର୍ଣ୍ଣ ଚନ୍ଦ୍ରଗ୍ରହଣ ମାର୍ଚ୍ଚ ୧୪ରେ ହେବ। ଏହା ଆମେରିକା, ପଶ୍ଚିମ ୟୁରୋପ, ପଶ୍ଚିମ ଆଫ୍ରିକା, ଉତ୍ତର ଏବଂ ଦକ୍ଷିଣ ଆଟଲାଣ୍ଟିକ ମହାସାଗର ଆଦି ଅଞ୍ଚଳରେ ଦେଖାଯିବ। ହେଲେ ଏହା ଭାରତକୁ ଦୃଶ୍ୟମାନ ହେବ ନାହିଁ। ଭାରତୀୟ ସମୟ ପୂର୍ବାହ୍ନ ୧୦ଟା ୩୯ ମିନିଟରେ ଚନ୍ଦ୍ର ଗ୍ରହଣ ଆରମ୍ଭ ହୋଇ ଅପରାହ୍ନ ୨ଟା ୧୮ରେ ଶେଷ ହେବ। କିନ୍ତୁ ପୂର୍ଣ୍ଣ ଗ୍ରହଣ ପୂର୍ବାହ୍ନ ୧୧ଟା ୫୬ରୁ ଅପରାହ୍ନ ୧ଟା ୧ ପର୍ଯ୍ୟନ୍ତ ଦେଖାଯିବ। ସେହି ସମୟରେ ଚନ୍ଦ୍ର ସମ୍ପୂର୍ଣ୍ଣ ରକ୍ତ ବର୍ଣ୍ଣ ଧାରଣ କରିବ। ଭାରତରେ ଦିନ ସମୟରେ ଚନ୍ଦ୍ରଗ୍ରହଣ ଘଟୁଥିବାରୁ ଦେଶର କୌଣସି ସ୍ଥାନରେ ଏହା ଦୃଶ୍ୟମାନ ହେବନାହିଁ ବୋଲି ଜ୍ୟୋତିର୍ବିଜ୍ଞାନୀ ଡ. ଶୁଭେନ୍ଦୁ ପଟ୍ଟନାୟକ ସୂଚନା ଦେଇଛନ୍ତି। ସେହିପରି ମାର୍ଚ୍ଚ ୨୯ରେ ଆଂଶିକ ସୂର୍ଯ୍ୟୋପରାଗ ☞ ପୃଷ୍ଠା-୪

# ଧର୍ମେନ୍ଦ୍ର ଅହଂକାରୀ, ତୁଣ୍ଡରେ ଲଗାମ ଦିଅନ୍ତୁ: ଷ୍ଟାଲିନ୍



ତାମିଲନାଡୁର ଥାଞ୍ଜାଭୁରରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ କୁଶପୁତ୍ତଳିକା ଦାହକରୁଛନ୍ତି ଡିଏମ୍‌କେ କର୍ମୀ।

ତାମିଲନାଡୁ ମୁଖ୍ୟମନ୍ତ୍ରୀ ଏମ୍.କେ. ଷ୍ଟାଲିନ୍ ସୋମବାର କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ 'ଅହଂକାରୀ' କହି ଭର୍ତ୍ସନା କରିଛନ୍ତି । ଧର୍ମେନ୍ଦ୍ର ନିଜକୁ ଜଣେ ରାଜା ମନେକରୁଛନ୍ତି । ସେ ତାଙ୍କ ଭାଷା ଉପରେ ନିୟନ୍ତ୍ରଣ ରଖିବା ଉଚିତ ବୋଲି ଷ୍ଟାଲିନ୍ ଧର୍ମେନ୍ଦ୍ରଙ୍କୁ ପରାମର୍ଶ ଦେଇଛନ୍ତି । ବଜେଟ ଅଧିବେଶନର ଦ୍ୱିତୀୟ ପର୍ଯ୍ୟାୟ ପ୍ରଥମ ଦିନରେ ଲୋକ ସଭାରେ ଡିଏମ୍‌କେ ସଦସ୍ୟମାନେ ତାମିଲନାଡୁକୁ ପାଣ୍ଠି ପ୍ରଦାନରେ କେନ୍ଦ୍ରର ପାତରଅନ୍ତର ପ୍ରସଙ୍ଗ ଉଠାଇଥିବାବେଳେ ଧର୍ମେନ୍ଦ୍ର ସେମାନଙ୍କୁ 'ଅସଭ୍ୟ', 'ଅଗଣତାନ୍ତ୍ରିକ' ଓ 'ଅସାଧୁ' କହି ସମାଲୋଚନା କରିଥିଲେ । ଏହାକୁ ନେଇ ଗୃହରେ ପ୍ରବଳ ହଟ୍ଟଗୋଳ ହୋଇଥିଲା । ସୋସିଆଲ ମିଡିଆ ପ୍ଲାଟ୍‌ଫର୍ମ ଏକ୍ସ'ରେ ଏହା ଉପରେ ଷ୍ଟାଲିନ୍ ପ୍ରତିକ୍ରିୟା ରଖି ଧର୍ମେନ୍ଦ୍ରଙ୍କୁ ଏଭଳି ଅସଂସଦୀୟ ଶବ୍ଦ ଉପରେ ଲଗାମ ଲଗାଇବାକୁ କହିଛନ୍ତି । ଜାତୀୟ ଶିକ୍ଷା ନୀତି (ଏନ୍‌ଇପି) ଅଧୀନ ୩-ଭାଷା ନୀତି ଅନୁଯାୟୀ ଦକ୍ଷିଣ ଭାରତୀୟ ରାଜ୍ୟଗୁଡ଼ିକ ଉପରେ ହିନ୍ଦୀ ଲଦାଯିବା ଅଭିଯାନ ଏବଂ ପ୍ରସ୍ତାବିତ ସଂସଦୀୟ କ୍ଷେତ୍ର ସୀମା ପୁନଃ ନିର୍ଦ୍ଧାରଣ (ଡିଲିମିଟେଶନ୍) ପ୍ରସଙ୍ଗକୁ ନେଇ କେନ୍ଦ୍ର ଓ ତାମିଲନାଡୁ ସରକାର ମୁହାଁମୁହିଁ ଅବସ୍ଥାରେ ଥିବାବେଳେ ଷ୍ଟାଲିନ୍‌ଙ୍କ ମନ୍ତବ୍ୟ ଜାତୀୟ ରାଜନୀତିକୁ ଚଳଚଞ୍ଚଳ କରିଦେଇଛି । ଡିଏମ୍‌କେ କର୍ମୀମାନେ ତାମିଲନାଡୁର ତ୍ରିଚି ଓ ଥାଞ୍ଜାଭୁର ସମେତ ବିଭିନ୍ନ ସ୍ଥାନରେ ଧର୍ମେନ୍ଦ୍ରଙ୍କ କୁଶପୁତ୍ତଳିକା ଦାହକରି ତାଙ୍କଠାରୁ କ୍ଷମା ଦାବି କରିଛନ୍ତି ।

ନୂଆଦିଲ୍ଲୀ/ଚେନ୍ନାଇ ,୧୦।୩ (ଏଜେନ୍ସି)

ପାର୍ଲାମେଣ୍ଟର ବଜେଟ ଅଧିବେଶନ ଦ୍ୱିତୀୟ ପର୍ଯ୍ୟାୟ ସୋମବାର ଆରମ୍ଭ ହୋଇଥିବାବେଳେ ପ୍ରଥମ ଦିନରେ ଜାତୀୟ ଶିକ୍ଷାନୀତି (ଏନ୍‌ଇପି) କାର୍ଯ୍ୟକାରିତାକୁ ନେଇ ଲୋକ ସଭାରେ ପ୍ରବଳ ହଟ୍ଟଗୋଳରୁ ଅଚଳାବସ୍ଥା ସୃଷ୍ଟି ହୋଇଛି। ପିଏମ୍ ସ୍କୁଲ୍ସ ଫର୍ ରାଇଜିଂ ଇଣ୍ଡିଆ (ପିଏମ୍‌ଶ୍ରୀ) ଯୋଜନା କାର୍ଯ୍ୟକାରୀ ପ୍ରସଙ୍ଗରେ ତାମିଲନାଡୁ ସରକାର ଅସାଧୁ ଓ ଅସଭ୍ୟ ବୋଲି କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିବାରୁ ଡିଏମ୍‌କେ ସଦସ୍ୟମାନେ ଏହାର ଦୃଢ଼ ପ୍ରତିବାଦ କରିଥିଲେ। ଫଳରେ ଗୃହରେ ଅଚଳାବସ୍ଥା ଦେଖାଦେବା ସହ ଲୋକ ସଭାକୁ ମୁଲତବୀ ରଖାଯାଇଥିଲା।

ପିଏମ୍‌ଶ୍ରୀ ଯୋଜନା ସମ୍ପର୍କିତ ଏକ ପ୍ରଶ୍ନର ଉତ୍ତର ଦେବାକୁ ଯାଇ ଧର୍ମେନ୍ଦ୍ର କହିଥିଲେ, କେନ୍ଦ୍ର ପ୍ରାୟୋଜିତ ଯୋଜନା କାର୍ଯ୍ୟକାରୀ କରିବାରେ ତାମିଲନାଡୁର ଡିଏମ୍‌କେ ନେତୃତ୍ୱାଧୀନ ☞ ପୃଷ୍ଠା-୪

# ଆଇପିଏଲ୍ ବେଳେ ଗୁଟ୍‌ଖା, ମଦ ବିଜ୍ଞାପନ ମନା

ନୂଆଦିଲ୍ଲୀ,୧୦।୩(ପି.ଟି.)

ଇଣ୍ଡିଆନ ପ୍ରିମିୟର ଲିଗ (ଆଇପିଏଲ୍)ରେ ସମସ୍ତ ପ୍ରକାର ଗୁଟ୍‌ଖା ଓ ମାଦକ ଦ୍ରବ୍ୟର ପ୍ରତ୍ୟକ୍ଷ ଅବା ପରୋକ୍ଷରେ ବିଜ୍ଞାପନ ପ୍ରସାରଣକୁ ବାରଣ କରାଯାଇଛି। ଆସନ୍ତା ୨୨ ତାରିଖରୁ ଆଇପିଏଲ୍‌ର ୧୮ତମ ସଂସ୍କରଣ ଆରମ୍ଭ ହେବାକୁ ଯାଉଛି। ଏହି ଲୋକପ୍ରିୟ ଇଭେଣ୍ଟ ସମୟରେ ଦେଶର ବହୁ ଖେଳପ୍ରେମୀ ଟିଭି ସହିତ ଯୋଡ଼ି ହୋଇଥାନ୍ତି। ଏଥିଯୋଗୁ ବିଜ୍ଞାପନ ଲାଗି ଟୁର୍ନାମେଣ୍ଟ ସବୁଠୁ ବଡ଼ ପ୍ଲାଟଫର୍ମ ପାଲଟିଯାଇଛି।

ସ୍ୱାସ୍ଥ୍ୟସେବାର ମହାନିର୍ଦ୍ଦେଶକ ଅତୁଲ ଗୋଏଲ ଇତିମଧ୍ୟରେ ଆଇପିଏଲ୍ ଚେୟାରମ୍ୟାନ ଅରୁନ ଧୁମଲଙ୍କୁ ଏକ ଚିଠି ଲେଖିଛନ୍ତି। ଏଥିରେ ସେ ଉଲ୍ଲେଖ କରିଛନ୍ତି ଯେ, କ୍ରିକେଟ ଖେଳାଳିମାନେ ଭାରତର ଯୁବ ପିଢ଼ି ଲାଗି ରୋଲ ମଡେଲ। ଏଣୁ ସେମାନେ ପ୍ରତ୍ୟକ୍ଷ ଓ ପରୋକ୍ଷରେ କୌଣସି ପ୍ରକାର ଗୁଟ୍‌ଖା କିମ୍ବା ମାଦକ ଦ୍ରବ୍ୟ ବିଜ୍ଞାପନ ସହ ଯୋଡ଼ି ହେବା ଉଚିତ ନୁହେଁ। ମ୍ୟାଚ କିମ୍ବା ଆଇପିଏଲ ଇଭେଣ୍ଟ ହେଉଥିବା ଷ୍ଟାଡିୟମ ପରିସର ମଧ୍ୟରେ ଏବଂ ଜାତୀୟ ଟେଲିଭିଜନରେ ପ୍ରସାରଣ ବେଳେ ଗୁଟ୍‌ଖା ଓ ସମସ୍ତ ପ୍ରକାର ମାଦକ ଦ୍ରବ୍ୟର ବିଜ୍ଞାପନକୁ ବାରଣ କରିବା ନୀତିକୁ ଆଇପିଏଲ କଡ଼ାକଡ଼ି ଭାବେ ପାଳନ କରିବା ଉଚିତ। ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବେ ଗୁଟ୍‌ଖା କିମ୍ବା ମାଦକ ଦ୍ରବ୍ୟ ଲାଗି ପ୍ରଚାର କରୁଥିବା ଭାଷ୍ୟକାର ଓ କ୍ରୀଡ଼ାବିତ୍‌ଙ୍କୁ ପ୍ରଚାରରୁ ଦୂରେଇ ରହିବା ଉଚିତ। ଭାରତରେ ଅଣ ସଂକ୍ରମିତ ରୋଗ, ହୃଦ୍‌ରୋଗ, କର୍କଟ, ଫୁସ୍‌ଫୁସ୍ ରୋଗ, ଡାଇବେଟିସ୍, ହାଇପରଟେନ୍‌ସନ ଆଦି ରୋଗରେ ପୀଡ଼ିତ ବ୍ୟକ୍ତିଙ୍କ ସଂଖ୍ୟାରେ ଅହେତୁକ ବୃଦ୍ଧି ଆସିଛି। ବାର୍ଷିକ ୭୦ରୁ ଅଧିକ ପ୍ରତିଶତ ମୃତ୍ୟୁ ଗୁଟ୍‌ଖା ☞ ପୃଷ୍ଠା-୪


**ଆଜିର ସମ୍ପାଦକୀୟ**
ଶିକ୍ଷାପାଣ୍ଠି

# ଦ୍ୱିତୀୟ ବିବାହ ପାଇଁ ୨ ପୁଅଙ୍କୁ ହତ୍ୟା

ନୟାଗଡ଼,୧୦।୩(ଲୋକନାଥ ମିଶ୍ର)

ନୟାଗଡ଼ ଜିଲା ଫତେଗଡ଼ ଥାନା ଧାନଚେଙ୍ଗେଡ଼ା ଗାଁରେ ସୋମବାର ବାପା ପ୍ରକାଶ ମହାନ୍ତି ଦ୍ୱିତୀୟ ବିବାହ କରିବା ଲାଗି ୨ ପୁଅଙ୍କୁ ହତ୍ୟା କରିଥିବା ଅଭିଯୋଗ ହୋଇଛି। ୨ ମୃତଦେହ ଘରର ଶିଢ଼ି ରେଲିଂରେ ଝୁଲୁଥିଲା ବୋଲି କୁହାଯାଉଛି। ଅଭିଯୋଗ ପରେ ପୋଲିସ ୨ ଭାଇ ଆକାଶ (୧୪) ଓ ସାନ ଭାଇ ଆଦିତ୍ୟ (୯)ଙ୍କ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ପୋଲିସ ନଂ. ୬୧/୨୫ରେ ମାମଲା ରୁଜୁ କରି ଅଭିଯୁକ୍ତ ପ୍ରକାଶଙ୍କୁ ଅଟକ ରଖି ଘଟଣା ସମ୍ପର୍କରେ ପଚରାଉଚୁରା ଜାରି ରଖିଛି। ନୟାଗଡ଼ ଏସ୍‌ପି ଏସ୍. ସୁସ୍ରୀ ଘଟଣାସ୍ଥଳରେ ତଦନ୍ତ କରି ଫେରିଛନ୍ତି। ସେହିପରି ସାଇଣ୍ଟିଫିକ୍ ଟିମ୍ ଘଟଣାସ୍ଥଳରୁ ତଦନ୍ତ କରି ଫେରିଛି। ୨ ଭାଇଙ୍କ ମୃତ୍ୟୁ ଖବର ଗାଁରେ ଶୋକାକୁଳ ପରିବେଶ ସୃଷ୍ଟି କରିଛି।

ପୋଲିସ ସୂଚନା ଅନୁସାରେ, ଆକାଶ ଓ ଆଦିତ୍ୟ ଧାନଚେଙ୍ଗେଡ଼ା ସ୍କୁଲରେ ପଢ଼ନ୍ତି। ଉଭୟଙ୍କୁ ବାପା, ଜେଜେବାପା, ଜେଜେ ମା', ପିଉସା ଓ ପିଉସୀ ମିଳିମିଶି ହତ୍ୟା କରିଥିବା ମାମୁଘର ପକ୍ଷରୁ ଥାନାରେ ଅଭିଯୋଗ କରାଯାଇଛି। ଅଭିଯୋଗ ପରେ ବାପାଙ୍କୁ ଅଟକ ରଖାଯାଇ ମାମଲା ରୁଜୁ କରାଯାଇ ଘଟଣାର ତଦନ୍ତ ଚାଲିଛି। ଏସ୍‌ପି ଏସ୍. ସୁସ୍ରୀ କହିଛନ୍ତି, ଧାନଚେଙ୍ଗେଡ଼ା ଗାଁରେ ୨ ଜଣ ନାବାଳକଙ୍କ ମୃତ୍ୟୁ ପରେ ହତ୍ୟା କି ଆତ୍ମହତ୍ୟା ଜାଣି ହେଉନି। ବ୍ୟବଚ୍ଛେଦ, ସାଇଣ୍ଟିଫିକ୍ ଟିମର ରିପୋର୍ଟ ଓ ପୋଲିସର ପଚରାଉଚୁରା ପରେ ପରବର୍ତ୍ତୀ ପଦକ୍ଷେପ ନିଆଯିବ। ଅଭିଯୋଗ ଆଧାରରେ ବାପାଙ୍କୁ ଅଟକ ରଖି ପଚରାଉଚୁରା ଜାରି ରହିଛି। ଖଣ୍ଡପଡା ଏସ୍‌ଡିପିଓ ଧାନଚେଙ୍ଗେଡ଼ା ଗାଁକୁ ଆସି ଘଟଣା ସମ୍ପର୍କରେ ପଚରାଉଚୁରା ମଧ୍ୟ କରିଛନ୍ତି। ଆଈ ଖଣ୍ଡପଡ଼ା ଥାନା ବେଣାଗାଡିଆ ପଞ୍ଚାୟତ କୁଞ୍ଜପଲ୍ଲୀ ଗାଁର ମାଗୁଣି ନାୟକ ଅଭିଯୋଗ କରିଛନ୍ତି, ଜ୍ୱାଇଁଙ୍କ ପରକୀୟା ପ୍ରୀତି ଜଣାପଡ଼ିବା ପରେ ଝିଅ ଜ୍ୱାଇଁଙ୍କ ମଧ୍ୟରେ ବିବାଦ ହୋଇଥିଲା। ପରବର୍ତ୍ତୀ ଅବସ୍ଥାରେ ପାରିବାରିକ ଅଶାନ୍ତି ସୃଷ୍ଟି ହୋଇଥିଲା। ଜ୍ୱାଇଁଙ୍କ ନିର୍ଯାତନା ସହ୍ୟ କରି ନ ପାରି ଝିଅ ପ୍ରାୟ ୩ ବର୍ଷ ତଳେ ଆତ୍ମହତ୍ୟା କରିଥିଲା। ଝିଅ ଆତ୍ମହତ୍ୟା ପରେ ଦୁଇ ନାତିଙ୍କୁ ମୋ ☞ ପୃଷ୍ଠା-୪



ମୃତ ଦୁଇଭାଇ ଆକାଶ ଓ ଆଦିତ୍ୟ।

# ସେମିଳିଗୁଡ଼ାରେ ଅଭିନେତ୍ରୀ ପ୍ରିୟଙ୍କା ଚୋପ୍ରା

ସୁନାବେଡ଼ା/ସେମିଳିଗୁଡା,୧୦।୩
(କୃତ୍ତିବାସ ପ୍ରଧାନ/ବାସୁଦେବ ବରାଡ଼)

କୋରାପୁଟ ଜିଲା ସେମିଳିଗୁଡ଼ା ବ୍ଲକ୍ ଅନ୍ତର୍ଗତ ତଳମାଳି ପାହାଡ଼ରେ ଦକ୍ଷିଣ ଫିଲ୍ମ ଇଣ୍ଡଷ୍ଟ୍ରି ଡାଇରେକ୍ଟର ଏସ୍.ଏସ୍ ରାଜାମୌଲୀଙ୍କ ନିର୍ଦ୍ଦେଶନାରେ ନିର୍ମିତ ଏସ୍‌ଏସ୍‌ଏମ୍‌ବି୨୯ ଫିଲ୍ମର ଶୁଟିଂ ଚାଲିଥିବା ବେଳେ ସୋମବାର ଅପରାହ୍ନରେ ଅଭିନେତ୍ରୀ ପ୍ରିୟଙ୍କା ଚୋପ୍ରା ସେଟ୍‌ରେ ଯୋଗଦେଇଛନ୍ତି। ତେଲୁଗୁ ସୁପରଷ୍ଟାର ମହେଶ ବାବୁଙ୍କୁ ନେଇ ଗୁରୁବାର ଶୁଟିଂ ଆରମ୍ଭ ହୋଇଥିଲା। ତଳମାଳି ପାହାଡ଼ରେ ଏକ ଆକ୍ସନ ସିନ୍ ଶୁଟିଂ କରାଯାଉଥିବା ସୂଚନା ରହିଛି। ଫିଲ୍ମରେ ପ୍ରିୟଙ୍କା ମୁଖ୍ୟ ଭୂମିକାରେ ରହିଛନ୍ତି। ୫୦୦ରୁ ଊର୍ଦ୍ଧ୍ୱ ଆକ୍ଟର, କୋଆକ୍ଟର ଓ କର୍ମଚାରୀ ସେମିଳିଗୁଡାରେ ପହଞ୍ଚିଥିଲେ। ମହେଶ ବାବୁ ଓ ନିର୍ଦ୍ଦେଶକ ରାଜାମୌଲୀ ଦେଓମାଳି ପାହାଡ଼ରେ ଥିବା କଟେଜ୍‌ରେ ରହୁଥିବା ଜଣାପଡ଼ିଛି। ପ୍ରିୟଙ୍କା ଏଠାରେ ପହଞ୍ଚି ତଳମାଳି ବୁଲି ଦେଖିଥିଲେ। ମଙ୍ଗଳବାରଠାରୁ ପ୍ରିୟଙ୍କା ଶୁଟିଂରେ ଯୋଗଦେବା ସୂଚନା ରହିଛି।



# ୬ ଘଣ୍ଟାରୁ କମ୍ ଶୋଉଛନ୍ତି ୫୯% ଭାରତୀୟ

ନୂଆଦିଲ୍ଲୀ, ୧୦।୩

ଭାରତରେ ନିଦ୍ରା ଅଭାବ ଏକ ଗୁରୁତର ସମସ୍ୟାରେ ପରିଣତ ହେବାରେ ଲାଗିଛି। ଦେଶରେ ଲୋକଙ୍କର ଶୋଇବା ଅଭ୍ୟାସକୁ ବିଶ୍ଳେଷଣ କରି ପ୍ରମୁଖ କମ୍ୟୁନିଟି ସୋସିଆଲ ମିଡିଆ ପ୍ଲାଟ୍‌ଫର୍ମ 'ଲୋକାଲ ସର୍କଲ୍ସ' ପକ୍ଷରୁ କରାଯାଇଥିବା ଏକ ସର୍ଭେ ଅନୁଯାୟୀ, ୫୯% ଭାରତୀୟ ଦୈନିକ ନିରନ୍ତର ଭାବେ ୬ ଘଣ୍ଟାରୁ କମ୍ ସମୟ ଶୋଇଥାନ୍ତି। ତେବେ ସେମାନଙ୍କ ମଧ୍ୟରୁ ପ୍ରାୟ ଅଧା ଲୋକ କେବଳ ନିଜ ୱିକ୍‌ଏଣ୍ଡ ଛୁଟିରେ ୬ ଘଣ୍ଟାରୁ ଅଧିକ ସମୟ ଶୋଇପାରନ୍ତି। ଏହି ସର୍ଭେରେ ଲୋକମାନେ କମ୍ ଶୋଇବାକୁ ନେଇ ଅନେକ କାରଣ ଦର୍ଶାଇଛନ୍ତି। କର୍ମଜନିତ କାର୍ଯ୍ୟ ଯୋଗୁ ବିଳମ୍ବରେ ଶୋଇବା କିମ୍ବା ଶୀଘ୍ର ଉଠିବାକୁ ପଡ଼ିବା, ଶୋଇବା ସମୟରେ ବାରମ୍ବାର ଶୌଚାଳୟ ଯିବା, ମଶାର ପ୍ରାଦୁର୍ଭାବ, ବାହ୍ୟ ଶବ୍ଦ ଆଦି କାରଣ ଯୋଗୁ ଲୋକମାନେ ଆବଶ୍ୟକ ମୁତାବକ ଶୋଇପାରୁ ନ ଥିବା ଏହି ସର୍ଭେ କହିଛି। ୪୦ ହଜାର ଭାରତୀୟଙ୍କୁ ନେଇ କରାଯାଇଥିବା ଏହି ସର୍ଭେରେ ୬୧% ପୁରୁଷ ଏବଂ ୩୯% ମହିଳା ଉତ୍ତରଦାତା ନିଜ ଶୋଇବା ପ୍ରବୃତ୍ତି ସମ୍ପର୍କରେ ଆଲୋଚନା କରିଛନ୍ତି। ସର୍ଭେ ଅନୁଯାୟୀ ୩୯% ଲୋକ ଦୈନିକ ୬ରୁ ୮ ଘଣ୍ଟା ପର୍ଯ୍ୟନ୍ତ ଶୋଇପାରୁଥିବା ବେଳେ ମାତ୍ର ୨% ଲୋକ ଦୈନିକ ୮ ଘଣ୍ଟାରୁ ଅଧିକ ସମୟ ଧରି ଶୋଇପାରୁଛନ୍ତି। ସେହିପରି ୩୯% ଲୋକ ଦୈନିକ ୪ରୁ ୬ ଘଣ୍ଟା ଶୋଇବାକୁ ସକ୍ଷମ ହେଉଥିବାବେଳେ ୨୦% ଲୋକ ଦୈନିକ କେବଳ ୪ ଘଣ୍ଟା ଶୋଇପାରୁଥିବା ଏହି ସର୍ଭେ କହିଛି।

ଆସନ୍ତା ମାର୍ଚ୍ଚ ୧୪ରେ ପାଳନ ହେବାକୁ ଥିବା ବିଶ୍ୱ ନିଦ୍ରା ଦିବସକୁ ଦୃଷ୍ଟିରେ ରଖି ଭାରତର ୩୪୮ ଜିଲାରେ ଏହି ସର୍ଭେ କରାଯାଇଛି। ଶୋଇଥିବା ସମୟରେ ଏକାଧିକବାର ଶୌଚାଳୟ ଯିବାକୁ ପଡୁଥିବାରୁ ଶୋଇବା ସମୟରେ ହ୍ରାସ ଘଟୁଥିବା ନେଇ ୭୨% ଲୋକ ମତ ରଖିଛନ୍ତି। ସେହିପରି କର୍ମଜନିତ କାର୍ଯ୍ୟ ବିଳମ୍ବିତ ରାତି ଯାଏ କିମ୍ବା ଅତି ସକାଳେ ରହୁଥିବା ଦର୍ଶାଇ ୨୫% ଲୋକ ଆବଶ୍ୟକଠାରୁ କମ୍ ସମୟ ଶୋଇପାରୁଥିବା କହିଛନ୍ତି। ମଶାଙ୍କ ପ୍ରକୋପ କିମ୍ବା ବାହ୍ୟ ଶବ୍ଦ ଯୋଗୁ ଅନେକ ସମୟ ଧରି ରାତି ଅନିଦ୍ରା ରହିବାକୁ ପଡୁଛି ବୋଲି ଏହି ସର୍ଭେରେ ୨୨% ଉତ୍ତରଦାତା କହିଛନ୍ତି। ସେହିପରି କମ୍ ଶୋଇବା ☞ ପୃଷ୍ଠା-୪

## ସଂକ୍ଷେପରେ

### ବାଣ ଦୋକାନରେ ନିଆଁ, ୩ ଶିଶୁଙ୍କ ସମେତ ୫ ମୃତ

ରାଞ୍ଚି, ୧୦।୩

ଝାଡ଼ଖଣ୍ଡର ଗଡ଼ୱା ଜିଲା ଝାଡ଼ଖଣ୍ଡ-ଛତିଶଗଡ଼ ସୀମାନ୍ତ ଗୋଦମାନା ବଜାରରେ ଥିବା ଏକ ବାଣ ଦୋକାନରେ ସୋମବାର ନିଆଁ ଲାଗି ୩ ଶିଶୁଙ୍କ ସମେତ ୫ ଜଣଙ୍କର ମୃତ୍ୟୁ ହୋଇଯାଇଛି। ମୃତକଙ୍କ ମଧ୍ୟରେ ଦୋକାନର ମାଲିକ ଏବଂ ଜଣେ ଗ୍ରାହକ ରହିଛନ୍ତି। ସେହିପରି ମୃତ ୩ ଶିଶୁଙ୍କ ମଧ୍ୟରେ ଜଣେ ଶିଶୁକନ୍ୟା ଥିବାନେଇ ଗଡ଼ୱା ଏସ୍‌ପି ଦୀପକ ପାଣ୍ଡେ ସୂଚନା ଦେଇଛନ୍ତି। ବାଣ ଦୋକାନରେ ନିଆଁ କିପରି ଲାଗିଲା, ସେନେଇ ତଦନ୍ତ ଜାରି ରହିଛି। ସମସ୍ତ ମୃତଦେହକୁ ଛତିଶଗଡ଼ର ରାମାନୁଜଗଞ୍ଜ ହସ୍ପିଟାଲର ଶବ ସଂରକ୍ଷଣ ଗୃହରେ ରଖାଯାଇଥିବା ସେ କହିଛନ୍ତି।

### ଭୋଟର ତାଲିକା ଉପରେ ଆଲୋଚନା ଦାବି କଲେ ରାହୁଲ

ନୂଆଦିଲ୍ଲୀ,୧୦।୩

ଭୋଟର ତାଲିକାକୁ ନେଇ ବିରୋଧୀ ଦଳଗୁଡ଼ିକ ପ୍ରଶ୍ନ ଉଠାଇଥିବାରୁ ଲୋକ ସଭାରେ ଏହା ଉପରେ ଆଲୋଚନା ପାଇଁ ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ସୋମବାର ଦାବି କରିଛନ୍ତି। ଶୂନ୍ୟକାଳରେ ରାହୁଲ କହିଥିଲେ, ଭୋଟର ତାଲିକା ଉପରେ ଆଲୋଚନା ପାଇଁ ସମସ୍ତ ବିରୋଧୀ ଦଳ ଦାବି କରୁଛନ୍ତି। ସରକାର ଭୋଟର ତାଲିକା କରନ୍ତି ନାହିଁ ବୋଲି କହିଥିବାବେଳେ, ଆମେ ଉକ୍ତ ମନ୍ତବ୍ୟକୁ ଗ୍ରହଣ କରୁଛୁ। ତେବେ ଏହା ଉପରେ ଆଲୋଚନା ହେବା ଆବଶ୍ୟକ ବୋଲି କଂଗ୍ରେସ ନେତା କହିଛନ୍ତି। ମହାରାଷ୍ଟ୍ର ସମେତ ପ୍ରତ୍ୟେକ ରାଜ୍ୟରେ ଭୋଟର ତାଲିକାକୁ ନେଇ ବିରୋଧୀ ପ୍ରଶ୍ନ ଉଠାଇଛନ୍ତି। ଟିଏମ୍‌ସି ସଦସ୍ୟ ସୌଗତ ରାୟ କହିଥିଲେ, ଭୋଟର ତାଲିକାରେ କେତେକ ତ୍ରୁଟି ରହିଛି। ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ପୂର୍ବରୁ ଡୁପ୍ଲିକେଟ୍ ଭୋଟର ଫଟୋ ପରିଚୟ ପତ୍ର ଅଭିଯୋଗ ଆଣିଥିଲେ। ଅନ୍ୟ ରାଜ୍ୟର ଭୋଟରମାନଙ୍କୁ ପଶ୍ଚିମବଙ୍ଗ ଭୋଟରଙ୍କ ସହ ସମାନ ନମ୍ବରରେ ପରିଚୟପତ୍ର ଦିଆଯାଇଥିବା ସେ ଅଭିଯୋଗ କରିବା ସହ ଆଗାମୀ ନିର୍ବାଚନରେ ବାହାର ରାଜ୍ୟର ଭୋଟର ପଶ୍ଚିମବଙ୍ଗରେ ଭୋଟ ଦେବା ସୁଯୋଗ ପାଇବେ ବୋଲି କହିଥିଲେ। ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନ ପୂର୍ବରୁ ଭୋଟର ତାଲିକାର ଉପଯୁକ୍ତ ସମୀକ୍ଷା ପାଇଁ ସୌଗତ ଦାବି କରିଥିଲେ।

### ରମଜାନ୍‌ରେ ଫ୍ୟାଶନ ଶୋ': କଶ୍ମୀରରେ ବିବାଦ

**କ୍ଷମା ମାଗିଲେ ଆୟୋଜକ**



ଗୁଲମର୍ଗ ଫ୍ୟାଶନ ଶୋ'ରେ ଭାଗ ନେଇଥିବା ଜଣେ ମଡେଲ।

ଶ୍ରୀନଗର, ୧୦।୩


ଜମ୍ମୁ-କଶ୍ମୀରର ଗୁଲମର୍ଗରେ ଆଉଟଡୋର ଫେଶନ ଶୋ'ର ଆୟୋଜନକୁ ନେଇ ବିବାଦ ଦେଖାଦେଇଛି। ରମଜାନ୍ ମାସ ଚାଲିଥିବା ସମୟରେ ଏହି ଫ୍ୟାଶନ ଶୋ'କୁ କଶ୍ମୀରର ବିଭିନ୍ନ ରାଜନୈତିକ ଦଳର ନେତାମାନେ ବିରୋଧ କରିବା ସହ ଏହି କାର୍ଯ୍ୟକ୍ରମ ଅଶ୍ଳୀଳତାକୁ ଦର୍ଶାଉଥିବା କହିଛନ୍ତି। ସୋମବାର ଜମ୍ମୁ-କଶ୍ମୀର ବିଧାନସଭାରେ ଗୁଲମର୍ଗ ଫ୍ୟାଶନ ଶୋ'କୁ ନେଇ ବହୁ ବିଧାୟକ ଆପତ୍ତି ଉଠାଇଥିଲେ। ଘଟଣାକୁ ନେଇ ବିବାଦ ବଢ଼ିବା ପରେ ଜମ୍ମୁ-କଶ୍ମୀର ମୁଖ୍ୟମନ୍ତ୍ରୀ ଓମାର ଅବଦୁଲ୍ଲାଙ୍କ କାର୍ଯ୍ୟାଳୟ ପକ୍ଷରୁ ଅସନ୍ତୋଷ ପ୍ରକାଶ କରାଯିବା ସହ ୨୪ ଘଣ୍ଟା ମଧ୍ୟରେ ରିପୋର୍ଟ ପ୍ରଦାନ କରିବାକୁ ସ୍ଥାନୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଏହି ରିପୋର୍ଟକୁ ଭିତ୍ତିକରି ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କୁହାଯାଇଛି। ଏହି ଫ୍ୟାଶନ ଶୋ'କୁ ନେଇ ବିବାଦ ବଢ଼ିବା ପରେ ଏହାର ଆୟୋଜକ ତଥା ଫ୍ୟାଶନ ଡିଜାଇନର ଶିବନ ଓ ନରେଶ କ୍ଷମା ମାଗିଛନ୍ତି।

**ମଦ ଦୁର୍ନୀତି**

# ଭୂପେଶଙ୍କ ଘରେ ପଶିଲା ଇଡି

**ହଟ୍ଟଗୋଳ ପରେ ଛତିଶଗଡ଼ ବିଧାନସଭାରୁ କଂଗ୍ରେସ ବିଧାୟକ ନିଲମ୍ବିତ**

ରାୟପୁର,୧୦।୩



ଭୂପେଶ ବଘେଲ



ଚଢ଼ାଉବେଳେ ଇଡି ଅଧିକାରୀଙ୍କ କାର୍‌କୁ ଟେକା ମାଡ଼ ହୋଇଛି।

ଛତିଶଗଡ଼ ମଦ ଦୁର୍ନୀତି ମାମଲାର ମନିଲଣ୍ଡରିଂ ଦିଗ ଉପରେ ତଦନ୍ତ କରୁଥିବା ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି)ର ଅଧିକାରୀମାନେ ସୋମବାର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା କଂଗ୍ରେସ ନେତା ଭୂପେଶ ବଘେଲଙ୍କ ବାସଭବନରେ ଚଢ଼ାଉ କରିଥିଲେ। ଭୂପେଶଙ୍କ ପୁଅ ଚୈତନ୍ୟ ବଘେଲଙ୍କ ଭିଲାଇସ୍ଥିତ ବାସଭବନରେ ମଧ୍ୟ ଚଢ଼ାଉ ହୋଇଛି। ମଦ ଦୁର୍ନୀତି ଚୈତନ୍ୟ ଘନିଷ୍ଠ ଭାବେ ସମ୍ପୃକ୍ତ ଥିବା କୁହାଯାଉଛି। ଏଥିସହତ ଅନ୍ୟ ଅଭିଯୁକ୍ତ ଲକ୍ଷ୍ମୀନାରାୟଣ ବଂଶଲ ଓରଫ ପପୁ ବଂଶଲ ଓ ଅନ୍ୟ କେତେଜଣଙ୍କ ଘରେ ଇଡି ଚଢ଼ାଉ କରିଛି। ମଦ ଦୁର୍ନୀତିରୁ ଚୈତନ୍ୟ ଟଙ୍କା ପାଇଥିବା ସନ୍ଦେହ କରାଯାଉଛି। ବଘେଲଙ୍କ ଘରେ ଚଢ଼ାଉ ବେଳେ ଇଡି ଅଧିକାରୀମାନଙ୍କ କାର୍‌କୁ ପଥର ମାଡ଼ ହୋଇଥିବା ଜଣାପଡ଼ିଛି।

ବଘେଲଙ୍କ ଘରେ ଇଡି ଚଢ଼ାଉକୁ ନେଇ ଛତିଶଗଡ଼ ବିଧାନସଭାରେ ସୋମବାର ପ୍ରବଳ ହଟ୍ଟଗୋଳ ହୋଇଥିଲା। କଂଗ୍ରେସ ବିଧାୟକମାନେ ଗୃହ ମଧ୍ୟଭାଗକୁ ଚାଲିଯାଇ ଶାସକ ଭାଜପା ବିରୋଧରେ ସ୍ଲୋଗାନ ଦେଇଥିଲେ। ଗୃହ ଚଳାଇ ନ ଦେବା ଏବଂ ବିଶୃଙ୍ଖଳିତ କାର୍ଯ୍ୟ ପାଇଁ ବିଧାନସଭାର କେତେଜଣ କଂଗ୍ରେସ ସଦସ୍ୟଙ୍କୁ ନିଲମ୍ବନ କରାଯାଇଛି। ଗୃହକାର୍ଯ୍ୟ ଆରମ୍ଭ ହେବା କ୍ଷଣି କଂଗ୍ରେସ ବିଧାୟକମାନେ ପ୍ରଶ୍ନୋତ୍ତର କାଳରେ ଇଡି ଚଢ଼ାଉ ପ୍ରସଙ୍ଗ ଉଠାଇ ହଟ୍ଟଗୋଳ କରିଥିଲେ। ଯେଉଁମାନେ ପୂର୍ବ ସରକାରରେ ଦୁର୍ନୀତି ହୋଇଥିବା ନେଇ ପ୍ରଶ୍ନ କରୁଛନ୍ତି, ସେମାନେ କେନ୍ଦ୍ରୀୟ ଏଜେନ୍ସିକୁ ଲଗାଇ ଟାର୍ଗେଟ କରିଆସୁଛନ୍ତି। ରାଜ୍ୟରେ ଗଣତନ୍ତ୍ରକୁ ହତ୍ୟା କରାଯାଇଛି କହି ପୂର୍ବତନ ମନ୍ତ୍ରୀ ତଥା କଂଗ୍ରେସ ବିଧାୟକ ଉମେଶ ପଟେଲ ଭାଜପା ବିରୋଧରେ ସ୍ଲୋଗାନ ଦେବା ଆରମ୍ଭ କରିଥିଲେ। ମୁଖ୍ୟ ବିରୋଧୀ ଦଳ ଶୂନ୍ୟ କାଳରେ ସେମାନଙ୍କ ପ୍ରସଙ୍ଗ ଉଠାଇବେ ବୋଲି ବାଚସ୍ପତି ରମନ ସିଂ କହିବା ସତ୍ତ୍ୱେ କଂଗ୍ରେସ ବିଧାୟକମାନେ ନାରାବାଜି ଜାରି ରଖିଥିଲେ। ବିଶୃଙ୍ଖଳିତ କାର୍ଯ୍ୟ ଯୋଗୁ ବିଧାନସଭା ନିୟମାବଳୀ ଅନୁଯାୟୀ କଂଗ୍ରେସ ବିଧାୟକମାନେ ସ୍ୱତଃ ନିଲମ୍ବିତ ହୋଇଥିବା ବାଚସ୍ପତି କହିଛନ୍ତି। ହଟ୍ଟଗୋଳ ବେଳେ ଭୂପେଶ ବଘେଲ ଗୃହରେ ଉପସ୍ଥିତ ନ ଥିଲେ।

ଛତିଶଗଡ଼ରେ ୨,୧୦୦ କୋଟି ଟଙ୍କାର ମଦ ଦୁର୍ନୀତି ହୋଇଛି। ଏହି ଦୁର୍ନୀତି ଯୋଗୁ ରାଜ୍ୟ ରାଜକୋଷକୁ ବିପୁଳ କ୍ଷତି ସହିବାକୁ ପଡ଼ିଥିବାବେଳେ ମଦ ସିଣ୍ଡିକେଟ୍‌ର ଅଂଶୀଦାରମାନଙ୍କ ପକେଟ୍ ଭରିଥିଲା। ଏହି ମାମଲାରେ ପୂର୍ବରୁ ଇଡି ପୂର୍ବତନ ମନ୍ତ୍ରୀ ତଥା କଂଗ୍ରେସ ନେତା କାୱାସି ଲଖ୍‌ମା, ରାୟପୁର ମେୟରଙ୍କ ବଡ଼ଭାଇ ଅନୱର ଧେବାର, ପୂର୍ବତନ ଆଇଏଏସ୍ ଅଫିସର ଟୁଟେଜା, ଭାରତୀୟ ଟେଲିକମ୍ ସେବା ଅଧିକାରୀ ଅରୁଣପତି ତ୍ରିପାଠୀଙ୍କୁ ଗିରଫ କରିଥିଲା। ଛତିଶଗଡ଼ରେ ବଘେଲଙ୍କ ନେତୃତ୍ୱାଧୀନ କଂଗ୍ରେସ ସରକାର ସମୟରେ ୨୦୧୯ରୁ ୨୦୨୨ ମଧ୍ୟରେ ଏହି ଅବକାରୀ ଦୁର୍ନୀତି ହୋଇଥିଲା।

### ଲଳିତ ମୋଦିଙ୍କ ପାସ୍‌ପୋର୍ଟ ଖାରଜ କଲା ଭାନୁଆଟୁ

ପୋର୍ଟ ଭିଲା,୧୦।୩

ଇଣ୍ଡିଆନ୍ ପ୍ରିମିୟର ଲିଗ୍ (ଆଇପିଏଲ୍)ର ପ୍ରତିଷ୍ଠାତା ଲଳିତ ମୋଦିଙ୍କୁ ଦିଆଯାଇଥିବା ପାସ୍‌ପୋର୍ଟକୁ ଖାରଜ କରିଦେବା ନିମନ୍ତେ ଭାନୁଆଟୁ ପ୍ରଧାନମନ୍ତ୍ରୀ ଜୋଥାମ୍ ନାପାତ୍ ସୋମବାର ଦେଶର ନାଗରିକତ୍ୱ କମିଶନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଲଳିତ ପ୍ରତ୍ୟର୍ପଣରୁ ବର୍ତ୍ତିବା ପାଇଁ ଉକ୍ତ ପାସ୍‌ପୋର୍ଟକୁ ବ୍ୟବହାର କରୁଥିବା ନାପାତ୍ କହିଛନ୍ତି। ଭାରତୀୟ ପାସ୍‌ପୋର୍ଟ ସମର୍ପଣ କରିବାକୁ ଲଳିତ ଗତ ୭ ତାରିଖରେ ଲଣ୍ଡନସ୍ଥିତ ଭାରତୀୟ ଉଚ୍ଚାୟୁକ୍ତଙ୍କଠାରେ ଆବେଦନ କରିଥିଲେ। ସେ ଦକ୍ଷିଣ ପ୍ରଶାନ୍ତ ମହାସାଗରୀୟ ଦ୍ୱୀପଦେଶର ନାଗରିକତ୍ୱ ଗ୍ରହଣ କରିଥିବା ଜଣାପଡ଼ିଥିଲା। ବହୁକୋଟି ଟଙ୍କା ଦୁର୍ନୀତିରେ ଜଡ଼ିତ ଲଳିତ ୨୦୧୦ରେ ଭାରତରୁ ପଳାଇଯାଇ ଲଣ୍ଡନରେ ରହିଛନ୍ତି। ତାଙ୍କ ନାଁରେ ଆଲର୍ଟ ନୋଟିସ ଜାରି ପାଇଁ ଭାରତୀୟ କର୍ତ୍ତୃପକ୍ଷଙ୍କ ନିବେଦନ ସତ୍ତ୍ୱେ ଉପଯୁକ୍ତ ନ୍ୟାୟିକ ପ୍ରମାଣ ଅଭାବରୁ ଇଣ୍ଟରପୋଲ୍ ଏହାକୁ ୨ ଥର ଖାରଜ କରିଥିଲା।



ବଜେଟ ଅଧିବେଶନ ଦ୍ୱିତୀୟ ପର୍ଯ୍ୟାୟର ପ୍ରଥମ ଦିନରେ ପାର୍ଲାମେଣ୍ଟ ପରିସରରେ ଲୋକ ସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ, କଂଗ୍ରେସ ଏମ୍‌ପି ପ୍ରିୟଙ୍କା ଗାନ୍ଧୀ ଭଦ୍ରା, କେ.ସି. ବେଣୁଗୋପାଳ, କେ. ସୁରେଶ ଓ ଅନ୍ୟମାନେ।

## ମାର୍କ କାର୍ନି କାନାଡାର ନୂଆ ପ୍ରଧାନମନ୍ତ୍ରୀ ନିର୍ବାଚିତ

ଓଟ୍ଟାୱା ,୧୦।୩



ମାର୍କ କାର୍ନି

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ବାଣିଜ୍ୟ ଯୁଦ୍ଧ ଏବଂ କାନାଡାକୁ ଆମେରିକାରେ ମିଶାଇବାକୁ ଉଦ୍ୟମ ହେଉଥିବାବେଳେ ଦେଶର ଲିବେରାଲ ପାର୍ଟି ରବିବାର ମାର୍କ କାର୍ନିଙ୍କୁ ଦେଶର ପରବର୍ତ୍ତୀ ପ୍ରଧାନମନ୍ତ୍ରୀ ନିର୍ବାଚିତ କରିଛି। କାନାଡା ଅର୍ଥନୀତିଜ୍ଞ ତଥା ରାଜନେତା ୫୯ ବର୍ଷୀୟ କାର୍ନି ବର୍ତ୍ତମାନର ପ୍ରଧାନମନ୍ତ୍ରୀ ଜଷ୍ଟିନ୍ ଟ୍ରୁଡୋଙ୍କ ସ୍ଥାନ ନେବାକୁ ଯାଉଛନ୍ତି। ସେ ୨୦୦୮ରୁ ୨୦୧୩ କାନାଡା ବ୍ୟାଙ୍କ ଗଭର୍ନର ଏବଂ ୨୦୧୩ରୁ ୨୦୧୮ ବ୍ୟାଙ୍କ ଅଫ୍ ଇଂଲଣ୍ଡର ଗଭର୍ନର ଥିଲେ। କାର୍ନି ବ୍ୟାଙ୍କ ଅଫ୍ କାନାଡାର ମୁଖ୍ୟ ଥିବାବେଳେ ଦେଶ ଆର୍ଥିକ ସଙ୍କଟରୁ ମୁକ୍ତ ହୋଇଥିଲା।

ଗତ ଜାନୁଆରୀରେ ଟ୍ରୁଡୋ ଇସ୍ତଫା ଦେଇଥିବାବେଳେ ତାଙ୍କ ଉତ୍ତରାଧିକାରୀ ଶପଥ ନେବା ପର୍ଯ୍ୟନ୍ତ ସେ ପ୍ରଧାନମନ୍ତ୍ରୀ ପଦରେ ରହିବେ। ନୂଆ ପ୍ରଧାନମନ୍ତ୍ରୀ କାର୍ନି ଦାୟିତ୍ୱ ଗ୍ରହଣ କରିବା ପରେ ଭାରତ ସହ କାନାଡାର ସମ୍ପର୍କ ପୁନଃ ନିର୍ମାଣ କରିବେ ବୋଲି କହିଛନ୍ତି। ସମଭାବାପନ୍ନ ଦେଶଗୁଡ଼ିକ ସହ ଆମର ବାଣିଜ୍ୟ ସମ୍ପର୍କ ବିଭିନ୍ନ ରୂପରେ ବିକଶିତ ହେବ ବୋଲି ସେ ଶାସକ ଲିବେରାଲ ପାର୍ଟି ନେତା ନିର୍ବାଚିତ ହେବା ପୂର୍ବରୁ କହିଥିଲେ। ତଦନୁଯାୟୀ ଭାରତ ସହ ସମ୍ପର୍କ ନୂଆ ରୂପ ନେବାର ସୁଯୋଗ ରହିଛି। ବାଣିଜ୍ୟିକ ସମ୍ପର୍କ ସହ ମୂଲ୍ୟବୋଧର ଆଦାନପ୍ରଦାନ ଆବଶ୍ୟକ ବୋଲି କାର୍ନି କହିଥିଲେ। ସୂଚନାଯୋଗ୍ୟ, ଖଲିସ୍ତାନୀ ନେତା ହରଦୀପ ସିଂ ନିଜ୍ଜାର ହତ୍ୟା ଘଟଣା ପାଇଁ କାନାଡା ପ୍ରଧାନମନ୍ତ୍ରୀ ଟ୍ରୁଡୋ ଭାରତକୁ ଦାୟୀ କରିବା ପରେ ଦୁଇ ଦେଶର ସମ୍ପର୍କରେ ତିକ୍ତତା ଦେଖାଦେଇଥିଲା। ବିରୋଧୀ କଞ୍ଜରଭେଟିଭ୍ ପାର୍ଟି ଟ୍ରୁଡୋଙ୍କୁ ପୁନଃ ନିର୍ବାଚିତ କରିବାକୁ ଆଶା ରଖିଥିଲେ ମଧ୍ୟ ଖାଦ୍ୟ ଓ ଗୃହନିର୍ମାଣ ମହଙ୍ଗା ହେବା ଏବଂ ଆପ୍ରବାସନ ସମସ୍ୟାକୁ ନେଇ ତାଙ୍କ ଲୋକପ୍ରିୟତା ହ୍ରାସ ପାଇଥିଲା।

## ସରକାରୀ ପରୀକ୍ଷାରେ ସାଲିସ୍ ପ୍ରଶାସନ ଉପରୁ ଆସ୍ଥା ହଟାଉଛି: ସୁପ୍ରିମକୋର୍ଟ

ନୂଆଦିଲ୍ଲୀ,୧୦।୩

ସରକାରୀ ପରୀକ୍ଷାର ପବିତ୍ରତାରେ ସାଲିସ୍ ସାଧାରଣ ପ୍ରଶାସନ ଏବଂ ସରକାରଙ୍କ ଉପରୁ ଲୋକଙ୍କ ଆସ୍ଥା ହଟାଉଛି ବୋଲି ସୁପ୍ରିମକୋର୍ଟ କହିଛନ୍ତି। ଏକ ନିଯୁକ୍ତି ପରୀକ୍ଷାରେ ଡମି ପ୍ରାର୍ଥୀ ବ୍ୟବହାର କରିଥିବା ଅଭିଯୁକ୍ତଙ୍କ ଜାମିନକୁ ସର୍ବୋଚ୍ଚ ଅଦାଲତ ଖାରଜ କରିଦେଇଛନ୍ତି। ରାଜସ୍ଥାନ ହାଇକୋର୍ଟ ଜାମିନ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଥିବାବେଳେ ରାଜ୍ୟ ସରକାର ଏହାକୁ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରିଥିଲେ। ଜଷ୍ଟିସ୍ ସଞ୍ଜୟ କାରୋଲ ଏବଂ ଅହସନୁଦ୍ଦିନ ଅମାନୁଲ୍ଲାଙ୍କ ଖଣ୍ଡପୀଠ ରାଜ୍ୟ ସରକାରଙ୍କ ଅପିଲ୍‌କୁ ଶୁଣାଣି ପାଇଁ ଗ୍ରହଣ କରିଥିଲେ। ସେମାନେ କହିଛନ୍ତି, ଥରେ ଜାମିନ ପ୍ରଦାନ କରାଗଲେ, ତାହାକୁ ସାଧାରଣତଃ ଖାରଜ କରାଯାଇ ନ ଥାଏ ଏବଂ ଆମେ ଏହି ମତାମତକୁ ପୂର୍ଣ୍ଣମାତ୍ରାରେ ଏହାକୁ ସମର୍ଥନ କରୁଛୁ। ତେବେ ଅଭିଯୁକ୍ତମାନେ କରିଥିବା କାର୍ଯ୍ୟ ସମାଜକୁ ପ୍ରଭାବିତ କରୁଛି। ଭାରତରେ ଉପଲବ୍ଧ ନିଯୁକ୍ତି ଠାରୁ ନିଯୁକ୍ତି ଆଶାୟୀଙ୍କ ସଂଖ୍ୟା ଯଥେଷ୍ଟ ଅଧିକ। ତେଣୁ ପରୀକ୍ଷା ପବିତ୍ରତାରେ ସାଲିସ୍ ଯୋଗୁ ପ୍ରଶାସନ ଉପରୁ ଲୋକଙ୍କ ତୁଟିଯାଉଥିବା ଖଣ୍ଡପୀଠ କହିଛନ୍ତି। ସୂଚନାଯୋଗ୍ୟ, ୨୦୨୨ର ଆସିଷ୍ଟାଣ୍ଟ ଇଞ୍ଜିନିୟର ସିଭିଲ୍ ପରୀକ୍ଷାରେ ଇନ୍ଦ୍ରଜ ସିଂ ପରୀକ୍ଷାରେ ଜଣେ ଡମି ପ୍ରାର୍ଥୀ ଦେଇଥିଲେ। ଉପସ୍ଥାନ ଫର୍ଦ୍ଦରେ ଜାଲିଆତି କରାଯିବା ସହ ମୂଳ ଆଡମିଟ୍ କାର୍ଡରେ ଜାଲ୍ ପ୍ରାର୍ଥୀଙ୍କ ଫଟୋ ଲଗାଯାଇଥିଲା। ଅଭିଯୁକ୍ତଙ୍କୁ ୨ ସପ୍ତାହ ମଧ୍ୟରେ ସମ୍ପୃକ୍ତ ଅଦାଲତରେ ଆତ୍ମସମର୍ପଣ କରିବାକୁ ସର୍ବୋଚ୍ଚ ଅଦାଲତ ନିର୍ଦ୍ଦେଶ ଦେଇଛନ୍ତି।

**ଆଇଆଇଏଫ୍‌ଏ ଆୱାର୍ଡ୍ସ ୨୦୨୫**

## 'ଲାପତା ଲେଡିଜ୍'କୁ ୧୦ ଟ୍ରଫି

ଜୟପୁର, ୧୦।୩



ଆଇଆଇଏଫ୍‌ଏ ଆୱାର୍ଡ୍ସ: ଶ୍ରେଷ୍ଠ ଅଭିନେତା ଭାବେ କାର୍ତ୍ତିକ ଆର୍ଯ୍ୟନ, ଶ୍ରେଷ୍ଠ ନିର୍ଦ୍ଦେଶିକା ଭାବେ କିରନ ରାଓ ପୁରସ୍କୃତ ହେଉଛନ୍ତି।

ରାଜସ୍ଥାନର ଜୟପୁରରେ ୨ ଦିନିଆ 'ଇଣ୍ଟରନ୍ୟାଶନାଲ ଇଣ୍ଡିଆନ ଫିଲ୍ମ ଏକାଡେମୀ ଆୱାର୍ଡ୍ସ (ଆଇଆଇଏଫ୍‌ଏ) ୨୦୨୫' ସମାରୋହ ରବିବାର ଶେଷ ହୋଇଛି। 'ଆଇଆଇଏଫ୍‌ଏ'ର ଏହି ୨୫ତମ ସଂସ୍କରଣର ଦ୍ୱିତୀୟ ଦିନରେ ଚଳିତ ବର୍ଷର ଓସ୍କାର ପାଇଁ ମନୋନୀତ ହୋଇଥିବା 'ଲାପତା ଲେଡିଜ୍' ଫିଲ୍ମର ଜଲୱା ଦେଖିବାକୁ ମିଳିଥିଲା। ବିଭିନ୍ନ ବର୍ଗରେ ଏହି ଫିଲ୍ମକୁ ୧୦ ଟ୍ରଫି ମିଳିଛି। ୨୦୨୪ର ଶ୍ରେଷ୍ଠ ଫିଲ୍ମ ଭାବେ 'ଲାପତା ଲେଡିଜ୍'କୁ ପୁରସ୍କୃତ କରାଯାଇଛି। ସେହିପରି 'ଭୁଲ୍ ଭୁଲୈୟା ୩' ଫିଲ୍ମ ପାଇଁ ଅଭିନେତା କାର୍ତ୍ତିକ ଆର୍ଯ୍ୟନଙ୍କୁ ଶ୍ରେଷ୍ଠ ଅଭିନେତା ଏବଂ 'ଲାପତା ଲେଡିଜ୍' ଫିଲ୍ମ ପାଇଁ ଅଭିନେତ୍ରୀ ନିତାଂଶୀ ଗୋୟଲଙ୍କୁ ଶ୍ରେଷ୍ଠ ଅଭିନେତ୍ରୀ ଭାବେ ପୁରସ୍କୃତ କରାଯାଇଛି। 'ଲାପତା ଲେଡିଜ୍' ଫିଲ୍ମ ପାଇଁ କିରନ୍ ରାଓଙ୍କ ନାମକୁ ଶ୍ରେଷ୍ଠ ନିର୍ଦ୍ଦେଶିକା ଭାବେ ଘୋଷଣା କରାଯାଇଛି। 'କିଲ୍' ଫିଲ୍ମ ପାଇଁ ଅଭିନେତା ରାଘବ ଜୁଏଲଙ୍କୁ ଶ୍ରେଷ୍ଠ ଖଳନାୟକ ଭାବେ ପୁରସ୍କୃତ କରାଯାଇଛି। ଏହି ଆଇଆଇଏଫ୍‌ଏ


**କାର୍ତ୍ତିକ ଆର୍ଯ୍ୟନ ଶ୍ରେଷ୍ଠ ଅଭିନେତା**

୨୦୨୫ ଆୱାର୍ଡ ସମାରୋହରେ ଶ୍ରେଷ୍ଠ ଗାୟକ (ମହିଳା) ବର୍ଗରେ ଶ୍ରେୟା ଘୋଷାଲ ଏବଂ ଶ୍ରେଷ୍ଠ ଗାୟକ (ପୁରୁଷ) ବର୍ଗରେ ଜୁବିନ୍ ନୌଟିଆଲଙ୍କ ନାମକୁ ଘୋଷଣା କରାଯାଇଛି। 'ଲାପତା ଲେଡିଜ୍' ଫିଲ୍ମ ପାଇଁ ରାମ ସମ୍ପଥଙ୍କୁ ଶ୍ରେଷ୍ଠ ସଙ୍ଗୀତ ନିର୍ଦ୍ଦେଶକ ଭାବେ ଏହି ଆୱାର୍ଡ ସମାରୋହରେ ପୁରସ୍କୃତ କରାଯାଇଛି। ଅଭିନେତା ଶାହରୁଖ୍ ଖାନ୍, ଶାହୀଦ କପୁର, ଅଭିନେତ୍ରୀ କରୀନା କପୁର ଖାନ୍, ମାଧୁରୀ ଦୀକ୍ଷିତ ଏବଂ କ୍ରିତି ସାନନ୍ ପ୍ରମୁଖ ଏହି ଆୱାର୍ଡ ସମାରୋହରେ ନିଜ ପର୍‌ଫର୍ମାନ୍ସ ମାଧ୍ୟମରେ ଉପସ୍ଥିତ ଅତିଥିଙ୍କୁ ମତୁଆଲା କରିଥିଲେ।

**ଫୁର୍‌ସତ୍**

## ଜିପିଏସ୍‌ରେ ଡାନ୍ସିଂ ଫିଗର କରିବାକୁ ୧,୧୦୫ କି.ମି. ଦୌଡ଼ିଲେ

ଟରଣ୍ଟୋ




ଜଣେ କାନାଡୀୟ ବ୍ୟକ୍ତି ଦୌଡ଼କୁ ଏକ ନୂତନ ସ୍ତରକୁ ନେଇଛନ୍ତି। ସେ ଦୌଡ଼ ମାଧ୍ୟମରେ ଫିଟ୍‌ନେସ୍, ଟେକ୍ନୋଲୋଜି ଏବଂ କଳାକୁ ଏକ ନିଆରା ଢଙ୍ଗରେ ଯୋଡିପାରିଛନ୍ତି। ଜିପିଏସ୍ ଟ୍ରାକିଂ ଆପ୍ ସାହାଯ୍ୟରେ ସେ ତାଙ୍କ ମାର୍ଗକୁ ଏପରି ଭାବରେ ଯୋଜନା କରିଥିଲେ ଯେ, ଏହା ଗ୍ଲୋବାଲ ପୋଜିଶିଓନିଂ ସିଷ୍ଟମ (ଜିପିଏସ୍) ମାନଚିତ୍ରରେ ଏକ ବିଶାଳ ଡ୍ୟାନ୍ସିଂ ଫିଗର (ନୃତ୍ୟ କରୁଥିବା ଆକୃତି) ସୃଷ୍ଟି କରିପାରିଥିଲା। ଏସମ୍ପର୍କରେ ଏକ ପୋଷ୍ଟ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ଏହି ପୋଷ୍ଟ ଅନୁଯାୟୀ, କାନାଡାର ଟରଣ୍ଟୋରେ ଜଣେ ଧାବକ ବର୍ଷକ ସମୟ ମଧ୍ୟରେ ଦୌଡ଼ି ଦୌଡ଼ି ୧,୧୦୫ କି.ମି. (୬୮୭ ମାଇଲ) ଦୂରତା ଅତିକ୍ରମ କରିଥିଲେ। ଦୌଡୁଥିବା ସମୟରେ ସେ ନିଜର ମାର୍ଗକୁ ଯତ୍ନର ସହ ଜିପିଏସ୍‌ରେ ଟ୍ରାକିଂ କରୁଥିଲେ। ଏପରି କରି ସେ ଜିପିଏସ୍‌ରେ ଏକ ନିଆରା ଡ୍ୟାନ୍ସିଂ ଫିଗର ପ୍ରସ୍ତୁତ କରିଛନ୍ତି, ଯାହା ସୋସିଆଲ ମିଡିଆରେ ଅନେକଙ୍କୁ ଆଶ୍ଚର୍ଯ୍ୟ କରିଛି। 'ଆଉଟ ଅଫ୍ କଣ୍ଟେଷ୍ଟ ହ୍ୟୁମାନ ରେସ୍' ନାମକ ଏକ ଆକାଉଣ୍ଟରୁ ଏନେଇ ଏକ ପୋଷ୍ଟ ଶେୟାର କରାଯାଇଛି, ଯେଉଁଥିରେ ଏହି ଦୌଡ଼ ଦ୍ୱାରା ସୃଷ୍ଟି ହୋଇଥିବା ଅନନ୍ୟ ଡ୍ୟାନ୍ସିଂ ଫିଗରର ଫଟୋକୁ ମଧ୍ୟ ପୋଷ୍ଟ କରାଯାଇଛି। ଅନେକ ୟୁଜର୍ସ ଉକ୍ତ ଧାବକଙ୍କର ସୃଜନଶୀଳତାକୁ ପ୍ରଶଂସା କରିଛନ୍ତି। ତେବେ କେତେଜଣ ୟୁଜର୍ସ ଏହି ଦାବି ଉପରେ ସନ୍ଦେହ ପ୍ରକଟ କରିବା ସହ ଏହା ଜିପିଏସ୍‌ର ଏକ ଏଡିଟେଡ୍ ଫଟୋ ହୋଇଥିବା କହିଛନ୍ତି।

## ହୋଲିକୁ ନେଇ 'ବମ୍ ବମ୍ ଭୋଲେ'



ସଲମାନ ଖାନ୍

ମୁମ୍ବାଇ

ଅଭିନେତା ସଲମାନ ଖାନ୍‌ଙ୍କ ବହୁ ପ୍ରତୀକ୍ଷିତ 'ସିକନ୍ଦର' ଫିଲ୍ମ ଆସନ୍ତା ୨୮ ତାରିଖରେ ରିଲିଜ୍ ହେବାକୁ ଯାଉଛି। ଏହି ଫିଲ୍ମର ରିଲିଜ୍ ତାରିଖ ଯେତେ ପାଖେଇ ଆସୁଛି, ଏହାକୁ ନେଇ ସିନେପ୍ରେମୀଙ୍କ ମଧ୍ୟରେ ଉତ୍ସାହ ସେତେ ମାତ୍ରାରେ ବଢ଼ିବାରେ ଲାଗିଛି। ଏବେ ଏହି ଫିଲ୍ମର ଗୋଟିଏ ପରେ ଗୋଟିଏ ଗୀତ ରିଲିଜ୍ ହେବାରେ ଲାଗିଛି। ସୋମବାର 'ସିକନ୍ଦର' ଫିଲ୍ମର ଏକ ଗୀତ 'ବମ୍ ବମ୍ ଭୋଲେ'ର ଟିଜରକୁ ଫିଲ୍ମ ନିର୍ମାତାଙ୍କ ପକ୍ଷରୁ ଜାରି କରାଯାଇଛି। ଏହି ଗୀତରେ ହୋଲି ରଙ୍ଗର ଖେଳ ମଧ୍ୟରେ ସଲମାନ ଭିଜି ହେଉଥିବାର ନଜରକୁ ଆସିଛନ୍ତି। ଗୀତରେ ସଲମାନଙ୍କ ଏଣ୍ଟ୍ରି ଓ ଦବଙ୍ଗ ଅନ୍ଦାଜକୁ ଦର୍ଶକ ଖୁବ୍ ପସନ୍ଦ କରିଛନ୍ତି। କିଡ୍ ରାପର୍ସ ଭୀମରାଓ ଜୋଗୁ, ସର୍‌ଫରାଜ ଶେଖ୍ ଓ ଫିଜଲ ଅନ୍‌ସାରୀ ଏହି ଗୀତରେ ଉତ୍ସାହ ଯୋଡ଼ିବାକୁ ଭରପୂର ପ୍ରୟାସ କରିଛନ୍ତି। ଆସନ୍ତା ହୋଲିରେ ଏହି ଗୀତ ଧମାଲ ମଚାଇବ ବୋଲି ସିନେ ସମୀକ୍ଷକମାନେ ଆକଳନ କରିଛନ୍ତି। କିଛିଦିନ ତଳେ 'ସିକନ୍ଦର'ର ଅନ୍ୟ ଏକ ଗୀତ 'ଜୋହରା ଜବିଁ' ରିଲିଜ୍ ହୋଇଥିଲା। ଉକ୍ତ ଗୀତରେ ସଲମାନ ଓ ରଶ୍ମିକାଙ୍କ କେମେଷ୍ଟ୍ରିକୁ ଦର୍ଶକ ଖୁବ୍ ପସନ୍ଦ କରିଥିଲେ। ପ୍ରକାଶ ଯେ, ଫିଲ୍ମ ନିର୍ମାତା ସାଜିଦ୍ ନାଡିଆଡ୍‌ୱାଲାଙ୍କ 'ସିକନ୍ଦର' ଫିଲ୍ମରେ ସଙ୍ଗୀତ ନିର୍ଦ୍ଦେଶନା ଦେଇଛନ୍ତି ବରିଷ୍ଠ ସଙ୍ଗୀତଜ୍ଞ ପ୍ରୀତମ ଚକ୍ରବର୍ତ୍ତୀ।






ପାରାଦୀପ ଫସ୍‌ଫେଟ୍ ଲିମିଟେଡ(ପିପିଏଲ୍)ର କର୍ପୋରେଟ ଆଫେୟାର୍ସ ହେଡ୍ ସୁଧି ରଞ୍ଜନ ମିଶ୍ର ସୋମବାର ଭୁବନେଶ୍ୱର ରାଜଭବନରେ ରାଜ୍ୟପାଳ ଡ. ହରିବାବୁ କମ୍ଭମ୍‌ପାଟିଙ୍କୁ ସୌଜନ୍ୟମୂଳକ ସାକ୍ଷାତ୍ କରିଛନ୍ତି। ଏହି ପରିପ୍ରେକ୍ଷୀରେ ସେ ରାଜ୍ୟପାଳଙ୍କୁ ପୁଷ୍ପଗୁଚ୍ଛ ଦେଇ ଶୁଭେଚ୍ଛା ଜଣାଇଛନ୍ତି।

# ଗ୍ରୀଷ୍ମପ୍ରବାହ: ୭ ଜିଲାକୁ ୟେଲୋ ୱାର୍ନିଂ

ଭୁବନେଶ୍ୱର,୯।୩
(ଅନୁରାଧା ମହାରଣା)

ରାଜ୍ୟରେ ଗତ କିଛିଦିନ ହେଲା ଅଧିକାଂଶ ସ୍ଥାନରେ ତାପମାତ୍ରା ୩୭° ଡିଗ୍ରୀ ସେଲସିୟସ୍ ଉପରେ ରହୁଛି। ସୋମବାର ଟିଟିଲାଗଡ଼ରେ ସର୍ବୋଚ୍ଚ ତାପମାତ୍ରା ୩୮ଡିଗ୍ରୀ ସେଲସିୟସ୍ ରେକର୍ଡ କରାଯାଇଛି। ସେହିପରି ବଲାଙ୍ଗୀର ଓ ଝାରସୁଗୁଡ଼ାରେ ୩୭.୪, ସୋନପୁର ୩୭.୨, ଭବାନୀପାଟଣା ୩୭, ସୁନ୍ଦରଗଡ଼ ଓ ସମ୍ବଲପୁରରେ ତାପମାତ୍ରା ୩୬.୯ ଡିଗ୍ରୀ ରହିଥିଲା। ତେବେ ଆଗକୁ ପାରଦ ୪୦ ଡିଗ୍ରୀ ଟପିଯିବ ବୋଲି ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ପୂର୍ବାନୁମାନ କରାଯାଇଛି। ଅନ୍ୟପଟେ ଆସନ୍ତା




୧୩ରୁ ୧୫ ତାରିଖ ପର୍ଯ୍ୟନ୍ତ ରାଜ୍ୟରେ ହିଟ୍ ୱେଭ୍ ନେଇ ବିଭିନ୍ନ ଜିଲାକୁ ୟେଲୋ ୱାର୍ନିଂ ଜାରି କରାଯାଇଛି। ବୌଦ୍ଧ, ସମ୍ବଲପୁର, ସୋନପୁର, ବଲାଙ୍ଗୀର, କଳାହାଣ୍ଡି ଓ ଝାରସୁଗୁଡ଼ା ଆଦି ୭ଜିଲାରେ ହିଟ୍ ୱେଭ୍ ଜାରି ରହିବାର ସମ୍ଭାବନା ଥିବାରୁ ସମ୍ପୃକ୍ତ ଜିଲାଗୁଡିକୁ ୟେଲୋ ୱାର୍ନିଂ ଦେଇଛି ପାଣିପାଗ କେନ୍ଦ୍ର।

# ରାଉରକେଲା ମହାନଗର ନିଗମକୁ ବଦଳି ହେଲେ ବିପୁଳ ନାୟକ

ଭୁବନେଶ୍ୱର,୧୦।୩
(ବନ୍ଦନା ସେଠୀ)

ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି)ରେ ଆସିଷ୍ଟାଣ୍ଟ ଟାଉନ୍ ପ୍ଲାନର ଭାବେ କାର୍ଯ୍ୟ କରୁଥିବା ବିପୁଳ ନାୟକଙ୍କୁ ରାଉରକେଲା ମହାନଗର ନିଗମକୁ ବଦଳି କରାଯାଇଛି। ବିପୁଳ ସେଠାରେ ଆସିଷ୍ଟାଣ୍ଟ ଟାଉନ୍ ପ୍ଲାନର ଭାବେ ଦାୟିତ୍ୱ ତୁଲାଇବେ। ଏନେଇ ସୋମବାର ଗୃହ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି।

# ଶ୍ରେଣୀଗୃହ ବାହାରେ ପାଠ ପଢ଼ିଲେ ୩ ପିଲା

**ଅଣଶୁଦ୍ଧିଆ ଥିବାରୁ ବାହାର କରାଯାଇଥିବା ଚର୍ଚ୍ଚା**

ବାଲିକୁଦା, ୧୦।୩(ତାପସ ସ୍ୱାଇଁ)

ଜଗତ୍‌ସିଂହପୁର ଜିଲା ବାଲିକୁଦା ବ୍ଲକ ଅନ୍ତର୍ଗତ ଠାକୁରପାଟଣା ପ୍ରାଥମିକ ବିଦ୍ୟାଳୟରେ ୩ ଜଣ ଛାତ୍ରୀଛାତ୍ରଙ୍କୁ ଶ୍ରେଣୀଗୃହ ବାହାରେ ବସି ପାଠପଢୁଥିବା ଭିଡିଓ ଭାଇରାଲ ହୋଇଛି। ପରିବାରରେ ଅଣଶୁଦ୍ଧିଆ ଚାଲିଥିବାରୁ ସମ୍ପୃକ୍ତ ଛାତ୍ରୀଛାତ୍ରଙ୍କୁ ପ୍ରଧାନଶିକ୍ଷୟିତ୍ରୀ ଶ୍ରେଣୀଗୃହ ବାହାରେ ବସେଇଥିବା ଚର୍ଚ୍ଚା ହେଉଛି। ଏହି ଭିଡିଓ ଭାଇରାଲ ହେବାପରେ ପ୍ରଧାନଶିକ୍ଷୟିତ୍ରୀଙ୍କ ଛୁଆଁଅଛୁଆଁ ମନୋଭାବକୁ ନେଇ ଅଭିଭାବକମାନେ ଅସନ୍ତୋଷବ୍ୟକ୍ତ କରିଛନ୍ତି। ଏ ସମ୍ପର୍କରେ ବିଇଓ ବିଜୟ ସ୍ୱାଇଁଙ୍କୁ ପଚାରିବାରେ ଘଟଣା ସମ୍ପର୍କରେ ସେ ଅବଗତ ଅଛନ୍ତି। ଏହାର ତଦନ୍ତ କରାଯିବ। ଏ ସମ୍ପର୍କରେ ପ୍ରଧାନ ଶିକ୍ଷୟିତ୍ରୀ ସସ୍ମିତା ସ୍ୱାଇଁଙ୍କୁ ପଚାରିବାରେ ଏହାପଛରେ ତାଙ୍କର କୌଣସି ମନ୍ଦ ଉଦ୍ଦେଶ୍ୟ ନାହିଁ। ପିଲାମାନେ ଦୁଷ୍ଟାମି କରୁଥିବାରୁ ବିରକ୍ତ ହୋଇ ୩ ଜଣଙ୍କୁ ଅଲଗା ବସାଇଥିବା କହିଛନ୍ତି।



କୋରାପୁଟରେ ଏକ ହୋଟେଲରେ ନିର୍ଦ୍ଦେଶକ ରାଜାମୌଲୀଙ୍କ ସହ ଅଭିନେତ୍ରୀ ପ୍ରିୟଙ୍କା ଚୋପ୍ରା। (ଫଟୋ: ଅମିତାଭ ବେହେରା/କୃତିବାସ ପ୍ରଧାନ)

# ହୋଲି ପାଇଁ ଗଡ଼ିବ ସ୍ୱତନ୍ତ୍ର ଟ୍ରେନ୍

ଭୁବନେଶ୍ୱର,୧୦।୩
(ଅନୁରାଧା ମହାରଣା)

ଯାତ୍ରୀ ଚାହିଦାକୁ ଦୃଷ୍ଟିରେ ରଖି ଗୁରୁତ୍ୱପୂର୍ଣ୍ଣ ଟ୍ରେନ ରୁଟ୍‌ରେ ଚାଲୁଥିବା ନିୟମିତ ଟ୍ରେନ୍‌ରେ ଯାତ୍ରୀଙ୍କ ଅତିରିକ୍ତ ଭିଡ଼ ଦୂର ପାଇଁ ପୂର୍ବତଟ ରେଳପଥ ପକ୍ଷରୁ ହୋଲି ଉତ୍ସବ ସମୟରେ ସ୍ୱତନ୍ତ୍ର ଟ୍ରେନ ଚଳାଚଳ କରାଇବାକୁ ନିଷ୍ପତ୍ତି ନିଆଯାଇଛି। ପୂର୍ବତଟ ରେଳପଥ ପରିସୀମା ମଧ୍ୟରୁ ୩ ଯୋଡା ହୋଲି ସ୍ୱତନ୍ତ୍ର ଟ୍ରେନ୍ ଚେରଲାପାଲ୍ଲୀ (ହାଇଦ୍ରାବାଦ), କୋଲକାତା ଏବଂ ବେଙ୍ଗାଲୁରୁକୁ ଚଳାଚଳ କରାଇବ। ସେହିଭଳି ଏହିବାଟ ଦେଇ ପୂର୍ବରୁ ଚଳାଚଳ କରୁଥିବା କିଛି ସ୍ୱତନ୍ତ୍ର ଟ୍ରେନର ସେବାକୁ ମଧ୍ୟ ବର୍ଦ୍ଧିତ କରାଯାଇଛି। ଭୁବନେଶ୍ୱର-ଚେରଲାପାଲି (ହାଇଦ୍ରାବାଦ)-ଭୁବନେଶ୍ୱର ହୋଲି ସ୍ପେଶାଲ ମାର୍ଚ୍ଚ ୧୦ରୁ ୨୪ ତାରିଖ ମଧ୍ୟରେ ପ୍ରତି ସୋମବାର ଭୁବନେଶ୍ୱରରୁ ଛାଡ଼ିବ। ଫେରିବା ମାର୍ଗରେ, ଚେରଲାପାଲି-ଭୁବନେଶ୍ୱର ହୋଲି ସ୍ପେଶାଲ ମାର୍ଚ୍ଚ ୧୧ରୁ ୨୫ ତାରିଖ ମଧ୍ୟରେ ପ୍ରତି ମଙ୍ଗଳବାର ଚେରଲାପାଲିରୁ ଛାଡି ଭୁବନେଶ୍ୱର ଯାତ୍ରା କରିବ। କୋଲକାତା-ପୁରୀ-କୋଲକାତା ହୋଲି ସ୍ପେଶାଲ ମାର୍ଚ୍ଚ ୧୩, ୧୮ ଏବଂ ୨୦ରେ କୋଲକାତାରୁ ଛାଡ଼ିବ। ଫେରିବା ଦିଗରେ ପୁରୀରୁ ପୁରୀ-କୋଲକାତା ହୋଲି ସ୍ପେଶାଲ ମାର୍ଚ୍ଚ ୧୪, ୧୯ ଏବଂ ୨୧ ତାରିଖରେ ଛାଡି କୋଲକାତା ଯାତ୍ରା କରିବ। ବିଶାଖାପାଟଣା - ବେଙ୍ଗାଲୁରୁ - ବିଶାଖାପାଟଣା ହୋଲି ସ୍ପେଶାଲ ବିଶାଖାପାଟଣାରୁ ୨୩ ମାର୍ଚ୍ଚ ମଧ୍ୟରେ ପ୍ରତି ରବିବାର ଅପରାହ୍ନ ୩ଟା ୩୦ରେ ଛାଡି ବେଙ୍ଗାଲୁରୁ ଯାତ୍ରା କରିବ। ଫେରିବା ଦିଗରେ ଏହି ଟ୍ରେନ୍ ବେଙ୍ଗାଲୁରୁରୁ ମାର୍ଚ୍ଚ ୧୦ରୁ ୨୪ ମଧ୍ୟରେ ପ୍ରତି ସୋମବାର ଅପରାହ୍ନ ୩ଟା ୩୦ରେ ଛାଡି ବିଶାଖାପାଟଣା ଯାତ୍ରା କରିବ।

ଅନ୍ୟପକ୍ଷରେ ଉଧନା (ସୁରଟ)-ଖୋର୍ଦ୍ଧା ରୋଡ ସ୍ପେଶାଲ ଟ୍ରେନ୍ ବ୍ରହ୍ମପୁର-ବିଜିଆନଗରମ-ରାୟଗଡ଼ା-ଟିଟିଲାଗଡ଼ ଏବଂ ରାୟପୁର ମାର୍ଗ ଦେଇ ଉଧନା (ସୁରଟ)-ଖୋର୍ଦ୍ଧା ରୋଡ୍-ଉଧନା ମଧ୍ୟରେ ଚଳାଚଳ କରୁଥିବା ସ୍ୱତନ୍ତ୍ର ଟ୍ରେନ ଚଳାଚଳ ଅବଧିକୁ ଏପ୍ରିଲ ଶେଷ ସପ୍ତାହ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି। ସାନ୍ତ୍ରାଗାଛି-ପୁରୀ-ସାନ୍ତ୍ରାଗାଛି ସାପ୍ତାହିକ ବିଶେଷ ଟ୍ରେନ, ଶାଲିମାର-ପୁରୀ-ଶାଲିମାର ସାପ୍ତାହିକ ସ୍ପେଶାଲ ଏବଂ ଭଞ୍ଜପୁର (ବାରିପଦା)-ପୁରୀ-ଭଞ୍ଜପୁର ଦ୍ୱିସାପ୍ତାହିକ ସ୍ପେଶାଲ ଟ୍ରେନ ଚଳାଚଳ ଅବଧିକୁ ଜୁନ ଶେଷ ସପ୍ତାହ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି। ଭୁବନେଶ୍ୱର-ଯଶବନ୍ତପୁର (ବାଙ୍ଗାଲୋର)-ଭୁବନେଶ୍ୱର ସାପ୍ତାହିକ ସ୍ପେଶାଲ, ସମ୍ବଲପୁର-ଏରୋଡ (ତାମିଲନାଡୁ)-ସମ୍ବଲପୁର ସାପ୍ତାହିକ ସ୍ପେଶାଲ, ବିଶାଖାପାଟଣା-ଶାଲିମାର-ବିଶାଖାପାଟଣା ସାପ୍ତାହିକ ସ୍ପେଶାଲ ଏବଂ ଭୁବନେଶ୍ୱର-ଧାନବାଦ-ଭୁବନେଶ୍ୱର ଦୈନିକ ଚଳାଚଳ କରୁଥିବା ସ୍ପେଶାଲ ଟ୍ରେନ, ବିଶାଖାପାଟଣା-ତିରୁପତି-ବିଶାଖାପାଟଣା ସାପ୍ତାହିକ ସ୍ପେଶାଲ ଟ୍ରେନ ଚଳାଚଳ ଦିବସକୁ ଏପ୍ରିଲ ଶେଷ ସପ୍ତାହ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି।

# ସବୁଜ ଶକ୍ତିର ବ୍ୟବହାର, ଉତ୍ପାଦନ ପାଇଁ ପ୍ରତିଶ୍ରୁତିବଦ୍ଧ: ସିଂଦେଓ

## ୧୦୦୦ ମେଗାୱାଟ୍‌ର ପିଏସ୍‌ପି ପ୍ରକଳ୍ପ ନେଇ ସମୀକ୍ଷା ବୈଠକ



ସମୀକ୍ଷା ବୈଠକରେ ଉପମଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓଙ୍କ ସହ ଅଧିକାରୀମାନେ।

ଭୁବନେଶ୍ୱର,୧୦।୩
(ଅନୁରାଧା ମହାରଣା)

ରାଜ୍ୟରେ ହେବାକୁ ଥିବା ୧୦୦୦ ମେଗାୱାଟ କ୍ଷମତା ବିଶିଷ୍ଟ ପମ୍ପଡ ଷ୍ଟୋରେଜ ପ୍ରୋଜେକ୍ଟ (ପିଏସ୍‌ପି) ନେଇ ସମୀକ୍ଷା ବୈଠକ ସୋମବାର ଅନୁଷ୍ଠିତ ହୋଇଯାଇଛି। ଉପମୁଖ୍ୟମନ୍ତ୍ରୀ ତଥା ଶକ୍ତିମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ ଏଥିରେ ଅଧକ୍ଷତା କରି କହିଲେ, ଓଡ଼ିଶା ପ୍ରାକୃତିକ ସମ୍ପଦରେ ଭରପୂର। ଏସବୁର ସଦୁପଯୋଗ କରି ଅକ୍ଷୟ ଶକ୍ତିର ଉତ୍ସକୁ ବିକଶିତ କରାଯାଉଛି। ଅକ୍ଷୟ ଶକ୍ତିରେ ପିଏସ୍‌ପିର ଗୁରୁତ୍ୱ ରହିଛି। ବର୍ତ୍ତମାନ ଓଡ଼ିଶାର ୪୫ଟି ସ୍ଥାନକୁ ପିଏସ୍‌ପି ପ୍ରକଳ୍ପ ପାଇଁ ଚିହ୍ନଟ କରାଯାଇଛି। ସେଥିରୁ ୧୦ଟି ପ୍ରକଳ୍ପ ସରକାରୀ ସ୍ତରରେ ବିଭିନ୍ନ ପିଏସ୍‌ୟୁଙ୍କ ଦ୍ୱାରା କରାଯିବା ଯୋଜନା ରହିଛି। ଏହା ବ୍ୟତୀତ କିଛି କମ୍ପାନୀ କେତେକ ସ୍ଥାନକୁ ନିଜସ୍ୱ ଭାବେ ଚିହ୍ନଟ କରିଛନ୍ତି। ଏସବୁର ବିକାଶ କାର୍ଯ୍ୟ ପ୍ରଥମେ ଆବେଦନ କରିଥିବା କମ୍ପାନୀଗୁଡ଼ିକୁ ଅଗ୍ରାଧିକାର ଭିତ୍ତିରେ ପ୍ରଦାନ କରାଯିବ ବୋଲି ସିଂଦେଓ କହିଛନ୍ତି। ନିକଟରେ ଅନୁଷ୍ଠିତ ଉତ୍କର୍ଷ ଓଡ଼ିଶା କନ୍‌କ୍ଲେଭ୍‌ରେ ତେଲଙ୍ଗାନାର ସଙ୍ଗମମ୍ ପାୱାର୍ ପ୍ରୋଜେକ୍ଟ କମ୍ପାନୀ ଓଡ଼ିଶା ସରକାରଙ୍କ ସହ ପିଏସ୍‌ପି ପ୍ରକଳ୍ପ ପାଇଁ ବୁଝାମଣାପତ୍ର ସ୍ୱାକ୍ଷର କରିଥିଲା। ଏହି ପ୍ରକଳ୍ପ କାର୍ଯ୍ୟର ଅଗ୍ରଗତି ନେଇ ମଧ୍ୟ ଉପମୁଖ୍ୟମନ୍ତ୍ରୀ ସିଂଦେଓ ଆଲୋଚନା କରିଥିଲେ। ବୈଠକରେ ସ୍ୱଚ୍ଛ ଇନ୍ଧନ, ସବୁଜ ଶକ୍ତିର ବ୍ୟବହାର ନେଇ ପ୍ରଧାନମନ୍ତ୍ରୀଙ୍କ ପରାମର୍ଶରେ ଅନୁପ୍ରାଣିତ ହୋଇ ଓଡ଼ିଶା ମଧ୍ୟ ସବୁଜ ଶକ୍ତିର ଉତ୍ପାଦନ ତଥା ବ୍ୟବହାର ପାଇଁ ପ୍ରତିଶ୍ରୁତିବଦ୍ଧ ବୋଲି ସେ କହିଛନ୍ତି।

ସୂଚନାଥାଉକି, କୋରାପୁଟ ଜିଲାର ସୁଙ୍କିଠାରେ ପିଏସ୍‌ପି କରିବା ପାଇଁ ସଙ୍ଗମମ ପାୱାର୍ ପ୍ରୋଜେକ୍ଟ କମ୍ପାନୀ କାର୍ଯ୍ୟସାରଣୀ ବା ଡିପିଆର୍ ପ୍ରସ୍ତୁତ କରିଛନ୍ତି। ୧୦୦୦ ମେଗାୱାଟ କ୍ଷମତା ବିଶିଷ୍ଟ ଏହି ପ୍ରକଳ୍ପ ଦିନକୁ ୬ ଘଣ୍ଟା ବିଦ୍ୟୁତ ଉତ୍ପାଦନ କରିବ। ପ୍ରକଳ୍ପ ଆରମ୍ଭ ନିମନ୍ତେ ରାଜ୍ୟ ସରକାରଙ୍କଠାରୁ ସିଙ୍ଗଲ ୱିଣ୍ଡୋ କ୍ଲିୟରାନ୍ସ ଓ ଅନ୍ୟାନ୍ୟ ସରକାରୀ ପ୍ରୋତ୍ସାହନ ଯୋଗାଇଦେବା ପାଇଁ କମ୍ପାନୀ କର୍ତ୍ତୃପକ୍ଷ ଉପମୁଖ୍ୟମନ୍ତ୍ରୀ ସିଂଦେଓ ଏବଂ ଅନ୍ୟ ଅଧିକାରୀଙ୍କୁ ଅନୁରୋଧ କରିଛନ୍ତି। ବୈଠକରେ ଉନ୍ନୟନ କମିଶନର ଅନୁ ଗର୍ଗ, ଶିଳ୍ପ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା, ଶକ୍ତି ବିଭାଗ ପ୍ରମୁଖ ଶାସନ ସଚିବ ବିଶାଲ କୁମାର ଦେବ, ଇଡ୍‌କୋ ମ୍ୟାନେଜିଂ ଡାଇରେକ୍ଟର ଭୂପେନ୍ଦ୍ର ସିଂ ପୁନିଆ, ସଙ୍ଗମମ୍ ପାୱାରର ଡାଇରେକ୍ଟର ଦୀପକ ମାଥୁର, ଭାସ୍କର ରାଓ ପ୍ରମୁଖ ଉପସ୍ଥିତ ଥିଲେ।

# ମାଟ୍ରିକ୍ ପରୀକ୍ଷାଖାତା ଦେଖା ପାଇଁ ପରୀକ୍ଷକ ନିଯୁକ୍ତି

କଟକ,୧୦।୩(କାର୍ତ୍ତିକ ସାହୁ)

ଆସନ୍ତା ୧୯ ତାରିଖରୁ ମାଟ୍ରିକ୍ ପରୀକ୍ଷା ଖାତା ଦେଖା ଆରମ୍ଭ ହେବ। ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ) ପକ୍ଷରୁ ଏଥିପାଇଁ ପରୀକ୍ଷକ ନିଯୁକ୍ତି ପ୍ରକ୍ରିୟା ଆରମ୍ଭ ହୋଇଛି। ପରୀକ୍ଷକମାନଙ୍କ ନିଯୁକ୍ତିପତ୍ର ବୋର୍ଡ ୱେବ୍‌ସାଇଟ୍ (www.bseodisha.ac.in)ରେ ସୋମବାରଠାରୁ ଉପଲବ୍ଧ ହୋଇଛି। ହାଇସ୍କୁଲର ମୁଖ୍ୟମାନେ ବୋର୍ଡ ୱେବ୍‌ସାଇଟ୍‌ରେ ପ୍ରଦତ୍ତ ଲିଙ୍କ୍‌ରୁ ପରୀକ୍ଷକଙ୍କ ନିଯୁକ୍ତିପତ୍ର ଡାଉନ୍‌ଲୋଡ୍ କରିପାରିବେ। ଏଥିସହ ପ୍ରତି ହାଇସ୍କୁଲରୁ ଶିକ୍ଷୟିତ୍ରୀ/ଶିକ୍ଷକମାନେ ପରୀକ୍ଷକ ଭାବେ ନିଯୁକ୍ତି ପାଇଛନ୍ତି କି ନାହିଁ ତାହା ଜାଣିପାରିବେ। ପରୀକ୍ଷକ ଭାବେ ନିଯୁକ୍ତ ହୋଇଥିବା ଶିକ୍ଷୟିତ୍ରୀ/ଶିକ୍ଷକଙ୍କୁ ବୋର୍ଡ ଦ୍ୱାରା ନିର୍ଦ୍ଧାରିତ ସମୟାନୁସାରେ ରିଲିଭ କରିବାକୁ ବୋର୍ଡ ପକ୍ଷରୁ କୁହାଯାଇଛି। ଏହାଦ୍ୱାରା ସେମାନେ ମୂଲ୍ୟାୟନ କେନ୍ଦ୍ରରେ ଆସନ୍ତା ୧୮ ତାରିଖରେ ଯୋଗଦାନ କରିପାରିବେ।

# ଛାତ୍ରୀନିବାସରେ ନିଆଁ

ବାରିପଦା (ନୀଳାଦ୍ରି ବିହାରୀ ଦଣ୍ଡପାଟ)/
କୁଳିଅଣା (ଗୋପୀନାଥ ବେହେରା),୧୦।୩

ମୟୂରଭଞ୍ଜ ଜିଲା କୁଳିଅଣା ବ୍ଲକ୍ ଅଧୀନ ଚାନ୍ଦୁଆସ୍ଥିତ ସରକାରୀ କସ୍ତୁରବା ଗାନ୍ଧୀ ବାଳିକା ବିଦ୍ୟାଳୟର ଛାତ୍ରୀନିବାସରେ ସୋମବାର ଅପରାହ୍ନ ୧ଟା ୩୦ ସମୟରେ ଅଗ୍ନିକାଣ୍ଡ ଘଟିଛି। ଜେନେରେଟର ଥିବା କୋଠରିରେ ଶର୍ଟ ସର୍କିଟ ଯୋଗୁ ନିଆଁ ଲାଗି ଲକ୍ଷାଧିକ ଟଙ୍କାର ବିଜ୍ଞାନ ଉପକରଣ ଓ ଆସବାବପତ୍ର ପୋଡ଼ି ପାଉଁଶ ହୋଇଯାଇଛି। ଖବରପାଇ ଦମକଳ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା। ବିଦ୍ୟାଳୟରେ ଷଷ୍ଠରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ମୋଟ ୧୩୮ ଛାତ୍ରୀଛାତ୍ର ଅଧ୍ୟୟନ କରନ୍ତି। ସେଥିମଧ୍ୟରୁ ୧୨୭ ଜଣ ବାଳିକା ଅନ୍ତେବାସୀ ଭାବେ ଛାତ୍ରୀନିବାସରେ ରୁହନ୍ତି। ଅଗ୍ନିକାଣ୍ଡ ପରେ ସମସ୍ତ ଛାତ୍ରୀଙ୍କୁ ସୁରକ୍ଷିତ ଭାବେ ବାହାରକୁ ଅଣାଯାଇଥିବା ଓ କାହାର କିଛି କ୍ଷତି ଘଟି ନ ଥିବା ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଆର୍ଯ୍ୟମଣି ବାସ୍କେ କହିଛନ୍ତି।

# ଜଳୁଛି ଶାଗୁଆନ ଜଙ୍ଗଲ

- ନଷ୍ଟ ହେଉଛି ମୂଲ୍ୟବାନ୍ ଗଛ
- ନିଆଁ ରୋକିବାରେ ବିଫଳ ବନ ବିଭାଗ
- ଧୂଆଁରେ ଅଣନିଃଶ୍ୱାସୀ ଲୋକେ



ଜଳୁଥିବା ଶାଗୁଆନ ଜଙ୍ଗଲ।

କୋରୁକୋଣ୍ଡା, ୧୦।୩(ଶିବଦତ୍ତ ସାହୁ)

କୋରୁକୋଣ୍ଡା ବ୍ଲକ ପେଟ୍ରେଲ ଛକଠାରୁ କିଛି ଦୂରରେ ଥିବା କୁପୁଲିଗୁଡା ଗ୍ରାମକୁ ଲାଗିଥିବା ଶାଗୁଆନ ଜଙ୍ଗଲରେ ସୋମବାର ନିଆଁ ଲାଗି ଜଳୁଥିବା ବେଳେ ଏହାର ଆଲୋକ ଓ ଧୂଆଁ ବହୁ ଦୂର ପର୍ଯ୍ୟନ୍ତ ଦୃଶ୍ୟମାନ ହୋଇଥିଲା। ସକାଳୁ ଅପରାହ୍ନ ପର୍ଯ୍ୟନ୍ତ ଏ ସମ୍ପର୍କରେ ବନ ବିଭାଗ ପାଖରେ କୌଣସି ସୂଚନା ନ ଥିଲା। ଅପରାହ୍ନ ପ୍ରାୟ ୧ଟାରେ ବନ ବିଭାଗର ଦୁଇଜଣ କର୍ମଚାରୀ ପହଞ୍ଚି ଥିଲେ। ଏମାନେ ପହଞ୍ଚିବା ପୂର୍ବରୁ ଜଳୁଥିବା ନିଆଁ ପ୍ରଭାବରେ ସେହି ଜଙ୍ଗଲରେ ଥିବା ବହୁ ମୂଲ୍ୟବାନ ଗଛ ସମେତ ଅନ୍ୟାନ୍ୟ ଗଛମୂଳ ପୋଡି ଯାଇଥିବା ଦେଖିବାକୁ ମିଳିଛି।

ସୂଚନାଯୋଗ୍ୟ, ଗତ ଶନିବାର ଏହି ଅଞ୍ଚଳର ତଥା ତେନ୍ତୁଳିଗୁଡ଼ା ଗ୍ରାମ ନିକଟ ବାଲିମେଳା -ମାଲକାନଗିରି ମୁଖ୍ୟ ରାସ୍ତା ପାର୍ଶ୍ୱ ଜଙ୍ଗଲରେ ନିଆଁ ଲାଗି ବହୁ ଗଛ ପୋଡି ଯାଇଥିଲା। ସେହିପରି ଫେବୃଆରୀ ୨୮ ରେ ଏମ୍‌ଭି-୩୫ ଗ୍ରାମ ଛକ ନିକଟ ମୁଖ୍ୟ ରାସ୍ତା ପାର୍ଶ୍ୱରେ ଥିବା ଶାଗୁଆନ ଜଙ୍ଗଲରେ ନିଆଁ ଲାଗି ନଷ୍ଟ ହୋଇଥିଲା। ଫେବୃଆରୀ ୧୭ ରେ ପୋଟ୍ରେଲ ପଞ୍ଚାୟତ କ୍ରସର ନିକଟରେ ଥିବା ପାହାଡ଼ରେ ନିଆଁ ଲାଗି ବହୁ ଗଛ କ୍ଷତିଗ୍ରସ୍ତ ହୋଇଥିଲା। ଏହାକୁ ରୋକିବାରେ ବନ ବିଭାଗ ବିଫଳ ହୋଇଥିବା ଲୋକେ କହିଛନ୍ତି। ପ୍ରବଳ ଧୂଆଁରେ ଅଞ୍ଚଳବାସୀ ଅଣନିଃଶ୍ୱାସୀ ହେବା ସହିତ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏ ନେଇ ଅଞ୍ଚବାସୀଙ୍କୁ ବନ ବିଭାଗ ପକ୍ଷରୁ ସଚେତନ କରାଯାଉ ନ ଥିବାରୁ ଏଭଳି ପରିସ୍ଥିତି ଉପୁଜୁଛି ବୋଲି ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି।



# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ଆଇସିଏଆର୍ ପକ୍ଷରୁ ଜାତୀୟ ସେମିନାର, ସ୍ଥାନ: ଆର୍‌ଆଇଇ କ୍ୟାମ୍ପସ, ୟୁନିଟ୍-୯, ସମୟ: ସକାଳ ୯ଟା ୩୦।
- ଓଡ଼ିଶା ସାହିତ୍ୟ ଏକାଡେମୀ, ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ ଭାଷା ସାହିତ୍ୟ ବିଭାଗ ଜୀବନପଥେ ସାହିତ୍ୟ ଆସର କାର୍ଯ୍ୟକ୍ରମ ଏବଂ ଝୁମୁକା ଫାଉଣ୍ଡେଶନ ଟ୍ରଷ୍ଟ ମିଳିତ ଆନୁକୂଲ୍ୟରେ ଆଲୋଚନା ଚକ୍ର, ସ୍ଥାନ: ପୁରୁଣା ଅଡିଟୋରିୟମ୍, ବିଶ୍ୱବିଦ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଜାତୀୟ ଅଭିଲେଖାଗାରର ୧୩୫ତମ ପ୍ରତିଷ୍ଠା ଦିବସ, ସ୍ଥାନ: ସମ୍ମିଳନୀ କକ୍ଷ, ଜାତୀୟ ଅଭିଲେଖାଗାର, ସମୟ: ପୂର୍ବାହ୍ନ ୧୧ଟା।
- ଓଡ଼ିଶା କ୍ଷେତ ମଜଦୁର ୟୁନିୟନ, ଓଡ଼ିଶା ରାଜ୍ୟ କମିଟି ପକ୍ଷରୁ ରାଜ୍ୟସ୍ତରୀୟ ବିକ୍ଷୋଭ, ସ୍ଥାନ: ମହାତ୍ମା ଗାନ୍ଧୀ ମାର୍ଗ, ସମୟ: ପୂର୍ବାହ୍ନ ୧୧ଟା ୩୦।
- ଉତ୍କଳ ସମ୍ମିଳନୀ ପକ୍ଷରୁ ଶାସ୍ତ୍ରୀୟ ଓଡ଼ିଆ ଭାଷା ଦିବସ ପାଳନ, ସ୍ଥାନ: ଉତ୍କଳ ସମ୍ମିଳନୀ କେନ୍ଦ୍ରୀୟ କାର୍ଯ୍ୟାଳୟ, ଭି.ଏ.-୯/୧, ଅଶୋକ ନଗର, ସମୟ: ଅପରାହ୍ନ ୫ଟା।
- ଓଡ଼ିଶା ସରକାରୀ ଆଉଟସୋର୍ସିଂ କର୍ମଚାରୀ ମହାସଂଘ ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: ଲୋହିଆ ଏକାଡେମୀ, ସମୟ: ଅପରାହ୍ନ ୫ଟା।
- ୩ ପୁସ୍ତକ ଉନ୍ମୋଚନ, ସ୍ଥାନ: ରାଜ୍ୟ ସଂଗ୍ରହାଳୟ ସଭାକକ୍ଷ, ସମୟ: ସନ୍ଧ୍ୟା ୬ଟା।
- ନୃତ୍ୟଯା ପକ୍ଷରୁ ୩ୟ ନବନୁରାଙ୍ଗ ଫେଷ୍ଟିଭାଲ, ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ସନ୍ଧ୍ୟା ୬ଟା ୩୦।
- ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟର ୫୯ତମ ବାର୍ଷିକୋତ୍ସବ 'ଜୟଦେବ ସମାରୋହ-୨୦୨୫', ସ୍ଥାନ: ଉତ୍କଳ ମଣ୍ଡପ, ସମୟ: ସନ୍ଧ୍ୟା ୬ଟା ୩୦।
- ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଏବଂ ସଂସ୍କୃତି ବିଭାଗ, ଭାରତ ସରକାର ତଥା ଅସୀମ ବସୁ ଫାଉଣ୍ଡେଶନ ପକ୍ଷରୁ ଅସୀମ ନାଟ୍ୟ ଉତ୍ସବରେ ନାଟକ 'ପଞ୍ଚାନନ ଉପାଖ୍ୟାନ', ସ୍ଥାନ: ଭଞ୍ଜକଳା ମଣ୍ଡପ, ସମୟ: ସନ୍ଧ୍ୟା ୭ଟା ୧୫।

## ଖୋର୍ଦ୍ଧା

- ବିଶ୍ୱଶାନ୍ତି ମହାଯଜ୍ଞ ଓ ମନ୍ଦିର ପ୍ରତିଷ୍ଠା ଉତ୍ସବ ଉଦ୍‌ଯାପନୀ, ସ୍ଥାନ: ଲବଣଗିରି ପାହାଡ଼, ଜଟଣୀ, ସମୟ: ଅପରାହ୍ନ ୫ଟା।

## ବାଲେଶ୍ୱର

- ରକ୍ତଦାନ ଶିବିର, ସ୍ଥାନ: ଆୟୁଷ୍ମାନ ଭବନ, ଗୋପାଳଗାଁ, ବାଲେଶ୍ୱର, ସମୟ: ସକାଳ ୯ଟା।
- ଜିଲାସ୍ତରୀୟ ଲକ୍ଷପତି ଦିଦି କର୍ମଶାଳା, ସ୍ଥାନ: ନୋସି, ରେମୁଣା, ବାଲେଶ୍ୱର, ସମୟ: ସକାଳ ୯ଟା ୩୦।

## ଭଦ୍ରକ

- ଲକ୍ଷପତି ଦିଦି କର୍ମଶାଳା, ସ୍ଥାନ: ଆର୍‌ଏମ୍‌ସି ପଡ଼ିଆ, ଭଦ୍ରକ ବାଇପାସ୍, ସମୟ: ପୂର୍ବାହ୍ନ ୧୦ଟା।
- ମୁନସୀ ମେଳଣ, ସ୍ଥାନ: ଭଣ୍ଡାରିପୋଖରୀ, ସମୟ: ଅପରାହ୍ନ ୫ଟା।

## କେନ୍ଦୁଝର

- ଶ୍ରୀଗୁରୁକୁଳ ଇଂଲିଶ ମିଡିୟମ ସ୍କୁଲର ବାର୍ଷିକ ଉତ୍ସବ, ସ୍ଥାନ: କୁଦ୍ରଟାଙ୍ଗର, ଢେଙ୍କିକୋଟ, ସମୟ: ସନ୍ଧ୍ୟା ୬ଟା।
- ୨ୟ ବାର୍ଷିକ ଅଷ୍ଟମପ୍ରହର ନାମଯଜ୍ଞ, ଶୁଭାଧିବାସ, ସ୍ଥାନ: ବର୍ଦ୍ଧନପୁର, ଛେନାପଦି, ସମୟ: ରାତି ୯ ଟା।

## ମୟୂରଭଞ୍ଜ

- ଲକ୍ଷପତି ଦିଦି ନିମନ୍ତେ ଜିଲାସ୍ତରୀୟ ତାଲିମ ଶିବିର, ସ୍ଥାନ: କଲେଜ ପଡ଼ିଆ, ବାରିପଦା, ସମୟ: ପୂର୍ବାହ୍ନ ୧୧ଟା।
- ଶିକ୍ଷଣ ସାମଗ୍ରୀ ପ୍ରସ୍ତୁତି କର୍ମଶାଳା,ସ୍ଥାନ: ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ଦାନ୍ତିଆମୁହାଁ, ମୋରଡ଼ା,ସମୟ: ପୂର୍ବାହ୍ନ ୧୧ଟା।
- ୧୦୦ତମ ହୋଲି ମହୋତ୍ସବ ଉପଲକ୍ଷେ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ତାଳପଦା ଦୁର୍ଗାମାଧବ ପଡ଼ିଆ, ବଡ଼ସାହି,ସମୟ: ସନ୍ଧ୍ୟା ୭ଟା।
- ଭାରତୀୟ ହସ୍ତଶିଳ୍ପ ଓ ହସ୍ତତନ୍ତ ମେଳା, ସ୍ଥାନ: ଛଉ ପଡ଼ିଆ, ବାରିପଦା,ସମୟ: ପୂର୍ବାହ୍ନ ୧୧ଟାରୁ ରାତି ୧୦ଟା।

## ବ୍ରହ୍ମପୁର

- ଜୟ ଜଗନ୍ନାଥ ନିର୍ମାଣ ଶ୍ରମିକ ସଂଘ ପକ୍ଷରୁ ସ୍ମାରକପତ୍ର ପ୍ରଦାନ,ସ୍ଥାନ: ଆର୍‌ଡିସି କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା।

## ଗଞ୍ଜାମ

- ଲକ୍ଷପତି ପଦକ୍ଷେପ ସମ୍ପର୍କିତ ଜିଲାସ୍ତରୀୟ କର୍ମଶାଳା,ସ୍ଥାନ: ଛତ୍ରପୁର ଅନସ୍ଲୋ ଖେଳପଡିଆ,ସମୟ : ପୂର୍ବାହ୍ନ ୧୦ଟା।

## ଗଜପତି

- ଲକ୍ଷପତି ଦିଦି ସମ୍ପର୍କିତ ଜିଲାସ୍ତରୀୟ କର୍ମଶାଳା, ସ୍ଥାନ: ପାରଳାଖେମୁଣ୍ଡିସ୍ଥିତ ଷ୍ଟାଡିୟମ,ସମୟ:ପୂର୍ବାହ୍ନ ୧୦ଟା।

## ଢେଙ୍କାନାଳ

- ଲକ୍ଷପତି ଦିଦି ହିତାଧିକାରୀଙ୍କ ପାଇଁ ଜିଲାସ୍ତରୀୟ କର୍ମଶାଳା, ସ୍ଥାନ: ପଲ୍ଲିଶ୍ରୀ ମେଳା ପଡିଆ, ମହିଷାପାଟ ଢେଙ୍କାନାଳ, ସମୟ: ସକାଳ ୯ଟା୩୦।

## ଜଗତ୍‌ସିଂହପୁର

- ଦିବଙ୍ଗତ ରାଜନେତା ଡା.ଦାମୋଦର ରାଉତଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି ସଭା, ସ୍ଥାନ ଗଡ଼କୁଜଙ୍ଗ ଜଗନ୍ନାଥ ମନ୍ଦିର, ଏରସମା, ସମୟ: ୧୧ଟା।
- ମା'ନାରାୟଣୀ ଡ୍ରାମାଟିକ୍ କ୍ଲବ ପକ୍ଷରୁ ମୁକ୍ତମଞ୍ଚ ନାଟକ, ସ୍ଥାନ: ନିମିଡ଼ି ଗ୍ରାମ, ପାରାଦୀପ, ସମୟ: ସନ୍ଧ୍ୟା ୬ଟା।

## କେନ୍ଦ୍ରାପଡ଼ା

- ହରିବାସର ଯୁବକ ସଂଘ ପକ୍ଷରୁ ମା' ଶୀତଳା ଦେବୀଙ୍କ ବାର୍ଷିକ ପୂଜା ଓ ନାମଯଜ୍ଞ, ସ୍ଥାନ: ସୁନୀତି, ମହାକାଳପଡ଼ା, ସମୟ: ସକାଳ ୬ଟା।
- ଜିଲାସ୍ତରୀୟ ଲକ୍ଷପତି ଦିଦି ସଚେତନତା କର୍ମଶାଳା, ସ୍ଥାନ: କେନ୍ଦ୍ରାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟ ଖେଳପଡ଼ିଆ, କେନ୍ଦ୍ରାପଡା, ସମୟ: ପୂର୍ବାହ୍ନ ୧୧ଟା।
- ସାଂସ୍କୃତିକ ପରିଷଦ ପକ୍ଷରୁ ସାଗରବେଳା ମହୋତ୍ସବ, ସ୍ଥାନ: ପେଣ୍ଠ, ରାଜନଗର, ସମୟ: ଅପରାହ୍ନ ୫ଟା।
- ଭାଗବତ ପାରାୟଣ ଓ ପ୍ରବଚନ କାର୍ଯ୍ୟକ୍ରମ, ସ୍ଥାନ: ଶ୍ରୀଗୁରୁ ମହାରାଜ ମଠ, କଳଦିଆ, ଆଳି, ସମୟ: ସନ୍ଧ୍ୟା ୬ଟା।

## ଯାଜପୁର

- ଜିଲାସ୍ତରୀୟ ଲକ୍ଷପତି ଦିଦି ଇନିସିଏଟିଭ୍‌ର ଦିନିକିଆ କର୍ମଶାଳା, ସ୍ଥାନ: ଯାଜପୁର ପ୍ରଶାସନିକ ଭବନ, ସମୟ: ସକାଳ ୯ଟା।
- ଯାଜପୁର ଜିଲାସ୍ତରୀୟ ମେଗା ନିଯୁକ୍ତି ମେଳା, ସ୍ଥାନ: ଯାଜପୁର ଏନସି ସ୍ୱୟଂଶାସିତ କଲେଜ ପରିସର,ସମୟ: ପୂର୍ବାହ୍ନ ୧୦ଟା୩୦।

## ନୟାଗଡ଼

- ବିଶ୍ୱଶାନ୍ତି ଯଜ୍ଞ ଅବସରରେ ଚଣ୍ଡିପ୍ରସାଦର ରାମ ଜନ୍ମ ନାଟକ, ସ୍ଥାନ: ନୟାଗଡ଼ ବ୍ଲକର ଭାଟସାହି ସିଦ୍ଧେଶ୍ୱର ଜୀଉଙ୍କ ପୀଠ, ସମୟ: ପୂର୍ବାହ୍ନ ୧୦ଟା।
- ଲକ୍ଷପତି ଦିଦିଙ୍କ ସଚେତନତା ଉପରେ ଜିଲାସ୍ତରୀୟ କର୍ମଶାଳା, ସ୍ଥାନ: ନୟାଗଡ଼ ଷ୍ଟାଡିୟମ, ସମୟ: ପୂର୍ବାହ୍ନ ୧୧ଟା।
- ବିଶ୍ୱଶାନ୍ତି ଯଜ୍ଞ ଅବସରରେ ଖଡିଆର ରୁକ୍ମିଣି ସତ୍ୟଭାମା କଳି ପୌରାଣିକ ନାଟକ, ସ୍ଥାନ: ନୟାଗଡ଼ ବ୍ଲକର ଭାଟସାହି ସିଦ୍ଧେଶ୍ୱର ଜୀଉଙ୍କ ପୀଠ, ସମୟ: ରାତି ୧୦ଟା

## ରାୟଗଡ଼ା

- ଜିଲାସ୍ତରୀୟ ଲକ୍ଷପତି ଦିଦି କର୍ମଶାଳା, ସ୍ଥାନ: ଜିସିଡି ଖେଳ ପଡିଆ, ରାୟଗଡା, ସମୟ: ପୂର୍ବାହ୍ନ ୧୦ ଟା।
- ଉତ୍କଳ ଦିବସ ପାଳନ ନିମନ୍ତେ ପ୍ରସ୍ତୁତି ବୈଠକ, ସ୍ଥାନ: ଗୁଣପୁର ଉପ ଜିଲାପାଳଙ୍କ ସଦ୍‌ଭାବନା ସଭା ଗୃହ, ସମୟ: ପୂର୍ବାହ୍ନ ୧୧ଟା।

## ନବରଙ୍ଗପୁର

- ତେନ୍ତୁଳିଖୁଣ୍ଟି ବ୍ଲକ କୃଷି ବିଭାଗ ସୌଜନ୍ୟରେ ମୃତ୍ତିକା ସ୍ୱାସ୍ଥ୍ୟକାର୍ଡ ବଣ୍ଟନ, ସ୍ଥାନ: ଜବାହର ନବୋଦୟ ବିଦ୍ୟାଳୟ, ଖାତିଗୁଡ଼ା, ସମୟ: ପୂର୍ବାହ୍ନ ୧୦ଟା।
- ଲକ୍ଷପତି ଦିଦି ଜିଲାସ୍ତରୀୟ କର୍ମଶାଳା, ସ୍ଥାନ: ଶୁଭ ଅଭିନନ୍ଦନ କଲ୍ୟାଣ ମଣ୍ଡପ, ସମୟ: ପୂର୍ବାହ୍ନ ୧୦ଟା ୩୦।

## କୋରାପୁଟ

- ଲକ୍ଷପତି ଦିଦି ନେଇ କର୍ମଶାଳା, ସ୍ଥାନ: କୋରାପୁଟ ପୋଲିସ ପଡ଼ିଆ, ସମୟ: ପୂର୍ବାହ୍ନ ୧୦ ଟା। ଜିଲା ରାଜସ୍ୱ ବୈଠକ, ସ୍ଥାନ: କୋରାପୁଟ ଦକ୍ଷତା ବୃଦ୍ଧି ତାଲିମ କେନ୍ଦ୍ର ସଭାଗୃହ, ସମୟ: ପୂର୍ବାହ୍ନ ୧୦ ଟା।
- ଏକ ବିଂଶ ଶତାବ୍ଦୀରେ ଓଡ଼ିଆ ଭାଷା ସ୍ଥିତି ଓ ଗତି ନେଇ ଆଲୋଚନା ଚକ୍ର, ସ୍ଥାନ: କୋରାପୁଟ ସରକାରୀ କଲେଜର ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ ଟା ୩୦।
- ଜଙ୍ଗଲ ଅଧିକାର ଆଇନ ନେଇ ଜିଲାସ୍ତରୀୟ କମିଟି ବୈଠକ, ସ୍ଥାନ: କୋରାପୁଟ ଜିଲାପାଳଙ୍କ ସମ୍ମିଳନୀ କକ୍ଷ, ସମୟ: ଅପରାହ୍ନ ୪ ଟା।

## ସମ୍ବଲପୁର

- ଗୋଲଡେନ କପ କ୍ରିକେଟ ଟୁର୍ଣ୍ଣାମେଣ୍ଟ, ହାଓ୍ୱା ମଇଦାନ, ସମୟ : ସକାଳ ୮ଟା।
- ଏଲଆଇସି ଏଜେଣ୍ଟଙ୍କ ବୈଠକ, ସମୟ : ପୂର୍ବାହ୍ନ ୧୦ଟା, ସ୍ଥାନ : ସାମ୍ବାଦିକ ଭବନ।
- ଜିଲା ପ୍ରଶାସନ ଆୟୋଜନରେ ସୁଭଦ୍ରା ଶକ୍ତି ମେଳାରେ ସମ୍ବଲପୁରୀ ଲୋକ ନୃତ୍ୟ କାର୍ଯ୍ୟକ୍ରମ, ସ୍ଥାନ : ଅଇଁଠାପାଲି ପିଏଚ୍‌ଡି ପଡିଆ, ସମୟ : ସନ୍ଧ୍ୟା ୬ଟା।

## ବଲାଙ୍ଗୀର

- ଲୋଇସିଂହା ଓ ଆଗଲପୁର ବ୍ଲକ ମିଳିତ କୃଷକ ସଂଘର୍ଷ ସମିତିର ଗୁରୁତ୍ୱପୂର୍ଣ୍ଣ ବୈଠକ, ସ୍ଥାନ: ରୁଗୁଡ଼ିଖାଲ ରାମ ମନ୍ଦିର, ସମୟ: ପୂର୍ବାହ୍ନ ୧୦ଟା।
- ଲୋଇସିଂହା ବ୍ଲକ ବୁର୍ଡା ପ୍ରାଥମିକ କୃଷି ସମବାୟ ସମିତିର ବୈଠକ, ସ୍ଥାନ: ସମବାୟ ସମିତି କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।

## ରାଉରକେଲା

- କନ୍ୟକା ମଣ୍ଡପରେ ଗଣେଶ ମନ୍ଦିର ପ୍ରତିଷ୍ଠା, ସ୍ଥାନ: ବାସନ୍ତୀ କଲୋନି, ସମୟ: ସକାଳ ୬ଟା ୩୦।
- ଆଖଣ୍ଡଳ ମଣି ରୁଦ୍ର ମହାଯଜ୍ଞ ଆରମ୍ଭ, ସ୍ଥାନ: ସିଭିଲଟାଉନଶିପ୍, ସମୟ: ସକାଳ ୮ଟା।
- ଶାସ୍ତ୍ରୀୟ ଓଡିଆ ଭାଷା ଦିବସ ପାଳନ ସମାରୋହ, ସ୍ଥାନ: ରାଉରକେଲା ମହାବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା ୩୦ ।
- ଆଇଏସ୍‌ଏଫ୍‌ଓ ଗଣିତ ଅଲମ୍ପିଆଡ୍, ସ୍ଥାନ: ସେକ୍ଟର-୧୪ ଡିପିଏସ୍ ସ୍କୁଲ, ସମୟ: ପୂର୍ବାହ୍ନ ୧୧ଟା ୩୦।
- ଶାସ୍ତ୍ରୀୟ ଓଡିଆ ଭାଷା ଦିବସ ପାଳନ ସମାରୋହ, ସ୍ଥାନ-ସେକ୍ଟର-୭, ପ୍ରଗତି ଉତ୍କଳ ସଂଘ, ସମୟ: ସନ୍ଧ୍ୟା ୬ଟା ୪୫।

## ସୁନ୍ଦରଗଡ଼

- ବଡ଼ଗାଁ ସ୍ଥିତ ନର୍ସିଂ କଲେଜର ବାର୍ଷିକ ଉତ୍ସବ ଓ ଫୁଡ ଫେଷ୍ଟିଭାଲ, ସ୍ଥାନ: ନର୍ସିଂ କଲେଜ ପରିସର,ସମୟ: ପୂର୍ବାହ୍ନ ୧୦ଟା୩୦।
- ଜିଲା ସ୍ତରୀୟ ଲକ୍ଷପତି ଦିଦି କର୍ମଶାଳା, ସ୍ଥାନ:ସୁନ୍ଦରଗଡ ସରକାରୀ କଲେଜ ପଡିଆ,ସମୟ: ପୂର୍ବାହ୍ନ ୧୦ଟା।

## ବରଗଡ଼

- ରାମାୟଣ ପାରାୟଣ, ସ୍ଥାନ: ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣ, ଗାଇସିଲେଟ୍, ସମୟ: ସକାଳ ୯ଟା।
- ଦିବ୍ୟାଙ୍ଗଙ୍କ ରାସ୍ତା ଅବରୋଧ, ସ୍ଥାନ: ହଳଦୀପାଲି ବିରଛକ, ବରଗଡ଼, ସମୟ: ପୂର୍ବାହ୍ନ ୯ଟା ୩୦।
- ଲକ୍ଷପତି ଦିଦି କର୍ମଶାଳା, ସ୍ଥାନ: ଜର୍ଜ ହାଇସ୍କୁଲ ପଡ଼ିଆ, ବରଗଡ଼, ସମୟ: ପୂର୍ବାହ୍ନ ୧୧ଟା।
- ସ୍ୱେଚ୍ଛାକୃତ ରକ୍ତଦାନ ଶିବିର, ସ୍ଥାନ: ମାଲିପାଲି (ଗାଇସୀମା) ଫୁଟ୍‌ବଲ ପଡ଼ିଆ, ବରଗଡ଼, ସମୟ: ଅପରାହ୍ନ ୫ଟା।


## କଳାହାଣ୍ଡି

- ଜିଲାସ୍ତରୀୟ ଲକ୍ଷପତି ଦିଦି ସମାରୋହ, ସ୍ଥାନ: ଭବାନୀପାଟଣାସ୍ଥିତ ମା' ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟ ଖେଳପଡିଆ, ସମୟ: ପୂର୍ବାହ୍ନ ୧୧ଟା।
- ଫଗୁ ମହୋତ୍ସବ ଆରମ୍ଭ, ସ୍ଥାନ: ଜୁନାଗଡ଼ ବ୍ଲକ ନୂଆଗୁଡ଼ା, ସମୟ: ଅପରାହ୍ନ ୫ଟା।

**ପ୍ରଥମ ପୃଷ୍ଠାରୁ...**

## ୧୪ରେ ପୂର୍ଣ୍ଣ...

ସଙ୍ଗଠିତ ହେବ। ଏହା ଉତ୍ତର ଆମେରିକା, ଗ୍ରୀନ୍‌ଲାଣ୍ଡ, ଆଇସ୍‌ଲାଣ୍ଡ, ଉତ୍ତର ଆଟ୍‌ଲାଣ୍ଟିକ ମହାସାଗର, ୟୁରୋପ ଏବଂ ଉତ୍ତର-ପଶ୍ଚିମ ରୁଷ୍‌ରେ ଦୃଶ୍ୟମାନ ହେବ। ଚଳିତବର୍ଷର ପ୍ରଥମ ସୂର୍ଯ୍ୟୋପରାଗ ମଧ୍ୟ ଭାରତରେ ଦୃଶ୍ୟମାନ ହେବ ନାହିଁ। ଅନ୍ୟପକ୍ଷରେ ସେପ୍ଟେମ୍ବର ୭ କିମ୍ବା ୮ ତାରିଖରେ ପୂର୍ଣ୍ଣ ଚନ୍ଦ୍ରଗ୍ରହଣ ହେବ। ଏହା ସମଗ୍ର ଭାରତ ସହ ଏସିଆର ଅନ୍ୟ ଦେଶ ତଥା ୟୁରୋପ, ଆଣ୍ଟାର୍କଟିକା, ପଶ୍ଚିମ ପ୍ରଶାନ୍ତ ମହାସାଗର, ଅଷ୍ଟ୍ରେଲିଆ ଏବଂ ଭାରତ ମହାସାଗରର କିଛି ଅଞ୍ଚଳରେ ଦୃଶ୍ୟମାନ ହେବ। ସେପ୍ଟେମ୍ବର ୭ ରାତି ୮ଟା ୫୮ରୁ ୨ଟା ୨୫ ପର୍ଯ୍ୟନ୍ତ ଚନ୍ଦ୍ରଗ୍ରହଣ ରହିବ। ପୂର୍ଣ୍ଣ ଗ୍ରହଣ ରାତି ୧୦ଟାରୁ ରାତି ୧୨ଟା ୨୨ ପର୍ଯ୍ୟନ୍ତ ୨ ଘଣ୍ଟା ୨୨ ମିନିଟ ଧରି ଦେଖାଯିବ। ସେହି ସମୟରେ ଚନ୍ଦ୍ର ସମ୍ପୂର୍ଣ୍ଣ ରକ୍ତ ବର୍ଣ୍ଣ ଧାରଣ କରିବ। ବର୍ଷର ଅନ୍ତିମ ଆଂଶିକ ସୂର୍ଯ୍ୟୋପରାଗ ସେପ୍ଟେମ୍ବର ୨୧-୨୨ ତାରିଖରେ ହେବ। ଏହା ନ୍ୟୁଜିଲାଣ୍ଡ, ଇଷ୍ଟର୍ନ ମେଲାନେସିଆ ଏବଂ ପଶ୍ଚିମ ଆଣ୍ଟାର୍କଟିକାରେ ଦୃଶ୍ୟମାନ ହେବ। ଏହି ଗ୍ରହଣ ମଧ୍ୟ ଭାରତରେ ଦୃଶ୍ୟମାନ ହେବ ନାହିଁ ବୋଲି ଡ. ପଟ୍ଟନାୟକ କହିଛନ୍ତି।




ସୋମବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

## ଆମ୍ବୁଲାନ୍ସକୁ ଧକ୍କାଦେଲା...

ଗ୍ରାମର ୭ ଜଣ ଚକ୍ଷୁ ରୋଗୀଙ୍କୁ ନେଇ ଅନନ୍ତ ଚକ୍ଷୁ ଚିକିତ୍ସାଳୟର ଏକ ଆମ୍ବୁଲାନ୍ସ ଆସୁଥିଲା। ସେହି ବାଟଦେଇ ଏକ ଫାଟକ ବିହିନ ଲେଭଲ କ୍ରସିଂ ରହିଛି। ଉକ୍ତ ରାସ୍ତାରେ ଆସିବା ସମୟରେ ମାଲବାହୀ ଟ୍ରେନ୍ ଆସିବାର ଥିଲେ ମଧ୍ୟ ଆମ୍ବୁଲାନ୍ସ ଡ୍ରାଇଭର ନ ରହି ରେଳ ଧାରଣା ପାର ହେବା ପାଇଁ ଉଦ୍ୟମ କରିଥିଲେ। କିନ୍ତୁ ଠିକ୍ ରେଳ ଧାରଣା ଉପରେ ଆମ୍ବୁଲାନ୍ସ ପହଞ୍ଚିବା ବେଳକୁ ଟ୍ରେନ୍ ଅତି ନିକଟ ହୋଇଯାଇଥିଲା। ଫଳରେ ଆମ୍ବୁଲାନ୍ସ ଡ୍ରାଇଭର ଅନ୍ୟ ଉପାୟ ନ ପାଇ ନିଜେ ଓହ୍ଲାଇବା ସହିତ ସମସ୍ତ ୭ଜଣ ରୋଗୀଙ୍କୁ ଓହ୍ଲାଇ ଦେଇଥିଲେ। ଫଳରେ ରୋଗୀମାନେ ଏକ ବଡ଼ ଦୁର୍ଘଟଣାରୁ ବର୍ତ୍ତିଯାଇଛନ୍ତି।

ଅନ୍ୟପକ୍ଷେ ରେଳ ବିଭାଗ ପକ୍ଷରୁ ମିଳିଥିବା ସୂଚନା ମୁତାବକ, ଉକ୍ତ ରାସ୍ତାରେ କୌଣସି ଫାଟକ ନ ଥିବାରୁ ଅଞ୍ଚଳର ଲୋକେ ବିପଦପୂର୍ଣ୍ଣ ଭାବେ ଯାତାୟାତ କରୁଥିଲେ। ତେଣୁ ୨୦୨୪ ନଭେମ୍ବର ୩ ତାରିଖରେ ରେଳ ବିଭାଗ ପକ୍ଷରୁ ଉକ୍ତ ସ୍ଥାନରେ ଦୁଇ ପାର୍ଶ୍ୱରୁ ଫେନ୍ସିଂ ତାର ଦେଇ ରାସ୍ତା ବନ୍ଦ କରାଯାଇଥିଲା। ଯାହାକୁ ଅଞ୍ଚଳବାସୀ ପୁଣି ଥରେ ବାହାର କରିଦେଇଛନ୍ତି।

## ଧର୍ମେନ୍ଦ୍ର ଅହଂକାରୀ...

ସରକାର ଏହାର ଆଭିମୁଖ୍ୟ ବଦଳାଇଛନ୍ତି। ରାଜ୍ୟରେ ଜାତୀୟ ଶିକ୍ଷାନୀତି-୨୦୨୦ ଲାଗୁକରାଯିବା ଏବଂ ଏହା ବଦଳରେ କେନ୍ଦ୍ର ସରକାର ପାଣ୍ଠି ଯୋଗାଇବାକୁ ହେଲେ ସମ୍ପୃକ୍ତ ରାଜ୍ୟକୁ କେନ୍ଦ୍ର ସରକାରଙ୍କ ସହ ବୁଝାମଣା ପତ୍ର (ଏମ୍‌ଓୟୁ) ସ୍ୱାକ୍ଷର କରିବାକୁ ପଡ଼ିବ। ତାମିଲନାଡୁ ସରକାର ଏମ୍‌ଓୟୁ ସ୍ୱାକ୍ଷର କରିବାକୁ ପ୍ରଥମେ ରାଜି ହୋଇଥିବାବେଳେ ଏବେ ଆଭିମୁଖ୍ୟରେ ପରିବର୍ତ୍ତନ କରିଛନ୍ତି। କର୍ଣ୍ଣାଟକ, ହିମାଚଳପ୍ରଦେଶ ସମେତ ଅନେକ ଅଣଭାଜପା ଶାସିତ ରାଜ୍ୟ ଏହି ଚୁକ୍ତିନାମାରେ ସ୍ୱାକ୍ଷର କରିଥିବା ଧର୍ମେନ୍ଦ୍ର କହିଥିଲେ। ସେ ଆହୁରି କହିଥିଲେ, ତାମିଲନାଡୁ ସରକାର ଅସାଧୁ ଏବଂ ସେମାନେ ରାଜନୀତି ପାଇଁ ରାଜ୍ୟର ଛାତ୍ରୀଛାତ୍ରଙ୍କ ଭବିଷ୍ୟତକୁ ନଷ୍ଟ କରୁଛନ୍ତି। ସେମାନେ ଲୋକଙ୍କୁ ବିଭ୍ରାନ୍ତ କରିବା ସହ ଛାତ୍ରୀଛାତ୍ରଙ୍କ ପ୍ରତି ଅନ୍ୟାୟ କରୁଛନ୍ତି। ସେମାନେ ଅଗଣତାନ୍ତ୍ରିକ। ଷ୍ଟାଲିନ୍ ମଧ୍ୟ ପିଏମ୍‌ଶ୍ରୀ ଯୋଜନା ପାଇଁ ଏମ୍‌ଓୟୁ ସ୍ୱାକ୍ଷର କରିବାକୁ ପୂର୍ବରୁ ରାଜି ଥିଲେ। ତେବେ ହଠାତ୍ କେହି ସୁପର ମୁଖ୍ୟମନ୍ତ୍ରୀ ଉଭାହେବାରୁ ସେ ୟୁ-ଟର୍ନ ନେଲେ ବୋଲି ଶିକ୍ଷାମନ୍ତ୍ରୀ କହିଥିଲେ।

ଶିକ୍ଷାମନ୍ତ୍ରୀଙ୍କ ମନ୍ତବ୍ୟକୁ ଡିଏମ୍‌କେ ସଦସ୍ୟମାନେ ଦୃଢ଼ ବିରୋଧ କରିବା ସହ କେନ୍ଦ୍ର ସରକାର ବିରୋଧରେ ସ୍ଲୋଗାନ ଦେଇଥିଲେ। ସଦସ୍ୟମାନେ ନିଜ ଆସନକୁ ଫେରିଯାଇ ଗୃହକାର୍ଯ୍ୟ ସ୍ୱାଭାବିକ ହେବାକୁ ଦେବା ନିମନ୍ତେ ବାଚସ୍ପତି ଓମ୍ ବିର୍ଲା ଅନୁରୋଧ କରିବା ସତ୍ତ୍ୱେ ସେମାନେ ଶୁଣି ନ ଥିଲେ। ଫଳରେ ବାଚସ୍ପତି ମଧ୍ୟାହ୍ନ ୧୨ଟା ପର୍ଯ୍ୟନ୍ତ ଗୃହକୁ ମୁଲତବୀ ରଖିଥିଲେ। ୧୨ଟାରେ ଗୃହକାର୍ଯ୍ୟ ପୁନର୍ବାର ଆରମ୍ଭ ହେବା ପରେ ଡିଏମ୍‌କେ ସଦସ୍ୟ କାନିମୋଝି କହିଥିଲେ ଶିକ୍ଷାମନ୍ତ୍ରୀଙ୍କ ନିର୍ଦ୍ଦିଷ୍ଟ ଶବ୍ଦ ତାଙ୍କୁ ଆଘାତ ଦେଇଛି। ସେ ଓ ଅନ୍ୟ ଡିଏମ୍‌କେ ଏମ୍‌ପି ଏବଂ ତାମିଲନାଡୁ ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ରଙ୍କୁ ଭେଟି ଶିକ୍ଷା ଯୋଜନାରେ ପାଣ୍ଠି ମଞ୍ଜୁର କରିବାକୁ ନିବେଦନ କରିଥିଲେ। ଏନ୍‌ଇପିକୁ ଆମେ ପୂର୍ଣ୍ଣ ମାତ୍ରାରେ ଗ୍ରହଣ କରିପାରିବୁ ନାହିଁ ବୋଲି କହିଥିଲୁ। ତ୍ରିଭାଷୀ ସୂତ୍ର ତାମିଲନାଡୁରେ ଗ୍ରହଣୀୟ ନୁହେଁ ବୋଲି କୁହାଯାଇଥିଲା। ମୁଖ୍ୟମନ୍ତ୍ରୀ ଷ୍ଟାଲିନ୍ ମଧ୍ୟ ଶିକ୍ଷାମନ୍ତ୍ରୀ ଏବଂ ପ୍ରଧାନମନ୍ତ୍ରୀଙ୍କୁ ଚିଠି ଲେଖି ଏନ୍‌ଇପିକୁ ନେଇ ଆପତ୍ତି ରହିଥିବା ଜଣାଇଥିଲେ। କାନିମୋଝି ଯଦି କହୁଛନ୍ତି ମୁଁ କହିଥିବା ଏକ ନିର୍ଦ୍ଦିଷ୍ଟ ଶବ୍ଦ ତାମିଲନାଡୁ ସରକାର ଓ ଜନସାଧାରଣଙ୍କ ପାଇଁ ବ୍ୟବହାର କରିବା ଉଚିତ ନ ଥିଲା ଏବଂ ଏହା ତାଙ୍କୁ ଆଘାତ ଦେଇଛି, ତେବେ ତାକୁ ପ୍ରତ୍ୟାହାର କରିନେଉଛି ବୋଲି ଧର୍ମେନ୍ଦ୍ର କହିଥିଲେ। ତାମିଲନାଡୁ ଶିକ୍ଷାମନ୍ତ୍ରୀ ଏବଂ ଏମ୍‌ପିମାନେ ତାଙ୍କୁ ଭେଟିବା ସମୟରେ ନିର୍ଦ୍ଦିଷ୍ଟ ପ୍ରସଙ୍ଗରେ ସହମତ ହୋଇଥିଲେ। ମୁଖ୍ୟମନ୍ତ୍ରୀଙ୍କୁ ସେମାନେ ଜଣାଇବା ପରେ ସେ ମଧ୍ୟ ସହମତି ପ୍ରଦାନ କରିଥିଲେ। ସେମାନେ ଅଣଆନୁଷ୍ଠାନିକ ଭାବେ ତାହା ଜଣାଇଥିଲେ। ଆଜି ସେମାନେ ପୂର୍ବ ପ୍ରସଙ୍ଗକୁ ଫେରିବା ଆବଶ୍ୟକ ବୋଲି ଧର୍ମେନ୍ଦ୍ର କହିଥିଲେ। ଶିକ୍ଷାମନ୍ତ୍ରୀ ଆପତ୍ତିଜନକ ଶବ୍ଦକୁ ପ୍ରତ୍ୟାହାର କରିନେବା ପରେ ଏହାକୁ ବିବରଣୀରୁ ବାଦ୍ ଦେବା ପାଇଁ ବାଚସ୍ପତି ନିର୍ଦ୍ଦେଶ ଦେଇଥିଲେ।

ତାମିଲନାଡୁ ସରକାର ଅସାଧୁ ଏବଂ ଛାତ୍ରୀଛାତ୍ରଙ୍କ ଭବିଷ୍ୟତ ନଷ୍ଟ କରୁଛନ୍ତି ବୋଲି ଧର୍ମେନ୍ଦ୍ର କହିଥିବାରୁ ଷ୍ଟାଲିନ୍ ତାଙ୍କୁ କଡ଼ା ସମାଲୋଚନା କରିଛନ୍ତି। ଶିକ୍ଷାମନ୍ତ୍ରୀ ନିଜକୁ ଜଣେ ରାଜା ଭାବି ଅହଂକାରୀ କଥା କହୁଛନ୍ତି। ସେ ଶୃଙ୍ଖଳିତ ହୁଅନ୍ତୁ ଓ ନିଜ ତୁଣ୍ଡକୁ କାବୁରେ ରଖନ୍ତୁ ବୋଲି ଷ୍ଟାଲିନ୍ ଏକ୍ସ'ରେ ଲେଖିଛନ୍ତି। ଷ୍ଟାଲିନ୍ କହିଛନ୍ତି, ତାମିଲନାଡୁ ଜାତୀୟ ଶିକ୍ଷାନୀତି ଯୋଜନା କାର୍ଯ୍ୟକାରୀ କରିବାକୁ ଚାହୁଁନାହିଁ। ଏଥିପାଇଁ କେହି ତାଙ୍କୁ ବାଧ କରିପାରିବେ ନାହିଁ। ଆପଣ ତାମିଲନାଡୁ ଜନସାଧାରଣଙ୍କୁ ଅପମାନିତ କରିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏହାକୁ ଗ୍ରହଣ କରିବେ କି ବୋଲି ଷ୍ଟାଲିନ୍ ଧର୍ମେନ୍ଦ୍ରଙ୍କୁ ପ୍ରଶ୍ନ କରିଛନ୍ତି। ଆମେ ଲୋକଙ୍କ ଭାବନାକୁ ସମ୍ମାନ ଦେଇ କାର୍ଯ୍ୟ କରୁଛୁ, ଆପଣମାନଙ୍କ ଭଳି ନାଗପୁରର ନିର୍ଦ୍ଦେଶ ମାନିବାକୁ ବାଧ ନୋହୁଁ। ଆପଣଙ୍କ ଯୋଜନା ଆମେ କାର୍ଯ୍ୟକାରୀ କରିବାକୁ ଚାହୁଁନାହୁଁ ଏବଂ ଏଥିପାଇଁ ଆମକୁ ବାଧ କରାଯାଇ ପାରିବ ନାହିଁ। ତାମିଲନାଡୁ ଛାତ୍ରୀଛାତ୍ରଙ୍କ ପାଣ୍ଠି ଏବଂ ଆମଠାରୁ ସଂଗ୍ରହ କରିଥିବା ଟିକସ ଫେରାଇବା ସମ୍ଭବ କି ନୁହେଁ, ତାହାର ଉତ୍ତର ଦିଅନ୍ତୁ ବୋଲି ଷ୍ଟାଲିନ୍ ଧର୍ମେନ୍ଦ୍ରଙ୍କୁ ପ୍ରଶ୍ନ କରିଛନ୍ତି।

ଧର୍ମେନ୍ଦ୍ରଙ୍କ ମନ୍ତବ୍ୟକୁ ଅନ୍ୟ ବିରୋଧୀ ଦଳଗୁଡ଼ିକ ମଧ୍ୟ ସମାଲୋଚନା କରିଛନ୍ତି। ଦକ୍ଷିଣ ଭାରତୀୟ ଲୋକମାନଙ୍କୁ ସମାନ ସମ୍ମାନ ଦିଆଯାଉ ବୋଲି କଂଗ୍ରେସ ଏମ୍‌ପି ମାଲୁ ରବି କହିଛନ୍ତି। ତ୍ରିଭାଷୀ ନୀତିକୁ ଗ୍ରହଣ ନ କରିବା ପାଇଁ ତାମିଲନାଡୁରେ ସାମାଜିକ ଏବଂ ରାଜନୈତିକ ସର୍ବସମ୍ମତି ପ୍ରକାଶ ପାଇଥିବା କଂଗ୍ରେସର କାର୍ତ୍ତି ଚିଦାମ୍ବରମ୍ କହିଛନ୍ତି। ହିନ୍ଦୀ ଭାଷାକୁ ତାମିଲନାଡୁ କଦାପି ଗ୍ରହଣ କରିବ ନାହିଁ। ଦ୍ୱିଭାଷୀ ନୀତି ଆମ ପାଇଁ ଭଲ ବୋଲି କାର୍ତ୍ତି କହିଛନ୍ତି।

## ଆଇପିଏଲ୍ ବେଳେ...

ଓ ମଦ ସେବନ ଯୋଗୁ ହେଉଛି। ଗୁଟ୍‌ଖା ସମ୍ପର୍କିତ ମୃତ୍ୟୁ ହାରରେ ଆମେ ବିଶ୍ୱର ଦ୍ୱିତୀୟ ସ୍ଥାନରେ ଅଛୁ। ଗୁଟ୍‌ଖା ଯୋଗୁ ବର୍ଷକୁ ପ୍ରାୟ ୧୪ ଲକ୍ଷ ଲୋକ ମୃତ୍ୟୁ ବରଣ କରୁଥିବା ବେଳେ ଭାରତୀୟମାନେ ସାଇକୋଆକ୍ଟିଭ ଦ୍ରବ୍ୟ ଭାବେ ମଦ ବ୍ୟବହାର କରନ୍ତି। ଯୁବ ପିଢ଼ି ଲାଗି କ୍ରିକେଟ ଖେଳାଳିମାନେ ରୋଲ ମଡେଲ। ଏଣୁ ସେମାନେ ସୁସ୍ଥ ଓ ସକ୍ରିୟ ଜୀବନଶୈଳୀର ପ୍ରଚାରରେ ସାମିଲ ହେବା ଉଚିତ। ଆଇପିଏଲ୍ ଦେଶର ସବୁଠୁ ବଡ଼ କ୍ରୀଡ଼ାଭିତ୍ତିକ ପ୍ଲାଟଫର୍ମ ହୋଇଥିବାରୁ ସାର୍ବଜନୀନ ସ୍ୱାସ୍ଥ୍ୟକୁ ପ୍ରୋତ୍ସାହିତ କରିବା ପାଇଁ ଏହାର ଏକ ସାମାଜିକ ଓ ନୈତିକ ଦାୟିତ୍ୱ ରହିଛି।

## ଦ୍ୱିତୀୟ ବିବାହ...

ଘରେ ରଖିଥିଲି। ପିଉସୀ ଓ ବାପାଙ୍କ ବୁଝାଶୁଝା ପରେ କିଛି ମାସ ତଳେ ଦୁଇ ନାତି ନିଜ ଗାଁକୁ ଫେରିଥିଲେ। ଜ୍ୱାଇଁଙ୍କ ବିବାହ ପ୍ରସ୍ତାବ ଆସିଥିଲା। ଏହାକୁ ଉଭୟ ପୁଅ ବିରୋଧ କରୁଥିଲେ। ଏଣୁ ମୋର ଦୁଇ ନାତିଙ୍କୁ ହତ୍ୟା କରି ବିବାହ କରିବାର ରାସ୍ତାକୁ ପରିଷ୍କାର କରି ଦିଆଯାଇଛି। ୨ ନାତିଙ୍କୁ ହତ୍ୟା କରି ତାଙ୍କୁ ମୋଡି ମକଚି ଆତ୍ମହତ୍ୟା ରୂପ ଦେବାକୁ ଚେଷ୍ଟା କରାଯାଉଛି। ମୋ ଝିଅ ଓ ଦୁଇ ନାତିଙ୍କୁ ଚାଲାକ କରି ମାରି ଦିଆଗଲା। ଜେଜେମା ସଉରୀ ମହାନ୍ତି କହିଛନ୍ତି, ବୋହୂ ମୃତ୍ୟୁ ପରେ ୨ ନାତି ଓ ପୁଅକୁ ସବୁଦିନ ରୋଷେଇ କରି ଦେବା ମୋ ପକ୍ଷେ ସମ୍ଭବ ନ ଥିଲା। ଏଣୁ ୨ୟ ବିବାହ କରିବାକୁ ପୁଅକୁ କହିଥିଲି। ବାପାଙ୍କୁ ବିବାହ କରିବାକୁ ୨ ନାତି ଚାହୁଁ ନ ଥିଲେ। ହେଲେ ସେମାନେ ପରିବାରର ଅସୁବିଧା ଦେଖି ପାରୁ ନ ଥିଲେ। ସାନ ନାତିକୁ ବାନ୍ଧି ଶିଡି ରେଲିଂରେ ଝୁଲାଇ ବଡ ନାତି ନିଜେ ଆତ୍ମହତ୍ୟା କରିଥିଲା। ଦୁଇ ନାତିଙ୍କୁ ସୋମବାର ସକାଳେ ଖୋଜିବା ପରେ ପାଇ ନ ଥିଲି। ଶିଡିରେ ଦୁଇ ନାତି ଝୁଲିବା ଦେଖି ମୋର କିଛି ଆତ୍ମୀୟ ଲୋକଙ୍କୁ ଡାକି ସେମାନଙ୍କୁ ଖୋଲିଥିଲୁ। ହେଲେ ଉଭୟେ ବଞ୍ଚି ନ ଥିଲେ। ଗାଁର କିଛି ଲୋକଙ୍କ ସୂଚନା ଅନୁସାରେ, ମା'ର ସ୍ଥାନ କେହି ନେଇ ପାରିବେନି। ମା' ମୃତ୍ୟୁ ପରେ ୨ ପୁଅଙ୍କ ଚଳିବା କାଠିକର ପାଠ ହୋଇପଡିଥିଲା। ମା' ମରିଯିବା ଓ ବାପା ୨ୟ ବିବାହ କରିବାକୁ ନେଇ ଦୁଇ ଭାଇ ଚିନ୍ତିତ ହୋଇ ପଡ଼ିଥିଲେ। ଏଣୁ ବାପାଙ୍କ ବିବାହକୁ ବିରୋଧ କରୁଥିଲେ। ବିବାହରେ ଦୁଇ ପୁଅ ବାଧକ ସାଜୁଥିବା ଦେଖି ବାପା ବିରକ୍ତ ହୋଇ ଉଭୟଙ୍କୁ ହତ୍ୟା କରିଛନ୍ତି। ତେବେ ଘଟଣାକୁ ଆତ୍ମହତ୍ୟା ରୂପ ଦେବା ପାଇଁ ନିଜେ ଘରେ ନ ରହି ବାହାରକୁ ଚାଲି ଯାଇଥିଲେ। ୨ ଭାଇ ଭଲ ପଢୁଥିଲେ। ସେମାନେ କାହିଁକି ଆତ୍ମହତ୍ୟା କରିବେ। ୨ ପୁଅଙ୍କ ମୃତ୍ୟୁକୁ ନେଇ ଗୋଟିଏ ପରିବାରରୁ ଶୁଣାଯାଉଥିବା କଥାରେ ଭିନ୍ନତା ଆସୁଥିବାରୁ ମୃତ୍ୟୁର କାରଣ ହତ୍ୟାକୁ ସ୍ପଷ୍ଟ କରୁଛି ବୋଲି କୁହାଯାଉଛି।

## ୬ ଘଣ୍ଟାରୁ କମ୍...

ପାଇଁ ୯% ଲୋକ ନିଜ ପିଲାମାନଙ୍କୁ କିମ୍ବା ପାର୍ଟନରଙ୍କୁ ଦାୟୀ କରିଛନ୍ତି। ୬% ଲୋକ କମ୍ ସମୟ ଶୋଇବା ପାଇଁ ମୋବାଇଲ ଫୋନ୍ ଏବଂ ମେସେଜ୍‌କୁ ଦାୟୀ କରିଛନ୍ତି। ତେବେ ୱିକ୍‌ଏଣ୍ଡ ଛୁଟିରେ ଅଧିକ ସମୟ ଶୋଇ ନିଜ ନିଦ୍ରା ଅଭାବକୁ ପୂରଣ କରୁଥିବା ନେଇ ୨୩% ଉତ୍ତରଦାତା କହିଛନ୍ତି। ରବିବାର ଦ୍ୱିପ୍ରହରରେ ଶୋଉଥିବା ନେଇ ୩୬% ଲୋକ କହିଛନ୍ତି। ତେବେ ୩୮% ଉତ୍ତରଦାତା ସେମାନଙ୍କ ୱିକ୍‌ଏଣ୍ଡ ଛୁଟିରେ ମଧ୍ୟ ନିଜ ନିଦ୍ରା ଅଭାବକୁ ପୂରଣ କରିପାରୁ ନାହାନ୍ତି ବୋଲି ଏହି ସର୍ଭେରେ କୁହାଯାଇଛି। ଲୋକାଲ ସର୍କଲ୍ସର ପ୍ରତିଷ୍ଠାତା ସଚିନ ତାପାରିଆ କହିଛନ୍ତି, ବିଶ୍ୱରେ ନିଦ୍ରା ଅଭାବ ସର୍ବାଧିକ ଥିବା ଦେଶଗୁଡ଼ିକରେ ଭାରତ ଅନ୍ୟତମ। ଦେଶର ପ୍ରାୟ ୧୦ରୁ ୬ ଜଣ ଲୋକ ଦୈନିକ ୬ ଘଣ୍ଟାରୁ କମ୍ ଶୋଇବା ନିଶ୍ଚିତ ଭାବେ ଚିନ୍ତାଜନକ ପ୍ରସଙ୍ଗ। ଏହାଫଳରେ ଲୋକଙ୍କଠାରେ ଉଚ୍ଚ ରକ୍ତଚାପ, ହୃଦ୍‌ରୋଗ, ଷ୍ଟ୍ରୋକ୍, ମୋଟାପଣ, ମଧୁମେହ ଆଦି ରୋଗର ବିପଦ ବଢ଼ିଥାଏ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଛଳକୁ ମରେ**
**ସବୁ ଚିରାକନା ଗଣ୍ଡିଲି କରେ**
**ହକାଳି ହକାଳି ଶୁଖେଇ ମରେ।**

ଗଣ୍ଡିଲି ଯାକ ଚିରାକନାକୁ ଧୋଇ ଶୁଖାଇବା ବଡ କଷ୍ଟକର କାମ ହୋଇଥାଏ। ଏହା ଜାଣିବା ସତ୍ତ୍ୱେ ନିରୀହ ବ୍ୟକ୍ତି ନିଜ ଦୁଃଖ କଷ୍ଟକୁ ଭୁଲି ସେଭଳି କାର୍ଯ୍ୟରେ ହାତ ଦେବାକୁ ବାଧ ହୋଇଥାନ୍ତି। ସାଧାରଣତଃ ସରଳ ପ୍ରକୃତି ବ୍ୟକ୍ତିଙ୍କ ଉପରେ ସମସ୍ତେ ଦାଉ ସାଧିଥାନ୍ତି। ଅନ୍ୟର ଛନ୍ଦ କପଟ ଜାଣୁ ନ ଥିବା ବ୍ୟକ୍ତି ସ୍ଥଳବିଶେଷରେ ହଇରାଣ ହରକତ ହେବା ସହ ଦୁଃଖ ଦୁର୍ଦ୍ଦଶା ଭୋଗ କରୁଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଛେଚା ଗରଗଡ଼ ମାଳି**
**ଛେଚୁଥିଲେ ମୋର ଦିହକୁ ସୁହାଏ**
**ନ ଛେଚିଲେ ଘରେ କଳି।**

କଥାରେ କୁହନ୍ତି ମାଡକୁ ମହାଦେବଙ୍କ ଡର। ମାଡୁଆ ପ୍ରକୃତିର ବ୍ୟକ୍ତିଙ୍କୁ କେବଳ ମାଡ଼ ଦ୍ୱାରା ଶାସନ କରି ହୋଇଥାଏ। ବେଳେ ବେଳେ ଅବାଧ୍ୟକୁ ସାଧ କରିବାକୁ ହେଲେ ଟିକେ ଗରମ ଦେଖାଇବାକୁ ପଡିଥାଏ। ମାଡ ବସାଇଲେ ସିଏ ବଳେ ସାବାଡ ହୋଇଯାଏ। ମାଡ ଖାଇବା ପରେ କିଛିଟା ନରମ ଅବସ୍ଥା ସୃଷ୍ଟି ହେବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ – ଫ୍ରେଣ୍ଡସ୍ ପବ୍ଲିଶର୍ସ

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ଆଜିର ଅନୁକୂଳ ଗ୍ରହ ସ୍ଥିତି ପ୍ରଭାବରେ ପାରିବାରିକ ଏବଂ କର୍ମକ୍ଷେତ୍ରର ପାରିପାର୍ଶ୍ୱିକ ପରିସ୍ଥିତି ଭଲ ରହିବ। ଦୈହିକ ସୁସ୍ଥତା, ଅର୍ଥ ଲାଭ ସାଙ୍ଗକୁ ଯାତ୍ରା, ବାଣିଜ୍ୟ, କ୍ରୟବିକ୍ରୟ କ୍ଷେତ୍ରରୁ ଉପକୃତ ହେବେ। ସାହିତ୍ୟ, ସଙ୍ଗୀତ, ଚଳଚ୍ଚିତ୍ର ଓ ରଚନାତ୍ମକ କାର୍ଯ୍ୟରେ ଅଗ୍ରଗତି ଘଟିବ। ସଭାକୁ ନିମନ୍ତ୍ରଣ ଏବଂ ସାମାଜିକ ସ୍ତରରେ ସମ୍ମାନିତ ହେବେ।

**ବୃଷ**
ମଙ୍ଗଳଙ୍କ ପ୍ରଭାବରେ ରୁକ୍ଷ ବ୍ୟବହାରଜନିତ ପାରିବାରିକ ଅସ୍ଥିରତା ମାନସିକ ସ୍ଥିତିକୁ ବିଗାଡ଼ିଦେବ। ବୁଧଙ୍କ ଶୁଭଦୃଷ୍ଟିରୁ ଆଶା କରୁଥିବା ଦିଗରୁ ଅର୍ଥ ପାଇ ଖୁସି ହେବେ। ବନ୍ଧୁଙ୍କଠାରୁ ଉତ୍ସାହ ଓ ପ୍ରେରଣା ପାଇ ଦୁଃସାଧ କାର୍ଯ୍ୟ ସାଧନ କରିପାରନ୍ତି। ଆଲୋଚନା କ୍ଷେତ୍ରରେ ବନ୍ଧୁ ଗହଣରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତିନେବାକୁ ପଡ଼ିପାରେ।

**ମିଥୁନ**
କର୍ମଭାବସ୍ଥ ବୁଧ ଓ ଶୁକ୍ର ବନ୍ଧୁଙ୍କ ସହ ଆଲୋଚନା, ନୂତନ ସମ୍ପର୍କ ସୃଷ୍ଟି ସକାଶେ ଅନୁକୂଳ ପରିବେଶ ସୃଷ୍ଟି କରିବାକୁ ପଡ଼ିପାରେ। ପ୍ରତ୍ୟୁଷ ଯାତ୍ରା ପାଇଁ ପ୍ରତିକୂଳ ନ ହେଲେ ମଧ୍ୟ ଖର୍ଚ୍ଚାନ୍ତ ହୋଇ କାମ ହାସଲ କରିବେ। ବ୍ୟବସାୟରେ ଲକ୍ଷ୍ୟ ହାସଲରେ ଅସୁବିଧା ହେବ ନାହିଁ। କେତେକ କାମ ସକାଶେ ପରିବାରରୁ ସମାଲୋଚିତ ହେବାକୁ ପଡ଼ିବ।

**କର୍କଟ**
ସ୍ୱଗୃହୀ ରାଶିସ୍ଥ ଚନ୍ଦ୍ର ପ୍ରଭାବରେ କୌଣସି କାମ ଅଟକିବ ନାହିଁ ତଥାପି ଟେନ୍‌ସନ ଲାଗି ରହିବ। ଆଜି ଆର୍ଥିକ ସ୍ଥିତି ଭଲ ରହିବ କିମ୍ବା ଅର୍ଥ ସମ୍ପର୍କିତ ସମସ୍ୟା ରହିଥିଲେ ତାହା ସୁଧୁରିଯିବ। ଆଜିର କର୍ମକ୍ଷେତ୍ରରେ ଦ୍ୱନ୍ଦ୍ୱରେ ପଡ଼ି ଠିକ୍ ନିଷ୍ପତ୍ତି ନେଇପାରିବେ ନାହିଁ। ଉଚ୍ଚବର୍ଗଙ୍କ ସାହାଯ୍ୟ ଓ ବନ୍ଧୁମିଳନରୁ ଉତ୍ସାହିତ ହେବେ।

**ସିଂହ**
ବିଶିଷ୍ଟ ବ୍ୟକ୍ତିଙ୍କ ପୃଷ୍ଠପୋଷକତା ମାଧ୍ୟମରେ କାର୍ଯ୍ୟ ହାସଲ କରିବେ। ମାଲିମକଦ୍ଦମାରେ ବିଚାର ବିଳମ୍ବିତ ହେବାରୁ ମନ ଭଲ ରହି ନ ପାରେ। କର୍ମକ୍ଷେତ୍ରରେ ଅସମ୍ପୂର୍ଣ୍ଣ କାମକୁ ସମ୍ପୂର୍ଣ୍ଣ କରିବା ଦିଗରେ ଆଜି ଦିନଟିର ଅଧିକାଂଶ ସମୟ ବିତିବ। ବ୍ୟବସାୟ ଓ ପରିବହନରେ ହଠାତ୍ କୌଣସି ବିବାଦୀୟ ପରିସ୍ଥିତି ସୃଷ୍ଟିହେବା ଆଶଙ୍କା ରହିଛି।

**କନ୍ୟା**
ରାଶ୍ୟାଧିପତିଙ୍କ ଶୁଭଦୃଷ୍ଟିରୁ ବନ୍ଧୁଙ୍କ ସହାୟତାରେ କାର୍ଯ୍ୟସିଦ୍ଧି ଘଟିବ। ଆଜି ଯାହା କରନ୍ତୁନା କାହିଁକି ଅଧିକ ଖର୍ଚ୍ଚାନ୍ତ ହୋଇ କାମ ହାସଲ କରିବେ। ସହକର୍ମୀଙ୍କ ପାରସ୍ପରିକ ସାହାଯ୍ୟ ଓ ସହଯୋଗର ଅଭାବରୁ କର୍ମକ୍ଷେତ୍ରରେ ଅସ୍ଥିରତା ସୃଷ୍ଟି ସମ୍ଭାବନା ରହିଛି। ଘର ଲୋକଙ୍କୁ ଉପେକ୍ଷାକରି ପରକଥାରେ ଭୁଲ୍ ମାର୍ଗର ଅନୁସରଣ କରିପାରନ୍ତି।

**ତୁଳା**
ଭାଗ୍ୟାଧିପ ବୁଧ ଦୁଃସ୍ଥାନରେ ବଳହୀନ ହେବାରୁ କାର୍ଯ୍ୟରେ ସାହାଯ୍ୟ କରିବାକୁ ଅସମର୍ଥ ହୋଇପାରନ୍ତି। ସମ୍ପର୍କୀୟଙ୍କଠାରୁ ଆଶାନୁରୂପ ସାହାଯ୍ୟ ପାଇବା କାଠିକର ପାଠ ହେବ। ପାରିବାରିକ ଅଶାନ୍ତି ହେତୁକ କୌଣସି କାମ ଉତ୍ସାହପ୍ରଦ ହେବ ନାହିଁ। ମାଲିମକଦ୍ଦମା, ଆପୋସ ଆଲୋଚନା ଦ୍ୱାରା ସମସ୍ୟାର ସମାଧାନ ହୋଇଯିବ।

**ବିଛା**
ବକ୍ରୀ ଶୁକ୍ରଙ୍କ ସହ ରାହୁ ଓ ବୁଧ ଅବସ୍ଥାନ ପରିପ୍ରେକ୍ଷୀରେ ମନରେ ବିବାଦୀୟ ଚିନ୍ତାଧାରା ଉତ୍ପନ୍ନ ହେବ। ପରିବାରର ବିଭିନ୍ନ ସମସ୍ୟା ଚିନ୍ତାକରି ମନ ଭାରାକାନ୍ତ ରହିବ। ଆବଶ୍ୟକତା ପୂରଣ କରିବାକୁ ଯାଇ ଧାରକରଜକରି ଆବଶ୍ୟକତା ଚଳାଇ ନେବେ। ସଙ୍ଗୀତ, ଚଳଚ୍ଚିତ୍ର, କ୍ରୀଡ଼ା, ପ୍ରତିଯୋଗିତା କ୍ଷେତ୍ରରେ ସଫଳତା ପାଇବେ।

**ଧନୁ**
ଗୁରୁ ଓ ଶୁକ୍ରଙ୍କ କ୍ଷେତ୍ର ବିନିମୟର ସୁଫଳ ସ୍ୱରୂପ ପ୍ରତ୍ୟେକ କାର୍ଯ୍ୟରେ ସଫଳତା ପାଇବେ। ସାହିତ୍ୟଚର୍ଚ୍ଚା, ସାମ୍ବାଦିକତା, ଯାନବାହନ, ନିର୍ମାଣ ଓ ଯାତ୍ରାରୁ ସୁଫଳ ମିଳିବ। କଠୋର କଥା କହିବାରୁ ପରିବାରରେ ନିଜ ନିଜ ମଧ୍ୟରେ କଳହ ଦେଖାଦେବ। ନିକଟ ସମ୍ପର୍କୀୟଙ୍କ ମିଥ୍ୟା ଗୁଜବରେ ଆତଙ୍କିତ ହୁଅନ୍ତୁ ନାହିଁ।

**ମକର**
ଆଜିର ଚର ରାଶିସ୍ଥ ସପ୍ତମ ଚନ୍ଦ୍ର ଆପଣଙ୍କୁ ଭାବପ୍ରବଣ କରାଇବା ସହ ମାନସିକ ଅସ୍ଥିରତା ସୃଷ୍ଟି କରାଇବ। ପରିବାରରେ ଭୁଲ୍ ବୁଝାମଣା କାରଣରୁ କଳହର ସମ୍ମୁଖୀନ ହୋଇପାରନ୍ତି। ଘରର କେତେକ ଅତ୍ୟାବଶ୍ୟକ ଜିନିଷ ଆଣିବାକୁ ବାଧ ହୋଇପାରନ୍ତି। କର୍ମକ୍ଷେତ୍ରରେ ସମସ୍ୟା କାରଣରୁ ମନ ବିଚଳିତ ଅବଶ୍ୟ ରହିପାରେ।

**କୁମ୍ଭ**
ଆଜିର ଗ୍ରହ ସ୍ଥିତି ପ୍ରଭାବରେ ମନ ଯେମିତି ଚାହୁଁଛି ସେମିତି କାମ କରିବାରେ ଅସୁବିଧା ରହିବ ନାହିଁ। ଧାର୍ମିକ ଅନୁଷ୍ଠାନ, ସଭାସମିତି, ପ୍ରଶାସନିକ ସ୍ତରରେ ଆଲୋଚନା ସାଙ୍ଗକୁ ଶିଳ୍ପ, ବାଣିଜ୍ୟ, ବ୍ୟବସାୟ ଓ ପରିବହନ ପାଇଁ ବିଶେଷ ଅସୁବିଧା ହେବ ନାହିଁ। ପୈତୃକ ସମ୍ପତ୍ତିକୁ କେନ୍ଦ୍ରକରି କଳହ ସୃଷ୍ଟିହେବା ଆଶଙ୍କା ରହିଛି।

**ମୀନ**
ରାହୁଙ୍କ ପ୍ରଭାବରେ ଭୁଲ୍ ବୁଝାମଣାଜନିତ ଭଲ ସମ୍ପର୍କ ଛିନ୍ନ ହୋଇଯିବା ଆଶଙ୍କା ରହିଛି। ନିଜର ଲୋକଙ୍କ କଦର୍ଯ୍ୟ ବ୍ୟବହାରରେ ଅସନ୍ତୁଷ୍ଟ ହୋଇପାରନ୍ତି। କର୍ମକ୍ଷେତ୍ରରେ ଈର୍ଷାପରାୟଣ ବନ୍ଧୁମାନେ ସମ୍ମୁଖରେ ନୀରବରହି ପଛରେ ବହୁ କଥା କହିବେ। ସହକର୍ମୀଙ୍କ ସାହାଯ୍ୟରୁ ଅର୍ଥାଭାବ କେତେକାଂଶରେ ଦୂରୀଭୂତ ହୋଇଯିବ।

ଆଜି ମାର୍ଚ୍ଚ ୧୧ ତାରିଖ, ଶାସ୍ତ୍ରୀୟ ଓଡ଼ିଆ ଭାଷା ଦିବସ, ଫାଲ୍‌ଗୁନ ଶୁକ୍ଳ ଦ୍ୱାଦଶୀଯୁକ୍ତ ତ୍ରୟୋଦଶୀ, ମଙ୍ଗଳବାର। ରାଶିନକ୍ଷତ୍ର-ଅଶ୍ଳେଷା/କର୍କଟ, ତ୍ରୟୋଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ଦିବା ଘ. ୦୮।୫୯ ଗତେ, ଘ.୧୦।୪୫ ମଧ୍ୟେ, ଘ.୦୧।୦୭ ଗତେ, ଘ.୦୧।୨୫ ମଧ୍ୟେ ଶୁଦ୍ଧ ଶୁଭବେଳା। ଦିବା ଘ.୦୨।୫୪ ଗତେ, ଘ.୦୪।୨୨ ମଧ୍ୟେ ରାହୁକାଳ।

# ବିରୋଧୀଙ୍କ ହଟ୍ଟଗୋଳରେ ଦିନତମାମ ହୁଲ୍‌ସ୍ଥୁଲ ବିଧାନସଭା

ଭୁବନେଶ୍ୱର, ୧୦।୩(ସୁନିତ୍ ମିଶ୍ର)

■ ଜୟନାରାୟଣଙ୍କ ମନ୍ତବ୍ୟକୁ ନେଇ ଶାସକ ଦଳକୁ ବିଜେଡିର ଟାର୍ଗେଟ
■ ମହିଳା ସୁରକ୍ଷା ପ୍ରସଙ୍ଗରେ କଂଗ୍ରେସର ପ୍ରତିବାଦ
■ ବାଚସ୍ପତିଙ୍କ ମାଇକ୍ ଭାଙ୍ଗିଦେଲେ ତାରା, ଉପରକୁ ପ୍ଲାକାର୍ଡ, ବ୍ୟାନର ଫିଙ୍ଗିଲେ
■ ଗାନ୍ଧୀ ମୂର୍ତ୍ତି ତଳେ କଂଗ୍ରେସ, ଗୋପବନ୍ଧୁ ମୂର୍ତ୍ତି ତଳେ ବିଜେଡି ସଦସ୍ୟଙ୍କ ଧାରଣା

ବିଜେଡିର ଓଡ଼ିଆ ଅସ୍ମିତା ଏବଂ କଂଗ୍ରେସ ନାରୀ ସୁରକ୍ଷା ପ୍ରସଙ୍ଗରେ ସୋମବାର ଦିନତମାମ ବିଧାନସଭା ହୁଲ୍‌ସ୍ଥୁଲ ହୋଇଛି। କୌଣସି ପରିସ୍ଥିତିରେ ଦିନଯାକ ଭିତରେ ଗୃହରେ ଶାନ୍ତି ଫେରିପାରି ନ ଥିଲା। ପ୍ରଥମାର୍ଦ୍ଧରେ ୩ଥର ଏବଂ ଦ୍ୱିତୀୟାର୍ଦ୍ଧରେ ୩ଥର ମୁଲତବୀ ହେବା ସତ୍ତ୍ୱେ ବିରୋଧୀ ସେମାନଙ୍କ ଜିଦ୍‌ରେ ଅଟଳ ରହିଥିଲେ। ସେହି ହୋହଲ୍ଲା ଭିତରେ ସୋମବାର ଗୃହ କାର୍ଯ୍ୟ ଶେଷ ହୋଇଯାଇଛି।

ଭାଜପା ବିଧାୟକ ଜୟନାରାୟଣ ମିଶ୍ରଙ୍କ ମନ୍ତବ୍ୟକୁ ବିଜେଡି ଦିନତମାମ୍ ବିଧାନସଭାରେ ନାରାବାଜି ପ୍ରତିବାଦ କରିଥିବା ଦେଖିବାକୁ ମିଳିଛି। ସେହିପରି ନାରୀ ସୁରକ୍ଷା ପ୍ରସଙ୍ଗ ଉଠାଇ କଂଗ୍ରେସ ମଧ୍ୟ ଗୃହରେ ପ୍ରବଳ ହଟ୍ଟଗୋଳ କରିଥିବା ଲକ୍ଷ୍ୟ କରାଯାଇଛି। ଗୃହ ୧୦ଟା ୩୦ରେ ଆରମ୍ଭ ହେବା ମାତ୍ରେ ବିଜେଡି ଓ କଂଗ୍ରେସ ସଦସ୍ୟମାନେ ହାତରେ ପ୍ଲାକାର୍ଡ ଧରି ବାଚସ୍ପତିଙ୍କ ପୋଡିୟମ ତଳକୁ ଆସି ପ୍ରବଳ ହଟ୍ଟଗୋଳ କରିଥିଲେ। 'ଓଡିଆ ଅସ୍ମିତା କୁଆଡେ ଗଲା ଜବାବ ଦିଅ' ନାରାରେ ବିଜେଡି ସଦସ୍ୟମାନେ ଗୃହ ହୁଲ୍‌ସ୍ଥୁଲ କରିବା ଆରମ୍ଭ କରିଦେଲେ। ସେହିପରି ନାରୀ ସୁରକ୍ଷା ସମ୍ବନ୍ଧୀୟ ନାରା ଦେଇ କଂଗ୍ରେସ ସଦସ୍ୟମାନେ ପାଟିତୁଣ୍ଡ କରିଥିଲେ। ୧୦ଟା ୩୦ରେ ପୂର୍ବତନ ବିଧାୟକ ତଥା ମନ୍ତ୍ରୀ ଅନନ୍ତ ଦାସଙ୍କ ବିୟୋଗରେ ଗୃହରେ ଶୋକପ୍ରସ୍ତାବ ଆଗତ ହୋଇଥିଲା। ଏକ ମିନିଟ୍ ଲାଗି ନୀରବ ପ୍ରାର୍ଥନା ହୋଇଥିଲା। ଏହାପରଠାରୁ ଗୃହ କାର୍ଯ୍ୟ ହଟ୍ଟଗୋଳ ଭିତରେ ୧୦ଟା ୪୧ ପର୍ଯ୍ୟନ୍ତ ଚାଲିପାରିଥିଲା। ବାଚସ୍ପତି ୧୦ଟା ୪୧ରେ ଗୃହକୁ ୧୨ଟା ୯ ପର୍ଯ୍ୟନ୍ତ ମୁଲତବୀ ଘୋଷଣା କରିଥିଲେ। ୧୨ଟା ୯ରୁ ପୁଣିଥରେ ଗୃହ କାର୍ଯ୍ୟ ଆରମ୍ଭ ହେବା ମାତ୍ରେ ପୂର୍ବସ୍ଥିତି ଦେଖିବାକୁ ମିଳିଥିଲା। ଏହାପରେ ବାଚସ୍ପତି ଗୃହକାର୍ଯ୍ୟ ୧୨ଟା ୨୨ ମିନିଟ୍‌ରୁ ୧ଟା ପର୍ଯ୍ୟନ୍ତ ମୁଲତବୀ ଘୋଷଣା କଲେ। ପୁଣିଥରେ ଦିନ ୧ଟାରୁ ଆରମ୍ଭ ହୋଇ ୧୦ ମିନିଟ୍ ଚାଲିବା ପରେ ବାଚସ୍ପତି ଅପରାହ୍ନ ୪ଟା ପର୍ଯ୍ୟନ୍ତ ଗୃହକୁ ମୁଲତବୀ ରଖିଥିଲେ। ସମାନ ସ୍ଥିତି ଭିତରେ ଅପରାହ୍ନ ୪ଟା ପରଠାରୁ ଗୃହ ୩ ଥର ବନ୍ଦ ହେବାପରେ ହଟ୍ଟଗୋଳ ଭିତରେ ବାଚସ୍ପତି ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ଏବଂ ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆ ବର୍ଗ କଲ୍ୟାଣ ବିଭାଗର ଖର୍ଚ୍ଚଦାବି ପାରିତ କରିଛନ୍ତି। ଗୃହ ମୁଲତବୀ ଘୋଷଣା ହେବାମାତ୍ରେ କଂଗ୍ରେସ ସଦସ୍ୟମାନେ ବିଧାନସଭା ପରିସରରେ ଥିବା ଗାନ୍ଧୀମୂର୍ତ୍ତି ତଳେ ଏବଂ ବିଜେଡି ସଦସ୍ୟମାନେ ମଧୁବାବୁଙ୍କ ମୂର୍ତ୍ତି ତଳେ ପ୍ଲାକାର୍ଡ ଧରି ଧାରଣାରେ ବସିଥିଲେ।

ସୋମବାର ଦ୍ୱିତୀୟ ଭାଗ ବିଧାନସଭା ଅଧିବେଶନ ଅପରାହ୍ନ ୪ଟା ସମୟରେ ଆରମ୍ଭ ହେବା ମାତ୍ରେ ବିରୋଧୀ ସମାନ ଢଙ୍ଗରେ ଗୃହ ମଧ୍ୟଭାଗକୁ ଆସି ଓଡ଼ିଆ ଅସ୍ମିତା ଓ କଂଗ୍ରେସ ନାରୀ ନିର୍ଯାତନା କଥା ଉଠାଇ ହୋହଲ୍ଲା ଆରମ୍ଭ କରିଥିଲେ। ଗୃହକୁ ସ୍ୱାଭାବିକ କରିବା ଲାଗି ବିରୋଧୀ ସଦସ୍ୟମାନଙ୍କୁ ବାଚସ୍ପତି ନିଜ ଆସନକୁ ଯିବା ଲାଗି ଅନୁରୋଧ କରିଥିଲେ। ହେଲେ ବିରୋଧୀ ସଦସ୍ୟମାନେ ନିଜ ଜିଦ୍‌ରେ ଅଟଳ ରହିଥିଲେ। ୪ଟା ୨ରେ ବାଚସ୍ପତି ଗୃହ କାର୍ଯ୍ୟ ସ୍ୱାଭାବିକ କରିବା ଲାଗି ଗୃହକୁ ୩୦ ମିନିଟ୍ ପାଇଁ ମୁଲତବୀ ରଖିଥିଲେ। ବିରୋଧୀ ଦଳ ଉପନେତା ପ୍ରସନ୍ନ ଆଚାର୍ଯ୍ୟ, ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ, ସଂସଦୀୟ ବ୍ୟାପାର ମନ୍ତ୍ରୀ ମୁକେଶ ମହାଲିଙ୍ଗ, ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ଶାସକ ଦଳ ମୁଖ୍ୟ ସଚେତକ ସରୋଜ କୁମାର ପ୍ରଧାନ, କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ, ବିରୋଧୀ ଦଳ ଉପମୁଖ୍ୟ ସଚେତକ ପ୍ରତାପ ଦେବ ଏବଂ ସିପିଆଇ ବିଧାୟକ ଲକ୍ଷ୍ମଣ ମୁଣ୍ଡାଙ୍କୁ ବାଚସ୍ପତି ଗୃହକୁ କିପରି ସୁରୁଖୁରୁରେ ଚଳାଇ ହେବ ତା' ଉପରେ ଆଲୋଚନା କରିବାକୁ ତାଙ୍କ ଚାମ୍ବରକୁ ଡକାଇଥିଲେ। ହେଲେ ଏହି ସମୟରେ ବରୋଧୀ ଦଳ ଉପନେତା ତାଙ୍କ ଆସନରୁ ଯାଇ ନ ଥିଲେ। ଉପବାଚସ୍ପତି ୪ଟା ୩୨ ମିନିଟ୍‌ରେ ଆସି ଗୃହ କାର୍ଯ୍ୟକୁ ଆହୁରି ୩୦ ମିନିଟ୍ ଲାଗି ମୁଲତବୀ ଘୋଷଣା କରିଥିଲେ। ପୁଣିଥରେ ୫ଟା ୨ ମିନିଟ୍‌ରେ ଉପବାଚସ୍ପତି ଆଉଥରେ ବାହାରକୁ ଆସି ଆହୁରି ୨୦ ମିନିଟ୍ ଲାଗି ଗୃହକୁ ମୁଲତବୀ ଘୋଷଣା କରିଥିଲେ। ୩ ଥର ମୁଲତବୀ ହେବାପରେ ଗୃହ ଯେତେବେଳେ ୫ଟା ୨୨ ମିନିଟ୍‌ରେ ଆରମ୍ଭ ହୋଇଥିଲା ବିରୋଧୀ ସଦସ୍ୟମାନେ ପୁଣି ସମାନ ସ୍ଥିତି ସୃଷ୍ଟି କରିଥିଲେ। ବିଜେଡି ସଦସ୍ୟମାନେ ଓଡ଼ିଆ ଅସ୍ମିତା କୁଆଡେ ଗଲା ଜବାବ ଦିଅ, ଓଡ଼ିଶାକୁ ବିଭାଜନ କରିବା ଚଳିବ ନାହିଁ ବୋଲି ନାରାବାଜି ଦେଇଥିଲେ। ଏହି ସମୟରେ କଂଗ୍ରେସ ସଦସ୍ୟମାନେ ମଧ୍ୟ ହଟ୍ଟଗୋଳ କରିଥିଲେ। ଏହି ସମୟରେ ବାଚସ୍ପତି ବିରୋଧୀ ସଦସ୍ୟମାନଙ୍କୁ ନିଜ ଆସନକୁ ଯିବା ଲାଗି ଅନୁରୋଧ କରିଥିଲେ। ହେଲେ ଏହି ସମୟରେ କଂଗ୍ରେସ ସଦସ୍ୟ ତାରାପ୍ରସାଦ ବାହିନୀପତି ଏବଂ ବିଜେଡି ସଦସ୍ୟ ରୋମାଞ୍ଚ ରଞ୍ଜନ ବିଶ୍ୱାଳ ବାଚସ୍ପତିଙ୍କ ପୋଡିୟମ ଉପରକୁ ଚଢିବା ଲାଗି ଉଦ୍ୟମ କରିଥିଲେ। ତାରା ବାହିନୀପତି ବାଚସ୍ପତିଙ୍କ ପୋଡିୟମ ପାଖରୁ ଲାଗିଥିବା ମାଇକ୍ କାଢି ଫୋପାଡି ଦେଇଥିଲେ। ଏହି ହଟ୍ଟଗୋଳ ଭିତରେ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ଏବଂ ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆ ବର୍ଗ କଲ୍ୟାଣ ବିଭାଗର ଖର୍ଚ୍ଚଦାବି ଆଲୋଚନାରେ ଶାସକ ଦଳର ୩ ଜଣ ସଦସ୍ୟ ଭାଗ ନେଇ ବିରୋଧୀ ଦସଦସ୍ୟଙ୍କୁ ଟାର୍ଗେଟ କରିଥିଲେ। ଏହାପରେ ବିଭାଗୀୟ ମନ୍ତ୍ରୀ ଉତ୍ତର ରଖିବା ବେଳେ କଂଗ୍ରେସ ସଦସ୍ୟମାନେ ଏହାକୁ ବିରୋଧ କରିଥିଲେ। ବେଙ୍କରେ ପକାଇଥିବା ନାରୀ ନିର୍ଯାତନା ସମ୍ପର୍କିତ ବ୍ୟାନର ଏବଂ ପ୍ଲାକାର୍ଡକୁ ବାଚସ୍ପତିଙ୍କ ଉପରକୁ ଫୋପାଡିଥିଲେ। ତାହା ମଧ୍ୟ ବାଚସ୍ପତିଙ୍କ ଉପରେ ପଡ଼ିଥିଲା। ଏହାପରେ ସେମାନେ ଗୃହ ଛାଡି ଚାଲିଯାଇଥିଲେ। ମନ୍ତ୍ରୀ ତାଙ୍କ ବିଭାଗର ଖର୍ଚ୍ଚଦାବି ଉପରେ ଉତ୍ତର ରଖିବା ପରେ ଏହାକୁ ଗୃହରେ ମଞ୍ଜୁର କରାଯାଇଥିଲା। ଶେଷରେ ୬ଟା ୭ ମିନିଟ୍ ସମୟରେ ବାଚସ୍ପତି ମଙ୍ଗଳବାର ପର୍ଯ୍ୟନ୍ତ ଗୃହକୁ ମୁଲତବୀ ଘୋଷଣା କରିଥିଲେ।

## ସୁହାଗପୁର ସରପଞ୍ଚ ଅଯୋଗ୍ୟ ଘୋଷିତ

କାକଟପୁର/ଅସ୍ତରଙ୍ଗ, ୧୦।୩(ଶୁଭ ଦର୍ଶନ ମିଶ୍ର/ପ୍ରଦୀପ୍ତ କୁମାର ଦୀକ୍ଷିତ)

ପୁରୀ ଜିଲା ନିମାପଡ଼ା ସିଭିଲ ଜଜ୍ ମିଥ୍ୟା ସତ୍ୟପାଠ ମାମଲାରେ ସୋମବାର ଜଣେ ସରପଞ୍ଚଙ୍କ ପଦବୀକୁ କୋର୍ଟ ଅସିଦ୍ଧ ଘୋଷଣା କରିବା ପରେ ପୁନଃ ନର୍ବାଚନ ଆଦେଶ ଦେଇଛନ୍ତି। ୨୦୨୨ ପଞ୍ଚାୟତ ନିର୍ବାଚନ ଲଢ଼ିବା ସମୟରେ ଅବତାର ଶିକ୍ଷାଗତ ଯୋଗ୍ୟତା ନେଇ ମିଥ୍ୟା ସତ୍ୟପାଠ କରିଥିଲେ। ସୋମବାର ଏହା ମିଥ୍ୟା ପ୍ରମାଣିତ ହେବା ପରେ ସିଭିଲ ଜଜ୍ ଜୁନିଅର ଡିଭିଜନ (ନିର୍ବାଚନ) ସୌମ୍ୟ ରାଓ କାକଟପୁର ବ୍ଲକ ସୁହାଗପୁର ସରପଞ୍ଚ ଅବତାରଙ୍କ ନୋମିନେଶନ ରଦ୍ଦ କରିବା ସହିତ ପଦବୀକୁ ଅସିଦ୍ଧ ଘୋଷଣା କରିଥିବା ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ, ୨୦୨୨ରେ ଅବତାର ସରପଞ୍ଚ ନିର୍ବାଚନ ହୋଇଥିବା ବେଳେ ଏନେଇ ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ବିଜେଡି ସମର୍ଥିତ ପ୍ରାର୍ଥୀନୀ ଶାନ୍ତିଲତା ମିଶ୍ର ୩ବର୍ଷ ତଳେ ତାଙ୍କ ବିରୋଧରେ ମାମଲା ରୁଜୁ କରିଥିଲେ।



ମହିଳାଙ୍କ ସୁରକ୍ଷା ଦେବାରେ ଭାଜପା ସରକାର ବିଫଳ ହୋଇଥିବା ନେଇ କଂଗ୍ରେସ ନେତାମାନେ ପ୍ଲାକାର୍ଡ ଧରି ପ୍ରତିବାଦ କରୁଛନ୍ତି।

## ମହିଳାଙ୍କୁ ନ୍ୟାୟ ଓ ସୁରକ୍ଷା କଂଗ୍ରେସର ଏକମାତ୍ର ଦାବି: ଭକ୍ତ

ଭୁବନେଶ୍ୱର, ୧୦।୩(ସୁନିତ୍ ମିଶ୍ର)

**ମହିଳା ସୁରକ୍ଷା ନେଇ କଂଗ୍ରେସର ରାଜ୍ୟବ୍ୟାପୀ ପ୍ରତିବାଦ**

ରାଜ୍ୟରେ ମହିଳାମାନଙ୍କ ପ୍ରତି ଅତ୍ୟାଚାର, ଅସଦାଚରଣ, ବଳାତ୍କାର, ଗଣବଳାତ୍କାର ବହୁମାତ୍ରାରେ ଦିନକୁ ଦିନ ବଢ଼ି ବଢ଼ିଚାଲିଥିବା କଂଗ୍ରେସ ଅଭିଯୋଗ କରିଛି। ଏହାର ପ୍ରତିବାଦରେ ସୋମବାର ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ଭକ୍ତଚରଣ ଦାସଙ୍କ ଆହ୍ୱାନକ୍ରମେ ରାଜ୍ୟବ୍ୟାପୀ କଂଗ୍ରେସ ପକ୍ଷରୁ ପ୍ରତିବାଦ କରାଯାଇଛି। ପ୍ରତ୍ୟେକ ଜିଲାରେ ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଦଳୀୟ ନେତା ଓ କର୍ମୀ ଧାରଣା ଓ ପ୍ରତିବାଦ କରିଛନ୍ତି। ସମାନଭାବେ ଭୁବନେଶ୍ୱର ଜିଲା କଂଗ୍ରେସ ତରଫରୁ ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଏକ ଗଣବିକ୍ଷୋଭ ଓ ପ୍ରତିବାଦ ସଭା ଆୟୋଜିତ ହୋଇଛି। ମହିଳା ଅତ୍ୟାଚାର ପ୍ରତିବାଦରେ ଭୁବନେଶ୍ୱର ଜିଲା କଂଗ୍ରେସ ତରଫରୁ ପ୍ରଦେଶ କଂଗ୍ରେସ ସଭାପତିଙ୍କ ସମେତ ବହୁ ବରିଷ୍ଠ କଂଗ୍ରେସ ନେତୃବୃନ୍ଦ ଉପଜିଲାପାଳଙ୍କ ମାଧ୍ୟମରେ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରିଛନ୍ତି।

ଏହି ଅବସରରେ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ଭକ୍ତ ଚରଣ ଦାସ କହିଛନ୍ତି, ରାଜ୍ୟରେ ମହିଳାମାନେ ଆଜି ନିଜକୁ ଅସୁରକ୍ଷିତ ମଣୁଛନ୍ତି। ଜନସଂଖ୍ୟାର ୫୦ ପ୍ରତିଶତ ମହିଳା ଥିବାବେଳେ ଏହି ବର୍ଗଙ୍କୁ ରାଜ୍ୟ ସରକାର ଯଦି ସୁରକ୍ଷା ପ୍ରଦାନ କରିପାରୁନାହାନ୍ତି, ତେବେ କିଭଳି ଏକ ବିକଶିତ ଓଡ଼ିଶାର ସ୍ୱପ୍ନ ଦେଖୁଛନ୍ତି। ବର୍ତ୍ତମାନ ତାହା ବଡ଼ ପ୍ରଶ୍ନବାଚୀ ହୋଇଛି। ତେଣୁ ମହିଳାଙ୍କୁ ନ୍ୟାୟ ଓ ସୁରକ୍ଷା ଦେବା, ରାଜ୍ୟ କଂଗ୍ରେସର ଏକମାତ୍ର ଦାବି ବୋଲି ଭକ୍ତ କହିଛନ୍ତି।

## ଖୁବ୍‌ଶୀଘ୍ର ଦଳର ରାଜ୍ୟ ସଭାପତିଙ୍କ ନାଁ ଘୋଷଣା: ଚୁଗ୍

ଭୁବନେଶ୍ୱର, ୧୦।୩(ସୁନିତ୍ ମିଶ୍ର)

ଭାଜପାର ନୂଆ ରାଜ୍ୟ ସଭାପତିଙ୍କ ନାମ ଘୋଷଣା ଏବଂ ରାଜ୍ୟ ସରକାରଙ୍କ ପକ୍ଷରୁ ନିଗମ ଓ ବୋର୍ଡରେ ଅଧ୍ୟକ୍ଷ ନିଯୁକ୍ତି ନେଇ ଚର୍ଚ୍ଚା ଜୋର୍ ଧରିବାରେ ଲାଗିଛି। ସୋମବାର ଭାଜପା ରାଜ୍ୟ କାର୍ଯ୍ୟାଳୟରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକକୁ ନେଇ ପୁଣିଥରେ ଦଳର ରାଜ୍ୟ ସଭାପତିଙ୍କ ନାମ ଘୋଷଣାକୁ ନେଇ ଆଲୋଚନା ହୋଇଛି। ବୈଠକ ପରେ ଗଣମାଧ୍ୟମକୁ ପ୍ରତିକ୍ରିୟା ରଖି ରାଜ୍ୟ ସଭାପତି ମନମୋହନ ସାମଲ କହିଛନ୍ତି, ଦଳରେ ପ୍ରତି ୨ରୁ ୪ ଦିନ ଧରି ବୈଠକ ବସୁଛି। ସରକାର ଓ ସଙ୍ଗଠନ ମଧ୍ୟରେ କିପରି ସମନ୍ୱୟ ରଖି ହେବ ସେ ନେଇ ବିଚାରବିମର୍ଶ ହେଉଛି। ବୈଠକରେ ୭ରୁ ୮ ଜଣ ବସିଥିଲେ। ଠିକ୍ ସମୟରେ ବୋର୍ଡ ଏବଂ ନିଗମର ଘୋଷଣା ହେବ। ଏନେଇ ବାରମ୍ବାର ଆଲୋଚନା ଚାଲିଛି। ବିଳମ୍ବ ହେଉ ନାହିଁ। ଦଳର ରାଜ୍ୟ ସଭାପତି ଯିଏ ହେବେ ତାଙ୍କୁ ସମସ୍ତେ ମାନି ଚାଲିବେ ବୋଲି ମନମୋହନ କହିଛନ୍ତି। ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି, ଦଳର ସବୁକଥା ବାହାରକୁ କୁହାଯାଏ ନାହିଁ। ବହୁତ କଥା ଅଛି, ତାହା ଦଳର ଆଭ୍ୟନ୍ତରୀଣ ବିଷୟ। ଦଳର ପ୍ରଭାରୀ ବିଜୟ ପାଲ ସିଂ ତୋମାର, ରାଷ୍ଟ୍ରୀୟ ନେତା ତରୁଣ ଚୁଗ୍ ମଧ୍ୟ ବୈଠକରେ ଥିଲେ, ଆଲୋଚନା ଚାଲିଛି ବୋଲି ପୂଜାରୀ କହିଛନ୍ତି। ରାଷ୍ଟ୍ରୀୟ ସାଧାରଣ ସମ୍ପାଦକ ତରୁଣ ଚୁଗ୍ କହିଛନ୍ତି, ଖୁବଶୀଘ୍ର ଭାଜପା ସଭାପତିଙ୍କ ନାମ ଘୋଷଣା କରାଯିବ। ଆଲୋଚନା ହୋଇଛି, ତାହା ଖୁବ୍‌ଶୀଘ୍ର ଘୋଷଣା ହୋଇଯିବ ବୋଲି ସେ କହିଛନ୍ତି। ବୈଠକରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ବିଜୟ ପାଲ ସିଂ ତୋମାର, ତରୁଣ ଚୁଗ୍, ସୁରେଶ ପୂଜାରୀ, ଦୁଇ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଏବଂ କେ.ଭି ସିଂଦେଓ, ପୂର୍ବତନ ରାଜ୍ୟ ସଭାପତି ସମୀର ମହାନ୍ତି ଏବଂ ବସନ୍ତ ପଣ୍ଡା ମଧ୍ୟ ଉପସ୍ଥିତ ଥିଲେ।

ସୂଚନାଯୋଗ୍ୟ, ଭାଜପା ରାଜ୍ୟରେ ୧୦ମାସ ହେବ ସରକାର କଲାଣି। କିଛିଦିନ ତଳୁ ଦଳର ସାଙ୍ଗଠନିକ ନିର୍ବାଚନ ଚାଲିଛି। ହେଲେ ଏ ପର୍ଯ୍ୟନ୍ତ ଦଳର ରାଜ୍ୟ ସଭାପତିଙ୍କ ନାମ ଘୋଷଣା ହୋଇ ନପାରିବାରୁ ରାଜନୀତି ଜୋର୍ ଧରିଛି।

**ରାଜ୍ୟ ଖବର**

## ହଂସିତାଙ୍କୁ ଗୋଟିଏ ମାମଲାରେ ମିଳିଲା ଜାମିନ

କଟକ, ୧୦।୩(କାର୍ତ୍ତିକ ସାହୁ)

ବହୁଚର୍ଚ୍ଚିତ ହାଇପ୍ରୋଫାଇଲ୍ ଠକେଇରେ ସମ୍ପୃକ୍ତ ହଂସିତା ଅଭିଲିପ୍ସାଙ୍କୁ ଗୋଟିଏ ମାମଲାରେ ହାଇକୋର୍ଟ ସୋମବାର ସର୍ତ୍ତମୂଳକ ଜାମିନ ପ୍ରଦାନ କରିଛନ୍ତି। ଭୁଲ୍ ତଥ୍ୟ ଦେଇ ପାସ୍‌ପୋର୍ଟ ହାତେଇବା ମାମଲାରେ ହାଇକୋର୍ଟ ଏହି ଜାମିନ ଦେଇଛନ୍ତି। ହେଲେ ଅନ୍ୟଏକ ଠକେଇ ମାମଲାର ଶୁଣାଣି ଶେଷ ହୋଇଛି। ହାଇକୋର୍ଟ ଉକ୍ତ ମାମଲାର ରାୟକୁ ସଂରକ୍ଷିତ ରଖିଛନ୍ତି। ସେହିପରି ହଂସିତାଙ୍କ ସହଯୋଗୀ ଅନିଲ ମହାନ୍ତିଙ୍କ ଜାମିନ ଆବେଦନର ଶୁଣାଣି ବି ଶେଷ ହୋଇଛି। ସୂଚନାଯୋଗ୍ୟ, ବହୁ ବ୍ୟବସାୟୀ ଓ କର୍ପୋରେଟ୍ ସଂସ୍ଥାଠାରୁ ଆର୍ଥିକ ଠକେଇ କରିଥିବା ଅଭିଯୋଗରେ ହଂସିତା ଓ ତାଙ୍କ ସ୍ୱାମୀ ପୋଲିସ ଦ୍ୱାରା ଗିରଫ ହୋଇଛନ୍ତି। ଭୁବନେଶ୍ୱରର ଇନ୍‌ଫୋସିଟି ଥାନାରେ ତାଙ୍କ ନାମରେ ୨ଟି ମାମଲା ରୁଜୁ ହୋଇଥିଲା।

## ପୂର୍ବତନ ମନ୍ତ୍ରୀ ଅନନ୍ତ ଦାସଙ୍କ ଶେଷକୃତ୍ୟ



ଅନନ୍ତ ଦାସଙ୍କ ମରଶରୀରରେ ତାଙ୍କ ପରିବାର ଓ ଆତ୍ମୀୟସ୍ୱଜନଙ୍କ ପକ୍ଷରୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଉଛି।

ଭୋଗରାଇ, ୧୦।୩(ପ୍ରଦୀପ ଦାସ)

■ ଶ୍ରଦ୍ଧାଞ୍ଜଳି ଦେଲେ ଭୋଗରାଇବାସୀ
■ ବନ୍ଦ ରହିଲା ମୁଖ୍ୟ ବଜାର

ଶୋକାକୁଳ ପରିବେଶ ମଧ୍ୟରେ ପୂର୍ବତନ ମନ୍ତ୍ରୀ ଅନନ୍ତ ଦାସଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଛି। ମରଶରୀରକୁ ସୋମବାର ସକାଳେ ବାଲେଶ୍ୱରରୁ ଭୋଗରାଇ ଅଣାଯାଇ ଦେହୁର୍ଦ୍ଧାସ୍ଥିତ ତାଙ୍କ ବାସଭବନରେ ରଖାଯାଇଥିଲା। ଶେଷ ଶ୍ରଦ୍ଧାଞ୍ଜଳି ନିମନ୍ତେ ଭୋଗରାଇ ବିଧାୟକ ଗୌତମବୁଦ୍ଧ ଦାସ, ଲେଖାଶ୍ରୀ ସାମନ୍ତ ସିଂହାର, ଜିଲାପରିଷଦର ଅଧ୍ୟକ୍ଷ ନାରାୟଣ ପ୍ରଧାନ, ପୂର୍ବତନ ବିଧାୟକ ସ୍ୱରୂପ ଦାସ, କଂଗ୍ରେସ ନେତା ସତ୍ୟଶିବ ଦାସ, ସନ୍ତୋଷ କୁମାର ଜେନା, ପୂଜ୍ୟପୂଜା ପରିଷଦ ସଭାପତି ଭୁବନାନନ୍ଦ ଦାସ, ବରିଷ୍ଠ ନାଗରିକ ମଞ୍ଚ ସଭାପତି ପଙ୍କଜାକ୍ଷ ପଣ୍ଡା, ବରିଷ୍ଠ ଭାଜପା ନେତା ଆଶିଷ କୁମାର ପାତ୍ର, ଅଂଶୁମାନ ମହାନ୍ତି, ସୁନୀଲ କୁମାର କର, ବିଜେଡି ସଭାପତି ରମାକାନ୍ତ କରଣ, ଜିଲା ବିଜେଡି ଉପସଭାପତି ତପନ କୁମାର ପଣ୍ଡା, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଗଣପତି ଗିରି, ପଞ୍ଚାୟତ ସମିତି ଅଧ୍ୟକ୍ଷ ପ୍ରବୀର କୁମାର ଗିରି, ଉପାଧ୍ୟକ୍ଷ ମୀନାରାଣୀ ସାସମଲ, ବରିଷ୍ଠ ନେତା ହେମନ୍ତ କୁମାର ବେହେରା, ଜିଲାପରିଷଦ ସଦସ୍ୟା କବିତା ମହାନ୍ତି, ନିବେଦିତା ମହାନ୍ତି, ପ୍ରତିମା ଚାନ୍ଦ, ଦମୟନ୍ତୀ ସାହୁ, ଗିରିଶ ଦତ୍ତ ପ୍ରମୁଖ ଶ୍ରଦ୍ଧାଞ୍ଜଳି ଦେଇଥିଲେ।

ସ୍ୱର୍ଗତ ଦାସଙ୍କୁ ଶ୍ରଦ୍ଧାଞ୍ଜଳି ଉଦ୍ଦେଶ୍ୟରେ ସୋମବାର ମଧ୍ୟାହ୍ନ ୧୨ଟା ପର୍ଯ୍ୟନ୍ତ ଭୋଗରାଇର ଚନ୍ଦନେଶ୍ୱର, ଥାନାଛକ, କମର୍ଦ୍ଦା, ବାଲିମ ଆଦି ବଜାର ବନ୍ଦ ଥିଲା। ସକାଳ ୯ଟାରେ ବାସଭବନରୁ ଏକ ଖୋଲା ଗାଡ଼ିରେ ପାର୍ଥିବ ଶରୀରକୁ ଚନ୍ଦନେଶ୍ୱର, ସହାବାଜିପୁର ବ୍ଲକ୍ କାର୍ଯ୍ୟାଳୟ, କମର୍ଦ୍ଦା, ନହରା ସହିତ ସ୍ୱର୍ଗତ ଦାସଙ୍କ ପୈତୃକ ଘର କୁରୁଠିଆ ଗ୍ରାମକୁ ବିଶାଳ ଶୋଭାଯାତ୍ରାରେ ନିଆଯାଇଥିଲା। ଜନ୍ମମାଟି କୁରୁଠିଆରେ ପାର୍ଥିବ ଶରୀର ପହଞ୍ଚିବା ପରେ ଆତ୍ମୀୟସ୍ୱଜନ, ବନ୍ଧୁବାନ୍ଧବ, ଗ୍ରାମବାସୀ, ରାଜନୈତିକ ଦଳର ନେତା, ବୁଦ୍ଧିଜୀବୀ ଗାଁ ପରିକ୍ରମା କରାଇ ଶ୍ମଶାନକୁ ନେଇଥିଲେ। ସେଠାରେ ଶୋକାକୁଳ ପରିବେଶରେ ବଡ଼ପୁଅ ବିଶ୍ୱଜିତ, ମଝିଆ ପୁଅ ଅଭିଜିତ, ସାନପୁଅ ଶୁକଦେବ, ଝିଅ ଭାରତୀ, ଜ୍ୱାଇଁ ବିଜୟ ଦାସ ମହାପାତ୍ର, ସମ୍ପର୍କୀୟ ଭାଇ ଅଚ୍ୟୁତାନନ୍ଦ ଦାସଙ୍କ ସହ ୩ ବୋହୂ, ନାତୁଣୀ ଓ ନାତି ଉପସ୍ଥିତ ଥିଲେ। ବଡ଼ପୁଅ ବିଶ୍ୱଜିତ ମୁଖାଗ୍ନି ଦେଇଥିଲେ।

## ୨ ମାଓବାଦୀଙ୍କ ଆତ୍ମସମର୍ପଣ



ଆତ୍ମସମର୍ପଣ କରିଥିବା ମାଓବାଦୀଙ୍କୁ ଚେକ୍ ପ୍ରଦାନ କରାଯାଇଛି।

ମାଲକାନଗିରି, ୧୦।୩ (ଦୁର୍ଯ୍ୟୋଧନ ପାତ୍ର)

ଛତିଶଗଡ ବିଜାପୁର ପୋଲିସ ନିକଟରେ ୨ ଲକ୍ଷ ପୁରସ୍କାର ଘୋଷିତ ଦୁଇଜଣ ମାଓବାଦୀ ସୋମବାର ଆତ୍ମସମର୍ପଣ କରିଛନ୍ତି। ସେମାନେ ହେଲେ ସୁଖରାମ ଫରସିକ ଓ ଇନାମୀ ପାଣ୍ଡୁ ଫରସିକ। ଏମାନେ ୨୦୦୬ ରେ ସଂଗଠନରେ ସକ୍ରୀୟ ଭାବେ କାର୍ଯ୍ୟ ତୁଲାଇ ଆସୁଥିବା ବେଳେ ବର୍ତ୍ତମାନ ଛତିଶଗଡ ପୋଲିସ ବିଭିନ୍ନ ସ୍ଥାନରେ କ୍ୟାମ୍ପ ପ୍ରତିଷ୍ଠା, ଗ୍ରାମଗୁଡିକର ଉନ୍ନତି, ଛତିଶଗଡ ସରକାର ଦ୍ୱାରା ଉନ୍ନୟନମୂଳକ କାର୍ଯ୍ୟ ଚାଲୁଥିବା ଯୋଗୁ ଏଥିରେ ଅନୁପ୍ରାଣିତ ହୋଇ ଏହି ଦୁଇଜଣ ଆତ୍ମସମର୍ପଣ କରିଛନ୍ତି। ଏମାନଙ୍କୁ ବିଜାପୁର ପୋଲିସ ତରଫରୁ ୨୫ ହଜାର ଟଙ୍କା ଲେଖାଏ ଅର୍ଥ ରାଶି ଚେକ୍ ପ୍ରଦାନ କରାଯାଇଛି। ସରକାରଙ୍କ ଥଇଥାନ ନୀତି ଅନୁଯାୟୀ ଏହି ଦୁଇଜଣଙ୍କୁ ସମସ୍ତ ପ୍ରକାର ସୁବିଧା ସୁଯୋଗ ଯୋଗାଇ ଦିଆଯିବ ବୋଲି ବିଜାପୁର ପୋଲିସ କହିଛି।

## ବିସ୍ଫୋରକ ସାମଗ୍ରୀ, ପ୍ରିଣ୍ଟର ଜବତ

ମାଲକାନଗିରି, ୧୦।୩ (ଦୁର୍ଯ୍ୟୋଧନ ପାତ୍ର)

ଛତିଶଗଡ ସୁକ୍‌ମା ଜିଲା ପୋଲିସ ଓ ସୁରକ୍ଷାକର୍ମୀ ମିଳିତ ଭାବେ କୋମ୍ବିଂ ସମୟରେ ଡମ୍ପ ଜବତ କରିଛନ୍ତି। ଏହି ଡମ୍ପରେ ବିପୁଳ ପରିମାଣର ବିସ୍ଫୋରକ ସାମଗ୍ରୀ ଓ ପ୍ରିଣ୍ଟର ଜବତ ହୋଇଛି। ସୁକ୍‌ମା ଜିଲା ଚିନ୍ତାଲନାର ଥାନା ଅନ୍ତର୍ଗତ ଜଲେରଗୁଡା ଗ୍ରାମ ଜଙ୍ଗଲରେ ମାଓବାଦୀ ଥିବା ଖବର ପାଇ ଜିଲା ପୋଲିସ ଓ ୨୦୩ କୋବ୍ରା ବାହିନୀ ଓ ସିଆରପିଏଫ୍ ୨୪୧ ବାଟାଲିୟନ ମିଳିତ ଭାବେ ସର୍ଚ୍ଚ କରିଥିଲେ। ଏହି ସମୟରେ ମାଓବାଦୀଙ୍କ ଦ୍ୱାରା ବନା ଯାଇଥିବା ସ୍ପାଇକ୍ ହୋଲ ଦେଖିବାକୁ ପାଇଥିଲେ। ଯବାନମାନେ ସତର୍କତାର ସହ ସ୍ପାଇକ୍ ହୋଲ୍ ପାର କରିବା ପରେ ପ୍ରିଣ୍ଟିଂ ପ୍ରେସ୍ ଉପରେ ଚଢାଉ କରିଥିଲେ। ଉକ୍ତ ସ୍ଥାନରୁ ଗୋଟିଏ ଲେଜର ପ୍ରିଣ୍ଟର, ଗୋଟିଏ ଇନ୍‌ଭଟର, ତାର, କେବୁଲ, ରିମୋଟ୍ ଓ ନିତ୍ୟ ବ୍ୟବହାର୍ଯ୍ୟ ଆଦି ବହୁ ସାମଗ୍ରୀ ଜବତ କରିଥିଲେ।



ଜବତ ବିସ୍ଫୋରକ ସାମଗ୍ରୀ।

## ଆଜି ଶାସ୍ତ୍ରୀୟ ଓଡ଼ିଆ ଭାଷା ଦିବସ

ଭୁବନେଶ୍ୱର, ୧୦।୩ (ସୌମ୍ୟରଞ୍ଜନ ରାଉତ)




ଓଡ଼ିଆ ଭାଷାକୁ କେନ୍ଦ୍ର ସରକାର ୨୦୧୪ ଫେବୃଆରୀ ୨୦ରେ ଶାସ୍ତ୍ରୀୟ ମାନ୍ୟତା ଦେଇଥିଲେ। ଏନେଇ ମାର୍ଚ୍ଚ ୧୧ରେ ଗେଜେଟ ନୋଟିଫିକେଶନ ଜାରି କରାଯାଇଥିଲା। ତେବେ ୨୦୧୫ରୁ ଏହି ଦିବସଟିକୁ ଶାସ୍ତ୍ରୀୟ ଓଡ଼ିଆ ଭାଷା ଦିବସ ଭାବେ ପାଳନ ପାଇଁ ସରକାରୀ ସ୍ତରରେ ନିଷ୍ପତ୍ତି ନିଆଗଲା। ତେବେ ଓଡ଼ିଆ ଭାଷା ସମ୍ପର୍କରେ ବ୍ୟାପକ ସଚେତନତା ସୃଷ୍ଟି ଲାଗି ଏହି ଦିବସ ପାଳନ କରାଯାଇଆସୁଅଛି।

### ଖଣ୍ଡି ଓଡ଼ିଆ ନ କହି ଶୁଦ୍ଧ ଓଡ଼ିଆ ଭାଷା ବ୍ୟବହାର କରିବା ଆବଶ୍ୟକ

ଓଡ଼ିଆ ଭାଷା ବାରତବର୍ଷର ଷଷ୍ଠ ଶାସ୍ତ୍ରୀୟ ଭାଷା। ପୋଥି, ପଥର, ସାହିତ୍ୟରେ ସାଇତା ଏହ ଭାଷାର ସୁରକ୍ଷା ଓ ସଂରକ୍ଷଣ ଆମର ଦାୟିତ୍ୱ। କେବଳ ସରକାରଙ୍କ ଉପରେ ଦୋଷ ଲଦିଦେଲେ ଆମେ ଆମ ଭାଷାକୁ ସୁରକ୍ଷିତ କରିପାରିବା ନାହିଁ। ଘରେ ଓ ବାହାରେ ସଭା ସମିତିରେ ଅଧିକରୁ ଅଧିକ ଓଡ଼ିଆ ଭାଷା ବ୍ୟବହାର କରିବାର ଆବଶ୍ୟକତା ଅଛି। ନିଜ ପାଣ୍ଡିତ୍ୟ କି ଅହମିକା ଦେଖାଇବା ପାଇଁ ହିନ୍ଦୀ, ଇଂରାଜୀ ଶବ୍ଦ ମିଶାଇ ଖଣ୍ଡି ଓଡ଼ିଆ ନ କହି ନିର୍ଭୁଲ୍ , ଶୁଦ୍ଧ ଓଡ଼ିଆ ଭାଷା ବ୍ୟବହାର କରିବା ଜରୁରୀ। ଆମକୁ ମନେରଖିବାକୁ ହେବ - ' ଆଉ ଯେତେ ଭାଷା ଶିଖୁଛ ଶିଖ, ନିଜର ମାତୃଭାଷାର ମହତ ରଖ'।

- ଡ. ଦେବାଶିଷ ମହାପାତ୍ର, ସହକାରୀ ପ୍ରଫେସର, ଓଡିଆ ବିଭାଗ, ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନ, ଭୁବନେଶ୍ୱର

### ଓଡ଼ିଆ ଭାଷାର ବହୁଳ ଓ ବାରମ୍ବାର ବ୍ୟବହାର ହିଁ ଭାଷାକୁ ବଞ୍ଚାଇ ରଖିବ

ମୁଁ ଓଡ଼ିଆ ଓଷା ବ୍ରତ ସମ୍ପର୍କିତ ଭାଷାତାତ୍ତ୍ୱିକ ଗବେଷଣା କରୁଛି। ଏହା ପୂର୍ବରୁ 'କ' ଠାରୁ 'କ୍ଷ' ପର୍ଯ୍ୟନ୍ତ ୩୪ଟି ବ୍ୟଞ୍ଜନ ବର୍ଣ୍ଣକୁ ଆଦ୍ୟରେ ରଖି ରଚନା କରାଯାଇଥିବା ଓଡ଼ିଶା ଚଉତିସା ଉପରେ ଗବେଷଣା କରୁଥିଲି। ଜଣେ ଭାଷା ଗବେଷିକା ଭାବେ କହିପାରେ ଶାସ୍ତ୍ରୀୟ ଭାଷାର ମାନ୍ୟତା ପାଇଥିବା ଆମ ଓଡ଼ିଆ ଭାଷା ଆମ ପାଇଁ ଗୌରବ। ତେଣୁ ଖାଲି ଗୋଟିଏ ଦିବସ ପାଳନ କରି ଆମେ ଆମ ଭାଷାର ଜୟଗାନ କରିବା ନାହିଁ, ବରଂ କଥାବାର୍ତ୍ତା ଓ ଲେଖାରେ ଯଥା ସମ୍ଭବ ଓଡ଼ିଆ ଭାଷାର ବହୁଳ ବ୍ୟବହାର ହିଁ ଭାଷାକୁ ବଞ୍ଚାଇ ରଖିବ।

- ଡ. ମିତାଲି ମଧୁସ୍ମିତା ମହାନ୍ତି, ଓଡ଼ିଆ ଭାଷା ଗବେଷିକା, ଶାସ୍ତ୍ରୀୟ ଓଡ଼ିଆ ଉତ୍କର୍ଷ ଅଧ୍ୟୟନ କେନ୍ଦ୍ର



❝ ଭଗବାନଙ୍କ ବ୍ୟତୀତ ଅନ୍ୟ କାହାରିଠାରୁ ଆଶ୍ରୟ, ସାହାଯ୍ୟ ବା ନିରାପତ୍ତା ଆଶା କରିବାର ମନୋଭାବ କଦାପି ପୋଷଣ କରନାହିଁ। ...ମନ୍ଦିରର ଖୁବ୍ ଗଭୀରକୁ ଚାଲିଯାଅ। ସେଠାରେ ହିଁ ମୋତେ ଦେଖିପାରିବ। -ଶ୍ରୀମା

-ସାମାନ୍ୟ ଗୋବିନ୍ଦ ଦ୍ୱାଦଶୀ ସ୍ନାନ



# ଶିକ୍ଷାପାଣ୍ଠି

ମାର୍ଚ୍ଚ ୧୦ ତାରିଖରେ ଲୋକ ସଭାରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ତାମିଲନାଡୁର ଡିଏମ୍‌କେ ସରକାରଙ୍କୁ ସମାଲୋଚନା କରି କହିଛନ୍ତି ଯେ, ଜାତୀୟ ଶିକ୍ଷାନୀତି (ଏନ୍‌ଇପି) ଓ ପିଏମ୍‌ଶ୍ରୀ ଯୋଜନାକୁ ଅଗ୍ରାହ୍ୟ କରି ପିଲାମାନଙ୍କ ଭବିଷ୍ୟତକୁ ବିପଦରେ ପକାଉଛନ୍ତି। ତେବେ ତାମିଲନାଡୁ ମୁଖ୍ୟମନ୍ତ୍ରୀ ଏମ୍.କେ. ଷ୍ଟାଲିନ୍ ଶିକ୍ଷାମନ୍ତ୍ରୀଙ୍କ ମନ୍ତବ୍ୟକୁ ତୀବ୍ର ନିନ୍ଦା କରିବା ସହ ସେ ଅହଂକାର ପ୍ରଦର୍ଶନ କରୁଥିବା ଏବଂ ତାମିଲନାଡୁର ଲୋକେ ଜାତୀୟ ଶିକ୍ଷାନୀତିକୁ ବିରୋଧ କରୁଥିବାରୁ ସେମାନଙ୍କୁ ଅସମ୍ମାନ କରିଥିବା ଅଭିଯୋଗ କରିଛନ୍ତି। ଭାଷାରେ ବାଧା ସୃଷ୍ଟି କରିବା ଡିଏମ୍‌କେର ମୁଖ୍ୟ କାମ ଏବଂ ତାମିଲନାଡୁ ସରକାର ରାଜନୀତି କରୁଛନ୍ତି, ସେମାନେ ଅଗଣତାନ୍ତ୍ରିକ ଓ ଅସଭ୍ୟ ବୋଲି କହିଥିବା ଶିକ୍ଷାମନ୍ତ୍ରୀଙ୍କ ମନ୍ତବ୍ୟକୁ ଷ୍ଟାଲିନ୍ ବିରୋଧ କରିଛନ୍ତି। ତାମିଲନାଡୁ ଲୋକଙ୍କ ପ୍ରତି ଏଭଳି ଅପମାନକୁ ପ୍ରଧାନମନ୍ତ୍ରୀ ସମର୍ଥନ କରୁଛନ୍ତି କି ବୋଲି ଷ୍ଟାଲିନ୍ ପ୍ରଶ୍ନ ଉଠାଇଛନ୍ତି। ଏହାପରେ ଧର୍ମେନ୍ଦ୍ର ପ୍ରଧାନ ଦେଇଥିବା ତାଙ୍କ ମନ୍ତବ୍ୟକୁ ସଂସଦର ରେକର୍ଡରୁ କାଟିଦେବା ପାଇଁ ବାଚସ୍ପତି ନିର୍ଦ୍ଦେଶ ଦେଲେ। ପରବର୍ତ୍ତୀ ସମୟରେ ଶିକ୍ଷାମନ୍ତ୍ରୀ ତାଙ୍କର ଏହି ମନ୍ତବ୍ୟକୁ ପ୍ରତ୍ୟାହାର କରିନେଇଛନ୍ତି ବୋଲି ଘୋଷଣା କରିଛନ୍ତି। ଏତିକିରେ ଷ୍ଟାଲିନ୍ ଅଟକି ଯାଇନାହାନ୍ତି, ଶିକ୍ଷାମନ୍ତ୍ରୀ ମଧ୍ୟ କେନ୍ଦ୍ରର ସମଗ୍ର ଶିକ୍ଷା ଅଭିଯାନରେ ତାଙ୍କ ରାଜ୍ୟକୁ ପାଣ୍ଠି ଯୋଗାଣରେ ବିଳମ୍ବ କରୁଥିବା କହିଛନ୍ତି। ଏହା ବ୍ୟତୀତ ଷ୍ଟାଲିନ୍ ପ୍ରଶ୍ନ କରିଛନ୍ତି ଯେ, ଆମ ଉପରେ ଟିକସ ଲଦିଦେବା ପରିବର୍ତ୍ତେ ଛାତ୍ରୀଛାତ୍ରଙ୍କ ପାଇଁ ପାଣ୍ଠି ଯୋଗାଇବା ସମ୍ଭବ କି ନାହିଁ ମନ୍ତ୍ରୀ ସିଧା ଉତ୍ତର ଦେଇପାରିବେ କି। ଏଠାରେ ସୂଚିତ କରାଯାଇପାରେ ଯେ, ନିକଟରେ ତାମିଲନାଡୁ ଏନ୍‌ଇପିର ତିନି ଭାଷା ଫର୍ମୁଲାକୁ ଗ୍ରହଣ କରିବାକୁ ମନା କରିଦେଇଥିଲା।

**ମନେରଖିବାକୁ ହେବ ଯେ ତାମିଲନାଡୁ, କର୍ଣ୍ଣାଟକ, ମହାରାଷ୍ଟ୍ର ଭଳି ଅନ୍ୟ କେତୋଟି ରାଜ୍ୟ ଦ୍ୱାରା କେନ୍ଦ୍ର ସରକାରଙ୍କୁ ବହୁମାତ୍ରାରେ ଟିକସ ଯୋଗାଇ ଦିଆଯାଉଛି। ବିଶେଷକରି ଦକ୍ଷିଣ ରାଜ୍ୟଗୁଡ଼ିକଠାରୁ ଜିଏସ୍‌ଟି ସଂଗ୍ରହର ପରିମାଣ ବହୁତ ଅଧିକ ରହୁଛି। ସେହି ତଥ୍ୟ ଦେଖିଲେ ବୁଝାପଡ଼େ ଯେ କେନ୍ଦ୍ରମନ୍ତ୍ରୀଙ୍କ ଦ୍ୱାରା ଦିଆଯାଉଥିବା ଶିକ୍ଷା ସହିତ ଜଡ଼ିତ ଅର୍ଥ ମିଳିବା ଉପରେ ମନ୍ତବ୍ୟ କାହାରି ଦ୍ୱାରା ଗ୍ରହଣୀୟ ହେବ ନାହିଁ।**

ଦେଖିବାକୁ ଗଲେ ଭାରତ ଭଳି ବିଶାଳ ଗଣତାନ୍ତ୍ରିକ ଦେଶରେ ସଂଘୀୟ ବ୍ୟବସ୍ଥାରେ ଉଭୟ କେନ୍ଦ୍ର ଓ ରାଜ୍ୟର ଭୂମିକା ରହିଛି। କେନ୍ଦ୍ରର କେତେକ କାର୍ଯ୍ୟର ଦାୟିତ୍ୱ ଥିବାବେଳେ ରାଜ୍ୟଗୁଡ଼ିକର ମଧ୍ୟ କେତେକ ନିର୍ଦ୍ଦିଷ୍ଟ ଦାୟିତ୍ୱ ରହିଛି। ତତ୍‌ସଙ୍ଗେସଙ୍ଗେ ଗୋଟିଏ ମିଳିତ ତାଲିକା ରହିଛି ଯେଉଁଥିପାଇଁ ଉଭୟେ ଦାୟୀ। ସେଥିମଧ୍ୟରେ ଶିକ୍ଷା ହେଉଛି ଭାରତ ସମ୍ବିଧାନର ଏକ ବିଷୟ, ଯେଉଁଥିରେ ଉଭୟ କେନ୍ଦ୍ର ଓ ରାଜ୍ୟର ଦାୟିତ୍ୱ ରହିଛି। ଉଭୟ ଏହା ଉପରେ ଆଇନ ତିଆରି କରି ଲାଗୁ କରିପାରିବେ। କିନ୍ତୁ ରାଜ୍ୟ ପାଇଁ କେନ୍ଦ୍ର କରୁଥିବା ଯୋଜନା କେତେ ଭଲ ତାହା ରାଜ୍ୟଗୁଡ଼ିକ ପାଖରେ ସମୀକ୍ଷା କରିବାର ଅଧିକାର ରହିଛି। ଶିକ୍ଷା ସମ୍ପର୍କିତ ସବୁ କେନ୍ଦ୍ରୀୟ ନିଷ୍ପତ୍ତିକୁ ରାଜ୍ୟଗୁଡ଼ିକ ଉପରେ ଲଦି ଦିଆଗଲେ ସେମାନେ ସମ୍ବିଧାନ ଅନୁଯାୟୀ ମାନିବାକୁ ବାଧ୍ୟ ନୁହନ୍ତି। ତେଣୁ ଶିକ୍ଷା ଭଳି ବିଷୟ କନ୍‌କରେଣ୍ଟ ବା ମିଳିତ ତାଲିକାରେ ଥିବା ହେତୁ ରାଜ୍ୟଗୁଡ଼ିକ ସହିତ ଆଲୋଚନା କରି ନିଷ୍ପତ୍ତି ନେବା ହେଉଛି କେନ୍ଦ୍ରର ଦାୟିତ୍ୱ। ଏହା ସ୍ୱୀକାର କରାଯାଇପାରେ ଯେ ହିନ୍ଦୀକୁ ସବୁ ରାଜ୍ୟ ଉପରେ ଲଦିଦେବା ପାଇଁ ଏକ ବଡ଼ଧରଣର ଲୁଚ୍ଚାୟିତ ରାଜନୈତିକ ମସୁଧା କିଛିବର୍ଷ ହେଲା ଉଗ୍ରରୂପ ଧାରଣ କରିଛି। ଓଡ଼ିଶା ଭଳି ରାଜ୍ୟରେ ନିଜ ମାତୃଭାଷା ପାଇଁ ସାଧାରଣ ନାଗରିକଙ୍କର ଶ୍ରଦ୍ଧାର ବିଶେଷ ଅଭାବ ଥିବା ହେତୁ କେନ୍ଦ୍ରର ନିଷ୍ପତ୍ତି ମୁଣ୍ଡପାତି ସହିଯିବାକୁ ଉଭୟ ସରକାର ଏବଂ ଜନସାଧାରଣ ପସନ୍ଦ କରିଥାନ୍ତି। କିନ୍ତୁ ତାମିଲନାଡୁ ଭଳି ସ୍ୱାଭିମାନୀ ରାଜ୍ୟରେ ନିଜ ମାତୃଭାଷା ପାଇଁ ପ୍ରେମ ଏକ ବଡ଼ ଶକ୍ତି ଭାବେ ଦୀର୍ଘଦିନ ଧରି ଗଢ଼ିଉଠିଛି। ସେଥିପାଇଁ ଓଡ଼ିଶା ସମେତ ଉତ୍ତର ଭାରତର ଅନେକ ରାଜ୍ୟରୁ ଯୁବତୀଯୁବକ ତାମିଲନାଡୁ, କର୍ଣ୍ଣାଟକ ଭଳି ଦକ୍ଷିଣ ରାଜ୍ୟକୁ ଯାଇ ଚାକିରି ଖୋଜୁଛନ୍ତି। ଏହା କୁହାଯାଇପାରେ ଯେ କ୍ୱଚିତ ଯୁବକ ଦକ୍ଷିଣ ରାଜ୍ୟରୁ ଆସି ଓଡ଼ିଶା କିମ୍ବା କୌଣସି ହିନ୍ଦୀ ଭାଷାଭାଷୀ ଅଞ୍ଚଳରେ ଚାକିରି ଖୋଜୁଛନ୍ତି। ଏହାର ଅର୍ଥ ହେଲା ହିନ୍ଦୀ ଶିଖୁଥିବା ଯୁବପିଢ଼ିଙ୍କର ଭବିଷ୍ୟତ ଉଜ୍ଜ୍ୱଳ ନୁହେଁ। ଏହା ପରିବର୍ତ୍ତେ ଇଂଲିଶ ଶିଖିଲେ ଦେଶ ଛଡ଼ା ବିଦେଶରେ ମଧ୍ୟ କାର୍ଯ୍ୟ କରିବା ସହଜ ହୋଇଥାଏ। ଏହି ମୌଳିକ ସତ୍ୟକୁ ଅଣଦେଖା କଲେ ଭାରତର ଭବିଷ୍ୟତକୁ ତ୍ରୁଟିପୂର୍ଣ୍ଣ ଶିକ୍ଷାନୀତି ମାଧ୍ୟମରେ ଅନ୍ଧକାରର ଯୁଗକୁ ଠେଲିଦେବାର ଚେଷ୍ଟା କରାଯାଉଛି ବୋଲି କୁହାଯାଇପାରିବ। ଏହାଛଡ଼ା ମନେରଖିବାକୁ ହେବ ଯେ ତାମିଲନାଡୁ, କର୍ଣ୍ଣାଟକ, ମହାରାଷ୍ଟ୍ର ଭଳି ଅନ୍ୟ କେତୋଟି ରାଜ୍ୟ ଦ୍ୱାରା କେନ୍ଦ୍ର ସରକାରଙ୍କୁ ବହୁମାତ୍ରାରେ ଟିକସ ଯୋଗାଇ ଦିଆଯାଉଛି। ବିଶେଷକରି ଦକ୍ଷିଣ ରାଜ୍ୟଗୁଡ଼ିକଠାରୁ ଜିଏସ୍‌ଟି ସଂଗ୍ରହର ପରିମାଣ ବହୁତ ଅଧିକ ରହୁଛି। ସେହି ତଥ୍ୟ ଦେଖିଲେ ବୁଝାପଡ଼େ ଯେ କେନ୍ଦ୍ରମନ୍ତ୍ରୀଙ୍କ ଦ୍ୱାରା ଦିଆଯାଉଥିବା ଶିକ୍ଷା ସହିତ ଜଡ଼ିତ ଅର୍ଥ ମିଳିବା ଉପରେ ମନ୍ତବ୍ୟ କାହାରି ଦ୍ୱାରା ଗ୍ରହଣୀୟ ହେବ ନାହିଁ। କାରଣ ଟିକସ ଆଦାୟ କେବଳ ରାଜ୍ୟଗୁଡ଼ିକଠାରୁ ହୋଇଥାଏ, ଏହାର ଲାଭ କେନ୍ଦ୍ରକୁ ମିଳିଥାଏ।

## su | do | ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | 1 | | 7 | 4 | | | | |
| | 7 | | | | | | | 4 |
| | 3 | | | | | 1 | | |
| | | 4 | | 8 | | | | |
| | | | | | | 5 | | |
| 7 | | | | | 2 | | | 6 |
| | 4 | 6 | | 7 | | | 9 | 8 |
| 3 | 5 | | | | 6 | | 2 | |
| | | | 9 | | | | | 5 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 3 | 6 | 4 | 9 | 2 | 8 | 1 | 5 | 7 |
| 2 | 7 | 9 | 6 | 1 | 5 | 8 | 4 | 3 |
| 8 | 5 | 1 | 3 | 7 | 4 | 9 | 6 | 2 |
| 7 | 9 | 2 | 4 | 6 | 1 | 5 | 3 | 8 |
| 4 | 8 | 6 | 5 | 3 | 7 | 2 | 1 | 9 |
| 1 | 3 | 5 | 8 | 9 | 2 | 4 | 7 | 6 |
| 5 | 4 | 3 | 7 | 8 | 9 | 6 | 2 | 1 |
| 6 | 2 | 8 | 1 | 5 | 3 | 7 | 9 | 4 |
| 9 | 1 | 7 | 2 | 4 | 6 | 3 | 8 | 5 |

ଗତକାଲିର ଉତ୍ତର

# ଘରୋଇ ଶିକ୍ଷାର ଅନ୍ତରାଳେ



ଅକ୍ଷୟ କୁମାର ମିଶ୍ର

ସାମ୍ପ୍ରତି ଶିକ୍ଷା ବ୍ୟବସ୍ଥାରେ ଘରୋଇକରଣର ତୀବ୍ରତା ଯେ ଅଧିକ ଏହାକୁ ସ୍ୱୀକାର କରିବାକୁ ପଡ଼ିବ। ଗାଆଁରୁ ସହର ସବୁଠି, ପ୍ରାଥମିକରୁ ଉଚ୍ଚଶିକ୍ଷା ସବୁ ସ୍ତରରେ ଶିକ୍ଷା ଏକ ପଣ୍ୟ ଦ୍ରବ୍ୟ ଭାବରେ କ୍ରୟ ବିକ୍ରୟ ହେଉଛି। ତେବେ ଶିକ୍ଷା ପଣ୍ୟଦ୍ରବ୍ୟ ରୂପେ ବିକ୍ରି ହେଲେ ଅସୁବିଧା କ'ଣ? ଅନେକ ଲୋକ ଭାବନ୍ତି ଏହା ବରଂ ଭଲ। ସାମର୍ଥ୍ୟ ଅନୁଯାୟୀ ପିତାମାତାମାନେ ତାଙ୍କ ପୁଅଝିଅଙ୍କୁ ଉତ୍ତମ ତଥା ଉପଯୁକ୍ତ ଶିକ୍ଷା ପ୍ରଦାନ କରିପାରିବେ। ଇଚ୍ଛା ଅନୁଯାୟୀ ଶିକ୍ଷାନୁଷ୍ଠାନ ଚୟନ କରିପାରିବେ ଏବଂ ବଜାରର ଚାହିଦାକୁ ଲକ୍ଷ୍ୟକରି ମାର୍ଗ ବାଛିବେ। ସରକାରଙ୍କ ଉପରୁ ବୋଝ କମିବ, ବ୍ୟୟଭାର ହ୍ରାସ ହେବ। ଯେଉଁମାନେ ପାରୁନାହାନ୍ତି ସେମାନଙ୍କ କଥା ସରକାର ବୁଝନ୍ତୁ। ସମସ୍ତଙ୍କ ଦାୟିତ୍ୱ ନେବାକୁ ଗଲେ ଗୁଣାତ୍ମକ ଶିକ୍ଷା ଯୋଗାଇବାରେ ସରକାର ବ୍ୟର୍ଥ ହେବେ। ଫଳରେ ଆଖୁ ସାଙ୍ଗକୁ ଅନାବନା ଘାସ ପାଣି ପାଇବା ପରି ସଭିଏଁ ସମଦଶା ଭୋଗିବେ। ଏହା କେତେ ଯୁକ୍ତିସଙ୍ଗତ ଏବଂ ସୁସ୍ଥ ସମାଜ ଗଠନରେ ସହାୟକ ହେବ ତାହା ହିଁ ଆଲୋଚ୍ୟ ବିଷୟ।

ଶିକ୍ଷା ଏମିତି ଏକ ବ୍ୟବସ୍ଥା ଯାହା ମଣିଷର ଜୀବିକା, ଜୀବନଚର୍ଯ୍ୟା, ବ୍ୟବହାର, ଚାଲିଚଳନ ସବୁକିଛି ଉପରେ ପ୍ରତ୍ୟକ୍ଷ ପ୍ରଭାବ ପକାଇଥାଏ। ଶିକ୍ଷା ମଣିଷର କେବଳ ଶାରୀରିକ, ମାନସିକ, ବୌଦ୍ଧିକ ବିକାଶର ଚାବିକାଠି ନୁହେଁ ବରଂ ମଣିଷର ଚେତନାର ଅବରୁଦ୍ଧ ଦ୍ୱାରକୁ ଖୋଲିବାରେ ଏହା ଖୋରାକ ଯୋଗାଏ। ଏହା ମଣିଷକୁ ଆତ୍ମନିର୍ଭରଶୀଳ ହେବାରେ ଯେତିକି ସାହାଯ୍ୟକରେ ସେତିକି ଆତ୍ମସଂଯମୀ କରାଏ। ଏହା ଅଜ୍ଞତାରୁ ମୁକ୍ତିଦିଏ, ଅପସଂସ୍କୃତିଠାରୁ ଦୂରେଇ ନିଏ। କିନ୍ତୁ ଶିକ୍ଷା ଯେତେବେଳେ ବିକ୍ରୟ ଓ କ୍ରୟ ପରିସରଭୁକ୍ତ ହୋଇଯିବ ସେତେବେଳେ ପୁଞ୍ଜିନିବେଶର କଥା ଉଠିବ। ଯିଏ ପୁଞ୍ଜିବିନିଯୋଗକରି ଶିକ୍ଷାନୁଷ୍ଠାନ ଖୋଲିବ ସେ ସେଠାରୁ ଲାଭ କେମିତି ଆସିବ ତାହା ଚିନ୍ତା କରିବ। ଲାଭରୁ ଆସିବ ଲୋଭ। ଲୋଭ ବଢ଼ିଲେ ମୂଲ୍ୟବୋଧ କମିବ। ମୂଲ୍ୟବୋଧର ହ୍ରାସ ହେଲେ ଶୋଷଣ ଅବାଧ ଗତିରେ ଚାଲିବ। ଏମିତି ଗୋଟିଏ ବି ଘରୋଇ ଶିକ୍ଷାନୁଷ୍ଠାନ ନାହିଁ ଯେଉଁଠି ଛାତ୍ରୀଛାତ୍ରମାନେ ଶୋଷଣର ଶିକାର ହେଉ ନାହାନ୍ତି। ଏହାକୁ ଅତି ସହଜରେ ବୁଝିହେବ ଯଦି ପ୍ରତ୍ୟେକ ଘରୋଇ ଶିକ୍ଷାନୁଷ୍ଠାନର ଶୈଶବ ଓ କୈଶୋର ଅବସ୍ଥାର ଚେହେରାକୁ ବିଶ୍ଳେଷଣ କରାଯାଏ। ୧୦/୧୫ ବର୍ଷ ଭିତରେ ଅଭୂତପୂର୍ବ ପରିବର୍ତ୍ତନ ଘଟୁଛି ଏହି ଧରଣର ଶିକ୍ଷାନୁଷ୍ଠାନଗୁଡ଼ିକରେ। ବିସ୍ତୀର୍ଣ୍ଣ ପରିସର, ଆଖି ପାଏ ନାହିଁ। ଅନେକ ନଭଶ୍ଚୁମ୍ବୀ ଅଟ୍ଟାଳିକା ଛିଡ଼ା ହୋଇଯାଏ କେତୋଟି ବର୍ଷ ଭିତରେ। ସାଙ୍ଗକୁ ଅତ୍ୟାଧୁନିକ ଭିତ୍ତିଭୂମି, ଆଖି ଝଲସିଲା ଭଳି ସାଜସଜ୍ଜା ସବୁ କିଛିରେ ଯାଦୁକରୀ ପରିବର୍ତ୍ତନ। ଦେଶ ବିଦେଶରୁ ଛାତ୍ରୀଛାତ୍ରଙ୍କୁ ଆକୃଷ୍ଟ କରିବା ପାଇଁ ବହୁ କୋଟି ଟଙ୍କା ବିନିମୟରେ ବହୁଳ ପ୍ରଚାର ଅଭିଯାନ ଚାଲୁଛି। ଏତେ ଅର୍ଥ ଆସୁଛି କେଉଁଠୁ? ଗୋଟିଏ ମାତ୍ର



ଉତ୍ତର ଉତ୍ତମ ଶିକ୍ଷା ପାଇଁ ଯେଉଁ ଛାତ୍ରୀଛାତ୍ରମାନେ ଏହିସବୁ ଶିକ୍ଷାନୁଷ୍ଠାନରେ ଭର୍ତ୍ତି ହେଉଛନ୍ତି ସେମାନଙ୍କ ଅଭିଭାବକଙ୍କଠାରୁ ନିଶ୍ଚୟ। ଆମେ କହିପାରିବା ନାହିଁ ଯେଉଁ ଅଭିଭାବକମାନେ ତାଙ୍କ ପିଲାମାନଙ୍କୁ ଏହିସବୁ ବିଦ୍ୟାଳୟ, ମହାବିଦ୍ୟାଳୟ ଅଥବା ବିଶ୍ୱବିଦ୍ୟାଳୟରେ ପଢ଼ାଉଛନ୍ତି ସେମାନେ ସମସ୍ତେ ଧନୀ ଏବଂ ସମସ୍ତଙ୍କ ନିକଟରେ ପର୍ଯ୍ୟାପ୍ତ ପରିମାଣରେ ଅର୍ଥ ମହଜୁଦ ଅଛି। ଯଦି ନିରପେକ୍ଷ ତଦନ୍ତ କରାଯାଏ ତେବେ ଜଣାପଡ଼ିବ ଯେ ଏମାନଙ୍କ ଭିତରୁ ଅନେକେ ଏହି ଅର୍ଥକୁ ଭରଣାକରିବା ପାଇଁ ଜମିବାଡ଼ି ବିକ୍ରି କରିଦେଉଛନ୍ତି, କେହି କେହି ଋଣ ଯନ୍ତା ଭିତରେ ପଡ଼ି ଛଟପଟ ହେଉଛନ୍ତି।

ମାତ୍ର ଦିନକୁ ଦିନ ଘରୋଇ ଶିକ୍ଷାର ଚାହିଦା ବଢ଼ୁଛି। ଡିଗ୍ରୀଧାରୀ ବେକାର ଯୁବତୀଯୁବକଙ୍କର ଅଭାବ ନାହିଁ, ଯେଉଁମାନେ ପାଠ ପଢ଼ାଇବେ। ଶିକ୍ଷାନୁଷ୍ଠାନ ପ୍ରତିଷ୍ଠା ପାଇଁ ସରକାରୀ ନୀତି ଅତୀବ କୋହଳ। ମିଛସତ କହି ପିଲା ଗୋଟାଇବା ପାଇଁ ଦଲାଲ ଅଛନ୍ତି। ବାସ୍, ଘରଟିଏ ଭଡ଼ା ନେଇ ଶିକ୍ଷା ଶିଳ୍ପଟିଏ ଖୋଲି ଦେଲେ କେଇଟା ଦିନରେ ମାଲାମାଲ୍। ମାଛତେଲରେ ମାଛ ଭଜାହେବ। ନିଜସ୍ୱ କ୍ୟାମ୍ପସ୍ ତିଆରି କରିବାକୁ ବେଶିଦିନ ଲାଗିବନାହିଁ। ଆଉ ଯିଏ ନେଇଆଣି ଥୋଇ ପାରିଲା, ପ୍ରଶାସନ ଏବଂ ସରକାରଙ୍କ ସହ ଭିତିରି ସମ୍ପର୍କ ରଖିପାରିଲା ତା'ର କଟେପୁଅ ବାର। ଏହାକୁ ଦେଖାଦେଖି ଏହି ପ୍ରକାର ଶିଳ୍ପ ଗାଆଁଠାରୁ ସହର ଯାଏ ସବୁଠି ଛତୁଫୁଟିବା ପରି ଗଢ଼ି ଉଠିଛି, ଉଠୁଛି। ଆଜି ଦେଶରେ କେତୋଟି ଘରୋଇ ବିଶ୍ୱବିଦ୍ୟାଳୟ, ମହାବିଦ୍ୟାଳୟ, ବିଦ୍ୟାଳୟ ଅଛି ତା'ର ହିସାବ କେହି କହିପାରିବେ ନାହିଁ।

ଘରୋଇ ଶିକ୍ଷା ବ୍ୟବସ୍ଥାରେ କେବଳ ଶିକ୍ଷା ଗ୍ରହୀତାମାନେ ଶୋଷଣର ଶିକାର ହେଉଛନ୍ତି ତାହା ନୁହେଁ, ଯେଉଁମାନେ ଶିକ୍ଷା ଦେଉଛନ୍ତି ସେମାନେ ମଧ୍ୟ ଶୋଷିତ ହେଉଛନ୍ତି। ସରକାରୀ ଶିକ୍ଷା ବ୍ୟବସ୍ଥାରେ ଶିକ୍ଷକ, ଅଧ୍ୟାପକ, ପ୍ରାଧ୍ୟାପକମାନଙ୍କ ପାଇଁ ମାସିକ ବେତନର ବ୍ୟବସ୍ଥା ଥିବାବେଳେ ଘରୋଇ ଶିକ୍ଷାନୁଷ୍ଠାନରେ ବାର୍ଷିକ ପ୍ୟାକେଜ୍ ତାହା ପୁଣି ମାଲିକଙ୍କ ମର୍ଜି ଉପରେ ନିର୍ଭରକରେ। ବାର୍ଷିକ ଦରମା ବୃଦ୍ଧି ବ୍ୟବସ୍ଥା ରହିବା ସହ ୬ମାସ ଅନ୍ତରରେ ବର୍ଦ୍ଧିତ ମହଙ୍ଗା ଭତ୍ତା ମୂଲ୍ୟ ସୂଚକାଙ୍କକୁ ଦୃଷ୍ଟିରେ ରଖି ପ୍ରଦାନ କରାଯାଏ ସରକାରୀ ସ୍ତରରେ। ସୁନିର୍ଦ୍ଦିଷ୍ଟ ଚାକିରି ସର୍ତ୍ତାବଳୀ ସାଙ୍ଗକୁ ଅବସରକାଳୀନ ସୁବିଧା ସୁଯୋଗ ମଧ୍ୟ ରହିଛି। ମାତ୍ର ଘରୋଇ ଶିକ୍ଷାନୁଷ୍ଠାନରେ ଯେଉଁମାନେ ଶିକ୍ଷକତା କରୁଛନ୍ତି ସେମାନଙ୍କ କ୍ଷେତ୍ରରେ ଏସବୁର ବ୍ୟବସ୍ଥା ନ ଥିବା ବେଳେ ଯାହା ବି ଅଛି ତା'ର କୌଣସି ସ୍ଥାୟିତ୍ୱ ନାହିଁ। ଘଡ଼ିକେ ଘୋଡ଼ା ଛୁଟିଲା ଭଳି ନିୟମ ପରିବର୍ତ୍ତନ ହୁଏ। ସରକାରୀ ଭାବେ ନିଯୁକ୍ତ ବେତନ ଆୟୋଗ ଯେଉଁ ବେତନ ନିର୍ଦ୍ଧାରଣ କରନ୍ତି ତାହା କୌଣସି ଘରୋଇ ଶିକ୍ଷାନୁଷ୍ଠାନରେ ଲାଗୁ ହୁଏନାହିଁ। ଏମାନେ ବର୍ଦ୍ଧିତ ବେକାରି ହାରର ସୁଯୋଗ ନେଇ ଉଚ୍ଚଶିକ୍ଷିତ ଯୁବତୀଯୁବକଙ୍କୁ କମ୍ ପାରିଶ୍ରମିକ ଦେଇ ବେଶି କାମ ଆଦାୟ କରନ୍ତି। ତଥାପି ଏମାନେ ପ୍ରତିବାଦ କରିପାରନ୍ତି ନାହିଁ। ପାଟି ଖୋଲିଲେ ବହିଷ୍କାରର ଭୟ। ସବୁ ଅନ୍ୟାୟ ଅନୀତିକୁ ମଥାପାତି ମାନି ନିଅନ୍ତି ଏହି ଶିକ୍ଷିତ ଯୁବତୀଯୁବକମାନେ। ଏମିତିକି ସରକାର ନିର୍ଦ୍ଧାରଣ କରିଥିବା କୁଶଳୀ କାରିଗରଠାରୁ ମଧ୍ୟ କମ୍ ପାରିଶ୍ରମିକରେ ଏମାନେ ଶିକ୍ଷାଦାନ କରୁଛନ୍ତି।

କେବଳ ଶୋଷଣ ନୁହେଁ, ବହୁ ଲକ୍ଷ ଟଙ୍କା ବିନିମୟରେ ଯେଉଁମାନେ ଶିକ୍ଷାକୁ କ୍ରୟ କରୁଛନ୍ତି ସେମାନଙ୍କ ଭିତରେ ଏକ ବ୍ୟବସାୟିକ ମନୋବୃତ୍ତି ସୃଷ୍ଟି ହୋଇଯାଉଛି। ମାନବୀୟ ମୂଲ୍ୟବୋଧ କମି କମି ଆସୁଛି। ଉଦାହରଣ ସ୍ୱରୂପ କୋଟିଏ ଟଙ୍କା ଖର୍ଚ୍ଚକରି ଡାକ୍ତର ହେବା ପରେ ସେ ରୋଗୀ ସେବା କରିବ ନା ଯେକୌଣସି ପ୍ରକାରେ ବହୁ କୋଟି ଟଙ୍କା ଉପାର୍ଜନ କରିବାକୁ ମନ ବଳାଇବ ତାହା ହିଁ ବିଚାର ସାପେକ୍ଷ। ଦ୍ୱିତୀୟରେ ଡାକ୍ତରୀ ପାଠ ପଢ଼ିବା ପାଇଁ ଯେଉଁ ଯୋଗ୍ୟତା ହାସଲ କରିବାକୁ ପଡ଼େ ତାହା ନ କରି ମଧ୍ୟ ପ୍ରଚୁର ଟଙ୍କା ଖର୍ଚ୍ଚକରି ଏହା ଅଧ୍ୟୟନ କରୁଛନ୍ତି। ଏହା କେବଳ ଘରୋଇ ଶିକ୍ଷାନୁଷ୍ଠାନରେ ସମ୍ଭବ ହୋଇପାରେ। ଏହା ଫଳରେ ଦକ୍ଷତା ଆଜି ସନ୍ଦେହର କାଠଗଡ଼ାରେ।

କୌଣସି ଘରୋଇ ଶିକ୍ଷାନୁଷ୍ଠାନ ସାମୂହିକ ଦକ୍ଷତା ଉପରେ ଗୁରୁତ୍ୱ ଦିଏନାହିଁ। ସେଇଥିପାଇଁ ସଂଘୀୟ କାର୍ଯ୍ୟକ୍ରମର ଏମାନେ ପରିପନ୍ଥୀ। ବିଦ୍ୟାର୍ଥୀ କେବଳ ନିଜେ ନିଜର ଅଭାବ ଅସୁବିଧା ସମ୍ପର୍କରେ କର୍ତ୍ତୃପକ୍ଷଙ୍କୁ ଅବଗତ କରାଇପାରିବେ। କିନ୍ତୁ ଅନ୍ୟର ଅସୁବିଧା ସମ୍ପର୍କରେ ଜଣାଇବାର ସ୍ୱାଧୀନତା କାହାକୁ ଦିଆଯାଏ ନାହିଁ। ସଂଘ, ସଙ୍ଗଠନ, ସଂସଦ ଗଢ଼ିବାର ଅଧିକାର ଏଠାରେ ନାହିଁ। ଫଳରେ ଏହିସବୁ ଶିକ୍ଷାନୁଷ୍ଠାନରେ ଯେତେ ଅନ୍ୟାୟ, ଅନୀତି, ଦୁର୍ନୀତି, ଶୋଷଣ, କଷଣ, କେଲେଙ୍କାରୀ ହେଲେ ମଧ୍ୟ ଛାତ୍ରୀଛାତ୍ରଙ୍କ ଅସନ୍ତୋଷ ଦେଖିବାକୁ ମିଳେ ନାହିଁ। ଭବିଷ୍ୟତକୁ ଦୃଷ୍ଟିରେ ରଖି ସହିଯିବାକୁ ଏମାନେ ବାଧ୍ୟ ହୁଅନ୍ତି। ଭିତରର ଗୁମର ପଦାକୁ ଆସେ ନାହିଁ। ମନଲୋଭା ବାହ୍ୟ ପରିବେଶ, ନିଯୁକ୍ତିର ମିଛ ଗ୍ୟାରେଣ୍ଟି ତଥା ମିଛ ମାନ୍ୟତାକୁ ଲକ୍ଷ୍ୟକରି ଧନ, ମନ, ଯୌବନ ଅଜାଡ଼ି ଦିଅନ୍ତି ଛାତ୍ରୀଛାତ୍ରମାନେ।

ଉପସଂହାରରେ ଏତିକି କହିବି, ଶିକ୍ଷାରେ ଘରୋଇକରଣ ଅଥବା ବ୍ୟବସାୟୀକରଣ ଦ୍ୱାରା ମଣିଷର ବୌଦ୍ଧିକ ବିକାଶ ହୁଏତ କେତେକାଂଶରେ ସମ୍ଭବ ହୁଏ, କିନ୍ତୁ ତା'ର ସର୍ବାଙ୍ଗୀନ ବିକାଶ ଘଟେ ନାହିଁ। ସମାଜର ସମତୁଲ ବିକାଶ ହେବା ପରିବର୍ତ୍ତେ ବୈଷମ୍ୟ ତୀବ୍ରତର ହୁଏ। ଏହା କଦାପି ସାର୍ବଜନୀନ ଶିକ୍ଷାର ବିକଳ୍ପ ହୋଇପାରିବ ନାହିଁ। ପ୍ରତ୍ୟେକଟି ଶିଶୁ, କିଶୋର ଓ ଯୁବକଙ୍କୁ ଶିକ୍ଷା ଅଧିକାର ଆଇନର ପରିସରଭୁକ୍ତ କରିବାକୁ ହେଲେ ଶିକ୍ଷାର ବଜାରୀକରଣକୁ ନିରୁତ୍ସାହିତ କରିବା ସଙ୍ଗେ ସଙ୍ଗେ ସରକାରୀ ସାର୍ବଜନୀନ ଶିକ୍ଷା ଉପରେ ଅଧିକ ଗୁରୁତ୍ୱ ଦେବା ବାଞ୍ଛନୀୟ।

**ସଭାପତି, ଓଷ୍ଟା**
**ମୋ:୯୯୩୮୭୬୩୨୩୭**

# ସଫଳତାର ପ୍ରଥମ ପାହାଚ ଜିଜ୍ଞାସା



ଡ. ମନୋରଞ୍ଜନ ପ୍ରଧାନ

ସମସ୍ତେ ସଫଳତାର ପଛରେ ଧାବମାନ। କିନ୍ତୁ ସଫଳତା ବିଶୁଦ୍ଧ ଯୋଜନା ଓ ଉପଯୁକ୍ତ କ୍ରିୟାନ୍ୱୟନର ଫଳ ଶ୍ରୁତି। ସେଥିପାଇଁ ପ୍ରଥମ ପାହାଚ ହେଉଛି ଜିଜ୍ଞାସା। ଯେଉଁ ବିଷୟରେ ବି କିଛି କରିବାକୁ ଯାଉଛନ୍ତି ତାହା ସମ୍ବନ୍ଧରେ ବିଶେଷ ଜ୍ଞାନ, ଦକ୍ଷତା ଓ ଅନୁଭବ ବିନା କାର୍ଯ୍ୟସିଦ୍ଧି ଅସମ୍ଭବ ଓ ଅସମ୍ପୂର୍ଣ୍ଣ। ସେଥିପାଇଁ ଉଦ୍ୟୋକ୍ତାଙ୍କୁ ଉଦ୍ୟମ କରିବାକୁ ପଡ଼ିବ ନିଜର ଅସୀମ ଜିଜ୍ଞାସା ମାଧ୍ୟମରେ। ଭାରତୀୟ ଜ୍ଞାନ ପରମ୍ପରାରେ ଜିଜ୍ଞାସା ଓ ପ୍ରଶ୍ନୋତ୍ତରୀର ସ୍ଥାନ ଶୀର୍ଷରେ। ସେଥିପାଇଁ ପ୍ରାଚୀନ ଭାରତର ଜ୍ଞାନ ଓ ବିଜ୍ଞାନ ପରମ୍ପରା ବିଶ୍ୱ ବନ୍ଦନୀୟ ଥିଲା। ଋଷି, ତପସ୍ୱୀମାନଙ୍କ ଜିଜ୍ଞାସାର ଫଳ ଆମେ ସମସ୍ତେ ଜାଣନ୍ତି। ପୁତ୍ର ନଚିକେତାର ଜିଜ୍ଞାସା ହିଁ କଠୋପନିଷଦରେ ଜନ୍ମ ଓ ମୃତ୍ୟୁ ଭେଦର ମର୍ମକଥା ଆଜି ଆମ ସମ୍ମୁଖରେ ଉପଲବ୍ଧ। ଧନୁର୍ଦ୍ଧର ତୃତୀୟ ପାଣ୍ଡବ ଅର୍ଜୁନଙ୍କ ଜିଜ୍ଞାସା ଓ ଜଗଦ୍‌ଗୁରୁ ଶ୍ରୀକୃଷ୍ଣଙ୍କର ସମୟୋପଯୋଗୀ ପ୍ରତ୍ୟୁତ୍ତର ହିଁ ଆଜି ବିଶ୍ୱକୁ ଭଗବତ୍ ଗୀତା ଭଳି ଅମୃତ ଆମେ ପାଇଛୁ, ଯାହାକୁ ସାରା ବିଶ୍ୱ ଆଜି ସର୍ବୋଚ୍ଚ ମାର୍ଗଦର୍ଶନ ଓ ଉପଦେଶନ ମାର୍ଗଦର୍ଶିକା ଭାବରେ ଗ୍ରହଣ କରିଛି। କବିଗୁରୁ ରବୀନ୍ଦ୍ରନାଥ ଟାଗୋରଙ୍କ ଜିଜ୍ଞାସା ଓ ଶିଖିବାର ମାନସିକତା ହିଁ ବୟସର ସାନ୍ଧ୍ୟ କାଳରେ ମାଟିରେ କୁଟିର ନିର୍ମାଣର କଳା ଶିକ୍ଷା ପାଇଁ ପ୍ରେରିତ କରିଥିଲା। କେବଳ ସେତିକି ନୁହେଁ, ଭାରତୀୟମାନଙ୍କ ଜିଜ୍ଞାସା ହେତୁ ଆମେ ସବୁ କ୍ଷେତ୍ରରେ ସମୃଦ୍ଧ ଥିଲେ। ଆଜି ମଧ୍ୟ ଜିଜ୍ଞାସୁ ଭାରତୀୟମାନଙ୍କ କୃତି ଓ କୀର୍ତ୍ତି ହେତୁ ସାରା ବିଶ୍ୱରେ ଭାରତୀୟମାନେ ସବୁ କ୍ଷେତ୍ରରେ ନେତୃତ୍ୱ ନେଉଛନ୍ତି।

ସମସ୍ତେ ଜାଣନ୍ତି ସେଓ ଗଛରୁ ପଡ଼ିଲେ ତଳେ ପଡେ। କିନ୍ତୁ ସେଦିନ ନିଉଟନଙ୍କ ଜିଜ୍ଞାସା ହିଁ ଆଜି ବିଜ୍ଞାନ କ୍ଷେତ୍ରରେ ନୂତନ ଦିଶା ଦେଖେଇପାରିଛି। ସାମନ୍ତ ଚନ୍ଦ୍ରଶେଖରଙ୍କ ଅହେତୁକ ଜିଜ୍ଞାସା ହିଁ ବାଉଁଶ ନଳୀ ଉପଯୋଗ କରି ଆକାଶରେ ଗ୍ରହ, ଉପଗ୍ରହ ଗଣିବାକୁ ପ୍ରେରଣା ଦେଇଥିଲା। ତେଣୁ ଜିଜ୍ଞାସା ପ୍ରତ୍ୟେକ ଜ୍ଞାନ, ବିଜ୍ଞାନ ଓ ପ୍ରଜ୍ଞାନର ମୂଳାଧାର। କେବଳ ଜିଜ୍ଞାସାରେ କାମ ସରିଯିବ ନାହିଁ। ତାକୁ ବଳ ଦେବା ପାଇଁ ସୁନ୍ଦର ପରିବେଶ, ସକାରାତ୍ମକ ସହଯୋଗ ଓ ମାର୍ଗଦର୍ଶନ ଦରକାର। ବିଶେଷକରି ବୌଦ୍ଧିକ ସ୍ୱତନ୍ତ୍ରତା ହିଁ ଜିଜ୍ଞାସୁ ମଣିଷର ଜ୍ଞାନ ତୃଷ୍ଣାକୁ ମେଣ୍ଟେଇପାରିବ। ଉଦାହରଣ ସ୍ୱରୂପ ଗୋଟିଏ ଛାତ୍ରୀ ବା ଛାତ୍ର ଶ୍ରେଣୀ ପ୍ରକୋଷ୍ଠରେ ପୁସ୍ତକାସ୍ଥିତ ପ୍ରସଙ୍ଗଠାରୁ କିଛି ଭିନ୍ନ ଚିନ୍ତନ ବା ପ୍ରୟୋଗ ପାଇଁ ଜାଣିବାକୁ ଚାହୁଁଛନ୍ତି। ଯଦି ଶିକ୍ଷକ ତା'ର ମନୋବଳ, ଜିଜ୍ଞାସା ଓ ନୂତନ ସମ୍ଭାବନାକୁ ସମ୍ମାନ ନ ଦେଇ ତା'ର ପାଟି ବନ୍ଦ କରି ଅପମାନ କରନ୍ତି, ତେବେ ଭ୍ରୁଣ ହତ୍ୟା ଭଳି ଦଶା ହେବ। ତେଣୁ ଶିକ୍ଷକମାନଙ୍କର ପ୍ରଥମ କାର୍ଯ୍ୟ ଶିକ୍ଷାର୍ଥୀମାନଙ୍କୁ ଶୁଣିବା, ସେମାନଙ୍କ ଭାବନାକୁ ବୁଝିବା, ସ୍ୱୀକୃତି ଦେବା ଓ ଆଗକୁ ବଢ଼ିବା ପାଇଁ ପ୍ରୋତ୍ସାହନ ଦେବା।

ଜିଜ୍ଞାସା ଶିଶୁ ଓ ବ୍ୟକ୍ତି ଭିତରେ ଅନେକ ପ୍ରଶ୍ନ ସୃଷ୍ଟି କରେ ଏବଂ ସେସବୁ ପ୍ରଶ୍ନର ଠିକ ଉତ୍ତର ପାଇବା ପାଇଁ ନିଜର ଚିନ୍ତା ଓ ଚେତନାକୁ ଉଜାଗର କରେ। ଆତ୍ମ-



ବିଶ୍ଳେଷଣ ଓ ସମୀକ୍ଷା ମାଧ୍ୟମରେ ସମୁଚିତ ଉତ୍ତର ଖୋଜେ। ନୂତନ ଜ୍ଞାନ ସଂରଚନା ପାଇଁ ସ୍ୱାଧ୍ୟାୟ କରେ। ଆବଶ୍ୟକ ପଡ଼ିଲେ ଗୁରୁଜନମାନଙ୍କ ସହ ବିମର୍ଶ କରି ଉପଦେଶନ ଓ ପରାମର୍ଶ ଜରିଆରେ ପ୍ରଶ୍ନଗୁଡ଼ିକର ଉତ୍ତର ପାଇବାକୁ ଚେଷ୍ଟା। ଏହି ଜିଜ୍ଞାସା ଓ ନିରନ୍ତର ପ୍ରଚେଷ୍ଟା ହିଁ ତାଙ୍କୁ ବିଶେଷ ଜ୍ଞାନର ଅଧିକାରୀ। ଫଳତଃ ବିଜ୍ଞାନୀ ମଣିଷ ଭାବରେ ପରିଚିତ ହୁଏ।

ଆମର ଯେକୌଣସି ଶାସ୍ତ୍ର ପୁରାଣକୁ ଜାଣିବାକୁ ବା ପଢ଼ିବାକୁ ଇଚ୍ଛା କରନ୍ତୁ, ପ୍ରାୟତଃ ଦୁଇଟି କଥା ଅନୁମାନ କରାଯାଇପାରେ। ପ୍ରଥମରେ ଦୁଇ ବା ତଦୂର୍ଦ୍ଧ୍ୱ ବ୍ୟକ୍ତି ମଧ୍ୟରେ ବିମର୍ଶ ଓ ଆଲୋଚନା ହୁଏ କୌଣସି ଜିଜ୍ଞାସାକୁ ନେଇ। ସେହି ଜିଜ୍ଞାସା ଓ ଆତୁରତା ହିଁ ସୃଷ୍ଟି କରେ ଜ୍ଞାନ ସଂରଚନାର ମହାଦ୍ରୁମ। ଦ୍ୱିତୀୟରେ, ବିମର୍ଶ ସମୟରେ କିଏ କାହାଠାରୁ ଅଧିକ ବିଜ୍ଞ ଓ ପ୍ରାଜ୍ଞଙ୍କ କଥା ଚିନ୍ତାକରି ନ ଥାନ୍ତି। ବରଂ ପରସ୍ପରଠାରୁ ଶୁଣିବା ଓ ଶିଖିବାର ମାନସିକତା ରଖିଥାନ୍ତି। ମହାଭାରତ ଯୁଦ୍ଧରେ ଭଗବାନ ଶ୍ରୀକୃଷ୍ଣ ପ୍ରଥମେ ଅର୍ଜୁନଙ୍କୁ ଶୁଣିଛନ୍ତି, ତାଙ୍କ ଜ୍ଞାନର ପରିଧିକୁ ମାପିଛନ୍ତି ଏବଂ ତା'ପରେ ମାର୍ଗଦର୍ଶନ କରିଛନ୍ତି। ଅର୍ଜୁନଙ୍କ ଅତ୍ୟଧିକ ପ୍ରଶ୍ନ ଶୁଣି ବିରକ୍ତ ହୋଇ ନାହାନ୍ତି କି କୌଣସି ପ୍ରଶ୍ନର ଉତ୍ତର ନ ଦେଇ ଭଣ୍ଡେଇବାକୁ ସାମାନ୍ୟ ପ୍ରୟାସ ମଧ୍ୟ କରିନାହାନ୍ତି। ବରଂ ଅନୁଭବ ଓ ଅନୁଭୂତି ଆଧାରରେ ସବୁ ପ୍ରଶ୍ନର ଉତ୍ତର ଜିଜ୍ଞାସୁ ଅର୍ଜୁନଙ୍କୁ ପ୍ରତ୍ୟକ୍ଷ ପର୍ଯ୍ୟବେକ୍ଷଣ ଓ ପ୍ରତ୍ୟକ୍ଷ କ୍ରିୟାଶୀଳ ହୋଇ ସମାଧାନ ଖୋଜିବାକୁ ପ୍ରୋତ୍ସାହନ ଦେଇଛନ୍ତି। ଯେତେବେଳେ ଋଷି ଯଇମିନି ଗୁରୁ ମହର୍ଷି ବ୍ୟାସଦେବଙ୍କ ଗୋଟିଏ ଶ୍ଳୋକ ସହ ସହମତି ନ ହୋଇ କହିଲେ କି ଇନ୍ଦ୍ରିୟମାନେ ଜ୍ଞାନୀ ଲୋକମାନଙ୍କୁ ଆକର୍ଷଣ ଓ ଆକ୍ରମଣ କରିପାରିବେ ନାହିଁ, ସେତେବେଳେ ବ୍ୟାସଦେବ ଶିଷ୍ୟଙ୍କ ଜିଜ୍ଞାସା ଓ ଆହ୍ୱାନକୁ ସମ୍ମାନ ଜଣାଇ ଏକ ପରୀକ୍ଷା ମାଧ୍ୟମରେ ସନ୍ଦେହ ମୋଚନ କରିଥିଲେ। କିନ୍ତୁ ଶିଷ୍ୟକୁ ନାଲି ଆଖି ଦେଖେଇ ବା ନିଜକୁ ପଣ୍ଡିତମନ୍ୟ ଭାବି ତା'ର ଜିଜ୍ଞାସାକୁ ଅନାଦର ଓ ଅଣଦେଖା କରି ନ ଥିଲେ। ତେଣୁ ଜିଜ୍ଞାସା, ବିମର୍ଶ ଓ ପ୍ରଶ୍ନୋତ୍ତରୀ ହେଉଛି ଜ୍ଞାନ ସଂରଚନା ଓ ସଫଳତା ପ୍ରାପ୍ତିର ପ୍ରଥମ ପାହାଚ ଓ ବିଧିବଦ୍ଧ ସଫଳତାର ରଣନୀତି। ସେଥିପାଇଁ ପରିବାରଠାରୁ ଶିକ୍ଷାନୁଷ୍ଠାନ ଯାଏ ସମସ୍ତେ ଶିଶୁମାନଙ୍କ ଜିଜ୍ଞାସା ବୃଦ୍ଧି ପାଇଁ ପ୍ରୋତ୍ସାହନ ଦେବା ଉଚିତ। ସେମାନଙ୍କ ସବୁ ପ୍ରଶ୍ନର ଉତ୍ତର ଯଥାର୍ଥ ଭାବରେ ଦେବାପାଇଁ ପ୍ରଯତ୍ନ କରିବା ଉଚିତ୍। ସେମାନଙ୍କୁ ଶାସନ ଦଣ୍ଡରେ ତଳିତଳାନ୍ତ ନ କରି ଅନୁଶାସନ ରୂପକ ଗଣତାନ୍ତ୍ରିକ ମର୍ଯ୍ୟାଦାକୁ ପାଳନ କରି ସେମାନଙ୍କୁ ପ୍ରଶ୍ନ ମାଧ୍ୟମରେ ଯେକୌଣସି ଜିଜ୍ଞାସା ବ୍ୟକ୍ତ କରିବା ପାଇଁ ସୁଯୋଗ ସୃଷ୍ଟି କରିପାରିଲେ ଭାରତବର୍ଷ ଜ୍ଞାନ ପରମ୍ପରାର ଅନନ୍ୟ ସ୍ୱାଧିକାରୀ ଭାବରେ ପୁନଃ ବିଶ୍ୱ ବନ୍ଦନୀୟା ହୋଇପାରିବ। ବିଶେଷକରି ଗୁରୁ ଶିଷ୍ୟ କଥନର ପ୍ରଖ୍ୟାତ ସଦ୍‌ଗ୍ରନ୍ଥ ଭଗବତ୍ ଗୀତାର ପ୍ରଶ୍ନୋତ୍ତରୀ ଓ ବିମର୍ଶ ପଦ୍ଧତିକୁ ଆଗ୍ରହର ସହ ସଦୁପଯୋଗ କରିପାରିଲେ ଏକ ଜ୍ଞାନୀ ସମାଜ ସୃଷ୍ଟି ହୋଇପାରିବ। କେବଳ ଅହଂକାର ଛାଡ଼ିଲେ ହେଲା।

**ସହକାରୀ ପ୍ରଫେସର, ବିକ୍ରମ ଦେବ ବିଶ୍ୱବିଦ୍ୟାଳୟ, ଜୟପୁର, କୋରାପୁଟ**
**ମୋ: ୭୦୦୮୨୮୩୦୫୫**

## ଏଇ ଭାରତରେ

ପରିବେଶକୁ ଭଲପାଉଥିବା ମଣିଷ ସବୁବେଳେ ତାହାକୁ ସୁରକ୍ଷିତ ରଖିବା ପାଇଁ କାର୍ଯ୍ୟ କରନ୍ତି, ଯାହା କରୁଛନ୍ତି ପ୍ରଫେସର ଡ. ଶଙ୍କରଲାଲ ଗର୍ଗ। ସେ ୨୨ ଏକର ଜମିରେ ନିଜ ଖର୍ଚ୍ଚରେ ଏକ ଜଙ୍ଗଲ କରିଛନ୍ତି। ଗର୍ଗଙ୍କ ଘର ମଧ୍ୟପ୍ରଦେଶ ଇନ୍ଦୋରରେ। ୨୦୧୫ରେ ଇନ୍ଦୋରର ଏକ ସରକାରୀ ସ୍କୁଲର ପ୍ରିନ୍ସିପାଲ ଭାବେ କାର୍ଯ୍ୟକରି ଅବସର ନେବା ପରେ ସେ ଏକ କଲେଜ କରିବା ପାଇଁ ଜମି କିଣିଥିଲେ। କିନ୍ତୁ ତା' ବଦଳରେ ସେ ପରିବେଶ ସୁରକ୍ଷା ପାଇଁ କାମ କରିବାକୁ ନିଷ୍ପତ୍ତି ନେଇ କେସ୍‌ର ପାହାଡ଼ରେ ଗଛ ଲଗାଇବା ଆରମ୍ଭ କରିଥିଲେ। ଗଛ ବଢ଼ୁଥିବା ସମୟରେ ୨୦୧୯ରେ ବନାଗ୍ନିରେ ଜଙ୍ଗଲ ପୋଡ଼ି ନଷ୍ଟ ହୋଇଯାଇଥିଲା। ସେ ପଛକୁ ନ ହଟି ପୁନର୍ବାର ଜଙ୍ଗଲ ସୃଷ୍ଟି କରିବାରେ ଲାଗି ଯାଇଥିଲେ। ଗର୍ଗ ଏବେ ସୁଦ୍ଧା ୪୦,୦୦୦ ଗଛ ଲଗାଇଛନ୍ତି। ପ୍ରଥମେ ବର, ଅଶ୍ୱତ୍ଥ, ନିମ୍ବ, ପିଜୁଳି, ଆମ୍ବ ଗଛ ଲଗାଇବା ଆରମ୍ଭ କରିଥିଲେ। ଏଗୁଡ଼ିକ ସହ ସେଠାରେ ଏବେ ଇଟାଲୀ ଓ ସ୍ପେନର ଅଲିଭ, ଅଷ୍ଟ୍ରେଲିଆର ଆଭାକୋଡ଼ା, ମେକ୍ସିକୋର ଖଜୁରିଗଛ ଲଗାଇଛନ୍ତି। ଏହାବ୍ୟତୀତ ବିଭିନ୍ନ ପ୍ରକାର ଫୁଲ ଓ ଔଷଧୀୟ ଗଛ ମଧ୍ୟ ରୋପଣ କରିଛନ୍ତି। ସେଥିମଧ୍ୟରୁ ପାଖାପାଖି ୧୫,୦୦୦ ଗଛ ୧୨ ଫୁଟ ଉଚ୍ଚଯାଏ ବଢ଼ିଗଲାଣି। ଗର୍ଗ ସେଠାରେ ଆଉ ୧୦,୦୦୦ ଗଛ ଲଗାଇବା ଲାଗି ଯୋଜନା କରିଛନ୍ତି। ଏହି ଜଙ୍ଗଲରେ ଏବେ ୩୫ ପ୍ରକାର ପକ୍ଷୀ ଓ ଅନ୍ୟ ଛୋଟ ପ୍ରଜାତିର ପ୍ରାଣୀ ରହିଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

୧୧ ମାର୍ଚ୍ଚ ୧୯୭୬

- ଭାରତୀୟ ଡାକତାର ବିଭାଗ ୮ଟି ସବ୍‌ସ୍କ୍ରାଇବର ଟ୍ରଙ୍କ୍ ଡାଏଲିଙ୍ଗ୍ ରୁଟ ଓ ୧୩ଟି ଅବିଳମ୍ବେ ଟେଲିଫୋନ ବ୍ୟବସ୍ଥା ଦେଶର ବିଭିନ୍ନ ସ୍ଥାନରେ କାର୍ଯ୍ୟକାରୀ କରିଛନ୍ତି।
- ଦେଶର ଦୈନିକ ବିଦ୍ୟୁତ୍ ଉତ୍ପାଦନ ୨୫୧.୬୧ ନିୟୁତ ୟୁନିଟ୍‌କୁ ବୃଦ୍ଧି ପାଇ ଏକ ନୂତନ ରେକର୍ଡ ସୃଷ୍ଟି କରିଛି।

## ଚିରନ୍ତନୀ

ଚଳ ଗୋ ତୁମେ କାହାର ଲାଗି
ଆଜି ନିଶୀଥେ କିଏ ଅଭାଗୀ
ରହିଛି ଜାଗି ଢାଳି ତପତ ଶ୍ୱାସ ଗୋ
ପରାଣେ ବହି ତୀବ୍ରତମ ତ୍ରାସ ଗୋ।
-(ବର୍ଷା ନାୟିକା)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

# ପାଠକ ଶ୍ରେଷ୍ଠ ବିଚାରକ

## ଖରାପ ଧାନ ନେଉନାହାନ୍ତି ମିଲର୍ସ

ମହାଶୟ,

ପୁରୀ ଜିଲା ସତ୍ୟବାଦୀ ବ୍ଲକ୍‌ରେ ଗୋଟିଏ ଦୁଇଟି ମଣ୍ଡି ଉଦ୍‌ଘାଟନ, ନଡ଼ିଆ ଭଙ୍ଗା ଓ ଫିଙ୍ଗାକଟା ମଧ୍ୟରେ ଧାନକିଣା ସୀମିତ ରହିଛି। ରାଜ୍ୟ ସରକାର ଏଫ୍‌ଏକ୍ୟୁ ମାନର ଧାନ କୁଇଣ୍ଟାଲ ପିଛା ୩୧୦୦ ଟଙ୍କା ଦେବେ ବୋଲି ଘୋଷଣା କରିଥିଲେ। ଏହି ଆଶାରେ ଅନେକ ଚାଷୀ ନିଜ ଜମି ସହ ଭାଗରେ ଜମି ଆଣି ଚାଷ କରିଥିଲେ। ଅଦିନିଆ ବର୍ଷାରେ ଫସଲ ନଷ୍ଟ ହେଲା। ଯେଉଁମାନେ ଋଣ ଆଣି ଚାଷ କରିଛନ୍ତି ସେମାନେ ଚାପରେ ରହୁଛନ୍ତି। ସତ୍ୟବାଦୀ ବ୍ଲକ୍‌ର ୨୪ ଗୋଟି ପଞ୍ଚାୟତରେ ଚାଷୀ ସମୁଦାୟ ଧାନବସ୍ତାକୁ ପାଲ ଘୋଡ଼ାଇ ଘରବାରଣ୍ଡା ଆଗରେ, ଖଳାରେ ଓ ରାସ୍ତା ପାର୍ଶ୍ୱରେ ଥାକମାରି ରଖିଛନ୍ତି। କାଁ ଭାଁ ମଣ୍ଡି ତ ଖୋଲାଗଲା, କିନ୍ତୁ ଧାନ କିଣାଯାଉନାହିଁ। ଫଳରେ ଚାଷୀମାନେ ଦଲାଲଙ୍କ ଜରିଆରେ ମିଲ୍‌ରେ ଧାନ ବିକ୍ରୟ କରିବାକୁ ଏକ ପ୍ରକାର ବାଧ୍ୟ ହେଉଛନ୍ତି। ତେବେ ମିଲରଙ୍କ ଚକ୍ରବ୍ୟୂହରେ ଜିଲାରେ ଧାନମଣ୍ଡି ଖୋଲୁ ନ ଥିବା ଚାଷୀମାନେ ଅଭିଯୋଗ କରୁଛନ୍ତି।

-ଦେବତିକ୍ତ ମିଶ୍ର, ସାକ୍ଷୀଗୋପାଳ, ପୁରୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ଦଳିତ ଗର୍ଭବତୀଙ୍କୁ ବଳାତ୍କାରକରି କନଷ୍ଟେବଲ୍ ଗିରଫ

## ବୟାନ ରେକର୍ଡ କରିବା ବାହାନାରେ ୩ବର୍ଷର ପୁଅ ଆଗରେ ବଳାତ୍କାର

ଜୟପୁର(ରାଜସ୍ଥାନ),୧୦।୩

ଏକ ମାମଲାରେ ବୟାନ ରେକର୍ଡ କରିବା ବାହାନା ଦେଖାଇ ଜଣେ କନଷ୍ଟେବଲ୍ ଦଳିତ ଗର୍ଭବତୀ ମହିଳାଙ୍କୁ ବଳାତ୍କାର କରିଛନ୍ତି। ଏପରି କି ମହିଳାଙ୍କ ୩ ବର୍ଷର ପୁଅ ସମ୍ମୁଖରେ ବଳାତ୍କାର କରିବା ପରେ ଏନେଇ କାହାରିକୁ କହିଲେ ସ୍ୱାମୀଙ୍କୁ ଜେଲରେ ପୂରାଇ ଦେବାକୁ ଧମକ ଦେଇଥିଲେ। ପରେ ମହିଳାଙ୍କ ସ୍ୱାମୀଙ୍କ ଅଭିଯୋଗ ଆଧାରରେ ଜୟପୁର ସାଙ୍ଗନେର ପୋଲିସ ସମ୍ପୃକ୍ତ କନଷ୍ଟେବଲଙ୍କୁ ଗିରଫ କରିଛି। ଅଭିଯୁକ୍ତ କନଷ୍ଟେବଲ୍ ହେଉଛନ୍ତି ସାଙ୍ଗନେର ପୋଲିସ ଷ୍ଟେଶନରେ କାର୍ଯ୍ୟରତ ଭାଗାରାମ। ଅଭିଯୁକ୍ତଙ୍କୁ ରବିବାର ଗିରଫ କରାଯିବା ସହ ପରବର୍ତ୍ତୀ ତଦନ୍ତ ଚାଲିଛି ବୋଲି ସାଙ୍ଗନେର ଆସିଷ୍ଟାଣ୍ଟ ପୋଲିସ କମିଶନର(ଏସିପି) ବିନୋଦ କୁମାର ଶର୍ମା କହିଛନ୍ତି। ଏହି ଘଟଣା ରାଜସ୍ଥାନ ମୁଖ୍ୟମନ୍ତ୍ରୀଙ୍କ ନିଜ ନିର୍ବାଚନ ମଣ୍ଡଳୀରେ ଘଟିଥିବାରୁ ମହିଳାଙ୍କ ସୁରକ୍ଷାକୁ ନେଇ ପୂର୍ବତନ ମୁଖ୍ୟମନ୍ତ୍ରୀ ଅଶୋକ ଗେହଲଟ୍ ପ୍ରଶ୍ନ ଉଠାଇଛନ୍ତି।

ସୂଚନା ଅନୁସାରେ, ପଡ଼ୋଶୀଙ୍କ ସହ ଗଣ୍ଡଗୋଳ ଘଟଣାରେ ଅଭିଯୋଗକାରୀ ଥାନାରେ ଶୁକ୍ରବାର ଏକ ଅଭିଯୋଗ କରିଥିଲେ। ଶନିବାର ଅଭିଯୋଗକାରୀ ତଥା ପୀଡ଼ିତାଙ୍କ ସ୍ୱାମୀ କାମକୁ ଯାଇଥିବାବେଳେ ଅଭିଯୁକ୍ତ କନଷ୍ଟେବଲ ଭାଗାରାମ ଉକ୍ତ ମାମଲାରେ ବୟାନ ରେକର୍ଡ ପାଇଁ ମହିଳାଙ୍କୁ ଫୋନ କରି ଏକ ହୋଟେଲକୁ ଡାକିଥିଲେ। ମହିଳା ଜଣକ ଗର୍ଭବତୀ ଥିବାରୁ ତାଙ୍କୁ ଏବଂ ତାଙ୍କ ୩ବର୍ଷର ପୁଅକୁ ଅଭିଯୁକ୍ତ କନଷ୍ଟେବଲ ମୋଟର ସାଇକେଲରେ ହୋଟେଲକୁ



ନେଇଥିଲେ। ସେଠାରେ ମହିଳାଙ୍କୁ ଏକ ରୁମ୍‌କୁ ନେଇ ବୟାନ ରେକର୍ଡ କରିବା ପରିବର୍ତ୍ତେ ମହିଳାଙ୍କୁ ତାଙ୍କ ପୁଅ ସମ୍ମୁଖରେ ବଳାତ୍କାର କରିଥିଲେ। ମହିଳା ଏହାକୁ ବିରୋଧ କରିବାରୁ ଘଟଣା ସମ୍ପର୍କରେ କାହାରିକୁ ଜଣାଇଥିଲେ ତାଙ୍କ ସ୍ୱାମୀଙ୍କୁ ଜେଲରେ ପୂରାଇଦେବେ ବୋଲି ଧମକ ଦେଇଥିଲେ। ପୀଡ଼ିତାଙ୍କ ଡାକ୍ତରୀମାଇନା କରାଯିବା ସହ ଅଭିଯୁକ୍ତ ଭାଗାରାମଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି ବୋଲି ଏସିପି ଶର୍ମା କହିଛନ୍ତି। ଅପରପକ୍ଷରେ ଏହି ଘଟଣାକୁ ନେଇ ରାଜନୀତି ଜୋର ଧରିଛି। ଘଟଣାଟି ମୁଖ୍ୟମନ୍ତ୍ରୀ ଭଜନଲାଲ୍ ଶର୍ମାଙ୍କ ନିର୍ବାଚନମଣ୍ଡଳୀରେ ଘଟିଥିବାରୁ ପୂର୍ବତନ ମୁଖ୍ୟମନ୍ତ୍ରୀ ଗେହଲଟ ରାଜ୍ୟରେ ମହିଳାଙ୍କ ସୁରକ୍ଷାକୁ ନେଇ ପ୍ରଶ୍ନ ଉଠାଇଛନ୍ତି। ମହିଳା ଦିବସରେ ମୁଖ୍ୟମନ୍ତ୍ରୀଙ୍କ ନିଜ ନିର୍ବାଚନ ମଣ୍ଡଳୀରେ ଜଣେ ଦଳିତ ଗର୍ଭବତୀ ମହିଳାଙ୍କୁ ପୋଲିସ କନଷ୍ଟେବଲ ବଳାତ୍କାର କରିବା ଘଟଣା ଅନତ୍ୟନ୍ତ ନିନ୍ଦନୀୟ। ରାଜ୍ୟରେ ମହିଳାମାନେ ସୁରକ୍ଷିତ ନୁହନ୍ତି ବୋଲି ଗେହଲଟ କହିଛନ୍ତି। ଏଥିସହ ଅଭିଯୁକ୍ତ କନଷ୍ଟେବଲଙ୍କୁ ତୁରନ୍ତ ଚାକିରିରୁ ବହିଷ୍କୃତ କରିବାକୁ ଦାବି କରିଛନ୍ତି।

# ଆମ୍ବୁଲାନ୍ସରେ ଚାଲାଣ ହେଉଥିଲା କଫ୍ ସିରପ

■୧୮୦୦ ବୋତଲ କଫ୍ ସିରପ ଜବତ, ୨ ଗିରଫ

■ଆମ୍ବୁଲାନ୍ସ, କାର୍, ସ୍କୁଟି ଜବତ: ଜଣେ ଅଭିଯୁକ୍ତ ଫେରାର

ବଲାଙ୍ଗୀର, ୧୦।୩ (ବୀରେନ୍ଦ୍ର କୁମାର ଝାଙ୍କର)

ଘରୋଇ ଆମ୍ବୁଲାନ୍ସରେ ବେଆଇନ କଫ୍ ସିରପ ଚାଲାଣ ହେଉଥିଲା। ପୋଲିସ ଆଖିରେ ଧୂଳି ଦେଇ କଫ୍ ସିରପ ବେପାରୀମାନେ ଏଭଳି ଅଭିନବ ଉପାୟରେ ବେଆଇନ ବେପାର ଚଳାଉଛନ୍ତି। ସୋମବାର ବଲାଙ୍ଗୀର ଟାଉନ୍ ଥାନା ପୋଲିସ କଫ୍ ସିରପ ଚାଲାଣ ଅଭିଯୋଗରେ ପୋଲିସ ୨ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେମାନେ ହେଲେ ତରଭା ଥାନା ମେଣ୍ଡା ଗାଁର ଅଭିଯୁକ୍ତ ରାଜେଶ ଓରଫ୍ ମିଲୁ ପ୍ରଧାନ (୨୮) ଏବଂ ବଲାଙ୍ଗୀର ଟାଉନ୍ ଥାନା ଶାନ୍ତିନଗରର ବବ୍ଲୁ ଓରଫ୍ ହରିହର ମିଶ୍ର (୩୭)। ପୋଲିସ ସେମାନଙ୍କ ନିକଟରୁ ୧୮୦୦ ବୋତଲ କଫ୍ ସିରପ ଜବତ କରିଛି। ଏହାସହିତ କଫ୍ ସିରପ ଚାଲାଣ ହେଉଥିବା ଏକ ଘରୋଇ ଆମ୍ବୁଲାନ୍ସ, କାର୍, ଗୋଟିଏ ସ୍କୁଟି, ୨ଟି ମୋବାଇଲ ଫୋନ, ଏଟିଏମ୍ କାର୍ଡ, ଡ୍ରାଇଭିଂ ଲାଇସେନ୍ସ, ୧୧୫୦ ଟଙ୍କା, ଏକ ଗାଡ଼ି ରେଜିଷ୍ଟ୍ରେଶନ୍ ସାର୍ଟିଫିକେଟ୍, ଭୋଟର ପରିଚୟ ପତ୍ରକୁ ପୋଲିସ ଜବତ କରିଛି। ଏସଂକ୍ରାନ୍ତରେ ଟାଉନ୍ ଥାନାରେ ଏକ ମାମଲା( ନଂ.୧୮୩/୨୫) ରୁଜୁ ହୋଇଛି। ଘଟଣା ସମ୍ପର୍କରେ ଅଧିକ ତଦନ୍ତ ଜାରି ରହିଛି। ଜଣେ ଅଭିଯୁକ୍ତ ଘଟଣାସ୍ଥଳରୁ ଫେରାର ହୋଇବାକୁ ସକ୍ଷମ ହୋଇଥିବା ଜଣାପଡ଼ିଛି। ବଲାଙ୍ଗୀର ଏସ୍‌ପି ଅଭିଲାଷ ଜି. ଏକ ପ୍ରେସ୍ ବିଜ୍ଞପ୍ତିରେ ଏନେଇ ସୂଚନା ଦେଇଛନ୍ତି। ଏକ ଘରୋଇ ଆମ୍ବୁଲାନ୍ସରେ ବେଆଇନ କଫ୍ ସିରପ ବଲାଙ୍ଗୀର ସହର ବ୍ରାହ୍ମଣପଡ଼ାକୁ ଚୋରାରେ ଚାଲାଣ ହେଉଥିବା ସମ୍ପର୍କରେ ଟାଉନ ଥାନା ପୋଲିସକୁ ଖବର ମିଳିଥିଲା। ସୋମବାର ଅପରାହ୍ନ ଟାଉନରେ ବିଶାଳ ମେଗା ମାର୍ଟ ନିକଟରେ ପୋଲିସ ପକ୍ଷରୁ ନାକା କରାଯାଇଥିଲା। ପୋଲିସ ଟିମ୍ ଏକ ଘରୋଇ ଆମ୍ବୁଲାନ୍ସ (ଓଡ଼ି୩ବି ୩୪୯୦), ଏକ କାର ନଂ.ଡବ୍ଲୁବି୨୦-ଜେଡ୍- ୮୧୫୨ ଏବଂ ଏକ ସ୍କୁଟି ଓଡ଼ି୦୩-ଏସ୍ – ୧୬୪୧କୁ ଅଟକାଇ ଥିଲା। ୨ ଗାଡ଼ି ଯାଞ୍ଚ ବେଳେ ୧୫ ପେଟିରେ ୧୮୦୦ ବୋତଲ ଓନିରେକ୍ସ କଫ୍ ସିରପକୁ ପୋଲିସ ଜବତ କରିଥିଲା।


**ODISHA COAL AND POWER LTD.**
**(A GOVT. OF ODISHA COMPANY)**
Odisha Coal and Power Limited OCPL
Zone-A, Fourth Floor, Fortune Towers, Chandrasekharpur, Bhubaneswar - 751023, Odisha, Ph. No. : 0674-2300654 / 2300664

**SHORT TENDER NOTICE**

NIT No : OCPL/SER-192/2024 Date : 11/03/2025

Sealed bids in prescribed format are invited from Companies / firms / agencies for the following work :

| Sl. No. | Name of the work | Cost of Tender Paper | Issue of Tender Document | Last date of Download of Tender Document | Last date of Submission / Opening of bid |
|---|---|---|---|---|---|
| 1 | Supply and Installation of Street Lights on the Road Connecting ManoharpurTownship to CHP Main Gate at Manoharpur, Sundargarh, Odisha | Rs.1,180/- (Rupees One Thousand One Hundred Eighty only) including GST | 11/03/2025 | 18/03/2025 | 03:00 PM / 03:30 PM on 25/03/2025 |

For further details, bidders may visit our website, i.e., www.ocpl.org.in. Any clarification may please be addressed to the undersigned at the above address or by email to : contracts@ocpl.org.in

Sd./- Chief Operating Officer


# ବାଣ ବିସ୍ଫୋରଣରେ ୨ ଗୁରୁତର

ନୟାଗଡ଼,୧୦।୩(ଲୋକନାଥ ମିଶ୍ର)

ନୟାଗଡ଼ ସଦର ଥାନା ନୂଆଗାଁ ବ୍ଲକ୍ ମାଳିସାହି ପଞ୍ଚାୟତର ହାରାଦେଉପୁର(ବୁଢ଼ାମୁଣ୍ଡା) ଗାଁରେ ସୋମବାର ମଧ୍ୟାହ୍ନରେ ବାଣ ବିସ୍ଫୋରଣରେ ମଉସା ଓ ପୁତୁରା ଗୁରୁତର ହୋଇଛନ୍ତି। ଦଶପଲ୍ଲା ଥାନା ଶ୍ରୀରାମପୁର ଗାଁର ଅମିୟ ନାୟକ(୪୬) ଗୁରୁତର ଅବସ୍ଥାରେ ଭୁବନେଶ୍ୱରରେ ଚିକିତ୍ସିତ ହେଉଛନ୍ତି। ବୁଢ଼ାମୁଣ୍ଡା ଗାଁର ତାଙ୍କ ପୁତୁରା ଶୁଭ ନାୟକ(୨୫) ନୟାଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହେଉଛନ୍ତି। ବାଣ ବିସ୍ଫୋରଣରେ ଗାଁ ଲୋକେ ଭୟଭୀତ ହୋଇପଡ଼ିଛନ୍ତି।

ପୋଲିସ ସୂଚନା ମୁତାବକ, ଶ୍ରୀରାମପୁର ଗାଁର ଅମିୟ ନାୟକ ନୟାଗଡ଼ ଟାଉନ ଥାନା ନବଘନପୁରରେ ବାଣ ଫୁଟାଇବାକୁ ଏକ କଲ୍ ରଖିଥିଲେ। ସୋମବାର ନବଘନପୁରରେ ବାଣ ଫୁଟିବାର ରହିଥିଲା। ନବଘନପୁର ଯିବା ପାଇଁ ଅମିୟ ସଶୁର ବୁଢ଼ାମୁଣ୍ଡା ଗାଁକୁ ସୋମବାର ବାଣ ଧରି ଆସିଥିଲେ। ବାଣକୁ ଘର କାନ୍ଥରେ ଝୁଲାଇ ପୁତୁରା ଓ ମଉସା କଥା ହେଉଥିଲେ। ମଧ୍ୟାହ୍ନ ଖରାରେ ବାଣ ବିସ୍ଫୋରଣ ହୋଇଥିଲା। ବିସ୍ଫୋରଣରେ ବାଣ ନଷ୍ଟ ହୋଇଯିବା ଦେଖି ଅମିୟ ଫୁଟି ନ ଥିବା ବାଣକୁ ଆଣିବାକୁ ଯାଇଥିଲେ। ନିଆଁ ଓ ବାଣ ପ୍ରକୋପରେ ଅମିୟଙ୍କ ପ୍ରାୟ ୮୫ ପ୍ରତିଶତ ଶରୀର ପୋଡ଼ିଯାଇଥିଲା। ଅମିୟଙ୍କୁ ଉଦ୍ଧାର କରିବାକୁ ଶୁଭ ଗଲା ବେଳେ ସେ ମଧ୍ୟ ଆହତ ହୋଇଛନ୍ତି। ପୁତୁରାଙ୍କ ପ୍ରାୟ ୨୦ ପ୍ରତିଶତ ପୋଡ଼ିଯାଇଛି। ଉଭୟଙ୍କୁ ନୟାଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ମଉସାଙ୍କ ଅବସ୍ଥାରେ ଉନ୍ନତି ନ ଆସିବାରୁ ଭୁବନେଶ୍ୱର ଏମ୍ସକୁ ସ୍ଥାନାନ୍ତର କରାଯାଇଛି।

## ବାଣୁଆ କି ବ୍ୟବସାୟ ସନ୍ଦେହ

ଦଶପଲ୍ଲା ଶ୍ରୀରାମପୁରର ଅମିୟ ନାୟକ ବାଣୁଆ ନା ବ୍ୟବସାୟୀ ତାହା ସନ୍ଦେହ ପ୍ରକାଶ ପାଇଛି। ଅଧିକାଂଶ ଲୋକ ଅମିୟଙ୍କୁ ବାଣୁଆ କହୁଥିବାବେଳେ ପୋଲିସ ବ୍ୟବସାୟୀ ବୋଲି କହିଛି। ଅମିୟ ବାଣ ବିକ୍ରି କରିବାକୁ ଅନୁମତି ପାଇଛନ୍ତି କି ନାହିଁ ତାହା ଜଣାପଡିନାହିଁ। ଏହା ତଦନ୍ତ ସାପେକ୍ଷ। କେତେଜଣ ଲୋକଙ୍କ ସୂଚନା ଅନୁଯାୟୀ, ଅମିୟ ବାଣ ନିଜେ ତିଆରି କରନ୍ତି। ବିସ୍ଫୋରଣ ପରେ ସେ ବାଣୁଆ ବୋଲି ପରିଚୟକୁ ଲୁଚାଯାଉଛି ବୋଲି ଅଭିଯୋଗ ରହିଛି। ଅନ୍ୟପକ୍ଷେ ବାଣ ବିସ୍ଫୋରଣ ପରେ ନୟାଗଡ଼ ସଦର ଥାନାରେ ଏ ନେଇ ମାମଲା ହୋଇନାହିଁ। ବାଣ ବିସ୍ଫୋରଣ ନେଇ କେହି ଥାନାରେ ଅଭିଯୋଗକାରୀ ନ ଥିବାରୁ ପୋଲିସ ମାମଲା ରୁଜୁକରି ନ ଥିବା ଆଇଆଇସି ଧର୍ମେନ୍ଦ୍ର ସିଆଳ କହିଛନ୍ତି। ଲୋକଙ୍କ ଅଭିଯୋଗ ଓ ବାଣ ବିସ୍ଫୋରଣର ପାରିପାର୍ଶ୍ୱିକ ସ୍ଥିତିକୁ ଅନୁଧ୍ୟାନକଲେ ଜିଲାରେ ବେଆଇନ ଭାବେ ବାଣ ପ୍ରସ୍ତୁତି ଓ ବିକ୍ରି ହୋଇ ଆସୁଥିଲେ ମଧ୍ୟ ପୋଲିସର ପଦକ୍ଷେପ ନ ଥିବା ସାଧାରଣରେ କୁହାଯାଉଛି।

## ଭରତପୁର ଥାନା ନିର୍ଯାତନା ଘଟଣା

# ସରକାରଙ୍କୁ ରିପୋର୍ଟ ପ୍ରଦାନକଲେ ତଦନ୍ତ କମିଶନ

ଭୁବନେଶ୍ୱର,୧୦।୩(ସତ୍ୟଜିତ୍ ରାଉତ): ଭରତପୁର ଥାନାରେ ଆର୍ମି ଅଫିସର ଓ ତାଙ୍କ ବାନ୍ଧବୀଙ୍କୁ ନିର୍ଯାତନା ଘଟଣାରେ ସରକାରଙ୍କ ନିକଟରେ ତଦନ୍ତ ରିପୋର୍ଟ ଦାଖଲ ହୋଇଛି। କମିଶନ ଜଷ୍ଟିସ ଚିତ୍ତରଞ୍ଜନ ଦାସଙ୍କ ପକ୍ଷରୁ ୨୮୨ ପୃଷ୍ଠାର ତଦନ୍ତ ରିପୋର୍ଟ ସୋମବାର ଗୃହ ସଚିବଙ୍କୁ ପ୍ରଦାନ କରାଯାଇଛି। ଗତ ସେପ୍ଟେମ୍ବର ୧୪ ରାତିରେ ରାସ୍ତାରେ ଅସାମାଜିକଙ୍କ ଦୁର୍ବ୍ୟବହାରକୁ ନେଇ ଅଭିଯୋଗ କରିବାକୁ ଆର୍ମି ଅଫିସର ଓ ବାନ୍ଧବୀ ଭରତପୁର ଥାନା ଯାଇଥିଲେ। ହେଲେ ସେଠାରେ ଥାନା କର୍ମଚାରୀଙ୍କ ଦ୍ୱାରା ନିର୍ଯାତନାର ଶିକାର ହୋଇଥିବା ଅଭିଯୋଗ କରିଥିଲେ। ଏହି ଘଟଣାରେ ଥାନା ଆଇଆଇସିଙ୍କ ସହ ୪ଜଣ ପୋଲିସ କର୍ମଚାରୀଙ୍କୁ ଚାକିରିରୁ ନିଲମ୍ବନ କରାଯାଇଥିଲା। ରାଜ୍ୟ ସରକାର ଘଟଣାକୁ ଗୁରୁତ୍ୱର ସହ ନେଇ କ୍ରାଇମବ୍ରାଞ୍ଚକୁ ତଦନ୍ତଭାର ଦେବା ସହ ବିଚାରବିଭାଗୀୟ ତଦନ୍ତ ନିର୍ଦ୍ଦେଶ ଦେଇଥିଲେ। ତେବେ କମିଶନ ଘଟଣାସ୍ଥଳ ପରିଦର୍ଶନ କରିବା ସହ ଏକାଧିକ ଲୋକଙ୍କୁ ପଚରାଉଚରା କରି ତଥ୍ୟ ହାସଲ କରିଥିଲେ। ତେବେ ପୋଲିସ ଅଫିସରଙ୍କ ଓକିଲଙ୍କ ପକ୍ଷରୁ ଆର୍ମି ଅଫିସର ଓ ତାଙ୍କ ବାନ୍ଧବୀଙ୍କୁ ଜେରା କରାଯାଇଥିଲା। ହେଲେ ସମୟ ଅଭାବରୁ ନିଲମ୍ବିତ ଇନ୍ସପେକ୍ଟର ଦୀନକୃଷ୍ଣ ମିଶ୍ରଙ୍କ ସମେତ ୩୫ଜଣ ପୋଲିସ ଅଫିସରଙ୍କୁ ଆର୍ମି ଅଫିସର ଓ ବାନ୍ଧବୀଙ୍କ ଓକିଲଙ୍କ ପକ୍ଷରୁ ଜେରା ହୋଇପାରି ନ ଥିଲା। ଫେବୃଆରୀ ୫ରେ କମିଶନ ତଦନ୍ତ ଶେଷ କରିଥିଲେ।


**THE ASKA CO-OPERATIVE SUGAR INDUSTRIES LTD.**
P.O.: Nuagam, (Aska)-761111, Dist-Ganjam, State-Odisha
Email Id:askasugar@yahoo.co.in, GSTIN:21AAAAT5989L1ZO

**CANCELLATION OF TENDER CALL NOTICE**

Letter No.2816 Dated 10.03.2025

The Aska Co-operative Sugar Industries Ltd. at Aska the following Tender Call Notice No. Dist-2757, MM- 2769, Pur- 2761, 2765, dtd.28.02.2025, Mktg- 2743/2742 Pur- 2728/ 2729/ 2730/2731/2732 dtd.27.02.2025 and Mktg- 2789 dtd.05.03.2025 are hearby withdrawn Please visit our website: www.askasugar.com.

Sd./- Managing Director



**KORAPUT CENTRAL CO-OPERATIVE BANK LTD**
HEAD OFFICE: N.K.T.ROAD, JEYPORE - 764003: DIST: KORAPUT (ODISHA)
Phone No.(06854) 241159 /232714 PBX No. 232713 / 232716,
Fax: 232718 / 241640 E.mail : ceo@koraputccb.com

Order No.5691/Estt.1/ 2024-25 / Dated. : 10.03.2025

**NOTICE**

Notice is hereby given that the 74th Annual General Body Meeting of the Koraput Central Co-operative Bank Ltd, Jeypore will be held in the Conference Hall of the Koraput Central Cooperative Bank Ltd, Jeypore on Dated. 19.03.2025 (Wednesday) at 10.00 A.M. to transact the following business. All the Members of the Koraput Central Cooperative Bank Ltd., Jeypore are requested to participate in the Annual General Body Meeting of the Bank on the date, time and venue as fixed.

**AGENDA**

1) To read and confirm the proceedings of the last General Body Meeting held on dated 13.02.2024.
2) To present the progress report on the working of the Bank for the year 2023-24.
3) Adoption of Audit report for the year 2023-24 and approval of necessary compliance thereof.
4) To approve the Annual work programme, annual and supplementary Budget for the year 2024-25.
5) To approve the Annual work programme and Budget estimate for the year 2025-26.
6) To discuss and approve the distribution of Net Profit for the financial year 2023-24 observing the norms of Orissa Cooperative Societies Act and Rules/ Bye-law provisions subject to the norms of NABARD Guidelines.
7) To consider and approve demolition/delamination of the K.C.C. Bank old buildings at Rayagada Branch and Nabarangpur Branch including construction of new buildings at K.C.C. Bank, Rayagada Branch, Nabarangpur Branch and at the vacant site of the Bank, Mouza-Laxmanpur at Jeypore near N.H.-26, with remodelling & construction of K.C.C. Bank, Koraput Branch.
8) To consider any other business that may be transacted in the General Body meeting with common consent subject to the provisions of Cooperative Act, NABARD guidelines and the Bye-law of the Bank.

By Order of the President
Sd./- Secretary I/C,
Koraput Central Cooperative Bank Ltd., Jaypore

*NOTE :
Each Member Society having minimum share value of Rs. 10000/- (Rupees Ten Thousand) only shall be represented by a delegate to the General Body Meeting. Name of the delegates sponsored by the Managing Committee of the affiliated Societies shall be supported by a resolution of the Managing Committee and to be enclosed with signature of the delegate attested by the Chief Executive Officer and submitted to the secretary, Koraput Central Co-operative Bank Ltd., Jeypore before 3 (three) days of the said meeting. The members desire for raising any question or placing any proposal suggestion under last Agenda (i.e. any other matter) may kindly communicate the same at least 3(three days) prior to the date of meeting in the Name and Address of the Secretary in order to facilitate appropriate examination of the issue before placing the same in the General Body Meeting.

Sd./- Secretary I/C


# ଗଞ୍ଜେଇ ଜବତ, ୨ ଗିରଫ

ଭୁବନେଶ୍ୱର,୧୦।୩ (ସୂର୍ଯ୍ୟକାନ୍ତ ବେହେରା):

ମୋଟରସାଇକେଲରେ ଗଞ୍ଜେଇ ଚାଲାଣ ବେଳେ ନୟାପଲ୍ଲୀ ପୋଲିସ ଏକାମ୍ର ପାର୍କ ନିକଟରେ ଚଢ଼ାଉକରି ୨ ନିଶା ବେପାରୀଙ୍କୁ ଗିରଫ କରିଛି। ଅଭିଯୁକ୍ତଦ୍ୱୟ ହେଲେ ଗଞ୍ଜାମ କୋଦଳା ଥାନା ଅଞ୍ଚଳର ତୋଫାନ ବେହେରା ଓ ଟୁକୁନା ପଣ୍ଡା। ତାଙ୍କଠାରୁ ୯ କେଜି ଗଞ୍ଜେଇ ଓ ୩୦୦ ଟଙ୍କା ଓ ଅପରାଧରେ ବ୍ୟବହୃତ ବାଇକ୍ ଜବତ ହୋଇଛି। ଏନେଇ ପୋଲିସ ଏକ ମାମଲା ରୁଜୁ କରି ଅଭିଯୁକ୍ତଦ୍ୱୟଙ୍କୁ ସୋମବାର କୋର୍ଟ ଚାଲାଣ କରିଥିଲା। ଜାମିନ ନ ମିଳିବାରୁ ଉଭୟଙ୍କୁ ବିଚାରବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

# ମଦ ପିଇବାକୁ ଟଙ୍କା ନ ଦେବାରୁ ସ୍ତ୍ରୀଙ୍କୁ କଟୁରି ଚୋଟ,ସ୍ୱାମୀ ଗିରଫ

ଭୁବନେଶ୍ୱର,୧୦।୩(ସୂର୍ଯ୍ୟକାନ୍ତ ବେହେରା): ମଦ ପିଇବାକୁ ଟଙ୍କା ନ ଦେବାରୁ ସ୍ତ୍ରୀଙ୍କୁ ନିର୍ଯାତନା ଦେବା ସହ କଟୁରିରେ ମୁଣ୍ଡକୁ ଆକ୍ରମଣ କରିଛନ୍ତି ସ୍ୱାମୀ। ଲକ୍ଷ୍ମୀସାଗର ଥାନା ଅଞ୍ଚଳରେ ଏହି ଘଟଣା ଘଟିଛି। ଆହତ ରାନୁ ଦଳେଇ ଚିକିତ୍ସିତ ହେବାପରେ ସ୍ୱାମୀଙ୍କ ବିରୋଧରେ ମହିଳା ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଅଭିଯୁକ୍ତ ସ୍ୱାମୀ ଚିନ୍ତାମଣି ଦଳେଇ(୩୫)ଙ୍କୁ ଗିରଫ କରି ସୋମବାର କୋର୍ଟ ଚାଲାଣ କରିଥିଲା। ଜାମିନ ନ ମିଳିବାରୁ ଚିନ୍ତାମଣିଙ୍କୁ ବିଚାରବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।


କାନାରା ବ୍ୟାଙ୍କ Canara Bank
ଭାରତ ସରକାରଙ୍କ କର୍ତ୍ତୃତ୍ୱାଧୀନ A Government of India Undertaking
ସିଣ୍ଡିକେଟ Syndicate

**କ୍ଷେତ୍ରୀୟ କାର୍ଯ୍ୟାଳୟ, କଟକ,**
**ଶ୍ରୀଜୀ କମ୍ପ୍ଲେକ୍ସ, ପ୍ଲଟ୍ ନଂ.: ୮୪୦/୮୫୮ ଏବଂ ୮୪୦/୮୫୯, କଟକ ଟାଉନ, ୟୁନିଟ୍ ନଂ.- ୧୭, ମାଛୁଆ ବଜାର, କଟକ-୭୫୩୦୦୧**

**ଡିମାଣ୍ଡ ନୋଟିସ୍**

ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକ୍‌ସନ୍ସ ଅଫ୍ ଫାଇନାନ୍ସିଆଲ୍ ଆସେଟ୍‌ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ଅନ୍ତର୍ଗତ ଧାରା ୧୩(୨) ଅନୁଯାୟୀ ଡିମାଣ୍ଡ ନୋଟିସ୍

ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକ୍‌ସନ୍ସ ଅଫ୍ ଫାଇନାନ୍ସିଆଲ୍ ଆସେଟ୍‌ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ର ଧାରା ୧୩(୨) ଅନୁଯାୟୀ ସୁରକ୍ଷିତ ଋଣଦାତା ଭାବେ କାନାରା ବ୍ୟାଙ୍କ ଦ୍ୱାରା ଜାରିକରାଯାଇଥିବା ଡିମାଣ୍ଡ ନୋଟିସ୍ ଯାହା ଏହାର ନିମ୍ନଦର୍ଶିତ ଶାଖାର ଋଣଗ୍ରହୀତା/ଜାମିନ୍‌ଦାରମାନଙ୍କ ନିମନ୍ତେ ତାହାର ସବିଶେଷ ବିବରଣୀ ନିମ୍ନରେ ପ୍ରଦାନ କରାଗଲା।

ଆପଣ ନିମ୍ନଦର୍ଶିତ ଋଣଗ୍ରହୀତା/ଜାମିନ୍‌ଦାର/ବନ୍ଧକଦାତାମାନେ ଆମର ନିମ୍ନଦର୍ଶିତ ଶାଖା ସହ ଚୁକ୍ତିନାମା ଅନୁଯାୟୀ ନିମ୍ନ ସାରଣୀରେ ଦର୍ଶାଯାଇଥିବା ଋଣ ଏବଂ ତତ୍‌ପରବର୍ତ୍ତୀ ସୁଧ ପଇଠ କରିବାରେ ଅସମର୍ଥ ହୋଇଛନ୍ତି। ନିମ୍ନରେ ଦର୍ଶାଯାଇଥିବା ସାରଣୀରେ ଉଲ୍ଲେଖିତ ବକେୟା ଦେୟ ବାବଦ ରାଶି ପଇଠ କରିବା ନିମନ୍ତେ କଥିତ ଆଇନ୍ ଅନୁଯାୟୀ ବ୍ୟାଙ୍କ ପକ୍ଷରୁ ନୋଟିସ୍ ଜାରିକରାଯାଇଥିଲା। ଋଣ ପରିଶୋଧରେ ଅନିୟମିତତା ଯୋଗୁଁ ଆପଣଙ୍କ ଆକାଉଣ୍ଟ ଅଣକାର୍ଯ୍ୟକାରୀ ସମ୍ପତ୍ତିରେ ପରିଣତ ହୋଇଛି। ଏତଦ୍ଦ୍ୱାରା ଆପଣଙ୍କୁ ଜଣାଇ ଦିଆଯାଉଅଛି କି ଏହି ନୋଟିସ୍ ପ୍ରକାଶନର ୬୦ ଦିନ ମଧ୍ୟରେ ଆପଣ ସୁରକ୍ଷିତ ଋଣଦାତାଙ୍କ (ବ୍ୟାଙ୍କ) ନିକଟରେ ସମସ୍ତ ବକେୟା ଦେୟ (ଧାର୍ଯ୍ୟ ତାରିଖ ସୁଦ୍ଧା) ସହିତ ସେବାବଦ ଭବିଷ୍ୟତ ସୁଧ ପରିଶୋଧ କରିବେ ଅନ୍ୟଥା ଆମ୍ଭେ ଉପରୋକ୍ତ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ର ଧାରା ୧୩(୪) ଏବଂ ଅନ୍ୟାନ୍ୟ ଧାରା ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବାଧ୍ୟ ହେବୁ। ଆପଣଙ୍କୁ ଜଣାଇ ଦିଆଯାଉଛି କି କଥିତ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟର ଧାରା ୧୩(୧୩) ନିୟମାବଳୀ ଅନୁସାରେ ଆପଣ ଏହି ନୋଟିସ୍ ପ୍ରାପ୍ତି ପରେ ବ୍ୟାଙ୍କର ଲିଖିତ ସହମତି ବିନା ନିମ୍ନ ବର୍ଣ୍ଣିତ ସୁରକ୍ଷିତ ସମ୍ପତ୍ତିକୁ ବିକ୍ରି କିମ୍ବା ଲିଜ୍ କିମ୍ବା ଅନ୍ୟ କୌଣସି ମାଧ୍ୟମରେ ହସ୍ତାନ୍ତରିତ କରିପାରିବେ ନାହିଁ। କଥିତ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ-୨୦୦୨ ପ୍ରଦତ୍ତ କୌଣସି ବ୍ୟବସ୍ଥାରେ ହସ୍ତକ୍ଷେପ / ବାଧା ପହଞ୍ଚାଇବା ଅପରାଧ ଅଟେ। ଉପରୋକ୍ତ ଜାରି ନୋଟିସ୍‌ଟି କଥିତ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ କିମ୍ବା ବଳବତ୍ତର ଥିବା ଅନ୍ୟ କୌଣସି ଆଇନ ଅନୁଯାୟୀ ଏହା ଆମ୍ଭ ବ୍ୟାଙ୍କର କୌଣସି ଅଧିକାରକୁ ପ୍ରତିହତ କରିବ ନାହିଁ। ଏହି ନୋଟିସ୍ ଅନୁସାରେ ଦାବୀ କରାଯାଇଥିବା ରାଶି ପରିଶୋଧ କରି ସମସ୍ତ ପ୍ରକାର ଅସୁବିଧାକୁ ପରିହାର କରନ୍ତୁ ଅନ୍ୟଥା ପରିବର୍ତ୍ତି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ଏବଂ ଆପଣ ସେବାବଦ ସମସ୍ତ ଖର୍ଚ୍ଚ ଓ ଫଳାଫଳ ନିମନ୍ତେ ଦାୟୀ ରହିବେ। ଉପଧାରା (୨)ରେ ଧାର୍ଯ୍ୟ ସମୟସୀମା ମଧ୍ୟରେ ଋଣଗ୍ରହୀତା/ଜାମିନ୍‌ଦାର/ବନ୍ଧକଦାତାମାନେ ବକେୟା ରାଶି ସମ୍ପୂର୍ଣ୍ଣ ଭାବେ ପୈଠ ନକଲେ ସୁରକ୍ଷିତ ଋଣଦାତା ସୁରକ୍ଷିତ ଋଣରାଶି ଆଦାୟ କରିବା ନିମନ୍ତେ ନିମ୍ନଲିଖିତ ପଦକ୍ଷେପ ମଧ୍ୟରୁ ଗୋଟିଏ କିମ୍ବା ଅଧିକ ଗ୍ରହଣ କରିପାରନ୍ତି। କ) ସୁରକ୍ଷିତ ଋଣରାଶି ଆଦାୟ ନିମନ୍ତେ ଋଣଗ୍ରହୀତାଙ୍କ ସୁରକ୍ଷିତ ସମ୍ପତ୍ତି ଦଖଲ କରିବା ସହିତ ସୁରକ୍ଷିତ ସମ୍ପତ୍ତିକୁ ଲିଜ୍, ଆସାଇନ୍‌ମେଣ୍ଟ କିମ୍ବା ବିକ୍ରୟ କରି ହସ୍ତାନ୍ତରିତ କରିବା ଅଧିକାର ରଖିଛନ୍ତି। ଖ) ସୁରକ୍ଷିତ ଋଣରାଶି ଆଦାୟ ନିମନ୍ତେ ଋଣଗ୍ରହୀତାଙ୍କ ବ୍ୟବସାୟ ପରିଚାଳନାକୁ ଟେକଓଭର କରିବା ସହିତ ଲିଜ୍, ଆସାଇନ୍‌ମେଣ୍ଟ କିମ୍ବା ବିକ୍ରୟ ମାଧ୍ୟମରେ ହସ୍ତାନ୍ତରିତ କରିବା ଅଧିକାର ରହିଛି। ଉଲ୍ଲେଖଯୋଗ୍ୟ କି, ଋଣଗ୍ରହୀତାଙ୍କ ବ୍ୟବସାୟର ଅଧିକାଂଶ ଭାଗ ଋଣ ପାଇଁ ବନ୍ଧକ ଥିଲେ ଲିଜ୍, ଆସାଇନ୍‌ମେଣ୍ଟ କିମ୍ବା ବିକ୍ରୟ ମାଧ୍ୟମରେ ହସ୍ତାନ୍ତରିତ ଅଧିକାର ପ୍ରୟୋଗ କରାଯାଇପାରିବ।

| ଶାଖା / ଋଣଗ୍ରହୀତା / ଜାମିନ୍‌ଦାର / ବନ୍ଧକଦାତାଙ୍କ ନାମ ଓ ଠିକଣା / ଆକାଉଣ୍ଟ ନଂ. | (କ) ଋଣ/ମଞ୍ଜୁରି ଋଣ (ଖ) ଏନ୍‌ପିଏ / ଋଣ ପରିଶୋଧ ନୋଟିସ୍ ତାରିଖ (ଗ) ଡିମାଣ୍ଡ ନୋଟିସ୍ ତାରିଖ | ନିର୍ଦ୍ଧାରିତ ତାରିଖ ପର୍ଯ୍ୟନ୍ତ ମୋଟ ବକେୟା ପରିମାଣ | ବ୍ୟାଙ୍କରେ ବନ୍ଧକ ଥିବା ସମ୍ପତ୍ତି ଗୁଡିକର ସମ୍ପୂର୍ଣ୍ଣ ବିବରଣୀ |
|---|---|---|---|
| ଦାଣ୍ଡିସାହି ଶାଖା / **ଋଣଗ୍ରହୀତା: ନିୟୁ ମା ତାରିଣୀ ମେଡିସିନ୍ ଷ୍ଟୋର, ସ୍ୱତ୍ତ୍ୱାଧିକାରୀ: ପ୍ରଦୀପ କୁମାର ମଲ୍ଲିକ / ଋଣଗ୍ରହୀତା ଏବଂ ବନ୍ଧକଦାତାମାନେ: ୧) ପ୍ରଦୀପ କୁମାର ମଲ୍ଲିକ,** ପିତା: ସମ୍ଭୁନାଥ ମଲ୍ଲିକ, **୨) ଦିଲିପ କୁମାର ମଲ୍ଲିକ,** ପିତା: ସମ୍ଭୁନାଥ ମଲ୍ଲିକ, ସମସ୍ତଙ୍କ ଠିକଣା- ସା/ପୋ: ଅଣ୍ଡରା, ପଟ୍ଟାମୁଣ୍ଡାଇ, ଜିଲ୍ଲା: କେନ୍ଦ୍ରାପଡ଼ା, ପିନ୍-୭୫୪୨୪୦ / **ଆକାଉଣ୍ଟ ନଂ.: ୧୨୫୦୦୦୧୯୨୬୯୦, ୮୦୩୩୮୨୮୦୦୦୦୦୧୩** | (କ) ଟ.୧୪,୦୦,୦୦୦/- (ଏମ୍‌ଏସ୍‌ଏମ୍‌ଇ) ଏବଂ ଟ.୫,୦୦,୦୦୦/- (ଏଗ୍ରି କନ୍‌ଷ୍ଟ୍ରକସନ୍) / (ଖ) ୨୫.୦୨.୨୦୨୫ / (ଗ) ୨୭.୦୨.୨୦୨୫ | ୨୬.୦୨.୨୦୨୫ ସୁଦ୍ଧା ଟ.୧୪,୪୭,୧୧୫.୨୫ + ଟ.୩,୬୪,୬୪୪.୭୩ = ଟ.୧୮,୧୧,୭୫୯.୯୮ ଯୁକ୍ତ ସୁଧ ଏବଂ ସେବାବଦ ଖର୍ଚ୍ଚ | ପ୍ରଦୀପ କୁମାର ମଲ୍ଲିକ ଏବଂ ଦିଲିପ କୁମାର ମଲ୍ଲିକଙ୍କ ନାମରେ ଥିବା ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ସା: ଅଣ୍ଡରା, ଏସ୍‌ଆରଓ/ତହସିଲ/ଥାନା: ପଟ୍ଟାମୁଣ୍ଡାଇ, ଥାନା ନଂ. ୨, ଜିଲ୍ଲା: କେନ୍ଦ୍ରାପଡ଼ା, କିସମ: ଘରବାରି, ମ୍ୟୁଟେସନ୍ ଏବଂ ପରିବର୍ତ୍ତିତ ଖାତା ନଂ.: ୧୨୧୭/୧୦୧, ପ୍ଲଟ୍ ନଂ.: ୨୩୭୨, କ୍ଷେତ୍ର: ଏକର୦.୦୬୦ ଡିସିମିଲି ଏବଂ ପ୍ଲଟ୍ ନଂ.: ୨୩୭୨/୬୫୮୭, କ୍ଷେତ୍ର: ଏକର୦.୦୬୦ ଡିସିମିଲି, **ସମୁଦାୟ କ୍ଷେତ୍ର: ଏକର୦.୧୨୦ଡିସିମିଲି,** ଏହାର ଚରିପାର୍ଶ୍ୱରେ- ଉତ୍ତର: ପ୍ଲଟ୍ ନଂ. ୨୩୭୨ର ଅବଶିଷ୍ଟ ଅଂଶ, ଦକ୍ଷିଣ: ରାସ୍ତା, ପୂର୍ବ: ବାଲାଜୀ ଓଝା, ପଶ୍ଚିମ: ହୃଷିକେଶ ବାରିକ |
| ଦାଣ୍ଡିସାହି ଶାଖା / **ଋଣଗ୍ରହୀତା: ସେକ୍ ମୁସ୍ତାକ,** ପିତା: ସେକ୍ ଇସାକ / **ଜାମିନ୍‌ଦାର: ଆଫସନା ବିବି,** ସ୍ୱାମୀ: ସେକ୍ ମୁସ୍ତାକ, ଉଭୟଙ୍କ ଠିକଣା- ସା: ତମାଳଶାସନ, ପୋ: ଚୌଦକୁଲାଟ, ଥାନା: ପଟ୍ଟାମୁଣ୍ଡାଇ, ଜିଲ୍ଲା: କେନ୍ଦ୍ରାପଡ଼ା, ପିନ୍-୭୫୪୨୨୨/ **ଆକାଉଣ୍ଟ ନଂ.: ୮୦୩୩୧୪୦୦୦୦୦୨୬୩, ୮୦୩୩୯୭୪୦୦୦୦୦୩୮** | (କ) ଟ.୭,୦୦,୦୦୦/- (ଏମ୍‌ଏସ୍‌ଏମ୍‌ଇ) ଏବଂ ଟ.୩,୭୫,୦୦୦/- (ହାଉସିଂ) / (ଖ) ୨୮.୦୨.୨୦୨୫ / (ଗ) ୦୧.୦୩.୨୦୨୫ | ୨୮.୦୨.୨୦୨୫ ସୁଦ୍ଧା ଟ.୭,୦୬,୩୧୧.୮୦+ ଟ.୩,୭୫,୮୩୯.୪୯= ଟ.୧୦,୮୨,୧୫୧.୨୯ ଯୁକ୍ତ ସୁଧ ଏବଂ ସେବାବଦ ଖର୍ଚ୍ଚ | (୧) ସେକ୍ ମୁସ୍ତାକଙ୍କ ନାମରେ ଥିବା ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ଖାତା ନଂ.: ୭୯୩/୨୮୦, ପ୍ଲଟ୍ ନଂ.: ୧୧୭୦, କ୍ଷେତ୍ର: ଏକର୦.୦୧୦ଡିସିମିଲି, ମୌଜା: ତମାଳଶାସନ, ଏସ୍‌ଆରଓ: ପଟ୍ଟାମୁଣ୍ଡାଇ, ତହସିଲ: କେନ୍ଦ୍ରାପଡ଼ା, ଜିଲ୍ଲା: କେନ୍ଦ୍ରାପଡ଼ା, କିସମ: ଘରବାରି, ଏହାର ଚରିପାର୍ଶ୍ୱରେ- ଉତ୍ତର: ରଜିଆ ଖାତୁନ୍, ଦକ୍ଷିଣ: ମହମ୍ମଦ ମୁକ୍ତାର ଅହମ୍ମଦ, ପୂର୍ବ: ମହମ୍ମଦ ଏନାଏତୁଲ୍ଲା, ପଶ୍ଚିମ: ବିକ୍ରେତାଙ୍କ ଅବଶିଷ୍ଟ ଅଂଶ, **(୨) ସେକ୍ ମୁସ୍ତାକଙ୍କ** ନାମରେ ଥିବା ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ଖାତା ନଂ.: ୭୯୩/୨୮୧, ପ୍ଲଟ୍ ନଂ.: ୧୧୭୧/୨୨୯୦, କ୍ଷେତ୍ର: ଏକର୦.୦୧୦ଡିସିମିଲି, ମୌଜା: ତମାଳଶାସନ, ଏସ୍‌ଆରଓ: ପଟ୍ଟାମୁଣ୍ଡାଇ, ତହସିଲ: କେନ୍ଦ୍ରାପଡ଼ା, ଜିଲ୍ଲା: କେନ୍ଦ୍ରାପଡ଼ା, କିସମ: ଘରବାରି, ଏହାର ଚରିପାର୍ଶ୍ୱରେ- ଉତ୍ତର: ମହମ୍ମଦ ଏନାଏତୁଲ୍ଲା, ଦକ୍ଷିଣ: ବିକ୍ରେତାଙ୍କ ଅବଶିଷ୍ଟ ଅଂଶ, ପୂର୍ବ: ମହମ୍ମଦ ଏନାଏତୁଲ୍ଲା, ପଶ୍ଚିମ: ମହମ୍ମଦ ମୁସ୍ତାକ, **(୩) ସେକ୍ ମୁସ୍ତାକ ଏବଂ ସେକ୍ ଇଫତେଖାରଙ୍କ** ନାମରେ ଥିବା ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ଖାତା ନଂ.: ୭୯୩/୨୮୨, ପ୍ଲଟ୍ ନଂ.: ୧୧୭୦/୨୨୧୪, ଅନୁରୂପ ଖାତା ନଂ.: ୭୯୩/୩୯୬, କ୍ଷେତ୍ର: ଏକର୦.୦୨୦ଡିସିମିଲି, ମୌଜା: ତମାଳଶାସନ, ଏସ୍‌ଆରଓ: ପଟ୍ଟାମୁଣ୍ଡାଇ, ତହସିଲ: କେନ୍ଦ୍ରାପଡ଼ା, ଜିଲ୍ଲା: କେନ୍ଦ୍ରାପଡ଼ା, କିସମ: ଘରବାରି, ଏହାର ଚରିପାର୍ଶ୍ୱରେ- ଉତ୍ତର: ମହମ୍ମଦ ଏନାଏତୁଲ୍ଲା, ଦକ୍ଷିଣ: ବିକ୍ରେତାଙ୍କ ଅବଶିଷ୍ଟ ଅଂଶ, ପୂର୍ବ: ପ୍ଲଟ୍ ନଂ. ୧୧୭୧/୨୨୯୦, ପଶ୍ଚିମ: ସର୍ବସାଧାରଣ ରାସ୍ତା |
| ନିଶ୍ଚିନ୍ତକୋଇଲି ଶାଖା / **ଋଣଗ୍ରହୀତାମାନେ: ୧) ମେସର୍ସ କଳିଙ୍ଗ ଫିଲିଙ୍ଗ୍ ଷ୍ଟେସନ, ସ୍ୱତ୍ତ୍ୱାଧିକାରୀ: କଳିଙ୍ଗ ବିଶ୍ୱାଳ,** ସା: ପ୍ଲଟ୍ ନଂ.: ୨୪୦୨, ମହାଜନପୁର, ପୋ: ନିଶ୍ଚିନ୍ତକୋଇଲି, ଜିଲ୍ଲା: କଟକ, ଓଡ଼ିଶା, ପିନ୍-୭୫୪୨୦୭, **୨) କଳିଙ୍ଗ ବିଶ୍ୱାଳ, ମେସର୍ସ କଳିଙ୍ଗ ଫିଲିଙ୍ଗ୍ ଷ୍ଟେସନର ସ୍ୱତ୍ତ୍ୱାଧିକାରୀ,** ପିତା: ଶ୍ରୀ ଧରଣୀଧର ବିଶ୍ୱାଳ, ସା/ଗ୍ରାମ: ବୁହାଳୋ, ପୋ: କେନ୍ଦୁପାଟଣା, ଥାନା: ନିଶ୍ଚିନ୍ତକୋଇଲି, ଜିଲ୍ଲା: କଟକ, ଓଡ଼ିଶା, ପିନ୍-୭୫୪୨୦୩ / **ଜାମିନ୍‌ଦାର ଏବଂ ବନ୍ଧକଦାତା: ଶ୍ରୀ ଧରଣୀଧର ବିଶ୍ୱାଳ,** ପିତା: ୰ ଚନ୍ଦ୍ରମଣି ବିଶ୍ୱାଳ, ସା/ଗ୍ରାମ: ବୁହାଳୋ, ପୋ: କେନ୍ଦୁପାଟଣା, ଥାନା: ନିଶ୍ଚିନ୍ତକୋଇଲି, ଜିଲ୍ଲା: କଟକ, ଓଡ଼ିଶା, ପିନ୍-୭୫୪୨୦୩ / **ଜାମିନ୍‌ଦାରମାନେ: ୧) ଶ୍ରୀମତୀ ହେମଲତା ଦଳାଇ,** ପିତା: ୰ ଚନ୍ଦ୍ରମଣି ବିଶ୍ୱାଳ, ସ୍ୱାମୀ: ଭଗବାନ ଦଳାଇ, ଗ୍ରାମ/ସା: ଓଥକା, ପୋ/ଥାନା: ନିଶ୍ଚିନ୍ତକୋଇଲି, ଜିଲ୍ଲା: କଟକ, ଓଡ଼ିଶା, ପିନ୍-୭୫୪୨୦୭, **୨) ଶ୍ରୀମତୀ ମଞ୍ଜୁଲତା ସାହୁ,** ପିତା: ୰ ଚନ୍ଦ୍ରମଣି ବିଶ୍ୱାଳ, ସ୍ୱାମୀ: ଭଗବାନ ସାହୁ, ଗ୍ରାମ: ଜଗନ୍ନାଥପୁର, ପୋ: ଜରିପଡା, ଥାନା: ଟାଙ୍ଗି, ଜିଲ୍ଲା: କଟକ, ଓଡ଼ିଶା, ପିନ୍-୭୫୪୦୨୨, **୩) ଶ୍ରୀମତୀ ରଞ୍ଜିତା କୁମାରୀ ବିଶ୍ୱାଳ,** ପିତା: ୰ ଚନ୍ଦ୍ରମଣି ବିଶ୍ୱାଳ, ସ୍ୱାମୀ: ଚିତ୍ତରଞ୍ଜନ ସାହୁ, ଗ୍ରାମ/ପୋ: ଧାନମଣ୍ଡଳ, ଥାନା: ବଡ଼ଚଣା, ଜିଲ୍ଲା: ଯାଜପୁର, ଓଡ଼ିଶା, ପିନ୍-୭୫୪୦୨୪ / **ଆକାଉଣ୍ଟ ନଂ.: ୮୦୨୯୯୯୧୦୦୦୦୩୧୨, ୧୭୦୦୦୧୨୫୧୦୩୩** | (କ) ଟ.୨୫,୦୦,୦୦୦/- (ମିଆଦି ଋଣ) ଏବଂ ଟ.୬,୩୦,୦୦୦/- (ଜିଇସିଏଲ ୧.୦) / (ଖ) ୨୮.୦୨.୨୦୨୫ / (ଗ) ୦୧.୦୩.୨୦୨୫ | ୨୮.୦୨.୨୦୨୫ ସୁଦ୍ଧା ଟ.୮୦,୭୪୯.୭୭+ ଟ.୩,୮୯,୭୫୯.୭୭= ଟ.୪,୭୦,୫୦୯.୫୪ ଯୁକ୍ତ ସୁଧ ଏବଂ ସେବାବଦ ଖର୍ଚ୍ଚ | **ଶ୍ରୀ ଧରଣୀଧର ବିଶ୍ୱାଳଙ୍କ** ନାମରେ ଥିବା ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର (୧) ଖାତା ନଂ.: ୧୫୭, ପ୍ଲଟ୍ ନଂ.: ୨୩୮, କ୍ଷେତ୍ର: ଏକର୧.୧୧୨ ଡିସିମିଲି, (୨) ଖାତା ନଂ.: ୩୩୯, ପ୍ଲଟ୍ ନଂ.: ୨୫୦, କ୍ଷେତ୍ର: ଏକର୦.୦୪୨ଡିସିମିଲି, (୩) ଖାତା ନଂ.: ୨୦୯, ପ୍ଲଟ୍ ନଂ.: ୨୪୯, କ୍ଷେତ୍ର: ଏକର୦.୩୪୫ଡିସିମିଲି, ମୌଜା: ବୁହାଳୋ, ତହସିଲ/ଥାନା: ନିଶ୍ଚିନ୍ତକୋଇଲି, ଥାନା ନଂ. ୧୯୧, ଏସ୍‌ଆରଓ: ସାଲେପୁର, ଜିଲ୍ଲା: କଟକ, କିସମ: ଘରବାରି, **ଖାତା ନଂ.: ୧୫୭, ପ୍ଲଟ୍ ନଂ.: ୨୩୮**ର ଚାରିପାର୍ଶ୍ୱରେ- ଉତ୍ତର: ଚକନଳା, ଦକ୍ଷିଣ: ବଟକୃଷ୍ଣ ମହାପାତ୍ର, ପୂର୍ବ: ପ୍ଲଟ୍ ନଂ. ୨୨୬, ୨୩୬, ୨୩୭, ପଶ୍ଚିମ: ପ୍ଲଟ୍ ନଂ. ୨୧୯, ୨୪୦, ୨୩୯, ୨୪୨, **ଖାତା ନଂ.: ୩୩୯, ପ୍ଲଟ୍ ନଂ.: ୨୫୦**ର ଚାରିପାର୍ଶ୍ୱରେ- ଉତ୍ତର: ଡି. ମହାପାତ୍ର, ଦକ୍ଷିଣ: ଚକ ଚ୍ୟାନେଲ ଏବଂ ରାସ୍ତା, ପୂର୍ବ: ପ୍ଲଟ୍ ନଂ. ୨୫୧, ପଶ୍ଚିମ: ପ୍ଲଟ୍ ନଂ. ୨୪୮, **ଖାତା ନଂ.: ୨୦୯, ପ୍ଲଟ୍ ନଂ.: ୨୪୯**ର ଚାରିପାର୍ଶ୍ୱରେ- ଉତ୍ତର: ସି. ବିଶ୍ୱାଳ, ଦକ୍ଷିଣ: ବି. ବେହେରା, ପୂର୍ବ: ପ୍ଲଟ୍ ନଂ. ୨୫୨, ପଶ୍ଚିମ: ପ୍ଲଟ୍ ନଂ.: ୨୪୭ ଏବଂ ୨୪୮ |

ତାରିଖ : ୧୦.୦୩.୨୦୨୫, ସ୍ଥାନ : କଟକ — କ୍ଷମତାପ୍ରାପ୍ତ ଅଧିକାରୀ, କାନାରା ବ୍ୟାଙ୍କ



**ओड़िशा केन्द्रीय विश्वविद्यालय, कोरापुट**
(केन्द्रीय विश्वविद्यालय अधिनियम 2009 के अंतर्गत स्थापित)
**ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ, କୋରାପୁଟ**
(କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ଅଧିନିୟମ, ୨୦୦୯ ଅଧୀନରେ ପ୍ରତିଷ୍ଠିତ)
ଉଚ୍ଚଶିକ୍ଷା ବିଭାଗ, ଶିକ୍ଷା ମନ୍ତ୍ରଣାଳୟ, ଭାରତ ସରକାର
ଏନ୍‌ଏଡି, ସୁନାବେଡ଼ା, ଜିଲ୍ଲା- କୋରାପୁଟ, ଓଡ଼ିଶା, ପିନ୍-୭୬୩୦୦୪
ୱେବ୍‌ସାଇଟ୍: www.cuo.ac.in

**ଅଣ-ଶିକ୍ଷାଦାନ ପଦବୀଗୁଡ଼ିକ ପାଇଁ କର୍ମନିଯୁକ୍ତି ଅଧିସୂଚନା**

ବିଜ୍ଞାପନ ସଂ. ୦୧/୨୦୨୫ ତାରିଖ: ୧୮।୦୨।୨୦୨୫

ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ଯୋଗ୍ୟ ଭାରତୀୟ ନାଗରିକମାନଙ୍କଠାରୁ ପ୍ରତ୍ୟକ୍ଷ ନିଯୁକ୍ତି / ଡେପୁଟେଶନ ଭିତ୍ତିରେ ବିଧିସମ୍ମତ ପଦବୀଗୁଡ଼ିକ ପାଇଁ ଦରଖାସ୍ତ ଆହ୍ୱାନ କରୁଛି।

| କ୍ର. ସଂ. | ପଦବୀର ନାମ | ପଦବୀର ସଂଖ୍ୟା ଓ ବର୍ଗ | ୭ମ ସିପିସି ଅନୁଯାୟୀ ବେତନ ମାଟ୍ରିକ୍ସରେ ବେତନ ସ୍ତର | ୬ଷ୍ଠ ସିପିସି ଅନୁଯାୟୀ ପେ' ବ୍ୟାଣ୍ଡ ଏବଂ ଗ୍ରେଡ୍ ପେ' |
|---|---|---|---|---|
| ୧ | **ନିବନ୍ଧକ** ଗ୍ରୁପ୍-ଏ | ୦୧ (ୟୁଆର୍) | ସ୍ତର-୧୪ | ପିବି: ୪: ଟ.୩୭୪୦୦-୬୭୦୦୦ ଜିପି ଟ.୧୦,୦୦୦/- |
| ୨ | **ପରୀକ୍ଷା ନିୟନ୍ତ୍ରକ** ଗ୍ରୁପ୍-ଏ | ୦୧ (ୟୁଆର୍) | ସ୍ତର-୧୪ | ପିବି: ୪: ଟ.୩୭୪୦୦-୬୭୦୦୦ ଜିପି ଟ.୧୦,୦୦୦/- |

ବିବରଣୀ ପାଇଁ ବିଶ୍ୱବିଦ୍ୟାଳୟର ୱେବ୍‌ସାଇଟ୍ (www.cuo.ac.in) ଦେଖନ୍ତୁ। କୌଣସି କାରଣ ନ ଦର୍ଶାଇ ବିଜ୍ଞାପନକୁ ସମ୍ପୂର୍ଣ୍ଣ କିମ୍ବା ଆଂଶିକ ଭାବେ ପ୍ରତ୍ୟାହାର କରିବାର ଅଧିକାର ବିଶ୍ୱବିଦ୍ୟାଳୟ ନିକଟରେ ସଂରକ୍ଷିତ। ଦରଖାସ୍ତ ଗ୍ରହଣର ଶେଷ ତାରିଖ ହେଉଛି 'ଏମ୍ପ୍ଲୟମେଣ୍ଟ ନ୍ୟୁଜ୍'ରେ ଏହି ବିଜ୍ଞାପନ ପ୍ରକାଶନ ତାରିଖରୁ ୩୦ ଦିନ।

cbc 21317/12/0004/2425 ସ୍ୱା./- ଭାରପ୍ରାପ୍ତ ନିବନ୍ଧକ



**कार्यपालक अभियंता का कार्यालय**
**ग्रामीण विकास विशेष प्रमण्डल, जामताड़ा।**
**Email Id:rdsdjmt@gmail.com**

**अल्पकालीन ई0–निविदा आमंत्रण संख्या–RDD/SD/JAMTARA/RE2/11/2024-25**

1. कार्य की विस्तृत विवरणी :–

| ग्रुप नं0 | कार्य का नाम | प्राक्कलित राशि | अग्रधन की राशि | परिमाण विपत्र का मुल्य | कार्य समाप्ति की अवधि |
|---|---|---|---|---|---|
| 1 | 2 | 3 | 4 | 5 | 6 |
| 6 | जामताड़ा जिला के प्रखण्ड नाला अन्तर्गत सिंदुरकुनिया और साकजोड़ीया के बीच छोटा नदी पर पुल निर्माण। | 2,49,05,300.00 | 4,99,000.00 | 10,000.00 | 15 माह |

2. वेबसाईट में निविदा प्रकाशन की तिथि :– दिनांक–12.03.2025
3. ई0–निविदा प्राप्ति की तिथि एवं समय :– दिनांक–12.03.2025 से दिनांक–22.03.2025 (अपराह्न 5:00 बजे)
4. निविदा शुल्क एवं अग्रधन की राशि केवल Online Mode द्वारा की स्वीकार्य होगी।
5. निविदा शुल्क एवं अग्रधन की राशि का ई–भुगतान जिस खाता से किया जायेगा, उसी खाते में अग्रधन की राशि वापस होगी। अगर खाता को बंद कर दिया जाता है तो सारी जबावदेही संबंधित निविदादाता की होगी।
6. निविदा खोलने का स्थान :– e-Procurement Cell, कार्यपालक अभियंता का कार्यालय ग्रामीण विकास विशेष प्रमण्डल, जामताड़ा।
7. निविदा खुलने की तिथि एवं समय :– दिनांक–25.03.2025 (अपराह्न 2:00 बजे)
8. निविदा आमंत्रित करने वाले पदाधिकारी का नाम एवं पता :– कार्यपालक अभियंता, ग्रामीण विकास विशेष प्रमण्डल, जामताड़ा।
9. ई0–निविदा प्रकोष्ठ का दुरभाष संख्या :– 9973957543
10. अधोहस्ताक्षरी/सक्षम पदाधिकारी को किसी भी निविदा को बिना कारण बताये रद्द करने का अधिकार सुरक्षित रहेंगा तथा निविदाद ता को कारण पृच्छा का अधिकार मान्य नहीं होगा।
11. B.O.Q की राशि घट–बढ़ सकती है, तद्नुसार अग्रधन की राशि देय होगी।

विस्तृत जानकारी के लिए वेबसाईट www.jharkhandtenders.gov.in एवं कार्यालय के सूचना पट्ट पर देखा जा सकता है।

ह0/–
कार्यपालक अभियंता
ग्रामीण विकास विशेष प्रमण्डल, जामताड़ा।

PR 348235 (Rural Work Department) 24-25 (D)

# ଜଳୁଛି ଜଙ୍ଗଲ, ନଷ୍ଟ ହେଉଛି ମୂଲ୍ୟବାନ୍ ବୃକ୍ଷ

■ ଲୋପପାଉଛନ୍ତି ବନ୍ୟପ୍ରାଣୀ
■ ଜଙ୍ଗଲ ନିଆଁକୁ ନିୟନ୍ତ୍ରଣ କରିପାରୁନି ବନ ବିଭାଗ

ରାୟଗଡ଼ା,୧୦।୩(ଆଶିଷ ରଞ୍ଜନ ପଣ୍ଡା)


୩୨୬ ନମ୍ବର ଜାତୀୟ ରାଜପଥ କଡ଼ରେ ଥିବା ଗୁମ୍ମା ଜଙ୍ଗଲରେ ନିଆଁ ।

ଜଙ୍ଗଲ ନିଆଁ ରୋକିବା ପାଇଁ ବନ ବିଭାଗ ପକ୍ଷରୁ ବିଭିନ୍ନ ସମୟରେ ସଚେତନତା କରାଯାଉଥିଲେ ମଧ୍ୟ ଅମାନିଆ ଲୋକେ ଜଙ୍ଗଲରେ ଅହରହ ନିଆଁ ଲଗାଇ ଚାଲିଛନ୍ତି । ଫଳରେ ରାୟଗଡ଼ା ଜିଲାର ବିଭିନ୍ନ ଜଙ୍ଗଲ ଜଳୁଥିବା ଦେଖିବାକୁ ମିଳୁଛି। ଏକର ଏକର ବ୍ୟାପୀ ଜଙ୍ଗଲ ଜଳୁଥିବାରୁ ପରିବେଶ ପ୍ରଦୂଷଣ ସାଙ୍ଗକୁ ବହୁ ପରିମାଣରେ ମୂଲ୍ୟବାନ୍ ବୃକ୍ଷଲତା ନଷ୍ଟହେବାରେ ଲାଗିଛି । ଜଙ୍ଗଲ ନଷ୍ଟ ଯୋଗୁ ବନ୍ୟପ୍ରାଣୀଙ୍କ ଜୀବନ ମଧ୍ୟ ବିପନ୍ନ ହୋଇପଡ଼ିଛି। ହେଲେ ବନ ବିଭାଗ ପକ୍ଷରୁ ଏ ନେଇ କୌଣସି ଦୃଢ଼ ପଦକ୍ଷେପ ନିଆଯାଉ ନ ଥିବା ବୁଦ୍ଧିଜୀବୀ ମହଲରେ ଅଭିଯୋଗ ହେଉଛି ।

ପ୍ରତିବର୍ଷ ବସନ୍ତ ଓ ଗ୍ରୀଷ୍ମଋତୁରେ ଏହିଭଳି ଜଙ୍ଗଲ ଜଳୁଛି। ଗତ ଶୁକ୍ରବାରଠାରୁ ଶନିବାର ରାତି ପର୍ଯ୍ୟନ୍ତ କୋଲନରା ବ୍ଲକ୍ ମୁକୁନ୍ଦପୁରଠାରୁ କୈଳାସପୁର ପର୍ଯ୍ୟନ୍ତ ଜଙ୍ଗଲରେ ନିଆଁ ଲାଗିଥିଲା। ନିୟମଗିରି ଓ ବାସଙ୍ଗମାଳି ଜଙ୍ଗଲ ଭିତରେ ମଧ୍ୟ ନିଆଁ ଲାଗିଥିବା ନଜରକୁ ଆସିଛି। ନିଆଁର ପ୍ରଭାବ ଏତେ ଥିଲା ଯେ, ଅଞ୍ଚଳରେ ଅତ୍ୟଧିକ ଗରମ ଅନୁଭବ କରିଥିଲେ ଲୋକେ। ରାତିତମାମ ଜଙ୍ଗଲରେ ନିଆଁ ଜଳୁଥିବାରୁ ଭାଲୁ, ହରିଣ, ବାର୍ହା, କୁଟୁରା, ଠେକୁଆ, ଝିଙ୍କ, ବଜ୍ରକାପ୍ତା, ପାଟମୂଷା, ମୟୂର ଓ ବଣକୁକୁଡ଼ା ଆଦି ବନ୍ୟପ୍ରାଣୀ ଲୋପପାଇବାରେ ଲାଗିଛି। ସେହିଭଳି ଜଙ୍ଗଲ ନିଆଁରୁ ରକ୍ଷା ପାଇଁ ଅନେକ ସମୟରେ ହାତୀ, କୁଟୁରା ଓ ବାର୍ହା ଜନବସତି ମୁହାଁ ହେଉଥିବା ଦେଖିବାକୁ ମିଳୁଛି। ଗତ ଶୁକ୍ରବାର କାଶୀପୁର ବ୍ଲକ୍ ବାଙ୍କାମ୍ବ ପଞ୍ଚାୟତ ଉପରକୋଡିଙ୍ଗା ଗ୍ରାମରେ ଏକ କୁଟୁରା ଉଦ୍ଧାର ହେବା ଏହାର ପ୍ରମାଣ ଦେଉଛି। ସେହିପରି ରାୟଗଡ଼ା- କୋରାପୁଟ ୩୨୬ ନମ୍ବର ଜାତୀୟ ରାଜପଥ କଡ଼ରେ ଥିବା ଗୁମ୍ମା ଓ ସାଙ୍କେଶ ଜଙ୍ଗଲରେ ଶନିବାର ନିଆଁ ଲାଗିଥିଲା। ଖବରପାଇ ବନ କର୍ମଚାରୀ ଓ ଦମକଳ ବାହିନୀ ସେହି ଅଞ୍ଚଳକୁ ଯାଇ ନିଆଁକୁ ଆୟତ୍ତ କରିଥିଲେ। ଗୁଣପୁର ରେଞ୍ଜ ଅଧୀନ କୈଳାସପୁର, ବାଗୁଡ଼ି, ହାତୀଖମ୍ବା, ରାୟଗଡ଼ା ରେଞ୍ଜର ଲେକାପାଇ, ଡଙ୍ଗର ଲେକାପାଇ, ମୁକୁନ୍ଦପୁର ଏବଂ ଟିକିରି ରେଞ୍ଜ ଅଧୀନ ଲେଲିଗୁମ୍ମା, ଶଙ୍କରଡ଼ା, ଏସ୍.ଡଙ୍ଗାସିଲ, କିଚିଖାଲ ଆଦି ଜଙ୍ଗଲ ଜଳୁଥିବା ଜଣାପଡ଼ିଛି। ଏଥିଯୋଗୁ ବହୁ ମୂଲ୍ୟବାନ୍ ଔଷଧୀୟ ବୃକ୍ଷ ମଧ୍ୟ ନଷ୍ଟ ହୋଇଯାଇଛି। ଖବର ମିଳିବା ପରେ ଦମକଳ ବାହିନୀ ସହାୟତାରେ ନିଆଁ ଲିଭାଯାଉଛି। ଏ ନେଇ ରାୟଗଡ଼ା ବନ ବିଭାଗ ଏସିଏଫ୍ ସନ୍ଦୀପ କୁମାର ପୃଷ୍ଟି କହିଛନ୍ତି, ଜଙ୍ଗଲ ନିଆଁ ରୋକିବା ପାଇଁ ବନ ବିଭାଗ ପକ୍ଷରୁ ନିୟମିତ ସଚେତନତା କରାଯାଉଛି ଏବଂ କୌଣସି ସ୍ଥାନରେ ନିଆଁ ଲାଗିଲେ ତୁରନ୍ତ ପଦକ୍ଷେପ ନିଆଯାଉଛି ।

## ୧୦ ଦଫା ଦାବିରେ ଆଶାକର୍ମୀଙ୍କ ବିକ୍ଷୋଭ



ଆଶାକର୍ମୀମାନେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

ରାୟଗଡ଼ା,୧୦।୩(ଆଶିଷ ରଞ୍ଜନ ପଣ୍ଡା)

ଭାରତୀୟ ମଜଦୁର ସଂଘ ଦ୍ୱାରା ପରିଚାଳିତ ଅଖିଳ ଭାରତୀୟ ଆଶା କର୍ମଚାରୀ ମହାସଂଘ ଏବଂ ଓଡ଼ିଶା ରାଜ୍ୟ ଆଶାକର୍ମୀ ସଂଘ ପକ୍ଷରୁ ସୋମବାର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ ହୋଇଛି। ଏହି ଅବସରରେ ଜିଲାପାଳଙ୍କ ଜରିଆରେ ୧୦ ଦଫା ସମ୍ବଳିତ ଦାବିପତ୍ର ପ୍ରଧାନମନ୍ତ୍ରୀ, କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ, ମୁଖ୍ୟମନ୍ତ୍ରୀ ଏବଂ ସ୍ୱାସ୍ଥ୍ୟମନ୍ତ୍ରୀଙ୍କୁ ପ୍ରଦାନ କରାଯାଇଥିଲା। ଜିଲାପାଳଙ୍କ ଅନୁପସ୍ଥିତିରେ ସହକାରୀ ଜିଲାପାଳ ନାରାୟଣ ମିଶ୍ର ଏହି ଦାବିପତ୍ର ଗ୍ରହଣ କରିଥିଲେ।

ଜିଲା ସଭାନେତ୍ରୀ ତମାଳ ସାହୁକାର ଓ ସମ୍ପାଦିକା ଗୀତାଞ୍ଜଳି ହିଆଲଙ୍କ ନେତୃତ୍ୱରେ ବହୁ ସଂଖ୍ୟାରେ ଆଶାକର୍ମୀ ଗାନ୍ଧୀ ପାର୍କଠାରୁ ବିଶାଳ ଶୋଭାଯାତ୍ରାରେ ବାହାରି ମୁଖ୍ୟ ରାସ୍ତା ଦେଇ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଏଥିରେ ଭାରତୀୟ ମଜଦୁର ସଂଘର ରାଜ୍ୟ ଉପସଭାପତି ଯୋଗେଶ୍ୱର ଦାସ, ଜିଲା ସମ୍ପାଦକ ଗଣେଶ କୁମାର ସାହୁ ଏବଂ ଆଶାକର୍ମୀ ସଂଘର ରାଜ୍ୟ ଉପସଭାନେତ୍ରୀ ମମତା ବିଶ୍ୱାଳ ଯୋଗଦେଇଥିଲେ। ସର୍ବନିମ୍ନ ୧୮ ହଜାର ଦରମା ପ୍ରଦାନ, ଆଶାକର୍ମୀ, ଆଶା ସଙ୍ଗିନୀ, ଆଶା ଫାସିଲେଟର, ବିଟିଟି ସଂଯୋଜକଙ୍କୁ ଇପିଏଫ୍ ଏବଂ ଇଏସ୍ଆଇ ଅନ୍ତର୍ଭୁକ୍ତ କରାଯାଇ ସାମାଜିକ ସୁରକ୍ଷା ଅନ୍ତର୍ଗତ ପେନ୍ସନ ପ୍ରଦାନକୁ ସୁନିଶ୍ଚିତ କରିବା ପାଇଁ ଦାବି ହୋଇଛି। ଅଭିଜ୍ଞ ଆଶାକର୍ମୀମାନଙ୍କୁ ଟିକାକରଣ ତାଲିମ ପ୍ରଦାନ, ସମସ୍ତ ବନ୍ଧନମୁକ୍ତ କରାଯାଇ ଯୋଗ୍ୟ ଓ ଉଚ୍ଚ ଶିକ୍ଷିତ ଆଶାକର୍ମୀଙ୍କୁ ଏଏନ୍ଏମ୍ ଏବଂ ଆଶା ଫାସିଲେଟର ଇତ୍ୟାଦି ପଦରେ ପଦୋନ୍ନତି କରିବା ପାଇଁ ମଧ୍ୟ ଦାବିପତ୍ରରେ ଉଲ୍ଲେଖ ରହିଛି।

## ସିଆର୍‌ପିଏଫ୍ ପକ୍ଷରୁ ଜନସମ୍ପର୍କ ଶିବିର


ମହୁମାଛି ଚାଷ ଉପରେ ମହିଳାଙ୍କୁ ପ୍ରଶିକ୍ଷଣ ଦିଆଯାଉଛି।

ଅମ୍ବାଦଲା,୧୦।୩ (ରବୀନ୍ଦ୍ର ପଣ୍ଡା)

ମହିଳାମାନଙ୍କୁ ସ୍ୱାବଲମ୍ବୀ କରିବା ସହ ଉପାନ୍ତ ଅଞ୍ଚଳବାସୀଙ୍କ ମଧ୍ୟରେ ସୁସମ୍ପର୍କ ରକ୍ଷାକରିବା ଉଦ୍ଦେଶ୍ୟରେ ସିଆର୍‌ପିଏଫ୍ ପକ୍ଷରୁ ସିଭିକ୍ ଆକ୍ସନ ପ୍ରୋଗ୍ରାମ ମାଧ୍ୟମରେ ଜନସମ୍ପର୍କ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସିଆର୍‌ପିଏଫ୍ କମାଣ୍ଡାଣ୍ଟ ଫିରୋଜ କୁଜୁରଙ୍କ ନିର୍ଦ୍ଦେଶରେ ଡିମିରିଗୁଡ଼ା ସିଆର୍‌ପିଏଫ୍ କ୍ୟାମ୍ପସରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ରଘୁବାରି ଓ ଡିମିରିଗୁଡ଼ା ପଞ୍ଚାୟତ ଅଧୀନ ବିଭିନ୍ନ ଗ୍ରାମର ଲୋକେ ଉପସ୍ଥିତ ଥିଲେ। ବିଶେଷକରି ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ମହିଳାମାନଙ୍କୁ ଉତ୍ସାହିତ ସହ ସ୍ୱାବଲମ୍ବୀ କରିବା ପାଇଁ ମହୁମାଛି ଚାଷ ଉପରେ ପ୍ରଶିକ୍ଷଣ ଦିଆଯାଇଥିଲା। ଉପାନ୍ତ ଅଞ୍ଚଳର ମହିଳାମାନେ କିପରି ମହୁଚାଷ କରି ଲାଭବାନ୍ ହେବା ସହ ସ୍ୱାବଲମ୍ବୀ ହୋଇପାରିବେ ସେ ବିଷୟରେ ସିଆର୍‌ପିଏଫ୍ (ବି/୪ବାଟାଲିୟନ)ର କମାଣ୍ଡାଣ୍ଟ ଫିରୋଜ କୁଜୁର ସମସ୍ତଙ୍କୁ ଜଣାଇଥିଲେ। ସେକେଣ୍ଡ କମାଣ୍ଡାଣ୍ଟ ସଞ୍ଜୟ କୁମାର ରାଉତ, ଆସିଷ୍ଟାଣ୍ଟ କମାଣ୍ଡାଣ୍ଟ ଏମ୍.ଏଲ୍. ନାଇଡୁ ଗଡେଲା, ଇନ୍ସପେକ୍ଟର ରାମକେସ ମୀନା, ଡିମିରିଗୁଡ଼ା ସରପଞ୍ଚ ବୁଲୁଲି ମାଝୀ, ରଘୁବାରି ସରପଞ୍ଚ ନାଉଙ୍ଗା ମାଝୀ ଉପସ୍ଥିତ ରହିଥିଲେ। ଅନ୍ୟ ସିଆର୍‌ପିଏଫ୍ କର୍ମଚାରୀମାନେ ଉପସ୍ଥିତ ରହି ସମ୍ପୂର୍ଣ୍ଣ ସହଯୋଗ କରିଥିଲେ।

## ୪୦ ଅଭିଯୋଗ ଶୁଣିଲେ ଅତିରିକ୍ତ ଜିଲାପାଳ

**ଡାକ୍ତର ନିଯୁକ୍ତି ନେଇ ଦାବିପତ୍ର**

ଗୁଣପୁର,୧୦।୩( ପ୍ରଦୀପ କୁମାର ପାଢ଼ୀ)


ଡାକ୍ତର ନିଯୁକ୍ତି ପାଇଁ ଦାବିପତ୍ର ପ୍ରଦାନ କରାଯାଉଛି।

ରାୟଗଡା ଜିଲା ପ୍ରଶାସନ ତରଫରୁ ଗୁଣପୁର ଉପ ଜିଲାପାଳଙ୍କ ସଦ୍‌ଭାବନା ସଭାଗୃହରେ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ସୋମବାର ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲାପାଳ ତଥା ଭାରପ୍ରାପ୍ତ ଜିଲାପାଳ ନିହାର ରଞ୍ଜନ କହଁରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶିବିରରେ ଏସ୍‌ପି ସ୍ୱାତୀ ଏସ୍. କୁମାର, ପ୍ରକଳ୍ପ ପ୍ରଶାସକ ଅଜୟ କୁମାର ପ୍ରଧାନ, ଅତିରିକ୍ତ ଜିଲା ସ୍ୱାସ୍ଥ୍ୟ ଅଧିକାରୀ ଉପସ୍ଥିତ ରହି ବିଭିନ୍ନ ଅଭିଯୋଗ ଶୁଣାଣି କରିଥିଲେ। ମୋଟ ୪୦ଟି ଅଭିଯୋଗ ଅତିରିକ୍ତ ଜିଲାପାଳ ଗ୍ରହଣ କରିଥିଲେ। ସେଥିମଧ୍ୟରୁ ୨୭ଟି ବ୍ୟକ୍ତିଗତ ଓ ୧୩ଟି ସାମୂହିକ ଅଭିଯୋଗ ଥିଲା। ବିଶେଷକରି ସ୍ୱାସ୍ଥ୍ୟଗତ ସମସ୍ୟା, ଜମାଜମା, ପାରିବାରିକ ସମସ୍ୟା, ଜଳସେଚନ, ଭତ୍ତା, ରାସ୍ତା ନିର୍ମାଣ, ପୋଲ ନିର୍ମାଣ, ବିଦ୍ୟୁତ ଯୋଗାଣ ଓ ପିଡ଼ିଏସ ଯୋଗାଣ ଆଦି ସମସ୍ୟା ଅଭିଯୋଗ ପଞ୍ଜୀକୃତ ହୋଇଥିଲା । ସେହିପରି ଯୁବ ବିକାଶ ପରିଷଦ ପକ୍ଷରୁ ଅବିନାଶ ଗମାଙ୍ଗଙ୍କ ନେତୃତ୍ୱରେ ବିଭିନ୍ନ ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତର ନିଯୁକ୍ତି ପାଇଁ ଦାବି କରାଯାଇଥିଲା । ଗୁଣପୁର ଅନ୍ୱେଷା ହଷ୍ଟେଲରେ ର୍‍ୟାଗିଂ ଘଟଣାର କାର୍ଯ୍ୟାନୁଷ୍ଠାନ ପାଇଁ ଅଭିଭାବକଙ୍କ ପକ୍ଷରୁ ଦାବି କରାଯାଇଥିଲା । ଅତିରିକ୍ତ ଜିଲାପାଳ ଅଭିଯୋଗ ପାଇଲା ପରେ ବିଭାଗୀୟ ଅଧିକାରୀଙ୍କୁ ତୁରନ୍ତ ଫଇସଲା ନିମନ୍ତେ ନିର୍ଦ୍ଦେଶ ଦେଇଥିଲେ। ଶିବିରରେ ଜିଲ୍ଲା ଯୋଗାଣ ଅଧିକାରୀ, ଅବକାରୀ ଅଧିକ୍ଷକ, ଜିଲ୍ଲା କ୍ରୀଡା ଅଧିକାରୀ, ଜିଲା ସମାଜ ମଙ୍ଗଳ ଅଧିକାରୀ, ଜିଲା ମଙ୍ଗଳ ଅଧିକାରୀ, ପରିବହନ ଅଧିକାରୀ, ଜିଲା ସଂସ୍କୃତି ଅଧିକାରୀ, ଅତିରିକ୍ତ ଶିକ୍ଷାଧିକାରୀ, ଜିଲା କର୍ମ ନିୟୋଜନ ତଥା ଦକ୍ଷତା ବିକାଶ ଅଧିକାରୀ, ନିର୍ବାହୀ ଯନ୍ତ୍ରୀ, ରାସ୍ତା ଓ କୋଠାବାଡ଼ି, ଗ୍ରାମ୍ୟ ଜଳ ଯୋଗାଣ, ଗ୍ରାମ୍ୟ ଉନ୍ନୟନ, ଭାରପ୍ରାପ୍ତ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ, ଗୁଣପୁର ତହସିଲଦାର, ପୌରସଂସ୍ଥା ନିର୍ବାହୀ ଅଧିକାରୀ, ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରୀ, ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ । ଗ୍ରିଭାନ୍ସ ଅଧିକାରୀ ସସ୍ମିତା ପଟ୍ଟନାୟକ, ସହକାରୀ ଜିଲାପାଳ ବିପିନ ଚନ୍ଦ୍ର ନାୟକ, ଅଜୟ ଶବର, ବିନୋଦ ଶବର, ବିକ୍ରମ ସାହୁ, ତପନ ରଥ, ଯସ୍ମୀନ ଭୂୟାଁ ପ୍ରମୁଖ ଶିବିର ପରିଚାଳନା କରିଥିଲେ ।

## ଟିଟିମିରି ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ

ଗୁଣପୁର, ୧୦।୩(ପ୍ରଦୀପ କୁମାର ପାଢ଼ୀ)

ଗୁଣପୁର ବ୍ଲକ୍ ଅନ୍ତର୍ଗତ ଟିଟିମିରି ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ପ୍ରଧାନ ଶିକ୍ଷକ ଶିବପ୍ରସାଦ ମହାପାତ୍ରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ରୂପେ ରାମନାଗୁଡ଼ା ତହସିଲଦାର ପ୍ରାଣକୃଷ୍ଣ ପାଣିଗ୍ରାହୀ ଏବଂ ମୁଖ୍ୟବକ୍ତା ରୂପେ ଟିଟିମିରିଗୁଡା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶଶାଙ୍କ ପ୍ରସାଦ ଦାଶ ଯୋଗଦେଇ ପିଲାମାନଙ୍କୁ ଭଲ ପାଠପଢ଼ି ଦେଶର ଜଣେ ଭଲ ନାଗରିକ ହେବା ନିମନ୍ତେ ପରାମର୍ଶ ଦେଇଥିଲେ। ସେହିପରି ଛାତ୍ରୀଛାତ୍ରଙ୍କ କ୍ରୀଡ଼ା, ନୃତ୍ୟ ସହ ନିଜର ପ୍ରତିଭା ଲୋକଲୋଚନକୁ ଆଣିବାରେ ବାର୍ଷିକ ଉତ୍ସବ ମଞ୍ଚ ସହାୟତା ହୋଇଥାଏ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ସମ୍ମାନିତ ଅତିଥି ରୂପେ ପୂର୍ବତନ ବିଇଓ ସୁବାସ ଶବର, ଏବିଇଓ ସବିତା ଶବର, ସିଆର୍‌ସିସି ଗୌରୀ ଶଙ୍କର, ଭୀମପୁର ପ୍ରଧାନ ଶିକ୍ଷକ ଶ୍ରବଣ ମହାପାତ୍ର, ସ୍କୁଲ କମିଟି ସଭାପତି ମୀନ ଶବର ମଞ୍ଚାସୀନ ଥିଲେ। ଶିକ୍ଷକ ଶିବ ପ୍ରସାଦ ପଟ୍ଟନାୟକ ସ୍ୱାଗତ ଭାଷଣ ଦେଇଥିବା ବେଳେ ପାର୍ବତୀ ପ୍ରଧାନ ବାର୍ଷିକ ବିବରଣୀ ପାଠ କରିଥିଲେ। ଉଲ୍ଲେଖନୀୟ ଅବଦାନ ନିମନ୍ତେ ଗ୍ରାମର ବନମାଳୀ ଶବର, ଯୋଗୀ ଶବର ଓ ଯୋଗ ଗୁରୁ ସୀମାଞ୍ଚଳ ସାହୁଙ୍କୁ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ବାର୍ଷିକ ଉତ୍ସବ ଅସରରେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଶେଷରେ ପିଲାଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଏହାକୁ ଶିକ୍ଷକ ବି. ଶ୍ରୀରାମୁଲୁ, ମୁକ୍ତା ଶବର ଓ ଭୀମ ଶବର ପରିଚାଳନା କରିଥିଲେ ।


କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

## ଗଙ୍ଗାଦେବୀ ଠାକୁରାଣୀଙ୍କ ମନ୍ଦିର ପ୍ରତିଷ୍ଠା


ମା’ ଗଙ୍ଗାଦେବୀ ଠାକୁରାଣୀଙ୍କୁ ପୂଜାର୍ଚ୍ଚନା କରାଯାଉଛି।

ଟିକିରି,୧୦।୩(ପ୍ରଫୁଲ୍ଲ କୁମାର ବେହେରା)

ରାୟଗଡ଼ା ଜିଲା କାଶୀପୁର ବ୍ଲକ୍ ଟିକିରିର ଅଧିଷ୍ଠାତ୍ରୀ ଦେବୀ ମା’ ଗଙ୍ଗାଦେବୀ ଠାକୁରାଣୀଙ୍କ ମନ୍ଦିର ପ୍ରତିଷ୍ଠା ଉତ୍ସବ ସୋମବାର ସମ୍ପନ୍ନ ହୋଇଛି। ଏହି ଅବସରରେ ଗର୍ଭଗୃହରେ ମା’ଙ୍କ ବିଗ୍ରହ ପ୍ରତିଷ୍ଠା ସହ ସିଂହାସନ ଆରୋହଣ, ପୂର୍ଣ୍ଣାହୁତି କାର୍ଯ୍ୟକ୍ରମ ହୋଇଥିଲା। ଶେଷ ଦିନରେ ରାୟଗଡ଼ା ଜିଲା ଭାଜପା ସଭାପତି ଗୋପୀ ଆନନ୍ଦ, ବସନ୍ତ ଉଲାକା, କାଳିରାମ ମାଝି, ଶିବ ଶଙ୍କର ଉଲାକା, ମନ୍ଦିର କମିଟି ସଭାପତି ସନ୍ତୋଷ ମହାନ୍ତି ଏବଂ ପୂର୍ବତନ ବିଧାୟକ ଲାଲ ବାହାରି ହିମିରିକାଙ୍କ ସହ ମୈତ୍ରୀ କମ୍ପାନୀର ମୁଖ୍ୟ ଶ୍ରୀନିବାସ ରାଓ ଉପସ୍ଥିତ ଥିଲେ। ମନ୍ଦିର ପ୍ରତିଷ୍ଠା ଉତ୍ସବରେ ଗ୍ରାମର ସମସ୍ତ ସଦସ୍ୟ ସହଯୋଗ କରିଥିଲେ ।

## ମହିଳା ନିର୍ଯାତନା ବନ୍ଦ ଦାବିରେ କଂଗ୍ରେସର ବିକ୍ଷୋଭ

ରାୟଗଡ଼ା,୧୦।୩(ଆଶିଷ ରଞ୍ଜନ ପଣ୍ଡା)

ରାଜ୍ୟରେ ଅନୁସୂଚିତ ଜନଜାତି, ଅନୁସୂଚିତ ଜାତି ଓ ପଛୁଆ ବର୍ଗର ମହିଳାଙ୍କ ପ୍ରତି ବଢୁଥିବା ନିର୍ଯାତନା ଓ ଅତ୍ୟାଚାର ବିରୋଧରେ ତେଜିଛି କଂଗ୍ରେସ। ସୋମବାର ଜିଲା କଂଗ୍ରେସ ସଭାପତି ଶଙ୍କର ଜିଲାକାରାଙ୍କ ନେତୃତ୍ୱରେ ଜିଲାପାଳଙ୍କ କାର୍ଯ୍ୟାଳୟ ଘେରାଉ କରାଯିବା ସହିତ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଏହି ପରିପ୍ରେକ୍ଷୀରେ ଜିଲା କଂଗ୍ରେସ ପକ୍ଷରୁ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଲିଖିତ ଦାବିପତ୍ରକୁ ଜିଲାପାଳଙ୍କ କାର୍ଯ୍ୟାଳୟରୁ କେହି ଗ୍ରହଣ ପାଇଁ ନ ଆସିବାରୁ ଯୁବ କଂଗ୍ରେସ ନେତାମାନେ ଧସେଇ ପଶିବାକୁ ଉଦ୍ୟମ କରିଥିଲେ । ପରେ ସହକାରୀ ଜିଲାପାଳ ନାରାୟଣ ମିଶ୍ର ଫାଟକ ନିକଟକୁ ଆସିଥିଲେ ହେଁ ଅତିରିକ୍ତ ଜିଲାପାଳଙ୍କୁ ଦାବିପତ୍ର ଦେବା ପାଇଁ ଜିଦ୍ ଧରିଥିଲେ କଂଗ୍ରେସ ନେତା । ରାୟଗଡ଼ା ଗସ୍ତରେ ଆସିଥିବା ଜିଲା ପ୍ରଭାରୀ ଦ୍ରୌପଦୀ ମାଝି, ଜିଲା କଂଗ୍ରେସ ସଭାପତି ଶଙ୍କର ଜିଲାକାରା, କାର୍ଯ୍ୟକାରୀ ସଭାପତି ଶଙ୍କର୍ଷଣ ମଙ୍ଗରାଜ, ନେତ୍ରୀ ମମତା ମାଝି, ଯୁବ କଂଗ୍ରେସ ସଭାପତି ମୋହନ ନାଏକ, ଉପସଭାପତି ଅସଲମ ଖାନ୍, ଯୁବନେତା ଅଶୋକ ପୁଆଲା, ସତ୍ୟବାନ ତାଡ଼ିଙ୍ଗି ଓ ଅନ୍ୟ କେତେଜଣ ଜିଲାପାଳଙ୍କ ଅଫିସ ଭିତରକୁ ଯାଇଥିଲେ। ସେଠାରେ ଅତିରିକ୍ତ ଜିଲାପାଳ ନବୀନ ନାୟକ ଆସି ଦାବିପତ୍ର ଗ୍ରହଣ କରିଥିଲେ । ଏହି ଦାବିପତ୍ରରେ ଓଡ଼ିଶାର ମାଲକାନଗିରି ଜିଲାରେ ଜଣେ ଦଶମ ଶ୍ରେଣୀ ଛାତ୍ରୀ ମା’ ହେବାଠାରୁ ଆରମ୍ଭ କରି ରାଜ୍ୟରେ ଗତ ଦିନରେ ମହିଳାଙ୍କ ଉପରେ ହୋଇଥିବା ନିର୍ଯାତନା ଓ ଅତ୍ୟାଚାର ସମ୍ପର୍କରେ ଉଲ୍ଲେଖ କରାଯାଇଛି।


ଜିଲା କଂଗ୍ରେସ ପକ୍ଷରୁ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

## କରଣ ସଂଘ ଗଠନ ପାଇଁ ବୈଠକ

ଗୁଣପୁର,୧୦।୩ (ପ୍ରଦୀପ କୁମାର ପାଢ଼ୀ)

କରଣ ଜାତିର ଉନ୍ନତି ପାଇଁ ନୂତନ ଭାବେ ସଂଘ ଗଠନ ନିମନ୍ତେ ଏକ ପ୍ରସ୍ତୁତି ବୈଠକ ଗୁଣପୁର ଜଗନ୍ନାଥ ମନ୍ଦିରରେ ରବିବାର ଅନୁଷ୍ଠିତ ହୋଇଯାଇଛି । ବୈଠକରେ ସହରର ବିଭିନ୍ନ ସାହିରେ ରହୁଥିବା କରଣ ଜାତିର ବନ୍ଧୁଙ୍କୁ ଚିହ୍ନଟ କରାଯାଇ ଏକ ତାଲିକା ପ୍ରସ୍ତୁତ କରାଯାଇଥିଲା। ବିଭିନ୍ନ ସାହିରେ ରହୁଥିବା କରଣ ଜାତିର ପରିବାରକୁ ଭେଟି ତାଲିକାରେ ସାମିଲକରିବା ପାଇଁ ସଂଘର ଆବାହକ ଭାବେ ଯୁବ ଓକିଲ ବାବୁ ପଟ୍ଟନାୟକ, ଦୀପୁ ପଟ୍ଟନାୟକ, ମିହିର ପଟ୍ଟନାୟକ, ଚୁନୁ ପଟ୍ଟନାୟକ, ପ୍ରବୀଣ ପଟ୍ଟନାୟକ, ରାମ ପଟ୍ଟନାୟକ ଓ ଅନ୍ୟ ଯୁବକଙ୍କୁ ଦାୟିତ୍ୱ ଦିଆଯାଇଥିଲା। ସଂଘ ଗଠନକରି କରଣ ପରିବାରର ବିଭିନ୍ନ ସମସ୍ୟାର ସମାଧାନ କରିବାକୁ ଉଦ୍ୟମ କରିବା ସହ ବିଭିନ୍ନ ଜନହିତକର କାର୍ଯ୍ୟକ୍ରମରେ ସଂଘକୁ ସାମିଲ କରିବା ମତ ପ୍ରକାଶ ପାଇଥିଲା । ସଂଘର ସଭ୍ୟ ତାଲିକା ସମ୍ପୂର୍ଣ୍ଣ ହେବା ପରେ ବରିଷ୍ଠମାନଙ୍କୁ ନେଇ ସଂଘର ଆଗାମୀ ଦିନର କାର୍ଯ୍ୟ ଖସଡ଼ା ପ୍ରସ୍ତୁତି କରାଯିବାକୁ ନିଷ୍ପତ୍ତି ହୋଇଥିଲା । ସଂଘର ଯୁବ ସମାଜ ଏହି କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରିବାକୁ ଆହ୍ୱାନ ଦିଆଯିବ ସହ ପ୍ରତି ସପ୍ତାହର ରବିବାର ଏଭଳି ବୈଠକ କରିବାକୁ ନିଷ୍ପତ୍ତି ହୋଇଥିଲା ।

## ଗୋଲାପ ଚାଷ ବୁଲି ଦେଖିଲେ କେନ୍ଦ୍ରୀୟ ଜଳ ଶକ୍ତି ଅଭିଯାନ ଟିମ୍

ରାମନାଗୁଡ଼ା,୧୦।୩ (ସଞ୍ଜୟ ପ୍ରଧାନ)

କେନ୍ଦ୍ର ସରକାରଙ୍କ ଜଳ ଶକ୍ତି ଅଭିଯାନର ଏକ ଟିମ୍ ସୋମବାର ରାୟଗଡା ଜିଲା ରାମନାଗୁଡ଼ା ବ୍ଲକର ବିଭିନ୍ନ ଅଞ୍ଚଳ ପରିଦର୍ଶନ କରିଛନ୍ତି। ଏହି ଅବସରରେ ସେମାନେ ପ୍ରଥମେ ରାମନାଗୁଡା ବ୍ଲକ୍ ଅନ୍ତର୍ଗତ ପାରୀକ୍ଷିତି ପଞ୍ଚାୟତ ଅଧୀନରେ ଥିବା ଖାମ୍ବାଗୁଡ଼ାରେ ଘଟଗାଁ ତାରିଣୀ ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟାଙ୍କ ଦ୍ୱାରା ଏକ ଏକର ଜମିରେ ଚାଷ ହୋଇଥିବା ଗୋଲାପ ବଗିଚା ପରିଦର୍ଶନ କରିଥିଲେ। ଟିମ୍‌ର ସଦସ୍ୟମାନେ ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟାଙ୍କ ସହ ଗୋଲାପ ଚାଷ ଓ ଜଳ ପରିଚାଳନା ସମ୍ପର୍କରେ ଆଲୋଚନା କରିଥିଲେ।

ସୂଚନାଯୋଗ୍ୟ, ରାମନାଗୁଡ଼ା ଗୋଷ୍ଠୀ ଉନ୍ନୟନ ଅଧିକାରୀ ପ୍ରଦ୍ୟୁମ୍ନ ମଣ୍ଡଳଙ୍କ ପ୍ରଚେଷ୍ଟା ଏବଂ ଓଡ଼ିଶା ଜୀବିକା ମିଶନ ତରଫରୁ ଗତ ବର୍ଷ ଅଗଷ୍ଟ ମାସରେ ଏଠାରେ ଏକ ଏକର ପରିମିତ ଜମିରେ ୧୩୦୦୦ ଗୋଲାପ ଚାରା ରୋପଣ କରାଯାଇଥିଲା। ଉଦ୍ୟାନ ବିଭାଗ ସହାୟତାରେ ପ୍ରଧାନମନ୍ତ୍ରୀ କୃଷି ସିଞ୍ଚାଇ ଯୋଜନାରେ ବୁନ୍ଦା ଜଳସେଚନ ମାଧ୍ୟମରେ ଏହି ଗୋଲାପ ଚାଷ କରାଯାଇଛି। ଏଭଳି ଉନ୍ନତମାନର ଜ୍ଞାନକୌଶଳ ମାଧ୍ୟମରେ ଗୋଲାପ ଚାଷ ଦେଖି କେନ୍ଦ୍ରୀୟ ଟିମ୍ ଖୁସି ବ୍ୟକ୍ତ କରିଥିଲେ। ଏହି ପରିଦର୍ଶନ ସମୟରେ କେନ୍ଦ୍ରୀୟ ଟିମ ସହ ଜିଲା ମୁଖ୍ୟ ଉନ୍ନୟନ ଅଧିକାରୀ ଅକ୍ଷୟ କୁମାର ଖେମୁଣ୍ଡୁ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ପ୍ରଦ୍ୟୁମ୍ନ ମଣ୍ଡଳ, ସହକାରୀ ନିର୍ବାହୀ ଯନ୍ତ୍ରୀ ଏ. ଷଣ୍ମୁଖା ପାତ୍ର, ଭାରପ୍ରାପ୍ତ ବିପିଏମ୍ ସନ୍ତୋଷ ରତ୍ନାଲୁ, ଉଦ୍ୟାନ ବିଭାଗର ସହକାରୀ ଉଦ୍ୟାନ ଅଧିକାରୀ ଏମ୍ ସୁଚିତ୍ରା, ଅକ୍ଷୟ କୁମାର ପଣ୍ଡା ଓ ସ୍ଥାନୀୟ ସିଆର୍‌ପି, ଏମ୍‌ବିକେ, ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟା ପ୍ରମୁଖ ଉପସ୍ଥିତ ଥିଲେ।


ଜଳଶକ୍ତି ଅଭିଯାନର ସଦସ୍ୟ ଖାମ୍ବାଗୁଡ଼ାରେ ଥିବା ଗୋଲାପ ବଗିଚା ପରିଦର୍ଶନ କରୁଛନ୍ତି।

## ସହକାରୀ ସୁପରିଣ୍ଟେଣ୍ଡେଣ୍ଟ ନିଲମ୍ବିତ, ୯ ଛାତ୍ର ସ୍କୁଲରୁ ବିଦା

**ଅନ୍ୱେଷା ହଷ୍ଟେଲରେ ରାଗିଂ ଘଟଣା**

■ ୮ ଛାତ୍ରଙ୍କ ନାମରେ ମାମଲା ରୁଜୁ, ୩ ରୋଷେୟା ବହିଷ୍କୃତ
■ ଭାରପ୍ରାପ୍ତ ଜିଲାପାଳଙ୍କ ହଷ୍ଟେଲ ପରିଦର୍ଶନ

ଗୁଣପୁର,୧୦।୩(ପ୍ରଦୀପ କୁମାର ପାଢ଼ୀ)


ଅତିରିକ୍ତ ଜିଲାପାଳ ନୀହାର ରଞ୍ଜନ କହଁର ଅଭିଭାବକଙ୍କ ସହ ଆଲୋଚନା କରୁଛନ୍ତି ।

ରାୟଗଡା ଜିଲା ଗୁଣପୁର ଅନ୍ୱେଷା ହଷ୍ଟେଲରେ ଗତ ୪ ତାରିଖରେ ରାଗିଂ ଘଟଣା ସାରା ରାଜ୍ୟରେ ହଇଚଇ ସୃଷ୍ଟି କରିଛି। ଏପରି ଏକ ସମ୍ବେଦନଶୀଳ ପ୍ରସଙ୍ଗରେ ଜିଲା ପ୍ରଶାସନ ପକ୍ଷରୁ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଅଭିଯୁକ୍ତ ୯ ଜଣ ଛାତ୍ରଙ୍କୁ ହଷ୍ଟେଲ ସହ ସ୍କୁଲରୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ନିଲମ୍ବନ କରାଯାଇଛି। ସେମାନଙ୍କ ମଧ୍ୟରୁ ୮ ପିଲାଙ୍କ ନାମରେ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଗଙ୍ଗାଧର ବେହେରା ଗୁଣପୁର ଥାନାରେ ମାମଲା ରୁଜୁ କରିଛନ୍ତି। ସେହିପରି ହଷ୍ଟେଲର ସହକାରୀ ସୁପରିଣ୍ଟେଣ୍ଡେଣ୍ଟ ରଶ୍ମିତା ସାହୁଙ୍କୁ ଚାକିରିରୁ ନିଲମ୍ବନ କରାଯାଇଥିବାବେଳେ ୩ ଜଣ ରୋଷେୟା ଯଥା ଚନ୍ଦ୍ରିକା ଶବର, ରମ୍ଭା ମାଣ୍ଡାଙ୍ଗି ଓ ମମତା ପରଜାଙ୍କୁ କାର୍ଯ୍ୟରୁ ବହିଷ୍କାର କରାଯାଇଛି। କୁଜେନ୍ଦ୍ରି ଉଚ୍ଚ ବିଦ୍ୟାଳୟର ସହକାରୀ ଶିକ୍ଷକ ଅନୀଲ କୁମାର ଦାସଙ୍କୁ ଅନ୍ୱେଷା ହଷ୍ଟେଲର ସହକାରୀ ସୁପରିଣ୍ଟେଣ୍ଡେଣ୍ଟ ଭାବେ ନିଯୁକ୍ତି ଦିଆଯାଇଛି। ଅନ୍ୟପଟେ ମାମଲାର ଗମ୍ଭୀରତାକୁ ଦୃଷ୍ଟିରେ ରଖି ଅତିରିକ୍ତ ଜିଲାପାଳ ନିହାର ରଞ୍ଜନ କହଁର ଅନ୍ୱେଷା ହଷ୍ଟେଲରେ ପହଞ୍ଚି ଅଭିଭାବକ ଏବଂ ପିଲାଙ୍କ ସହ ଆଲୋଚନା କରଥିଲେ। ତାଙ୍କ ସହ ଜିଲା ମଙ୍ଗଳ ଅଧିକାରୀ ଅସୀମା ରାଓଙ୍କ ସମେତ ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ। ଛୋଟ ପିଲାଙ୍କ କ୍ଷେତ୍ରରେ ରାଗିଂ ଘଟଣା ପରେ ଅନ୍ତେବାସୀ ପିଲାଙ୍କ ସହ ଅଭିଭାବକଙ୍କ ମଧ୍ୟରେ ଭୟର ବାତାବରଣ ସୃଷ୍ଟି କରିଥିଲା । ଅଭିଯୁକ୍ତଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ପାଇଁ ଅନେକ ଅଭିବାବକ ଏବଂ ତାଙ୍କ ସମ୍ପର୍କୀୟମାନେ ଦାବି କରୁଥିଲେ । ମଙ୍ଗଳ ବିଭାଗ ପକ୍ଷରୁ ତଦନ୍ତ କରାଯିବା ପରେ ପଦକ୍ଷେପ ଗ୍ରହଣ କରାଯାଇଛି।

ସୂଚନାଯୋଗ୍ୟ, ଗତ ୪ ତାରିଖରେ ୩ରୁ ୪ ଜଣ ଛାତ୍ର ସହପାଠୀ ଛାତ୍ରଙ୍କୁ ଶାର୍ଟ ଖୋଲି ନିର୍ଘୁକ ମାଡ ମାରିବା, ରାଗିଂ କରାଯିବା ଘଟଣାର ଭିଡିଓ ଭାଇରାଲ ହୋଇଥିଲା। ଘଟଣା ସମ୍ପର୍କରେ ଗୁଣପୁର ମଙ୍ଗଳ ବିଭାଗ ଅବଗତ ହେବା ପରେ ଏହାକୁ ଚପାଇ ଦେବା ପାଇଁ ଉଦ୍ୟମ କରିଥିବା ଅଭିଯୋଗ ହୋଇଥିଲା। ଭିଡିଓ ଖୁବ ଭାଇରାଲ ହେବା ପରେ ମଙ୍ଗଳ ବିଭାଗ ଘଟଣାର ତଦନ୍ତ ଆରମ୍ଭ କରିଥିଲା।

# ବିଇଓ ଅଫିସ ଘେରିଲେ ସରପଞ୍ଚ, ଗ୍ରାମବାସୀ

**କୁନ୍ଦୁରା, ୧୦।୩(ସନ୍ତୋଷ ପ୍ରହରାଜ)**



ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ଘେରାଉ କରାଯାଇଛି।

କୋରାପୁଟ ଜିଲା କୁନ୍ଦୁରା ବ୍ଲକ୍ କିମା ପଞ୍ଚାୟତ କୁସୁମଗୁଡ଼ା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ କାର୍ଯ୍ୟରତ ଶିକ୍ଷକଙ୍କୁ ଅନ୍ୟ ସ୍କୁଲକୁ ସ୍ଥାନାନ୍ତର କରାଯାଉଥିବାରୁ ଏହାକୁ ଗ୍ରାମବାସୀ ବିରୋଧ କରିଛନ୍ତି। ସୋମବାର କୁନ୍ଦୁରା ବ୍ଲକ୍ ସଦର ମହକୁମାସ୍ଥିତ ଗୋଷ୍ଠୀ ଶିକ୍ଷାଧିକାରୀ କାର୍ଯ୍ୟାଳୟରେ ବିଦ୍ୟାଳୟ ପରିଚାଳନା କମିଟି, ଗ୍ରାମବାସୀ ଓ ସରପଞ୍ଚ ଶିକ୍ଷା କାର୍ଯ୍ୟାଳୟ ଘେରିବା ସହ ଶିକ୍ଷାଧିକାରୀ ଶୁକାନ୍ତ କାର୍ତ୍ତାମୀଙ୍କ ଅନୁପସ୍ଥିତିରେ ଅନ୍ୟ କର୍ମଚାରୀଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। କୁସୁମଗୁଡ଼ା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ୧୨୭ ଛାତ୍ରୀଛାତ୍ର ପଢୁଥିବା ବେଳେ ୫ଜଣ ଶିକ୍ଷକ ଅଛନ୍ତି। ବଦଳି କରାଯାଇଥିବା ଶିକ୍ଷକ ଗୋବିନ୍ଦ ପ୍ରଧାନ ଗଣିତ ଓ ବିଜ୍ଞାନ ବିଷୟ ପଢାନ୍ତି। ସେ ଏଠାରୁ ଯିବା ପରେ ଏହି ୨ ମୁଖ୍ୟ ବିଷୟରେ ପିଲାଙ୍କ ପାଠ ପଢା ଦୁର୍ବଳ ହେବା ସହ ସମସ୍ୟା ଦେଖାଦେବ। ଏଥିପାଇଁ କିଏ ଦାୟୀ ରହିବେ ବୋଲି ଦାବିପତ୍ରରେ ଉଲ୍ଲେଖ ରହିଛି। ଗାଁ ସ୍କୁଲରେ ପାଠ ପଢ଼ା ଭଲ ଚାଲିଥିବାରୁ କୌଣସି ଶିକ୍ଷକଙ୍କୁ ସ୍ଥାନାନ୍ତର ନ କରିବାକୁ ଲିଖିତ ଅଭିଯୋଗ କରାଯାଇଛି। ଜିଲାପାଳ ଓ ଜିଲା ଶିକ୍ଷାଧିକାରୀଙ୍କୁ ଅଭିଯୋଗ ପତ୍ର ପ୍ରଦାନ କରାଯାଇଥିଲା। ଏସ୍ଏମ୍ସି ସଭାପତି ତ୍ରିନାଥ ଜାନି, ସଦସ୍ୟା ତୁଳମଣୀ ମସିହା, ଭଗବାନ ଖୁଣ୍ଟୁପିଆ, ଗୌରିଶଙ୍କର ପରଜା, ରୀନା ପାଙ୍ଗି, ଲକ୍ଷ୍ମଣ ଖୁଣ୍ଟୁପିଆ, ସୁରେଶ ବାରିକ, ଶ୍ରୀଧର ପରିଜା, ପ୍ରତିମା ଜାନି ଓ ଗୁପ୍ତ ବାରିକ ପ୍ରମୁଖ ଉପସ୍ଥିତ ଥିଲେ। କେବଳ କୁସୁମଗୁଡ଼ା ନୁହେଁ ବ୍ଲକ୍‌ର ବିଭିନ୍ନ ସ୍କୁଲରୁ ଶିକ୍ଷକ ସ୍ଥାନାନ୍ତର ପାଇଁ ପ୍ରକ୍ରିୟା ଚାଲିଥିବା ଅଭିଯୋଗ ହୋଇଛି। ଗାଁସ୍ତରରେ ଏହାକୁ ଦୃଢ ବିରୋଧ କରାଯାଇଛି।

### ଆବଶ୍ୟକ ନଥାଇ ଶିକ୍ଷକ ବଦଳି ଅଭିଯୋଗ

ଏ ନେଇ ବିଇଓ କାର୍ତ୍ତାମିଙ୍କୁ ଯୋଗାଯୋଗ କରିବାରୁ ଏ ନେଇ ପ୍ରୋସେସିଂ ଚାଲିଛି, କାହାକୁ ମଧ୍ୟ ବଦଳି କରାଯାଇ ନାହିଁ ବୋଲି ସେ କହିଛନ୍ତି। ଗତ ୧୪ ବର୍ଷ ଧରି କୁନ୍ଦୁରା ବ୍ଲକ ଠାରେ ସ୍ଥାୟୀ ଗୋଷ୍ଠୀ ଶିକ୍ଷାଧିକାରୀ ନିଯୁକ୍ତ ହେଉନଥିବା ଯୋଗୁ ବିଭିନ୍ନ ସମୟରେ ଆବଶ୍ୟକ ପଡୁ ନ ଥିବା ସତ୍ତ୍ୱେ ଭିତିରିଆ ସଲା ସୁତୁରା ହୋଇ ନିଜ ମନ ପସନ୍ଦ ସ୍ଥାନ ଚିହ୍ନଟ କରି ସେହି ଅଞ୍ଚଳକୁ ବଦଳି ହେଉଛନ୍ତି ଶିକ୍ଷକ ଏବଂ ଶିକ୍ଷୟିତ୍ରୀ।

# ମେକା ପଞ୍ଚାୟତରେ ବିଜେଡି ବୈଠକ


ବୈଠକରେ ଦଳୀୟ ସଂଗଠନ ଓ ଆଗାମୀ ପଞ୍ଚାୟତ ନିର୍ବାଚନ ବିଷୟରେ ଆଲୋଚନା କରାଯାଉଛି।

**ମାଥିଲି, ୧୦।୩(ସୁବାସ ଚନ୍ଦ୍ର ଖୁଣ୍ଟୁପିଆ)**

ମାଲକାନଗିରି ଜିଲା ମାଥିଲି ବ୍ଲକ୍ ମେକା ପଞ୍ଚାୟତରେ ସୋମବାର ପୂର୍ବତନ ବ୍ଲକ୍ ସଭାପତି ସଦାଶିବ ପୂଜାରୀଙ୍କ ନେତୃତ୍ୱରେ ମେକା ପଞ୍ଚାୟତରେ ବିଜୁ ଜନତା ଦଳ ସଂଗଠନକୁ ସୁଦୃଢ଼ କରିବାକୁ ନେଇ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଥିଲା। ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ଆଗକୁ ଥିବାରୁ, ବିଜୁପ୍ରେମୀ ଓ ଦଳୀୟ କର୍ମୀମାନେ ପ୍ରସ୍ତୁତିକୁ ନେଇ ଉତ୍ସାହିତ ହୋଇଥିଲେ। ବୈଠକରେ ଦଳୀୟ କାର୍ଯ୍ୟକ୍ରମ, ଆସନ୍ତା ଯୋଜନା ଏବଂ ମେକା ପଞ୍ଚାୟତର ବିକାଶ ଉପରେ ଆଲୋଚନା ହୋଇଥିଲା। ଗ୍ରାମ ସମସ୍ୟା ଓ ଏହାର ସମାଧାନ ବିଷୟରେ ଆଲୋଚନା ହୋଇଥିଲା। ଦଳୀୟ ଦୃଢ଼ତା ଓ ଏକତା ବୃଦ୍ଧି ପାଇଁ ଆହ୍ୱାନ ଦିଆଯାଇଥିଲା। ବିଜୁ ଜନତା ଦଳ ସବୁବେଳେ ଲୋକଙ୍କ ସହଯୋଗ ଏବଂ ଉନ୍ନତି ପାଇଁ ଜନ ସାଧାରଣଙ୍କ ନିକଟରେ ରହିଛି। ଆସନ୍ତା ନିର୍ବାଚନରେ ମେକା ପଞ୍ଚାୟତ ଲୋକଙ୍କ ସମର୍ଥନ ଏବଂ ଆଶୀର୍ବାଦ ଆବଶ୍ୟକ ବୋଲି ଦଳୀୟ କର୍ମୀମାଦେ ମତ ଦେଇଥିଲେ।

# ମାଓବାଦୀ ଦମ୍ପତିଙ୍କ ବିରୋଧରେ ଅର୍ଥ ଚୋରି ଅଭିଯୋଗ

**ମାଲକାନଗିରି, ୧୦।୩(ନୃସିଂହ ଚରଣ ମହାନ୍ତି)**

ଛତିଶଗଡ଼ ବିଜାପୁରରେ ଗତ କିଛିଦିନ ପୂର୍ବେ ଏକ ମାଓବାଦୀ ଦମ୍ପତି ଆତ୍ମସମର୍ପଣ କରିଥିଲେ। ସେମାନଙ୍କ ନାମରେ ଅର୍ଥ ଲୁଟ ଭଳି ସଙ୍ଗିନ ଅଭିଯୋଗ ଆଣି ପ୍ରେସ୍ ବିବୃତି ଜାରି କରିଛି ମାଓବାଦୀ ସଙ୍ଗଠନ। ସୂଚନା ଅନୁଯାୟୀ, ଛତିଶଗଡ଼ର ପଶ୍ଚିମ ବସ୍ତର ଡିଭିଜନ ସଦସ୍ୟ ମୋଡିୟମ୍ ଦିନେଶ ଏବଂ ତାଙ୍କ ସ୍ତ୍ରୀ ଗତ କିଛିଦିନ ପୂର୍ବେ ସଙ୍ଗଠନ ଛାଡି ଆତ୍ମସମର୍ପଣ କରିଥିଲେ। ଏହି ଦମ୍ପତି ପୋଲିସରେ ଆତ୍ମସମର୍ପଣ ପରେ ସଙ୍ଗଠନ ସେମାନଙ୍କ ବିରୋଧରେ ଏକ ପ୍ରେସ୍ ବିବୃତି ଜାରି କରିଛି। ଯେଉଁଥିରେ ଉଲ୍ଲେଖ ରହିଛି, ଆତ୍ମସମର୍ପଣ କରିଥିବା ଦମ୍ପତି ସଙ୍ଗଠନର ଲକ୍ଷାଧିକ ଟଙ୍କା ଚୋରିକରି ନେଇ ପଳାଇଛନ୍ତି। ସଙ୍ଗଠନ ସେମାନଙ୍କୁ କେବେବି କ୍ଷମା କରିବ ନାହିଁ। ଏହାର ଜବାବ ଦିଆଯିବ ବୋଲି ମଧ୍ୟ ଏଥିରେ ଉଲ୍ଲେଖ ରହିଛି। ଏହି ବିବୃତି ସଙ୍ଗଠନ ଦକ୍ଷିଣ ସବ୍ ଜୋନାଲ ବ୍ୟୁରୋ ମୁଖପାତ୍ର ସମତା ଜାରି କରିଥିବା ଜଣାପଡିଛି।

# ୭୧ ଅଭିଯୋଗ ଶୁଣିଲେ ଜିଲାପାଳ

**ଖଇରପୁଟ, ୧୦।୩ (ଜଗନ୍ନାଥ ମାଝି )**


ଜଣେ ଭିନ୍ନକ୍ଷମଙ୍କୁ ଟ୍ରାଇ ସାଇକେଲ ଦିଆଯାଉଛି ।

ଖଇରପୁଟ ବ୍ଲକ୍ କୁଡୁମୁଲୁଗୁମ୍ମା ତହସିଲ କାର୍ଯ୍ୟାଳୟରେ ଜିଲା ପ୍ରଶାସନ ତରଫରୁ ଏକ ସ୍ୱତନ୍ତ୍ର ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମାଲକାନଗିରି ଜିଲାପାଳ ଆଶିଷ ଈଶ୍ୱର ପାଟିଲ୍ ଅଧ୍ୟକ୍ଷତା କରିଥିଲେ। ଅନ୍ୟ ପ୍ରଶାସନିକ ଅଧିକାରୀଙ୍କ ମଧ୍ୟରେ ଆରକ୍ଷୀ ଅଧୀକ୍ଷକ ଦିନେଶ ପାଟିଲ, ଉପଜିଲାପାଳ ଦୁର୍ଯ୍ୟୋଧନ ଭୋଇ, ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ ନରେଶ ଚନ୍ଦ୍ର ଶବର ଓ ଆଇଟିଡିଏ ପ୍ରକଳ୍ପ ପ୍ରଶାସକ ହଳଧର ଶବର ପ୍ରମୁଖ ଉପସ୍ଥିତ ରହି ପାଖାପାଖି ୭୧ ଅଭିଯୋଗ ଶୁଣିଥିଲେ। ଅଭିଯୋଗଗୁଡ଼ିକ ମଧ୍ୟରେ ଆବାସ ଯୋଗାଇବା, ରାସ୍ତାଘାଟ ମରାମତି, ନିର୍ମାଣ ସମ୍ବନ୍ଧୀୟ, ପାଇପ୍ ଜଳ ଯୋଗାଣ, ଓରିଙ୍ଗି ଘାଟିରାସ୍ତା ପ୍ରଶସ୍ତୀକରଣ, କୁଡୁମୁଲୁଗୁମ୍ମାରୁ ବିଙ୍ଗୁଗୁଡା ଆର୍‌ଡି ରାସ୍ତା ନିର୍ମାଣ, ନୃସିଂହ ମନ୍ଦିର ରାସ୍ତା କଂକ୍ରିଟ ରାସ୍ତା କରିବା ଓ ୨ ଜଣ ୮୦ପ୍ରତିଶତରୁ ଉର୍ଦ୍ଧ୍ୱ ଭିନ୍ନକ୍ଷମଙ୍କୁ ସରକାରୀ ସହାୟତା ସମ୍ବନ୍ଧରେ ପ୍ରମୁଖ ଅଭିଯୋଗ ହୋଇଥିଲା। ଉକ୍ତ ଅଭିଯୋଗଗୁଡିକର ତୁରନ୍ତ ବିଭାଗୀୟ ଅଧିକାରୀ ପଦକ୍ଷେପ ନେବାପାଇଁ ଜିଲାପାଳ ନିର୍ଦ୍ଦେଶ ଦେଇଥିବା ଜଣାପଡ଼ିଛି। ଶେଷରେ ୨ଜଣ ଭିନ୍ନକ୍ଷମଙ୍କୁ ଜିଲା ପ୍ରଶାସନ ତରଫରୁ ଦୁଇଟି ଟ୍ରାଇ ସାଇକେଲ ବଣ୍ଟନ କରାଯାଇଥିଲା। ଉକ୍ତ ଶିବିରକୁ ତହସିଲଦାର କ୍ରିଷ୍ଣା ଚନ୍ଦ୍ର ଦାସ ଆୟୋଜନ କରିଥିଲେ। ଯେଉଁଥିରେ ପ୍ରାୟ ସବୁ ବିଭାଗ ଜିଲା ଅଧିକାରୀ ଓ ବ୍ଲକ୍ ଅଧିକାରୀ ଉପସ୍ଥିତ ଥିଲେ। ଅଭିଯୋଗ ଶୁଣାଣିରେ କୁଡୁମୁଲୁଗୁମ୍ମା ଓ ପରକନମାଳା ପଞ୍ଚାୟତର ପାଖାପାଖି ୨୦୦ ରୁ ଉର୍ଦ୍ଧ୍ୱ ଲୋକ ଯୋଗଦେଇଥିଲେ।

# ଚିତାପରି କିଙ୍ଗ କୋବ୍ରା ଟିମ୍ ବିଜୟୀ

**କୋରୁକୋଣ୍ଡା, ୧୦।୩(ଶିବଦତ୍ତ ସାହୁ)**

### ଜୟ ବଜରଙ୍ଗବାଲି କ୍ରିକେଟ ଟୁର୍ନାମେଣ୍ଟ ଆରମ୍ଭ

କୋରୁକୋଣ୍ଡା ବ୍ଲକ ଖେଳ ପଡିଆରେ ଜୟ ବଜରଙ୍ଗ ବାଲି କ୍ରିକେଟ ଟୁର୍ଣାନାମେଣ୍ଟ ସୋମବାର ଉଦ୍‌ଘାଟିତ ହୋଇଯାଇଛି। ୧୪ଦିନର ଏହି ଟୁର୍ଣାମେଣ୍ଟରେ ୧୬ଟି ଟିମ୍ ଅଂଶଗ୍ରହଣ କରିବାକୁ ଥିବାବେଳେ ଆସନ୍ତା ୨୫ରେ ଫାଇନାଲ ମ୍ୟାଚ ଖେଳା ଯିବ। ପ୍ରଥମ ଦିନରେ ପରିଚାଳନା କମିଟି ପକ୍ଷରୁ ଗ୍ରାମ ହନୁମାନ ମନ୍ଦିରରେ ପୂଜାର୍ଚ୍ଚନା ପରେ ଅତିଥିଙ୍କୁ ଶୋଭାଯାତ୍ରାରେ ମଞ୍ଚକୁ ନିଆଯାଇଥିଲା। ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ କୋରୁକୋଣ୍ଡା ଥାନା ଅଧିକାରୀ ହିମାଂଶୁ ଶେଖର ବାରିକ, ସାମ୍ମାନନୀୟ ଅତିଥି ଭାବେ କୋରୁକୋଣ୍ଡା ବ୍ଲକ ଉତ୍କଳ ସାମ୍ବାଦିକ ସଙ୍ଘ ସଭାପତି ଶିବଦତ୍ତ ସାହୁ, ପୂର୍ବତନ ସରପଞ୍ଚ ବଂଶୀଧର ମୁଦୁଲି, ଟୁର୍ନାମେଣ୍ଟ ସଭାପତି ସୁଦର୍ଶନ ସାବତ, ଉପ ସଭାପତି ଅଶୋକ ପରିଡା ଓ ବାବୁଲି ପଣ୍ଡାଙ୍କ ସମେତ ବହୁ କ୍ରିକେଟ ପ୍ରେମୀଙ୍କ ଉପସ୍ଥିତରେ ଟୁର୍ନାମେଣ୍ଟର ଆରମ୍ଭ ହୋଇଥିଲା।

ପ୍ରଥମ ଦିନ ଥାନା ଅଧିକାରୀ ବାରିକ ଟସ୍ ପକାଇ ଖେଳ ଆରମ୍ଭ କରିଥିଲେ। ମୋଟ ୧୬ ଓଭର ଲେଖାଏ ଖେଳ ହୋଇଥିଲା। ପ୍ରଥମେ ଚିତାପରି କିଙ୍ଗ କୋବ୍ରା ଟସ୍ ଜିତି ବୋଲିଂ କରିବାକୁ ଇଛା କରିଥିବା ବେଳେ ମୋଟୁ କିଙ୍ଗ–୧୧ ଟିମ୍ ପ୍ରଥମେ ବ୍ୟାଟିଂ କରି ୧୫ ଓଭର ୩ ବଲ ଖେଳି ୧୫୬ରନ କରିଥିଲେ। ଚିତାପରି କିଙ୍ଗ କୋବ୍ରା ଟିମ୍ ୧୨ ଓଭର ୩ ବଲରେ ୧୫୯ରନ କରିବା ସହିତ ପ୍ରଥମ ଦିନରେ ବିଜୟୀ ହୋଇଥିଲେ।



ଟୁର୍ନାମେଣ୍ଟରେ ଯୋଗଦେଇଥିବା ଅତିଥି ।

# ପୁରୁଣା ଚିତାପାରି ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ


ବୈଠକରେ ଯୋଗଦେଇଥିବା ଅତିଥିମାନେ ।

**କୋରୁକୋଣ୍ଡା, ୧୦।୩(ଶିବଦତ୍ତ ସାହୁ)**

ମାଲକାନଗିରି ଜିଲା କୋରୁକୋଣ୍ଡା ବ୍ଲକ୍ ପୋଟ୍ରେଲ ପଞ୍ଚାୟତ ପୁରୁଣା ଚିତାପାରି ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ରାମକୃଷ୍ଣ ପାଢ଼ୀଙ୍କ ଅଧ୍ୟକ୍ଷତାରେ ସୋମବାର ୬୫ ତମ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ପୋଟ୍ରେଲ ସରପଞ୍ଚ ଦୈମତି ପଡିୟାମୀ, ମୁଖ୍ୟବକ୍ତା ରାମଚନ୍ଦ୍ର ଖେମୁଡୁ, ସମ୍ମାନିତ ଅତିଥି ସୁକୁ ମାଝୀ, ଚୈତନ୍ୟ ପୂଜାରୀ ଓ ପଦଲାମ ଖିଲ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ଶୁଭାରମ୍ଭ କରିଥିଲେ। ଏହି ଅବସରରେ ମାତୃପିତୃ ପୂଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବାର୍ଷିକ ବିବରଣୀ ପଠନ କରାଯାଇଥିଲା। ଛାତ୍ରୀଛାତ୍ରଙ୍କ ପକ୍ଷରୁ ବିଭିନ୍ନ ନୃତ୍ୟ ପରିବେଷଣ କରାଯାଇଥିଲା। ବାର୍ଷିକ ଉତ୍ସବ ଉପଲକ୍ଷେ ପୂର୍ବରୁ ପିଲାମାନଙ୍କ ମଧ୍ୟରେ ହୋଇଥିବା ବିଭିନ୍ନ କ୍ରୀଡ଼ା, ଶିକ୍ଷା ଏବଂ ନୃତ୍ୟରେ କୃତିତ୍ୱ ହାସଲ କରିଥିବା ଛାତ୍ରୀଛାତ୍ରମାନଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କାର ଓ ମାନପତ୍ର ପ୍ରଦାନ କରାଯାଇଥିଲା। ଶିକ୍ଷୟିତ୍ରୀ ସସ୍ମିତା ମଲିକ, ସୁନିତା ପ୍ରିୟଦର୍ଶିନୀ ବେହେରା, ଦେବକୀ ଗୋଲରୀ ଓ ଶିକ୍ଷକ ଅଶ୍ୱିନୀ ମିସ୍ତ୍ରି ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ବାର୍ଷିକ ଉତ୍ସବ, ଆଲୁମ୍ନି ଅଭିନନ୍ଦନ କାର୍ଯ୍ୟକ୍ରମ ଉଦ୍‌ଯାପିତ

**ଏମ୍‌ଭି ୭୯, ୧୦।୩(ଭିକି ବାରିକ )**

ଏମ୍‌ଭି ୮୦ ଗ୍ରାମ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ଓ ଆଲୁମ୍ନି ଅଭିନନ୍ଦନ କାର୍ଯ୍ୟକ୍ରମ ସୋମବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ପ୍ରଧାନ ଶିକ୍ଷୟିତ୍ରୀ ନନ୍ଦିନୀ ବିଶ୍ୱାସଙ୍କ ତତ୍ତ୍ୱାବଧାନରେ ଅନିମାରାଣୀ ସରକାର ଓ ଅନ୍ୟମାନେ କାର୍ଯ୍ୟକ୍ରମକୁ ସୁଚାରୁରୂପେ ସମ୍ପାଦନ କରିଥିଲେ। କାର୍ଯ୍ୟକ୍ରମରେ ଅତିଥି ଭାବେ ସ୍କୁଲ ପରିଚାଳନା କମିଟି ସଭାପତି ଗଣେଶ ବିଶ୍ୱାସ, ଗ୍ରାମ ପଲ୍ଲୀ ମଙ୍ଗଳ ସଭାପତି ମନୋରଞ୍ଜନ ଦେବନାଥ, ବିପ୍ଳବ ବାଟୋଇ, ଲକ୍ଷ୍ମୀ ସର୍ଦ୍ଦାର, ରଞ୍ଜନ ମଣ୍ଡଳ ଓ ଗ୍ରାମର ଏସ୍ଏସ୍‌ଜି ମହିଳା ଗ୍ରୁପ୍ ମୁଖ୍ୟ ମଞ୍ଚାସୀନ ଥିଲେ। ଉତ୍ତମ ଛାତ୍ରୀଛାତ୍ରଙ୍କ ଦାୟିତ୍ୱ ଓ କର୍ତ୍ତବ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ପୁରାତନ ଛାତ୍ରୀଛାତ୍ର ପ୍ରମୁଖ ନିଜ ପଢ଼ା ସମୟର ଅନୁଭୂତି ବର୍ଣ୍ଣନା କରିଥିଲେ। ଶିକ୍ଷକ ସଚ୍ଚିନକ୍ରିଷ୍ଣ ସାନା ଧନ୍ୟବାଦ ଅର୍ପଣ କରିଥିଲେ।

# ମଣ୍ଡଳସ୍ତରୀୟ ସ୍ଥାୟୀ ଜୀବନଶୈଳୀ ନେଇ ପ୍ରଦର୍ଶନୀ



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଓ ଅନ୍ୟମାନେ।

**କୋରାପୁଟ, ୧୦।୩(ଅମିତାଭ ବେହେରା)**

କୋରାପୁଟସ୍ଥିତ ସରକାରୀ ଉଚ୍ଚ ବିଦ୍ୟାଳୟରେ ମଣ୍ଡଳସ୍ତରୀୟ ସ୍ଥାୟୀ ଜୀବନଶୈଳୀ ପ୍ରଦର୍ଶନୀ ସୋମବାର ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ମଣ୍ଡଳ ଶିକ୍ଷାଧିକାରୀ ଶ୍ରୀକାନ୍ତ ଜାନୀଙ୍କ ଅଧ୍ୟକ୍ଷତାରେ ସ୍ଥାନୀୟ ପଞ୍ଚାୟତ ସମିତି ଅଧ୍ୟକ୍ଷା ନମିତା ମାଝୀ, ପୌର ପରିଷଦ ଅଧ୍ୟକ୍ଷ ଲଲାଟ ରଞ୍ଜନ ସେଠୀ ଓ ଏବିଇଓ ଶିବପ୍ରସାଦ ରଥ ଉପସ୍ଥିତ ଥିଲେ। ବ୍ଲକ୍ ଓ ପୌରାଞ୍ଚଳର ୩୦ ବିଦ୍ୟାଳୟରୁ ୫୦ ପ୍ରକଳ୍ପ ନେଇ ୫୦ ଛାତ୍ରୀଛାତ୍ର ଓ ୩୦ ଜଣ ଶିକ୍ଷକ ଯୋଗଦେଇଥିଲେ। ୭ ପ୍ରସଙ୍ଗକୁ ଆଧାରକରି ପ୍ରକଳ୍ପଗୁଡ଼ିକୁ ପ୍ରଦର୍ଶନ କରାଯାଇଥିବା ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ପ୍ରଦୀପ କୁମାର ପାତ୍ର ସୂଚନା ଦେଇଥିଲେ। ଶ୍ରେଷ୍ଠ ୪ ପ୍ରକଳ୍ପ ଜିଲାସ୍ତରୀୟ ପ୍ରଦର୍ଶନୀରେ ଭାଗ ନେବେ ବୋଲି ସଂଯୋଜକ ଅତିରିକ୍ତ ମଣ୍ଡଳ ଶିକ୍ଷାଧିକାରୀ ଯସନ୍ ବେନ୍ୟା କହିଛନ୍ତି। ଉଦ୍‌ଯାପନୀରେ ଅତିରିକ୍ତ ଜିଲା ଶିକ୍ଷାଧିକାରୀ ଅର୍ପିତା ପ୍ରଧାନ ଛାତ୍ରୀଛାତ୍ର ଓ ଶିକ୍ଷକମାନଙ୍କୁ ପ୍ରଶଂସାପତ୍ର ବଣ୍ଟନ ଏବଂ ଶ୍ରେଷ୍ଠ ବିବେଚିତ ୪ଜଣଙ୍କୁ ଅର୍ଥରାଶି ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ହରେକୃଷ୍ଣ ମହାରଣା, ହର ମିଶ୍ର, ସୁବୋଧ ମାଝୀ, ତ୍ରିଲୋକେଶ ପଣ୍ଡା, ଜୟକୃଷ୍ଣ ଭଦ୍ର, ଜ୍ୟୋତି ପାଢ଼ୀ, ସୂର୍ଯ୍ୟ ବେହେରା, ବାସୁଦେବ ଦାସ ଓ ଲୁଂଗୁରି ଶଙ୍କର ଓ ଜଗଦୀଶ କୁମାର ସହଯୋଗ କରିଥିଲେ।

# ପଞ୍ଚାୟତସ୍ତରୀୟ ଅଭିଯୋଗ ଶୁଣାଣି



ଶିବିରରେ ଅଧିକାରୀମାନେ ଲୋକଙ୍କ ଅଭିଯୋଗ ଶୁଣୁଛନ୍ତି।

**ଜୟପୁର, ୧୦।୩(ପବନ ପାଣିଗ୍ରାହୀ)**

ଜୟପୁର ବ୍ଲକ୍ ଅନ୍ତର୍ଗତ ହାଡ଼ିଆଠାରେ ପଞ୍ଚାୟତସ୍ତରୀୟ ଅଭିଯୋଗ ଓ ଜନଶୁଣାଣି ଶିବିର ସୋମବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଏବିଡିଓ ମନୋଜ ନାୟକ, ସହକାରୀ ନିର୍ବାହୀ ଯନ୍ତ୍ରୀ ବିଜୟ ନନ୍ଦ, ବ୍ଲକ ସମାଜିକ ସୁରକ୍ଷା ଅଧିକାରୀ କେ.ଏସ୍. ନିଶା, ଏପିଓ ସନ୍ତୋଷୀ ମହାପାତ୍ର ଓ ଅନ୍ୟ ଲାଇନ୍‌ର ବ୍ଲକସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ। ଶୁଣାଣିରେ ପଞ୍ଚାୟତର ବିଭିନ୍ନ ଗ୍ରାମର ଗ୍ରାମବାସୀ ଉପସ୍ଥିତ ଥିଲେ। ଗ୍ରାମବାସୀ ବିଭାଗର ଅଧିକାରୀମାନଙ୍କୁ ପାନୀୟ ଜଳ, ଭତ୍ତା, ରାସ୍ତା ନିର୍ମାଣ ଓ ଅଙ୍ଗନୱାଡି କେନ୍ଦ୍ରର ପାଚେରି ସମସ୍ୟା ଆଦି ଅଭିଯୋଗ ଜଣାଇଥିଲେ।

# ମୃତ ଶ୍ରମିକ ପରିବାର ସଦସ୍ୟଙ୍କ ଧାରଣା

**ଜୟପୁର, ୧୦।୩(ପବନ ପାଣିଗ୍ରାହୀ)**

ଜୟପୁର ସେବା କାଗଜ କଳ ଫାଟକ ପାର୍ଶ୍ୱରେ ଅବସରପ୍ରାପ୍ତ ଶ୍ରମିକମାନଙ୍କ ସହ ମୃତ ଶ୍ରମିକଙ୍କ ପରିବାର ସଦସ୍ୟମାନେ ଦଣ୍ଡାୟମାନ ଧାରଣା ଦେଇଛନ୍ତି। ୨୦୨୪ ଜୁଲାଇ ୧ରୁ ଅବସରପ୍ରାପ୍ତ ଶ୍ରମିକମାନେ ବକେୟା ପାଉଣା ପାଇଁ ଧାରଣା ଜାରି ରଖିଛନ୍ତି। ୨୦୨୩ ମାର୍ଚ୍ଚରେ ଶ୍ରମ ବିଭାଗ ଓ ପ୍ରଶାସନକୁ ମ୍ୟାନେଜମେଣ୍ଟ ଲିଖିତ ଭାବେ ଜଣାଇଥିଲେ। ମୃତ ଶ୍ରମିକଙ୍କ ପରିବାରକୁ ଗ୍ରାଚୁଇଟି ପାଉଣା ୪ ମାସରେ ଦେବା ପ୍ରତିଶ୍ରୁତି ଦେଇ ମାତ୍ର ଏକ ଲକ୍ଷ ଟଙ୍କା ୩୦ଜଣଙ୍କୁ ଦେଇଥିଲେ। ବଳକା ଅର୍ଥ କିନ୍ତୁ ଏଯାଏ ଦେଇ ନାହାଁନ୍ତି। ୩୯ଜଣ ଶ୍ରମିକଙ୍କ ମୃତ୍ୟୁ ହୋଇଛି ଓ ଅନେକ ରୋଗଗ୍ରସ୍ତ। ୨ଜଣ ଶ୍ରମିକ କୋମାରେ ଅଛନ୍ତି। କାରଖାନା ଜୁଲାଇ ୨୦୨୪ରୁ ବନ୍ଦ ରହିଛି। ନୂତନ କମ୍ପାନୀ ମୃତ ଓ ଅବସରପ୍ରାପ୍ତ ଶ୍ରମିକମାନଙ୍କ ବକେୟା ନ ଦେଲେ ଆନ୍ଦୋଳନ ତୀବ୍ର ହେବ ବୋଲି ଶ୍ରମିକ ସଂଘ ସଭାପତି ପ୍ରମୋଦ କୁମାର ମହାନ୍ତି କହିଛନ୍ତି। ମୃତ ଶ୍ରମିକଙ୍କ ବିଧବା ପତ୍ନୀ ମିନତୀ ପୃଷ୍ଟି, ସବିତା ସାହୁ, ରୁକ୍ମିଣୀ ସୌରା ଓ ଜି. ରାଣୀ ଚୌଧୁରୀ ଦସ୍ତଖତ କରି ଏକ ସ୍ମାରକପତ୍ର ସେକ୍ୟୁରିଟୀ ଅଧିକାରୀଙ୍କ ଜରିଆରେ ମ୍ୟାନେଜମେଣ୍ଟଙ୍କୁ ଦେଇଛନ୍ତି। ନୂଆ କମ୍ପାନୀ ବକେୟା ପାଉଣା ନ ଦେଇ କାରଖାନା ଉତ୍ପାଦନ ଆରମ୍ଭ କଲେ ଗେଟ୍ ସମ୍ମୁଖରେ ସମସ୍ତ ମୃତ ଶ୍ରମିକଙ୍କ ପରିବାର ସଦସ୍ୟ ବସିବେ ବୋଲି ଚେତାବନୀ ଦେଇଛନ୍ତି। ଧାରଣାରେ ବସନ୍ତ ବେହେରା, ସୁବାଷ ବେହେରା, ଧ୍ରୁବ ମଲ୍ଲିକ, ରବି ନାରାୟଣ ମହାରଣା, ଭାସ୍କର ମିଶ୍ର ଓ ଶ୍ରୀବତ୍ସ ଆଇଚ ପ୍ରମୁଖ ଯୋଗ ଦେଇଛନ୍ତି।



ଶ୍ରମିକ ପରିବାର ସଦସ୍ୟମାନେ ବ୍ୟାନର ଧରି କମ୍ପାନୀ ସମ୍ମୁଖରେ ଧାରଣା ଦେଉଛନ୍ତି।

# ଲଘୁ ଖଣିଜ ଚାଲାଣ, ୩ ଗାଡ଼ି ଜବତ

**ସୁନାବେଡ଼ା/ସେମିଳିଗୁଡା, ୧୦।୩ (କୃତ୍ତିବାସ ପ୍ରଧାନ/ବାସୁଦେବ ବରାଡ)**

ସୁନାବେଡା ଓ ସେମିଳିଗୁଡା ଥାନା ପୋଲିସ ବାଲି ନେଇ ଯାଉଥିବା ୩ ଗାଡ଼ିକୁ ଜବତ କରିଛି। ସେମିଳିଗୁଡା ଥାନା ଏସ୍‌ଆଇ ବାଜି ଚରଣ କୁହଁର ଓ ସହକର୍ମୀ ସେମିଳିଗୁଡା ହଞ୍ଜରା ଗୁଡା ନିକଟ ଆଲମଗୁଡାରୁ ଗୋଟିଏ ଟ୍ରାକ୍ଟର (ଓଡି–୧୦–ୟୁ–୭୯୪୩)ରେ ବାଲି ଯାଉଥିବା ବେଳେ ପୋଲିସ ଗାଡ଼ି ଅଟକାଇ ଯାଞ୍ଚ କରିଥିଲା। ଚାଳକ କୌଣସି କାଗଜପତ୍ର ଦେଖାଇ ପାରି ନ ଥିବାରୁ ଏସ୍‌ଆଇ କୁହଁର ଗାଡ଼ି ଥାନାକୁ ନେଇଥିଲେ। ଏ ନେଇ କେସ ନଂ ୩୦/୨୫ରେ ଏକ ମାମଲା ରୁଜୁ ହୋଇଛି। ସେହିପରି ସୁନାବେଡା ଏସ୍‌ଆଇ ନିର୍ମଳା ଲିମା, ଏସ୍‌ଆଇ ଚରଣ ସିଂ ମାଝୀ ଓ ତାଙ୍କ ଟିମ୍ ୨୬ ନଂ ଜାତୀୟ ରାଜପଥ ଭାଲୁ ପାହାଡ଼ ନିକଟରୁ ୨ ଗାଡ଼ି ଯାଞ୍ଚ କରି ଗୋଟିଏ ଟିପ୍ପର (ଓଡି–୧୦ ଡବ୍ଲ୍ୟୁ–୫୯୯୯)ରେ ବାଲି ଥିବା ଦେଖିଥିଲେ। ଏ ସମ୍ପର୍କରେ ସୁନାବେଡ଼ା ଥାନା କେସ ନଂ ୪୫/୨୫ ରେ ମାମଲା ରୁଜୁ ହୋଇଛି। ଏହାସହ ଗୋଟିଏ ଟ୍ରାକ୍ଟର(ଓଡି–୧୦–ଏମ୍–୯୩୮୯)ରେ ବାଲି ଯାଉଥିବା ବେଳେ ପୋଲିସ ଜବତ କରିଥିଲା। ଏ ନେଇ ୪୪/୨୫ ରେ ମାମଲା ରୁଜୁ ହୋଇଛି। ଏସ୍‌ଡିପିଓ ସୁମିତ୍ରା ଜେନାଙ୍କ ନେତୃତ୍ୱରେ କୋରାପୁଟ ଏସ୍‌ପି ରୋହିତ ବର୍ମାଙ୍କ ନିର୍ଦ୍ଦେଶରେ ଚଢ଼ାଉ ହୋଇଥିଲା।


ଜବତ ହୋଇଥିବା ବାଲି ଟ୍ରାକ୍ଟର।

# ଜିଲାପାଳଙ୍କ କାର୍ଯ୍ୟାଳୟ ଘେରିଲା କଂଗ୍ରେସ

**କୋରାପୁଟ, ୧୦।୩(ଅମିତାଭ ବେହେରା)**



କଂଗ୍ରେସ ନେତା ଓ କର୍ମୀମାନେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

ରାଜ୍ୟରେ ଦିନକୁ ଦିନ ବଢୁଥିବା ନାରୀ ନିର୍ଯ୍ୟାତନା ପ୍ରତିବାଦରେ ସୋମବାର କୋରାପୁଟ ଜିଲା କଂଗ୍ରେସ ଜିଲାପାଳଙ୍କ କାର୍ଯ୍ୟାଳୟ ଘେରାଉ କରିଛି। ପରେ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର କୋରାପୁଟ ଅତିରିକ୍ତ ଜିଲାପାଳଙ୍କୁ ପ୍ରଦାନ କରାଯାଇଛି। ରାଜ୍ୟ କଂଗ୍ରେସ ମହିଳା ସଭାନେତ୍ରୀ ମିନାକ୍ଷୀ ବାହିନୀପତିଙ୍କ ନେତୃତ୍ୱରେ କୋରାପୁଟ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ କରାଯାଇଥିବା ପ୍ରତିବାଦ ସଭାରେ ରାଜ୍ୟରେ ମହିଳା ସୁରକ୍ଷା ଏବଂ ବିକାଶର ସ୍ଲୋଗାନ ଦିଆଯାଇଛି। ଭାଜପା ସରକାରର ୮ ମାସର ଶାସନ କାଳରେ ମହିଳା ହିଂସା ଘଟଣା ସୀମା ଟପିଛି। ରାଜ୍ୟରେ ୨୪ ବର୍ଷର କୁଶାସନ ଯିବା ପରେ ଏବେ ଦୁଃଶାସନରେ ମହିଳାମାନେ ଅସୁରକ୍ଷିତ ଅବସ୍ଥାରେ ଦିନ କାଟୁଥିବା କଂଗ୍ରେସ ଅଭିଯୋଗ କରିଛି। ଡବଲ ଇଞ୍ଜିନ ସରକାରରେ ଗତ ୮ ମାସ ଭିତରେ ୫୪ ଗଣବଳାତ୍କାର ଓ ୨ ଛାତ୍ରୀ ମା' ହେବା ଘଟଣା ସରକାରଙ୍କ ଆଇନଶୃଙ୍ଖଳାର ବିଫଳତାକୁ ପଦାରେ ପକାଇଛି ବୋଲି ମିନାକ୍ଷୀ ବାହିନୀପତି ଅଭିଯୋଗ କରିଛନ୍ତି। ଏହି କାର୍ଯ୍ୟକ୍ରମରେ କଂଗ୍ରେସ ନେତା ଶଶୀଭୂଷଣ ପାତ୍ର, ବରିଷ୍ଠ ନେତା ତଥା ପୂର୍ବତନ ଏମ୍‌ପି ଜୟରାମ ପାଙ୍ଗି, ଯୁବନେତା ରୂପକ କୁମାର ତୁରୁକ, କୋରାପୁଟ ଏମ୍‌ପିଙ୍କ ପ୍ରତିନିଧି ମନୋଜ ଆଚାର୍ଯ୍ୟ, କୋରାପୁଟ, ଜୟପୁର ମ୍ୟୁନିସିପାଲିଟିର କଂଗ୍ରେସ କାଉନସିଲର ଓ ଜିଲାର ବିଭିନ୍ନ ଅଞ୍ଚଳରୁ ଶତାଧିକ କଂଗ୍ରେସ କର୍ମୀ ଏହି ଶୋଭାଯାତ୍ରା ଓ ପ୍ରତିବାଦ ସଭାରେ ସାମିଲ ହୋଇଥିଲେ।

**ଦେଶୀ ମଦ ଚାଲାଣ, ୨ ଗିରଫ**

ଜୟପୁର, (ପବନ ପାଣିଗ୍ରାହୀ)- ଦେଶୀ ମଦ ଚାଲାଣ ବେଳେ ଜୟପୁର ଅବକାରୀ ଥାନା ପକ୍ଷରୁ ଚଢ଼ାଉ କରାଯାଇ ୨ ମହିଳାଙ୍କୁ ଗିରଫ କରାଯାଇଛି। ଜୟପୁର ସଦର ଥାନା ଅନ୍ତର୍ଗତ ହାଟକଙ୍ଗା ଗ୍ରାମ ରାସ୍ତାରେ ଚଢ଼ାଉକରି ୧୭ ଲିଟର ଦେଶୀ ମଦ ଜବତ କରିଛି। ୨ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଜୟପୁର ଅବକାରୀ ଥାନା ଓଆଇସି ହିରଣ ସୁବ୍ରତ ସୂଚନା ଦେଇଛନ୍ତି।

## ରାମକୃଷ୍ଣ ଉମରକୋଟ୍ ପୌର ପରିଷଦ ଏମ୍‌ପି ପ୍ରତିନିଧି



ଉମରକୋଟ, ୧୦।୩ (ସନ୍ତୋଷ ଶତପଥୀ)

ବରିଷ୍ଠ ଆଇନଜୀବୀ ତଥା ଭାଜପା ବରିଷ୍ଠ ନେତା ରାମକୃଷ୍ଣ ନାୟକଙ୍କୁ ନବରଙ୍ଗପୁର ଏମ୍‌ପି ବଳଭଦ୍ର ମାଝିଙ୍କ ଉମରକୋଟ ପୌର ପରିଷଦ ପ୍ରତିନିଧିଭାବେ ମନୋନୀତ କରାଯାଇଛି। ଏମ୍‌ପି ବଳଭଦ୍ର ମାଝି ଉମରକୋଟ ପୌର ନିର୍ବାହୀ ଅଧିକାରୀଙ୍କୁ ଏ ନେଇ ଚିଠି କରିଛନ୍ତି। ତାଙ୍କ ଅନୁପସ୍ଥିରେ ପୌର ପରିଷଦର ଯେକୌଣସି ସଭା ଓ କାର୍ଯ୍ୟରେ ରାମକୃଷ୍ଣ ପ୍ରତିନିଧିଭାବେ ଉପସ୍ଥିତ ରହିବେ ବୋଲି ସେଥିରେ ଉଲ୍ଲେଖ ରହିଛି। ସହର ପରିମଳ, ଉନ୍ନତି ଓ ସ୍ଥାନୀୟ ଜନସାଧାରଣଙ୍କ ଯେକୌଣସି ସମସ୍ୟାକୁ ସୁଚାରୁ ରୂପେ ତୁଲାଇବା ପାଇଁ ଚେଷ୍ଟା କରିବେ ବୋଲି ରାମକୃଷ୍ଣ ନିଜ ପ୍ରତିକ୍ରିୟାରେ କହିଛନ୍ତି।

# କ୍ଷତିପୂରଣ ଦାବିରେ ରାସ୍ତା ଅବରୋଧ

- ଟ୍ରାକ୍ଟର ଦୁର୍ଘଟଣାରେ ମହିଳା ଶ୍ରମିକଙ୍କ ମୃତ୍ୟୁ
- ବୁଝାଶୁଝା ପରେ ହଟିଲା ରାସ୍ତା ଅପରୋଧ

ଝରିଗାଁ, ୧୦।୩(କିଶୋର ଚନ୍ଦ୍ର ମଣ୍ଡଳ)

ନବରଙ୍ଗପୁର ଜିଲା ଝରିଗାଁ ବ୍ଲକ୍ ଗୋମିଆଡ଼ା ଗ୍ରାମରୁ କିଛି ଦୂରରେ ସୋମବାର ଏକ ଟ୍ରାକ୍ଟର ଦୁର୍ଘଟଣାରେ ଜଣେ ମହିଳା ଶ୍ରମିକଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ଘମା ଗୌଡ଼ (୪୫)। ତାଙ୍କ ମୃତ୍ୟୁ ପରେ ପରିବାର ଓ ଗ୍ରାମବାସୀ ରାସ୍ତା ଅବରୋଧ କରିବା ସହ କ୍ଷତିପୂରଣ ଦାବି କରିଥିଲେ। ପ୍ରଶାସନ ଓ ପୋଲିସ ବୁଝାଶୁଝା କରିବା ପରେ ରାସ୍ତାରୋକୋ ହଟିଥିଲା। ବ୍ୟବଚ୍ଛେଦ ପରେ ମୃତଦେହ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।

ଗ୍ରାମବାସୀଙ୍କ କହିବା ପ୍ରକାରେ ରାସ୍ତାରେ ଝାଡୁ କରାଇବା ପାଇଁ ସବୁଦିନ ଭଳି ସୋମବାର ସକାଳୁ ଟ୍ରାକ୍ଟର ଚାଳକ ପୂର୍ଣ୍ଣ ଭତ୍ରା ଝରିଗାଁ ବ୍ଲକ୍ ବାଣୁଆଗୁଡା ପଞ୍ଚାୟତ ଅଧୀନ ଗୋମିଆଡ଼ା ଗ୍ରାମର ୧୨ ଜଣ ମହିଳାଙ୍କୁ ନେଇ ଯାଉଥିଲେ। ଶ୍ରମିକ ଘମା ଗୌଡ଼, ସୁଲୋଚନା ଠାକୁର, ରାଧିକା ଠାକୁର, ନୀଳାଦ୍ରି ଠାକୁର, ଜୟମନୀ ନାୟକ, ଅଞ୍ଜନା ନାୟକ, ପଦନା ନାୟକ, ଡମନି ମାଳି, ଚଞ୍ଚଳା ମାଝୀ, ଅମାଦେଇ ମାଝୀ ଓ ନବୀନା ମାଝୀଙ୍କୁ ଟ୍ରାକ୍ଟର ଡାଲାରେ ବସାଇ ଡ୍ରାଇଭର ଆଣୁଥିଲେ। ସକାଳ ପ୍ରାୟ ୯ଟା ୩୦ରେ ଗୋମିଆଡ଼ା ଗ୍ରାମଠାରୁ କିଛିଦୂର ଆସିବା ପରେ ହଠାତ୍ ଟ୍ରାକ୍ଟରର ହାଇଡ୍ରୋଲିକ ଡାଲା ଉପରକୁ ଉଠିଯାଇଥିଲା। ଫଳରେ ଟ୍ରାକ୍ଟରରେ ବସିଥିବା ସମସ୍ତ ମହିଳା ରାସ୍ତା ଉପରେ କଚାଡ଼ି ହୋଇ ପଡ଼ିଥିଲେ। ଘମାଙ୍କ ମୁଣ୍ଡର ପଛ ଭାଗରେ ପ୍ରବଳ ଆଘାତ ହୋଇଥିଲା। ଦୁର୍ଘଟଣା ପରେ ସ୍ଥାନୀୟ ଲୋକେ ଆମ୍ବୁଲାନ୍ସ ଯୋଗେ ତାଙ୍କୁ ଝରିଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଅଭିଯୋଗ ପାଇ ଝରିଗାଁ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଟ୍ରାକ୍ଟର ଜବତ କରିବା ସହ ଟ୍ରାକ୍ଟର ଚାଳକ ପୂର୍ଣ୍ଣଙ୍କୁ ଆଣି ଥାନାରେ ଆଣି ପଚରାଉଚରା କରୁଛନ୍ତି। ତେବେ ଗ୍ରାମବାସୀ କ୍ଷତିପୂରଣ ଦାବିକରି କିଛି ସମୟ ପାଇଁ ଝରିଗାଁ-ଡାବୁଗାଁ ରାସ୍ତା ଅବରୋଧ କରିଥିଲେ। ପୋଲିସ ବୁଝାଶୁଝା କରିବା ପରେ ଗ୍ରାମବାସୀ ରାସ୍ତାରୁ ହଟିଥିଲେ। ଘମାଙ୍କ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିଲା।



ରାସ୍ତାରୋକୋ କରିଥିବା ଗ୍ରାମବାସୀଙ୍କୁ ପୋଲିସ ବୁଝାଶୁଝା କରୁଛି।

# ମହିଳାଙ୍କ ପ୍ରତି ଅପରାଧ ବଢୁଥିବା ଅଭିଯୋଗକରି କଂଗ୍ରେସର ପ୍ରତିବାଦ

**ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ଦାବିପତ୍ର**

ନବରଙ୍ଗପୁର, ୧୦।୩(ସଦାଶିବ ପ୍ରହରାଜ)

ରାଜ୍ୟରେ ମହିଳାଙ୍କ ପ୍ରତି ବଢ଼ି ଚାଲିଥିବା ଅପରାଧ ବିରୋଧରେ ନବରଙ୍ଗପୁର ଜିଲା କଂଗ୍ରେସ ପ୍ରତିବାଦକରି ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଜିଲାପାଳ ଶୁଭଙ୍କର ମହାପାତ୍ରଙ୍କୁ ଦାବିପତ୍ର ପ୍ରଦାନ କରିଛି। ପିସିସି ରାଜ୍ୟ ସଭାପତି ଭକ୍ତ ଦାଶଙ୍କ ଡାକରା କ୍ରମରେ ନବରଙ୍ଗପୁରରେ ଜିଲା କଂଗ୍ରେସ ପ୍ରତିବାଦ କରିଛି। ନୂତନ ସରକାର ଗଠନ ହେବା ଦିନରୁ ଏବେ ପର୍ଯ୍ୟନ୍ତ ରାଜ୍ୟରେ ମହିଳାଙ୍କ ଉପରେ ଅତ୍ୟାଚାର, ବଳାତ୍କାର ଭଳି ଘଟଣା ବଢ଼ିବାରେ ଲାଗିଛି। ଏହାକକୁ ବିରୋଧକରି ନବରଙ୍ଗପୁର ଜିଲା କଂଗ୍ରେସ ବିକ୍ଷୋଭ ପ୍ରଦର୍ଶନ କରିଛି। ଶତାଧିକ କଂଗ୍ରେସ କର୍ମୀ ସ୍ଥାନୀୟ ଜିଲା କଂଗ୍ରେସ କାର୍ଯ୍ୟାଳୟରୁ ଏକ ବିଶାଳ ଶୋଭାଯାତ୍ରାରେ ବାହାରି ସହର ପରିକ୍ରମା କରିବା ପରେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚିଥିଲେ। ସେଠାରେ ବିକ୍ଷୋଭ ପ୍ରଦର୍ଶନ କରିବା ସହ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ଦାବିପତ୍ର ଦେଇଛନ୍ତି। ଜିଲା କଂଗ୍ରେସ ସଭାପତି ଭୁଜବଳ ମାଝୀ କହିଛନ୍ତି, ନାରୀକୁ ସୁରକ୍ଷା ଦେବାରେ ରାଜ୍ୟ ସରକାର ବିଫଳ ହୋଇଛି । ଆଗାମୀ ଦିନରେ ଆନ୍ଦୋଳନକୁ ଜୋର୍‌ଦାର କରାଯିବ ବୋଲି ସେ ଚେତାବନୀ ଦେଇଛନ୍ତି। ଏହି କାର୍ଯ୍ୟକ୍ରମରେ ପୂର୍ବତନ ମନ୍ତ୍ରୀ ବଳଭଦ୍ର ମାଝୀ, ଶିବରାମ ରାଜୁ, କ୍ଷେମରାଜ ବାଘ, ଡା. ଲିପିକା ମାଝୀ, ଦିଲୀପ ପ୍ରଧାନୀଙ୍କ ସମେତ ଶତାଧିକ କଂଗ୍ରେସ କର୍ମୀ ଓ କର୍ମକର୍ତ୍ତା ଉପସ୍ଥିତ ଥିଲେ।



ଜିଲା କଂଗ୍ରେସ ସଭାପତି ଭୁଜବଳ ମାଝି, ଦଳୀୟ ନେତା ଓ କର୍ମୀମାନେ ଜିଲାପାଳଙ୍କୁ ଦାବିପତ୍ର ଦେବାକୁ ଶୋଭାଯାତ୍ରାରେ ଯାଉଛନ୍ତି।

# ୨୭ ଅଭିଯୋଗ ଶୁଣିଲେ ଜିଲାପାଳ

**ଜିଲାପାଳ, ଏସ୍‌ପିଙ୍କ ଜନଶୁଣାଣି ଶିବିର**

ନବରଙ୍ଗପୁର, ୧୦।୩(ସଦାଶିବ ପ୍ରହରାଜ)

ନବରଙ୍ଗପୁର ଜିଲା ରାଇଘର ବ୍ଲକ୍ ସମ୍ମିଳନୀ ଗୃହରେ ଜିଲାପାଳ ଡା. ଶୁଭଙ୍କର ମହାପାତ୍ର ଏବଂ ଏସ୍‌ପି ମିହିର କୁମାର ପଣ୍ଡାଙ୍କ ଯୁଗ୍ମ ଅଧ୍ୟକ୍ଷତାରେ ଏକ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ଉପଜିଲାପାଳ ପ୍ରକାଶ କୁମାର ମିଶ୍ର, ଜିଲା ପରିଷଦ ଅତିରିକ୍ତ ମୁଖ୍ୟ ଉନ୍ନୟନ ଅଧିକାରୀ ଯଦୁମଣି ନାୟକ, ବ୍ଲକ୍ ଅଧ୍ୟକ୍ଷ ଗୁପ୍ତପ୍ରସାଦ ଝାଙ୍କର, ବିଡିଓ ଲକ୍ଷ୍ମୀସାଗର ମାଝୀ, ତହସିଲଦାର ରୀତୁ ସିଂଙ୍କ ସମେତ ଜିଲାସ୍ତରୀୟ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ। ଏହି ଜନଶୁଣାଣି ଶିବିରରେ ମୋଟ ୨୭ଜଣ ଆବେଦନକାରୀ ନିଜର ଅଭିଯୋଗପତ୍ର ଦାଖଲ କରିଥିଲେ। ସେଥିମଧ୍ୟରୁ ୧୭ ବ୍ୟକ୍ତିଗତ ଓ ୧୦ଟି ସାମୂହିକ ସମସ୍ୟା ସମ୍ବଳିତ ଥିଲା। ଏହାପରେ ଜିଲାପାଳ ହାଟଭରଣ୍ଡିସ୍ଥିତ ଆଶ୍ରମ ବିଦ୍ୟାଳୟ ପରିଦର୍ଶନକରି ଛାତ୍ରୀଛାତ୍ରଙ୍କୁ ପାଠ ପଢ଼ାଇବା ସହ ବାର୍ତ୍ତାଳାପ କରିଥିଲେ। ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଗସ୍ତକରି ରୋଗୀ ଓ ସ୍ୱାସ୍ଥ୍ୟ ଅଧିକାରୀଙ୍କ ସହ ବିଭିନ୍ନ ସୁବିଧା ଅସୁବିଧା ବିଷୟରେ ଆଲୋଚନା କରିଥିଲେ। କୁଣ୍ଡେଇସ୍ଥିତ ନିର୍ମାଣାଧୀନ ଏକଲବ୍ୟ ମଡେଲ ଆବାସିକ ବିଦ୍ୟାଳୟ କାର୍ଯ୍ୟ ନିରୀକ୍ଷଣ କରିଥିଲେ। ଯୋଡ଼ିଙ୍ଗାସ୍ଥିତ ଏସ୍‌ଏସ୍‌ଡି (ମଙ୍ଗଳ ବିଭାଗ) ବିଦ୍ୟାଳୟ ଗସ୍ତକରି ଛାତ୍ରୀଛାତ୍ରଙ୍କୁ ପଢ଼ାଇବା ସହ ବାର୍ତ୍ତାଳାପ କରିଥିଲେ। ରାଇଘର ବ୍ଲକ୍‌ସ୍ଥିତ ରାଇସ ମିଲ୍ ପରିଦର୍ଶନକରି ଷ୍ଟକ୍, ଉତ୍ପାଦ ଗୁଣବତ୍ତା ଉପରେ ମିଲ୍ କର୍ତ୍ତୃପକ୍ଷଙ୍କୁ ପଚାରିଥିଲେ।



ଜିଲାପାଳ ରାଇସ ମିଲ୍‌ରେ ଷ୍ଟକ୍ ଓ ଉତ୍ପାଦ ଗୁଣବତ୍ତା ସମ୍ପର୍କରେ ବୁଝୁଛନ୍ତି।

# ମଦ ବିକ୍ରି ବନ୍ଦ ଦାବି କଲେ ମହିଳା



ଦାବି ଜଣାଇବାକୁ ଆସିଥିବା ମହିଳାମାନେ।

ପାପଡ଼ାହାଣ୍ଡି, ୧୦।୩ (ସ୍ୱପ୍ନଜିତ ପଟ୍ଟନାୟକ)

ନବରଙ୍ଗପୁର ଜିଲା ପାପଡ଼ାହାଣ୍ଡି ବ୍ଲକ ଘାଟଗୁଡା ଗ୍ରାମପଞ୍ଚାୟତ ର କାଳିଆଗୁଡା, ବିଷମପଦର, ମିଞ୍ଜିରୀୟାଗୁଡ଼ା ତିନୋଟି ଗ୍ରାମରେ ମଦ ବନ୍ଦ କରିବାକୁ ଗାଁର ମହିଳାମାନେ ଥାନା, ତହସିଲଦାର ଓ ଅବକାରୀ ବିଭାଗରେ ଅଭିଯୋଗ କରିଛନ୍ତି। ଅବକାରୀ ବିଭାଗ ବାରମ୍ବାର ଗ୍ରାମରେ ଚଢ଼ାଉ କରି ମଦ ବିକ୍ରି ବନ୍ଦ କରିବା ସହ ଏଥିରେ ସମ୍ପୃକ୍ତ ବ୍ୟକ୍ତିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି କରିଛନ୍ତି। ଏଥିସହ ଶାନ୍ତି ଶୃଙ୍ଖଳା ପାଇଁ ପୋଲିସ ପହରା ଦେବା ଓ ତହସିଲଦାର ଏହାର ତଦାରଖ କରିବାକୁ ମହିଳାମାନେ ଦାବି କରିଛନ୍ତି। ଆଗାମୀ ଦିନରେ ମଦ ବିକ୍ରି ବନ୍ଦ କରିବାକୁ ଏହି ୩ ଗ୍ରାମରେ ସଚେତନ କାର୍ଯ୍ୟକ୍ରମ କରାଯିବ ବୋଲି ସେମାନେ କହିଛନ୍ତି।

ସୂଚନା ଅନୁଯାୟୀ କାଳିଆଗୁଡ଼ାରେ ୧୦୦୦ରୁ ଊର୍ଦ୍ଧ୍ୱ, ମିଞ୍ଜିରୀୟାଗୁଡ଼ାରେ ୪୦୦ରୁ ଊର୍ଦ୍ଧ୍ୱ ଓ ବିଷମପଦର ଗ୍ରାମରେ ୨୦୦ରୁ ଊର୍ଦ୍ଧ୍ୱ ଜନସଂଖ୍ୟା ବସବାସ କରନ୍ତି। ଏହି ତିନି ଗ୍ରାମରେ ମଦ ବିକ୍ରି ବନ୍ଦ କରିବାକୁ ମହିଳାମାନେ ଅଣ୍ଟା ଭିଡ଼ିଛନ୍ତି। ମଦ୍ୟପାନ ଯୋଗୁ ଏହି ଗାଁ ଗୁଡ଼ିକର ଘରେ ଘରେ ଅଶାନ୍ତି ଲାଗି ରହୁଛି। ଏଥିସହ ଗାଁ ଗାଁରେ ମଧ୍ୟ ଝଗଡ଼ା ହେଉଛି। ଏଥିରେ ଗ୍ରାମ ପରିବେଶ ଖରାପ ହେଉଛି। ଘର ମୁଖିଆ ନିଶପାନ କରି କାମ ଧନ୍ଦା ନ କରିବାରୁ ଘର କଷ୍ଟକର ହେଉଥିବା ମହିଳାମାନେ ଅଭିଯୋଗ କରିଛନ୍ତି। ଏହି ଗାଁ ଭିତରେ କିଛି ପରିବାର ମଦ ଓ ଦେଶୀ ପୁଡ଼ି ବିକ୍ରୀ କରୁଥିବା ମହିଳାମାନେ ଅଭିଯୋଗ କରିଛନ୍ତି। ତହସିଲଦାର, ଅବକାରୀ ବିଭାଗ ଓ ପୋଲିସ ଏହି ସବୁ ଗାଁରେ ମଦ ବିକ୍ରୀ ବନ୍ଦ କରିବାକୁ ଗାଁର ଗୋମତୀ ଭତରା, ସୋନମତି ଭତରା, ମଦନାବତୀ ଭତରା, ଲକ୍ଷୀବାଇ ଭତରା, କମଳା ଭତରା, ଜେମା ଭତରା, ଦେବକୀ ଭତରା, ଡମେଇ ଭତରା, ତୁଳାବତୀ ଭତରା, ଡାଳିମ୍ବ ପାଇକ, ଇନ୍ଦ୍ରା ପାଇକ, ତୁଳା ଭତରା, ପଦ୍ମା ଗୌଡ଼, ପାର ଭତରା ନିବେଦନ କରିଛନ୍ତି।

# ଦିବ୍ୟାଙ୍ଗ ଛାତ୍ରୀଛାତ୍ରଙ୍କ ଶୈକ୍ଷିକ ପରିଭ୍ରମଣ କାର୍ଯ୍ୟକ୍ରମ

ଡାବୁଗାଁ, ୧୦।୩ (ପ୍ରଜ୍ଞାରଞ୍ଜନ ପରିଡ଼ା)

ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ ଅଧୀନ ବିଭିନ୍ନ ବିଦ୍ୟାଳୟର ଦିବ୍ୟାଙ୍ଗ ଛାତ୍ରୀଛାତ୍ରଙ୍କୁ ନେଇ ବ୍ଲକସ୍ତରୀୟ ଶୈକ୍ଷିକ ପରିଭ୍ରମଣ କାର୍ଯ୍ୟକ୍ରମ ସୋମବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଡାବୁଗାଁ ବ୍ଲକ ଅଧୀନ ୮ ଟି କ୍ଲଷ୍ଟରରୁ ସମସ୍ତ ସରକାରୀ ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରୁ ମୋଟ ୬୦ ଜଣ ଛାତ୍ରୀଛାତ୍ର, ଅଭିଭାବକ ଶୈକ୍ଷିକ ପରିଭ୍ରମଣରେ ଯାଇଥିଲେ। ସମସ୍ତେ ବ୍ଲକ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରୁ ଡାବୁଗାଁ ବ୍ଲକ ଅଧୀନ କେଲିଆ ଶୈବପୀଠକୁ ଯାଇ ପ୍ରାକୃତିକ ପରବେଶର ମଜା ନେଇଥିଲେ। ବ୍ଲକ ଶିକ୍ଷା ଅଧିକାରୀ ରଶ୍ମିତା ନେତମଙ୍କ ତତ୍ତ୍ୱାବଧାନରେ ଏବିଇଓ ଭଗବାନ ମାଝି ଓ ସନ୍ତୋଷ କୁମାର ସାହୁ, ଗୋଷ୍ଠୀ ସମ୍ବଳ ଶିକ୍ଷକ ଛନ୍ଦାଚରଣ ମେହେର, ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ଗୁପ୍ତେ ପ୍ରସାଦ ନାଗ, ସହାୟକ ଶିକ୍ଷକ ନିରାକାର ପ୍ରଧାନ, ନିମାଇଁ ପ୍ରଧାନ, ପ୍ରତାପ ଦାଶ ପ୍ରମୁଖ ବ୍ୟବସ୍ଥା ପରିଚାଳନାରେ ସହଯୋଗ କରିଥିଲେ।




କେଲିଆ ଶୈବପୀଠରେ ଦିବ୍ୟାଙ୍ଗ ଛାତ୍ରୀଛାତ୍ର, ତାଙ୍କ ଅଭିଭାବକ ଓ ଅନ୍ୟମାନେ।

# ଏଟିଏମ୍‌ରେ ଟଙ୍କା ନାହିଁ, ହନ୍ତସନ୍ତ ହେଲେ ଲୋକେ

ମାଲକାନଗିରି, ୧୦।୩(ନୃସିଂହ ଚରଣ ମହାନ୍ତି)

ଗ୍ରାହକଙ୍କୁ ବ୍ୟାଙ୍କଗୁଡିକ ସମସ୍ତ ପ୍ରକାର ସୁବିଧା ଯୋଗାଇ ଦେଉଛନ୍ତି। କିନ୍ତୁ ଏହାର ବ୍ୟତିକ୍ରମ ଦେଖିବାକୁ ମିଳିଛି ମାଲକାନଗିରି ସହରରେ। ସହରରେ ଥିବା ବିଭିନ୍ନ ବ୍ୟାଙ୍କର ୧୪ଟି ଏଟିଏମ୍‌ରେ ଗତ କିଛିଦିନ ହେଲା ଟଙ୍କା ନ ଥିବା ସହ ଏସ୍‌ବିଆଇର ୫ ଏଟିଏମ୍ ପ୍ରାୟ ୨ ମାସ ହେଲା ଅଚଳ ହୋଇପଡିଥିବାରୁ ସହରବାସୀ ଟଙ୍କା ଉଠାଣରେ ନାନା ସମସ୍ୟା ଭୋଗୁଥିବା ଅଭିଯୋଗ ହୋଇଛି। ଜିଲାର ଗଣପର୍ବ ବଡ଼ଯାତ୍ରା ଚାଲିଥିବା ବେଳେ ଗତ ୨ଦିନ ହେଲା ସହରରେ ଲକ୍ଷାଧିକ ଭକ୍ତଙ୍କ ସମାଗମ ହୋଇଛି। ଗ୍ରାହକଙ୍କ ଆକାଉଣ୍ଟରେ ଟଙ୍କା ଥାଇ ମଧ୍ୟ ସେମାନଙ୍କ କାମରେ ଲାଗିପାରୁ ନାହିଁ। ଅନେକ ସମୟରେ ନେଟ୍‌ୱର୍କ ସମସ୍ୟା ଯୋଗୁ ଲୋକେ ଅନ୍‌ଲାଇନ ପେମେଣ୍ଟରେ ଅର୍ଥ ପଇଠ କରିପାରୁ ନ ଥିବା ବେଳେ ଏଟିଏମ୍ ଅଚଳ ପାଇଁ ନାନା ସମସ୍ୟା ଭୋଗୁଛନ୍ତି। ବିଭିନ୍ନ ବ୍ୟାଙ୍କର ପ୍ରାୟ ଏଟିଏମ୍ ଅଚଳ ହୋଇପଡିଥିବାରୁ ଗ୍ରାହକ ଓ ଜନସାଧରଣ ଟଙ୍କା ପାଇଁ ହଟହଟା ହେଉଛନ୍ତି। ଡିଏନ୍‌କେ ଦୁର୍ଗାମଣ୍ଡପ ନିକଟରେ ଥିବା ଏସ୍‌ବିଆଇର ଦୁଇଟି ଏଟିଏମ୍ ମେଶିନ ବାରମ୍ବାର ଖରାପ ହେଉଥିଲେ ମଧ୍ୟ ଏଥିପ୍ରତି ବିଭାଗୀୟ ଅଧିକାରୀଙ୍କ ନଜର ପଡୁନାହିଁ। ସେହିପରି ଏସ୍‌ପି ଓ ଜିଲାପାଳଙ୍କ ଅଫିସ ଓ ଏସ୍‌ବିଆଇ ନିକଟରେ ଥିବା ତିନୋଟି ଯାକ ଏଟିଏମ୍ ଖରାପ ଥିବାରୁ ଲୋକମାନେ ଟଙ୍କା ଉଠାଇ ନ ପାରି ହଇରାଣ ହୋଇଥିଲେ। ଏଠାରେ ଏସ୍‌ବିଆଇ, ପଞ୍ଜାବ, ଆଇସିଆଇସିଆଇ, ଏଚ୍‌ଡିଏଫ୍‌ସି, ଆକ୍ସିସ୍, କାନାଡା ସହ ଅନ୍ୟାନ ବ୍ୟାଙ୍କର ୧୪ ଏଟିଏମ୍ ରହିଛି। ହେଲେ କୌଣସିରୁ ଠିକ୍ ଭାବେ ଟଙ୍କା ବାହାରୁ ନାହିଁ।

# ପୃଥକ ସ୍ଥାନରୁ ୨ ମୃତଦେହ ଜବତ

**ମିଳିନାହିଁ ଉଭୟଙ୍କ ପରିଚୟ**

ଜୟପୁର, ୧୦।୩ (ପବନ ପାଣିଗ୍ରାହୀ)

ଜୟପୁର ସଦର ପୋଲିସ ପୃଥକ ପୃଥକ ସ୍ଥାନରୁ ଦୁଇଟି ମୃତଦେହ ଜବତ କରିଛି। ଜୟପୁର ସଦର ଥାନା ଅନ୍ତର୍ଗତ ମହୁଲିଭଟ୍ଟା ଗ୍ରାମରେ ଜଣେ ଅଜଣା ବ୍ୟକ୍ତିଙ୍କ ମୃତଦେହ ଜବତ ହୋଇଥିବା ବେଳେ ତାଙ୍କ ପରିଚୟ ମିଳି ପାରିନାହିଁ। ପୋଲିସ ୫/୨୫ରେ ଅପମୃତ୍ୟୁ ମାମଲା ରୁଜୁ କରିଛି। ମୃତଦେହ ଜୟପୁରସ୍ଥିତ ଜିଲା ମୁଖ୍ୟ ଚିକିତ୍ସାଳୟରେ ରଖାଯାଇ ତଦନ୍ତ ଆରମ୍ଭ କରାଯାଇଥିବା ସଦର ଥାନା ଅଧିକାରୀ ସଚ୍ଚିନ୍ଦ୍ର ପ୍ରଧାନ ସୂଚନା ଦେଇଛନ୍ତି। ସେହିପରି ଜୟପୁର ନିକଟ ଗାଗନାପୁର ରେଳ ଷ୍ଟେସନ ନିକଟରୁ ମୃତଦେହ ପୋଲିସ ଜବତ କରିଛି। ବ୍ୟକ୍ତି ଅଚେତ ଅବସ୍ଥାରେ ପଡିଥିବା ବେଳେ ପୋଲିସ ଉଦ୍ଧାର କରି ଜୟପୁରସ୍ଥିତ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତିକରିଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏ ନେଇ ପୋଲିସ ୪/୨୫ରେ ଅପମୃତ୍ୟୁ ମାମଲା ରୁଜୁ କରିଛି।

## ବାଲି ଚାଲାଣ, ୨ ଗିରଫ

ଜୟପୁର, ୧୦।୩(ପବନ ପାଣିଗ୍ରାହୀ)

କୁନ୍ଦୁରା କୁରଲୁ ନଦୀରୁ ବାଲି ଚାଲାଣ ବେଳେ ଜୟପୁର ସଦର ପୋଲିସ ସୋମବାର ଚଢାଉ କରି ଲିମା ଗ୍ରାମର ଡ୍ରାଇଭର ଭଗବାନ କେନ୍ଦୁ ଓ ଘିଉରିଆଗୁଡାର ଟ୍ରାକ୍ଟର ମାଲିକ ଭାସ୍କର ବିଷୋୟୀଙ୍କୁ ଗିରଫ କରିଛି। ଏସ୍‌ଆଇ ରାଜକିଶୋର ବାରିକଙ୍କ ଅଭିଯୋଗ ଆଧାରରେ ନଂ.୬୮/୨୫ରେ ମାମଲା ରୁଜୁ କରି ଟ୍ରାକ୍ଟର ଓ ଟ୍ରଲିକୁ ଜବତ କରି ୨ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଥିବା ଜୟପୁର ସଦର ଥାନା ଅଧିକାରୀ ସଚ୍ଚିନ୍ଦ୍ର ପ୍ରଧାନ ସୂଚନା ଦେଇଛନ୍ତି।

## ଘରୁ ଟଙ୍କା, ଅଳଙ୍କାର ଲୁଟ୍

ଦଶମନ୍ତପୁର, ୧୦।୩(ଅରବିନ୍ଦ ନାୟକ)

କୋରାପୁଟ ଜିଲା ଦଶମନ୍ତପୁର ଅଞ୍ଚଳରେ ଚୋରି ବଢ଼ିଚାଲିଛି। ୧୦ ଦିନ ତଳେ ଏହି ଅଞ୍ଚଳର ଜଣେ ଖବରଦାତାଙ୍କ ଘରୁ ଚୋରି ହୋଇଥିବାବେଳେ ରବିବାର ବିଳମ୍ବିତ ରାତିରେ ପୁଣି ରାସ୍ତା କଡ଼ରେ ଥିବା ଆଉ ଏକ ଘରର ତାଲା ଭାଙ୍ଗି ଦୁର୍ବୃତ୍ତମାନେ ଚୋରି କରିଛନ୍ତି। ପ୍ରକାଶ ଯେ ଗତ ୨୭ ତାରିଖରେ ଖବରଦାତାଙ୍କ ଘରେ ପଶି ୨ ଆଲମିରାରୁ ସୁନା, ଅଳଙ୍କାର ଚୋରୀ ହୋଇଥିଲା। ରବିବାର ରାତିରେ ବାଣୁଆଗୁଡ଼ା ଗ୍ରାମ ବ୍ଲକ ଛକ ମୁଖ୍ୟ ରାସ୍ତରେ ଥିବା କୈଳାଶ ବାଣୁଆଙ୍କ ଘରୁ ୨ ଗୋଟି ମାଟି ହାଣ୍ଡିରେ ଥିବା ଟଙ୍କା, ସୁନାର କାନ ଫୁଲ ଏବଂ ନଗଦ ୬୦, ୦୦୦ ଟଙ୍କା ଲୁଟ୍ ହୋଇଛି। ଲୁଟ୍ ସମ୍ପର୍କରେ ଜାଣି ଥାନାରେ ଅଭିଯୋଗ ହୋଇଥିଲା। ଥାନାଧିକାରୀ ସୁକୁମା ହାସଦାଙ୍କ ନେତୃତ୍ୱରେ ଏଏସ୍‌ଆଇ ଲକ୍ଷ୍ମୀକାନ୍ତ ପଣ୍ଡା ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ କରିଛନ୍ତି। ଉଭୟ ଘଟଣାରେ ପୋଲିସ କାହାରିକୁ ଗିରଫ କରିପାରିନାହିଁ।

# ମା' ମାଉଲି ମନ୍ଦିର ସମ୍ମୁଖରେ ପୂଜା ପାଉଛନ୍ତି ବଡ ଠାକୁର

- ତୃତୀୟ ଦିନ
- ସୁକ୍‌ମା ରାଜା, ରାଣୀଙ୍କ ପୂଜାର୍ଚ୍ଚନା

ମାଲକାନଗିରି, ୧୦।୩(ନୃସିଂହ ଚରଣ ମହାନ୍ତି)

ମାଲକାନଗିରି ଜିଲା ସଦର ମହକୁମାରେ ପ୍ରସିଦ୍ଧ ବଡ ଯାତ୍ରାର ତୃତୀୟ ଦିନ ହୋଇଥିବା ମା' ମାଉଲି ମନ୍ଦିର ସମ୍ମୁଖରେ ପୂଜା ପାଉଛନ୍ତି ବଡ ଠାକୁର। ଭକ୍ତମାନେ କାନ୍ନାମରାଜୁ, ବାଲାରାଜୁ ଓ ପୋତରାଜୁଙ୍କ ସହ ମା' ମୁତ୍ୟାଲୁମ୍ମାଙ୍କ ଦର୍ଶନ କରି ପୂଜାର୍ଚ୍ଚନା କରିଥିଲେ। ସୁକ୍‌ମା ରଜା ଏକ ସ୍ୱତନ୍ତ୍ର ବିମାନରେ ଆସି ପରିବାର ସହ ଦେବଦେବୀଙ୍କୁ ଦର୍ଶନ କରି ପୂଜାର୍ଚ୍ଚନା କରିଥିଲେ । ମାଲକାନଗିରି ବଡ ଯାତ୍ରା ପରିଚାଳନା କମିଟି ତରଫରୁ ସୁକ୍‌ମା ରାଜା ଓ ରାଣୀଙ୍କୁ ଉପଢୌକନ ଦେଇ ସମ୍ମାନୀତ କରାଯାଇଥିଲା। ପରେ ମନ୍ଦିର ପରିସର ଚତୁଃପାର୍ଶ୍ୱରେ ଦିଶାରୀ, ତାନ୍ତ୍ରିକ, ପୂଜାରୀ ଏବଂ ମହିଳା ଓ ପୁରୁଷ ଭକ୍ତମାନେ ମହୁରି ବାଦ୍ୟ ସହ କାଳିଶୀ ନୃତ୍ୟ କରିଥିଲେ। ବିଭିନ୍ନ ଗ୍ରାମରୁ ଆସିଥିବା ହଜାରରୁ ଊର୍ଦ୍ଧ୍ୱ ଲାଠି ଦେବତା ଶୋଭାଯାତ୍ରାରେ ଅଂଶଗ୍ରହଣ କରିଥିଲେ ।



ବଡଯାତ୍ରା ଅବସରରେ ମା'ଙ୍କ ନିକଟରେ ଶ୍ରଦ୍ଧାଳୁ ।

**ୟୁକୋ ବ୍ୟାଙ୍କ** — ଆଞ୍ଚଳିକ କାର୍ଯ୍ୟାଳୟ, ୟୁକୋ ବ୍ୟାଙ୍କ ବିଲ୍ଡିଙ୍ଗ୍, ୨ୟ ମହଲା, ସି-୨, ଅଶୋକ ନଗର, ଭୁବନେଶ୍ୱର-୭୫୧୦୦୯

**ସୁନା ନିଲାମ ବିଜ୍ଞପ୍ତି**

ନିମ୍ନଲିଖିତ ବ୍ୟକ୍ତିମାନେ **ୟୁକୋ ବ୍ୟାଙ୍କର ସମ୍ପୃକ୍ତ ଶାଖାରେ** ସୁନା ଅଳଙ୍କାର ବନ୍ଧକ ରଖି ଋଣ ନେଇଛନ୍ତି ଏବଂ ଆମର ଡିମାଣ୍ଡ ନୋଟିସ୍ ଜାରି ସତ୍ତ୍ୱେ ଋଣ ରାଶି ପରିଶୋଧ କରିନାହାଁନ୍ତି। ତେଣୁ ଏହି ନୋଟିସ୍ ଦ୍ୱାରା ଜଣାଇ ଦିଆଯାଉଅଛି ଯେ ଯଦି ସେମାନେ **ତା.୨୫.୦୩.୨୦୨୫ରିଖ** ସୁଦ୍ଧା ସେମାନଙ୍କର ମୂଳଧନ, ସୁଧ ଓ ଅନ୍ୟାନ୍ୟ ଦେୟ ପୈଠ ନ କରନ୍ତି, ତେବେ ବନ୍ଧକ ଥିବା ଅଳଙ୍କାରଗୁଡ଼ିକ **ତା.୨୬.୦୩.୨୦୨୫ରିଖ ମଧ୍ୟାହ୍ନ ୧୨.୦୦ଘଟିକା** ସମୟରେ **ସମ୍ପୃକ୍ତ ଶାଖା** ପରିସରରେ ସର୍ବସାଧାରଣରେ ନିଲାମ କରାଯିବ। କୌଣସି କାରଣ ନ ଦର୍ଶାଇ ବ୍ୟାଙ୍କ ନିଲାମ ପ୍ରକ୍ରିୟାକୁ ଅନ୍ୟ କୌଣସି ସୁବିଧାଜନକ ତାରିଖକୁ ରଦ୍ଦ/ସ୍ଥଗିତ ରଖିବାର ଅଧିକାର ସଂରକ୍ଷିତ ରଖିଅଛି ।

| କ୍ର. ନଂ. | ଋଣଗ୍ରହୀତାମାନଙ୍କ ନାମ ଓ ଠିକଣା / ଆକାଉଣ୍ଟ ନଂ. | ବକେୟା ପରିମାଣ | ଓଜନ (ଗ୍ରାମ୍‌ରେ) |
|---|---|---|---|
| | **କୋଣାର୍କ ଶାଖା, କୋଣାର୍କ, ଜିଲ୍ଲା: ପୁରୀ, ପିନ୍ - ୭୫୨୦୦୨, ଶାଖା ପ୍ରବନ୍ଧକଙ୍କ ନାମ: ଏନ୍ ଆର୍ ସ୍ୱାଇଁ, ମୋ.: ୮୮୨୦୨୩୬୨୬୫** | | |
| ୧. | **ଶ୍ରୀ ବୀରଭଦ୍ର ରାଓ,** ସା: ନୋଳିଆସାହି, ପୋ: କୋଣାର୍କ, ପୁରୀ, ଓଡ଼ିଶା - ୭୫୨୧୧୧ / **୨୦୦୬୦୬୧୦୦୩୯୨୭୪** | ଟ.୯୬,୮୨୧/- + ସୁଧ ଏବଂ ଦେୟ | ୩୨.୨ |
| | **ଡମପଡା ଶାଖା, ଡମପଡା, ଜିଲ୍ଲା: କଟକ, ପିନ୍ - ୭୫୪୦୦୭, ଶାଖା ପ୍ରବନ୍ଧକଙ୍କ ନାମ: ଦେବାଶିଷ ସିଂ, ମୋ.: ୯୮୫୩୧୩୬୪୪୮** | | |
| ୧. | **ଜୟନ୍ତୀ ମଲ୍ଲିକ,** ସ୍ୱାମୀ: କାବୁଲି ମଲ୍ଲିକ, ସା: କୁସନ୍ଦ, ପୋ: ଗୋବିନ୍ଦପୁର, ଜିଲ୍ଲା: କଟକ - ୭୫୪୦୦୭ / **୧୦୩୨୦୬୧୦୦୨୨୯୬୨** | ଟ.୪୬,୪୪୦/- + ସୁଧ ଏବଂ ଦେୟ | ୯.୬ |
| ୨. | **ଜୟନ୍ତୀ ମଲ୍ଲିକ,** ସ୍ୱାମୀ: କାବୁଲି ମଲ୍ଲିକ, ସା: କୁସନ୍ଦ, ପୋ: ଗୋବିନ୍ଦପୁର, ଜିଲ୍ଲା: କଟକ - ୭୫୪୦୦୭ / **୧୦୩୨୦୬୧୦୦୨୨୯୩୧** | ଟ.୪୪,୯୭୧/- + ସୁଧ ଏବଂ ଦେୟ | ୧୬.୮ |
| ୩. | **ମାମିନା ସ୍ୱାଇଁ,** ସ୍ୱାମୀ: ମାୟାଧର ସ୍ୱାଇଁ, ତଳଭେଜିପୁଟ, ପଦନପୁର, ଡମପଡା, ବାଙ୍କି, ଜିଲ୍ଲା: କଟକ - ୭୫୪୦୦୭ / **୧୦୩୨୦୬୧୦୦୨୩୪୭୧** | ଟ.୧୯,୫୦୦/- + ସୁଧ ଏବଂ ଦେୟ | ୫.୫୫ |
| ୪. | **ଜଳଧର ବେଉରା,** ପିତା: ବିପିନ ବେଉରା, ସା: କୁସୁପଙ୍ଗୀ, ବାଙ୍କି, କଟକ, ପିନ୍ - ୭୫୪୦୦୭ / **୧୦୩୨୦୬୧୦୦୨୩୪୯୫** | ଟ.୪୩,୧୦୦/- + ସୁଧ ଏବଂ ଦେୟ | ୧୨.୯୫ |
| ୫. | **ଦୂତିକା ବେହେରା,** ସ୍ୱାମୀ: ଭୋବନୀ ବେହେରା, ସା: କରବର, ପୋ: ହରିରାଜପୁର, ବାଙ୍କି, କଟକ - ୭୫୪୦୦୭ / **୧୦୩୨୦୬୧୦୦୨୩୬୮୬** | ଟ.୧,୧୧,୫୨୦/- + ସୁଧ ଏବଂ ଦେୟ | ୪୫.୩ |
| ୬. | **ଭୋବନୀ ବେହେରା,** ପିତା: ଭ୍ରମର ବେହେରା, ସା: କରବର, ପୋ: ହରିରାଜପୁର, ବାଙ୍କି, କଟକ - ୭୫୪୦୦୭ / **୧୦୩୨୦୬୧୦୦୨୩୬୯୩** | ଟ.୧୪,୪୪୦/- + ସୁଧ ଏବଂ ଦେୟ | ୧୩.୫ |
| ୭. | **ନୃସିଂହ ଦଳେଇ,** ପିତା: ସନାତନ ଦଳେଇ, ସା: କରବର, ପୋ: ହରିରାଜପୁର, ବାଙ୍କି, କଟକ - ୭୫୪୦୦୭ / **୧୦୩୨୦୬୧୦୦୨୪୦୦୩** | ଟ.୬୨,୨୦୦/- + ସୁଧ ଏବଂ ଦେୟ | ୨୫ |
| ୮. | **ତ୍ରିନାଥ ଦଳେଇ,** ପିତା: ସନାତନ ଦଳେଇ, ସା: କରବର, ପୋ: ହରିରାଜପୁର, ବାଙ୍କି, କଟକ - ୭୫୪୦୦୭ / **୧୦୩୨୦୬୧୦୦୨୪୦୫୮** | ଟ.୩୭,୩୦୦/- + ସୁଧ ଏବଂ ଦେୟ | ୧୨.୩ |
| ୯. | **ଅନୁପମା ଦଳେଇ,** ପିତା: ନଟବର ଦଳେଇ, ସା: ରାମଚନ୍ଦ୍ରପୁର, ପୋ: ଗୋବିନ୍ଦପୁର, କଟକ - ୭୫୪୦୦୭ / **୧୦୩୨୦୬୧୦୦୨୪୮୫୦** | ଟ.୪୫,୬୦୦/- + ସୁଧ ଏବଂ ଦେୟ | ୧୫.୯ |
| | **ରାଇକିଆ ଶାଖା, ସା/ପୋ: ରାଇକିଆ, ଫୁଲବାଣୀ, ଜିଲ୍ଲା: କନ୍ଧମାଳ, ପିନ୍ - ୭୬୨୧୦୧, ଶାଖା ପ୍ରବନ୍ଧକଙ୍କ ନାମ: ନିର୍ମଳ କୁମାର ଦିଗଲ, ମୋ.: ୯୪୩୯୩୧୩୬୦୫** | | |
| ୧. | **ବିଶ୍ୱନାଥ ବିନ୍ଧାଣୀ,** ପିତା: ତେଡେମା ବିନ୍ଧାଣୀ, ସା: ମୁସୁମାହା, ପୋ: ଡଡିଙ୍ଗିଆ, ଜିଲ୍ଲା: କନ୍ଧମାଳ - ୭୬୨୧୦୧ / **୦୮୧୦୦୬୧୦୦୨୩୯୯୦** | ଟ.୩୦,୯୧୨/- + ସୁଧ ଏବଂ ଦେୟ | ୧୨.୮୧ |
| ୨. | **ଜୟମଙ୍ଗଳ ନାଏକ,** ପିତା: ପର୍ଶୁରାମ ନାଏକ, ସା: ବଡେନାଜୁ, ପୋ: ରାଇକିଆ, ଜିଲ୍ଲା: କନ୍ଧମାଳ - ୭୬୨୧୦୧ / **୦୮୧୦୦୬୧୦୦୨୨୫୪୨** | ଟ.୧,୦୫,୮୦୭/- + ସୁଧ ଏବଂ ଦେୟ | ୧୬.୨୧ |

**ନିଲାମ ଧରିବା ପାଇଁ ଇଚ୍ଛୁକ ବ୍ୟକ୍ତି ବ୍ୟାଙ୍କର ନିମ୍ନଲିଖିତ ନିୟମ ଗୁଡିକ ପାଳନ କରି ନିଲାମରେ ଅଂଶଗ୍ରହଣ କରିପାରନ୍ତି:**

୧.ବ୍ୟାଙ୍କ ଅଳଙ୍କାର/କଏନ୍‌ରେ ସୁନାର ଭାଗ, ଓଜନ କିମ୍ବା ଶୁଦ୍ଧତାର ଗ୍ୟାରେଣ୍ଟି ଦିଏ ନାହିଁ ।
୨.ଇଚ୍ଛୁକ ନିଲାମଧାରୀମାନେ ବ୍ୟାଙ୍କର କୌଣସି କାର୍ଯ୍ୟ ଦିବସର କାର୍ଯ୍ୟାଳୟ ସମୟ ମଧ୍ୟରେ ଅଳଙ୍କାରର ଯାଞ୍ଚ କରିପାରିବେ ।
**୩.ଇଚ୍ଛୁକ ନିଲାମଧାରୀମାନଙ୍କୁ ପ୍ରତ୍ୟେକ ଆକାଉଣ୍ଟର ସଂରକ୍ଷିତ ମୂଲ୍ୟ ନିମନ୍ତେ ସମ୍ପୃକ୍ତ ଶାଖା ମୁଖ୍ୟଙ୍କ ସହିତ ଯୋଗାଯୋଗ କରିବାକୁ ପଡିବ।**
୪.ଇଚ୍ଛୁକ କ୍ରେତା ସଂରକ୍ଷିତ ରାଶି(ବକେୟା ରାଶି ଅନୁଯାୟୀ ଆକଳନ କରାଯିବ)ର ୨୫% ଅମାନତ ରାଶି ରୂପେ ଜମା କରିବେ।
୫.ସର୍ବୋଚ୍ଚ ନିଲାମଧାରୀ ଅବଶିଷ୍ଟ ନିଲାମ ରାଶି **୨୪ ଘଣ୍ଟା** ମଧ୍ୟରେ କିମ୍ବା ବ୍ୟାଙ୍କର ପରବର୍ତ୍ତୀ କାର୍ଯ୍ୟଦିବସର କାର୍ଯ୍ୟାଳୟ ସମୟ ମଧ୍ୟରେ ପୈଠ କରିବା ପରେ ଅଳଙ୍କାରଗୁଡିକ ପ୍ରଦାନ କରାଯିବ ।
୬.ଯଦି ସଫଳ ନିଲାମଧାରୀ ରାଶି ପୈଠ କରିବାରେ ବିଫଳ ହୁଅନ୍ତି ନିଲାମଧାରୀଙ୍କ ଅମାନତ ଅର୍ଥ ବାଜ୍ୟାପ୍ତି ହେବ ଏବଂ ନିଲାମ ତାରିଖଠାରୁ **୩୦ ଦିନ** ମଧ୍ୟରେ ଅଳଙ୍କାର ପୁନଃ ବିକ୍ରୟ କରାଯିବ।
୭.ନିଲାମ ସମାପ୍ତ ହେଲାପରେ ଅସଫଳ ନିଲାମଧାରୀ ସଙ୍ଗେ ସଙ୍ଗେ ଅମାନତ ରାଶି ଫେରସ୍ତ ପାଇପାରିବେ ।
୮.କୌଣସି କାରଣ ନଦର୍ଶାଇ ଯେକୌଣସି ସମୟରେ ନିଲାମକୁ ବନ୍ଦ କରିବାର ଆଇନଗତ ଅଧିକାର ବ୍ୟାଙ୍କର ରହିଛି, ଏହି ପରିପ୍ରେକ୍ଷୀରେ ଅମାନତ ରାଶି ଜମା କରିଥିବା ବ୍ୟକ୍ତିଙ୍କୁ ଅମାନତ ରାଶି ଫେରସ୍ତ କରାଯିବ ।

**ବି.ଦ୍ର: ସବିଶେଷ ବିବରଣୀ ନିମନ୍ତେ ଆଞ୍ଚଳିକ କାର୍ଯ୍ୟାଳୟ କୋ-ଅର୍ଡିନେଟର, ମୋ: ୭୮୭୩୦୧୬୮୨୧ଙ୍କ ସହ ଯୋଗାଯୋଗ କରନ୍ତୁ।**

**ସ୍ଥାନ: ଭୁବନେଶ୍ୱର, ତାରିଖ: ୧୦.୦୩.୨୦୨୫** — **କ୍ଷମତାପ୍ରାପ୍ତ ଅଧିକାରୀ, ୟୁକୋ ବ୍ୟାଙ୍କ**

**ଶେୟାର ବଜାରରେ ହ୍ରାସ**

**ମୁମ୍ବାଇ:** କ୍ରମାଗତ ଭାବେ ଘରୋଇ ଶେୟାର ବଜାର କାରବାରରେ ପରିବର୍ତ୍ତନ ଘଟୁଛି। ଏପରିକି ଚଳିତ ସପ୍ତାହର ପ୍ରଥମ କାର୍ଯ୍ୟ ଦିବସ ଫଳାଫଳ ଅନୁଯାୟୀ ଶେୟାର ବଜାରର ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ହରାଇଛନ୍ତି। ବିଶେଷ କରି ସୋମବାର ବମ୍ବେ ଷ୍ଟକ ଏକ୍ସଚେଞ୍ଜ (ବିଏସ୍‌ଇ) ର ସେନ୍‌ସେକ୍ସ ୨୧୭ (୨୧୭.୪୧) ପଏଣ୍ଟ ହ୍ରାସ ଘଟି ୭୪,୧୧୫ (୭୪,୧୧୫.୧୭) ଅଙ୍କରେ କାରବାର ବନ୍ଦ ହୋଇଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ ଏକ୍ସଚେଞ୍ଜ (ଏନଏସଇ) ର ନିଫ୍ଟି-୫୦ ରେ ମଧ ୯୨ (୯୨.୨୦) ପଏଣ୍ଟ କମି ୨୨,୪୬୦ (୨୨,୪୬୦.୩୦) ଅଙ୍କରେ କାରବାର ଶେଷ ହୋଇଥିଲା।


## ଜନ୍ମଦିନର ଶୁଭେଚ୍ଛା

ନାମ: ....................................

ବୟସ:....................................

ଜନ୍ମ ତାରିଖ: ..............................



ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।



# ଜେଏସ୍‌ଏଲ୍‌ର ପରିବେଶ ସମ୍ବନ୍ଧୀୟ ଆର୍ଥିକ ବିବରଣୀ

**ନୂଆଦିଲ୍ଲୀ,୧୦।୩**

ଜିନ୍ଦଲ ଷ୍ଟେନଲେସ୍ ଲିମିଟେଡ୍ (ଜେଏସ୍‌ଏଲ୍) ର ବହୁ ପ୍ରତୀକ୍ଷିତ ରିପୋର୍ଟ ତଥା ପରିବେଶ ସମ୍ବନ୍ଧୀୟ ଆର୍ଥିକ ବିବରଣୀ (ଟିଏନ୍‌ଏଫ୍‌ଡି)କୁ ନିକଟରେ ଅନାବରଣ/ ଉନ୍ମୋଚନ କରାଯାଇଛି। ଏପରି କି ଏହା କମ୍ପାନୀର ପ୍ରଥମ ଟାସ୍କ ଫୋର୍ସ ରିପୋର୍ଟ ହୋଇଥିଲା ବେଳେ ନିରନ୍ତର ବିକାଶ ଯାତ୍ରାରେ ଏହା ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ବୋଲି କୁହାଯାଉଛି। ଉକ୍ତ ରିପୋର୍ଟରେ ଜଳବାୟୁ ପରିବର୍ତ୍ତନ ଭଳି ବୈଶ୍ୱିକ ଆହ୍ୱାନର ମୁକାବିଲା ସମ୍ପର୍କରେ କମ୍ପାନୀର ଅଭିବୃଦ୍ଧି ଏବଂ ସାମାଜିକ ଦାୟିତ୍ୱକୁ ସନ୍ତୁଳିତ କରିବା ସହିତ ବ୍ୟବସାୟିକ କାର୍ଯ୍ୟରେ ପ୍ରକୃତି ସମ୍ବନ୍ଧୀୟ ବିଚାରକୁ ସାମିଲ କରିବା ପାଇଁ ଥିବା ରଣନୈତିକ ଆଭିମୁଖ୍ୟ ଏବଂ ସ୍ଥାୟିତା, ଜୈବ ବିବିଧତା ସଂରକ୍ଷଣ ତଥା ସକ୍ରିୟ ବିପଦ ପରିଚାଳନା ପ୍ରତି କମ୍ପାନୀର ପ୍ରତିବଦ୍ଧତାକୁ ଦର୍ଶାଇଛି।

ଏ ସମ୍ପର୍କରେ ଜେଏସ୍‌ଏଲ୍‌ର ସିଏସ୍‌ଓ କଲ୍ୟାଣ ଭଟ୍ଟାଚାର୍ଜୀ କହିଛନ୍ତି, ଏହି ରିପୋର୍ଟ କମ୍ପାନୀ ପ୍ରତ୍ୟେକ କାର୍ଯ୍ୟରେ ପ୍ରକୃତି କୈନ୍ଦ୍ରିକ ଚିନ୍ତାଧାରାକୁ ସାମିଲ କରିବା ପାଇଁ ଆମର ପ୍ରତିବଦ୍ଧତାକୁ ପ୍ରତିଫଳିତ କରିଥାଏ, ଯାହା କନମିଙ୍ଗ-ମଣ୍ଟ୍ରିଏଲ ବୈଶ୍ୱିକ ଜୈବବିବିଧତା ଢାଞ୍ଚା ଭଳି ବିଶ୍ୱସ୍ତରୀୟ ଲକ୍ଷ୍ୟ ସହିତ ସମନ୍ୱିତ ରହିଛି। ଟିଏନ୍‌ଏଫ୍‌ଡି ଢାଞ୍ଚାକୁ ଆପଣାଇ ଜେଏସ୍‌ଏଲ୍ ଭାରତର ଧାତୁ କ୍ଷେତ୍ରରେ ନେତୃତ୍ୱ ନେଇ ଗର୍ବ ଅନୁଭବ କରୁଛି। ଏହା ସ୍ୱଚ୍ଛତା, ସୁଚିନ୍ତିତ ଯୋଜନା ଓ ପ୍ରକୃତି ସମ୍ବନ୍ଧୀୟ ବିପଦ ଏବଂ ସୁଯୋଗର ଦକ୍ଷ ପରିଚାଳନା ପ୍ରତି ଆମର ପ୍ରତିବଦ୍ଧତାକୁ ଦର୍ଶାଉଛି।

# ଟ୍ରାଇଡେଣ୍ଟର ୨ଦିନିଆ ହାକାଥନ୍ ଉଦ୍‌ଯାପିତ




ଟ୍ରାଇଥନ୍ -୨୦୨୫ରେ ଯୋଗଦେଇଥିବା ନିମନ୍ତ୍ରିତ ଅତିଥି।

**ଭୁବନେଶ୍ୱର,୧୦।୩**

ରାଜ୍ୟର ପ୍ରମୁଖ ଘରୋଇ ଶିକ୍ଷାନୁଷ୍ଠାନ ତଥା ଟ୍ରାଇଡେଣ୍ଟ ଗ୍ରୁପର ବୈଷୟିକ ଅନୁଷ୍ଠାନ ଟାଇଡ୍ରେଣ୍ଟ ଏକାଡେମୀ ଅଫ ଟେକ୍ନୋଲୋଜି (ଟିଏଟି)ପକ୍ଷରୁ ଏକ ୨ ଦିନିଆ ହାକାଥନ୍ ପ୍ରତିଯୋଗିତା 'ଟ୍ରାଇଥନ୍ -୨୦୨୫' ନିକଟରେ ଉଦ୍‌ଯାପିତ ହୋଇଯାଇଛି। ଏପରି କି ୨୦୨୫ ମାର୍ଚ୍ଚ ୮ ଏବଂ ୯ରେ ଟ୍ରାଇଡେଣ୍ଟର ଶୋଭନା ହଲରେ ଏହି ଇଣ୍ଟର-କଲେଜ ହାକାଥନ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସେହିଭଳି ଏହି କାର୍ଯ୍ୟକ୍ରମ ଟ୍ରାଇଡେଣ୍ଟ ଗ୍ରୁପର ୬ଷ୍ଠତମ ସଂସ୍କରଣ ହୋଇଥିବା ବେଳେ ଏଥିରେ ପ୍ରାୟ ୩୦୦ରୁ ଊର୍ଦ୍ଧ୍ୱ ଟିମ୍ ଅଂଶଗ୍ରହଣ କରିଥିଲା ବେଳେ ସ୍ଥାୟୀ ଭବିଷ୍ୟତରେ ପ୍ରଯୁକ୍ତିବିଦ୍ୟାର ଗୁରୁତ୍ୱ ଏହି ପ୍ରତିଯୋଗିତାର ବିଷୟବସ୍ତୁ ଥିଲା। ସେହିପରି ପୂର୍ବଭାରତ ସ୍ତରୀୟ ଇଣ୍ଟର-କଲେଜ ପ୍ରତିଯୋଗିତାରେ ଅଧିକାଂଶ ପ୍ରତିଯୋଗୀ ଓଡ଼ିଶା ଏବଂ ପଶ୍ଚିମବଙ୍ଗରୁ ହୋଇଥିବାବେଳେ ସମସ୍ତ ପ୍ରତିଯୋଗୀ ସ୍ନାତକ ଇଞ୍ଜିନିୟରିଂର ଛାତ୍ରୀଛାତ୍ର ଥିଲେ। ପ୍ରତ୍ୟେକ ଟିମ୍‌ରେ ୬ ଜଣ ସଦସ୍ୟଙ୍କ ମଧ୍ୟରେ ଜଣେ ମହିଳା ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ।

ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଟି-କ୍ୟୁବର ପ୍ରତିଷ୍ଠାତା ତଥା ଆକ୍ସେଞ୍ଚରର ଏମ୍‌ଡି ସବ୍ୟସାଚୀ ପଟ୍ଟନାୟକଙ୍କ ସହ ସ୍ପାର୍କ ପ୍ରାଇଭେଟ୍ ଲିମିଟେଡ୍‌ର ସିଏମ୍‌ଡି ଶୁଭଦର୍ଶୀ ମିଶ୍ର ଯୋଗଦେଇ ପ୍ରତିଯୋଗୀଙ୍କୁ ଉତ୍ସାହିତ କରିଥିଲେ। ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ୩୦୦ରୁ ଊର୍ଦ୍ଧ୍ୱ ଟିମ୍ ମଧ୍ୟରୁ ୪୫ଟି ଟିମ୍ ଅନ୍ତିମ ପର୍ଯ୍ୟାୟ ପାଇଁ ମନୋନୀତ ହୋଇଥିଲା। ଏଥି ସହ ପୁରସ୍କାର ବିତରଣ ଉତ୍ସବରେ ରାଷ୍ଟ୍ରୀୟ ସୂଚନା ବିଜ୍ଞାନ କେନ୍ଦ୍ରର ନିର୍ଦ୍ଦେଶକ ତଥା ଯାଜପୁର ଲୋକ ସଭା ସାଂସଦ ଏବଂ ଭାରତୀୟ ପ୍ରଯୁକ୍ତି ପ୍ରତିଷ୍ଠାନର ପ୍ରତିନିଧି ଡ. ଆର.ଏନ୍. ବେହେରା ଅତିଥି ଭାବେ ଯୋଗଦେଇ ବିଜେତା ଟିମ୍‌କୁ ୧,୦୦,୦୦୦ ଟଙ୍କା ପୁରସ୍କାର ଅର୍ଥରାଶି ସହ ମାନପତ୍ର ପ୍ରଦାନ କରିଥିଲେ।

# ସୌନକ ଇମ୍ଫାର ନୂଆ ସିଏଫ୍‌ଓ

**ଭୁବନେଶ୍ୱର,୧୦।୩ (ଅଭୟ ଦାଶ)**



ସୌନକ ଗୁପ୍ତା

ଇଣ୍ଡିଆନ୍ ମେଟାଲ୍ସ ଆଣ୍ଡ ଫେରୋ ଆଲଏଜ ଲିମିଟେଡ୍ (ଇମ୍ଫା) ର ନୂତନ ମୁଖ୍ୟ ବିତ୍ତୀୟ ଅଧିକାରୀ (ସିଏଫ୍‌ଓ) ଭାବେ ସୌନକ ଗୁପ୍ତାଙ୍କୁ ନିକଟରେ ନିଯୁକ୍ତ କରାଯାଇଛି। ଏହା ପୂର୍ବରୁ ସେ କମ୍ପାନୀର ଡେପୁଟି ସିଏଫ୍‌ଓ ଭାବେ କାର୍ଯ୍ୟ କରୁଥିଲେ। ସେହିଭଳି ଦୁଇ ଦଶକ ଧରି ଇମ୍ଫାର ସିଏଫ୍‌ଓ ଏବଂ କମ୍ପାନୀ ସଚିବ ଭାବେ ଦାୟିତ୍ୱ ତୁଲାଉଥିବା ପ୍ରେମ୍ ଖଣ୍ଡେଲୱାଲଙ୍କ କାର୍ଯ୍ୟକାଳ ସମାପନ ପରେ କମ୍ପାନୀ ପକ୍ଷରୁ ଏହି ନିଷ୍ପତ୍ତି ଗ୍ରହଣ କରାଯାଇଛି।

ଏ ସମ୍ପର୍କରେ ଇମ୍ଫାର ଏମ୍‌ଡି ଶୁଭ୍ରକାନ୍ତ ପଣ୍ଡା କହିଛନ୍ତି, ସୌନକ ବହୁତ କମ୍ ସମୟ ମଧ୍ୟରେ ବିତ୍ତୀୟ କାର୍ଯ୍ୟରେ ନିଜର ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ଦେବା ସହିତ ଇମ୍ଫାର ରଣନୈତିକ ପ୍ରାଥମିକତାକୁ ଆକାର ଦେବାରେ ମହତ୍ୱପୂର୍ଣ୍ଣ ଯୋଗଦାନ କରିଛନ୍ତି। ଏପରିକି ମୁଁ ଏହି ଅବସରରେ ପ୍ରେମ୍ ଖଣ୍ଡେଲୱାଲଙ୍କ ନେତୃତ୍ୱ, କୌଶଳ ଓ କମ୍ପାନୀରେ ତାଙ୍କର ଗୁରୁତ୍ୱପୂର୍ଣ୍ଣ ଯୋଗଦାନକୁ ପ୍ରଶଂସା କରୁଛି।

ସେହିଭଳି ସିଏଫ୍‌ଓ ସୌନକ ଗୁପ୍ତା କହିଛନ୍ତି, ଇମ୍ଫା ମଜଭୁତ ବାଲାନ୍ସ ସିଟ୍ ଓ ସମ୍ପ୍ରସାରିତ ଏବଂ ବିବିଧ ଯୋଜନା ସହିତ ଅଭିବୃଦ୍ଧି ପାଇଁ ପ୍ରସ୍ତୁତ ରହିଛି। ଏପରିକି ଅଭିବୃଦ୍ଧି ଓ ଅଂଶୀଦାରମାନଙ୍କ ଅଭିଜ୍ଞତାକୁ ସୁଗମ କରିବା ପାଇଁ କମ୍ପାନୀର ଦୀର୍ଘକାଳୀନ ରଣନୈତିକ ଯୋଜନାଗୁଡ଼ିକ ତ୍ୱରାନ୍ୱିତ କରିବା ଉପରେ ମୋର ବିଶେଷ ଗୁରୁତ୍ୱ ରହିବ। ଅପରପକ୍ଷରେ ଗୁପ୍ତା ଜଣେ ବରିଷ୍ଠ ଚାର୍ଟାର୍ଡ ଆକାଉଣ୍ଟାଣ୍ଟ, କମ୍ପାନୀ ସେକ୍ରେଟାରି ଓ କଷ୍ଟ ଆକାଉଣ୍ଟାଣ୍ଟ ଭାବେ ବେଶ୍ ପରିଚିତ ଥିଲାବେଳେ ଦୀର୍ଘ ୨୬ବର୍ଷର କ୍ୟାରିୟର ମଧ୍ୟରେ ସେ ବ୍ଲୁ ଷ୍ଟାର, ୱିପ୍ରୋ, ବର୍ଜର ପେଣ୍ଟ୍ସ ଏବଂ ପିଡବ୍ଲ୍ୟୁସି ଭଳି ବିଭିନ୍ନ ବିବିଧ ଉଦ୍ୟୋଗରେ କାର୍ଯ୍ୟ କରିଛନ୍ତି। ଏପରିକି ସେ କମ୍ପାନୀର ବିଲୟ, ଅଧିଗ୍ରହଣ, ରଣନୈତିକ ଯୋଜନା ଓ ବ୍ୟାପାରର ସମ୍ପ୍ରସାରଣ ପାଇଁ ଟ୍ରେଜେରି ଓ ବିତ୍ତୀୟ ନିୟୋଜନ ପ୍ରବନ୍ଧନ ସହିତ ଅନେକ କାର୍ଯ୍ୟ ସମ୍ପାଦନ କରିଛନ୍ତି।


# Classified Everyday

**0674-2580101, 9692975378**



**REAL ESTATE**
**SALE**

**Get most bigest asset for future investment on land/plots in BDA proposed greater Bhubaneswar area for uncomparable return in short period. 7978701424.** D-76242




Positivelyhealthbenefited SPA by expert female therapist, Bapujinagar. 8018429809. D-76901

Full body massage by Odia therapist in homely atmosphere. 9556498382. D-75364

Positively health benifited spa by expert therapist. 8658088274. D-76903

**AFFIDAVIT**

By virtue of an affidavit sworn before the Executive Magistrate, Dharmasala, dated-16.02.2025, I, Joschanarani Ghadai, At- Mangalpur, P.O.- Kotapur, P.S.- Dharmasala, Dist.- Jajpur, PIN- 755008, Odisha declare that I have changed my name from Joschana Rani to Joschanarani Ghadai. Henceforth, I shall be known as Joschanarani Ghadai for all future purposes.
Joschanarani Ghadai D- 3239

By virtue of an affidavit sworn before the Executive Magistrate, Dharmasala, dated 18.02.2025, I, Subhadra Kumari Dhal, Address: At- Chakroda, P.O.- Mirzapur, P.S.- Dharmasala, Dist.- Jajpur, Odisha- 755008 declare that I have changed my daughter's name from Lipsha Mohanty to Lipsa Dhal. Henceforth, she shall be known as Lipsa Dhal for all purposes. D-3245

By virtue of an affidavit sworn before the Notary, Puri, dated 27Feb.2025, Karttik Dasamahapatra and Kartik Kumar Dasmohapatra reflected in the Aadhaar Card (XXXX XXXX 6193) belongs to one and the same person the son of Late Gangadhar Daitapati. Henceforth, I shall be known as Kartik Kumar Dasmohapatra instead of Karttik DasaMahapatra for all purposes. D-3250

By virtue of an affidavit sworn before Notary Public, Bhubaneswar, dated 10.03.2025, I, Shiba Prasad Jena, Address: At/Village- Rudrapur, P.O.- Balamukuli Hat, P.S.- Binjharpur, Dist.- Jajpur, PIN- 755012 declare that I have changed my name from Siba Prasad Jena to Shiba Prasad Jena. Henceforth, I shall be known as Shiba Prasad Jena for all purposes.
Shiba Prasad Jena D-3246

Your Classified Advertisement published in Dharitri will be listed free in Dharitri Online Edition: **dharitriepaper.in**

I, Baneswar Behera, R/o. Village- Kundapitha, P.S./ Dist.- Deogarh, Odisha declare that my daughter's name has been wrongly mentioned as Bhenkateswari Behera, DOB- 09.10.2009 in her Aadhaar card bearing No.- xxxx xxxx 5790. That by this affidavit No.- 795 dt.06.03.2025 I have changed her name and DOB from Bhenkateswari Behera, DOB- 09.10.2009 to Vikenteswari Behera, DOB- 29.06.2009. Now onwards she shall be known as Vikenteswari Behera, DOB- 29.06.2009 for all purposes. D-3242

By virtue of an affidavit sworn before Executive Magistrate, Bhadrak, I Sabitarani Nath (53 yrs), W/o- Pramod Kumar Nath, Vill- Darapur, P.O.- Jamjodi, P.S.- Pirahat Bazar, Dist.- Bhadrak, declare that I changed my name in my LIC Policy bearing No.- 586566307 from Anita Nath to Sabitarani Nath. Henceforth I shall be known as Sabitarani Nath for all purposes. D-3247

By virtue of which an affidavit Before Notary, Bhubaneswar vide Sl. No.- 113 dt 06.03.2025 I, Debasish Sahu, Plot No.-1012, Samantrapur, Bhubaneswar-2, I have changed my daughter's name from Deblin Prusty to Deblin Sahu. Henceforth, she shall be known as Deblin Sahu for all purposes. D-3249

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

By virtue of an affidavit No.-65AA 583876, dt.24.02.2025 sworn before the Executive Magistrate, Rasgovindpur, Mayurbhanj, I, Smt. Jayanti Soren, age about 35 years, W/o- Karamchand Soren & D/o-Sri Sitaram Beshra, Vill-Parulia, P.O.-Gobara, P.S.- Rasgovindpur, Dist.-Mayurbhanj, Odisha-757016, that his Birth Certificate his name mentioned Abhigyan Satyaprakash Nageswar Soren, S/o- Karamchand Soren, but his Aadhaar name has been mentioned Abhigyan Soren,S/o- Karamchand Soren. Abhigyan Soren & Abhigyan Satyaprakash Nageswar Soren, S/o- Karamchand Soren belongs to one & same person. Henceforth, he shall be known as Abhigyan Satyaprakash Nageswar Soren, S/o- Karamchand Soren for all purposes. D-3251

By virtue of which an affidavit Before Notary, Bhubaneswar vide Sl. No.- 114 dt 06.03.2025 I, Debasish Sahu, Plot No.-1012, Samantrapur, Bhubaneswar-2, I have changed my daughter's name from Debanshee to Debanshee Sahu. Henceforth, she shall be known as Debanshee Sahu for all purposess. D-3248

I, Susila Bhatara, W/o- Balaba Bhatara of Vill- Nenganal, P.O.- Rajoda, Dist.- Nabarangpur, state that my name is wrongly mentioned as Shushila Bhatara instead of Susila Bhatara in my Aadhaar Card Vide No.- xxxx xxxx 9510 and my S.B.I. Mokia Branch Account. Both Susila Bhatara and Shushila Bhatara is one and same person. D-3230

**LOST**

Notice is hereby given to General Public that, I Smt. Sukesini Pradhan has lost the original link RSD bearing No.-11091200856 dt.25.05.2012, executed in favour of Anita Mohanty, in respect of Plot No.-3606 from Khata No.- 1376/240, Tahasil- Balianta Mouza- Prataprudrapur Dist.- Khordha and ROR No.- 1376/369 in the name of Anita Mohanty while she was coming from Court to his residence at Prataprudrapur, Balianta, Bhubaneswar lost the original sale deed somewhere and inspite of his best efforts failed to trace the same. Therefore, if anyone has found the same, please contact Advocate Sri. N.C. Pattnaik, Mob- 9853311189 of LICHFL at Link Road, Cuttack within 15 days from the date of the publication, failing which the document will lose its legal force and any misuse of the document will be punishable under law. D-76902

I, Pragyan Parimita, aged about 36years, daughter of Purna Chandra Sahoo, resident of near Chauliaganj Police Outpost, Cuttack Sadar, Cuttack, Odisha, 753004, do hereby solemnly affirm and state as follows: 1). That, I have passed the 10th Examination from S.C.B. Medical Public School, Cuttak in the year 2003 and was issued a 10th Pass Certificate by ICSE, Index No.- T/2263/082. 2) That the above said Certificate was lost by me while travelling and is untraceable. 3)That, I am in need of a duplicate copy of the said Certificate for higher study/service purpose, 4) That, the facts stated above are true to the best of my knowledge and belief.
Sd./- Pragyan Parimita D-3244

# ମନେ ପଡ଼ନ୍ତି

**ପ୍ରଥମ ଶ୍ରାଦ୍ଧବାର୍ଷିକୀ**



**୰ସରୋଜିନୀ ତ୍ରିପାଠୀ**
ପଲ୍ଲୀକଣ୍ଟା, ଏରସମା, ଜଗତ୍‌ସିଂହପୁର
ଆବିର୍ଭାବ: ୧୮।୧୨।୧୯୪୨
ତିରୋଧାନ: ୨୨।୦୩।୨୦୨୪
ବୋଉ, ତୋର ଆଦର୍ଶର ପ୍ରତିଛବି ତୋର ଉଦାରତାର ପ୍ରତିଫଳନ ଏବଂ ନୈତିକତାର ମାର୍ଗଦର୍ଶନ, ଆଉ ହଠାତ୍ ଏ ଅପୂରଣୀୟ ଶୂନ୍ୟସ୍ଥାନ ଆମକୁ ସଦା ଆନ୍ଦୋଳିତ କରିବ। ତୋର ଆତ୍ମାର ସଦ୍‌ଗତି ତଥା ତୋର ଶୁଭାଶୀର୍ବାଦ ହିଁ କେବଳ ମାତ୍ର କାମ୍ୟ।
ଶୋକସନ୍ତପ୍ତ: ଆତ୍ମୀୟସ୍ୱଜନ ଓ ପରିବାରବର୍ଗ।
ଧ-୩୨୪୦

**୨୩ତମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ**



**ସ୍ୱର୍ଗତା କ୍ଷେତ୍ରମଣି ପଟ୍ଟନାୟକ**
ଆବିର୍ଭାବ: ୧୩।୦୩।୧୯୩୧
ତିରୋଧାନ: ୨୬।୦୨।୨୦୦୨
ବିତିଲା ୨୩ବର୍ଷ ତୋର ଆବର୍ତ୍ତମାନରୁ, ଏବେବି ଲାଗେ ତୁ ପାଖେ ପାଖେ ଅଛୁ। ତୋ ସଙ୍ଗେ ବିତାଇଥିବା ସେ ସମୟ ଅଭୁଲା। ତୋର ଆଶୀର୍ବାଦ ଏବଂ ଉପଦେଶ ଆମ ଚଲାପଥ କୁସୁମିତ କରିଛି। ତୋର ଆଦର୍ଶ ଆମ ପାଇଁ ସର୍ବଦା ପ୍ରେରଣାଦାୟୀ ହେଉ।
ଆପଣଙ୍କ: ପୁଅ, ବୋହୂ, ଝିଅ, ଜ୍ୱାଇଁ, ନାତି ଓ ନାତୁଣୀମାନେ।
ଧ-୩୨୩୨

**ଶ୍ରଦ୍ଧାଞ୍ଜଳି**
**୧୬ତମ ଶ୍ରାଦ୍ଧବାର୍ଷିକୀ**



**୰ ରତ୍ନାକର ତ୍ରିପାଠୀ**
ରତାଦିଆ ଖଣ୍ଡସାହି, କେନ୍ଦ୍ରାପଡ଼ା
ଆବିର୍ଭାବ - ୧୮.୦୨.୧୯୪୨
ତିରୋଧାନ - ୦୯.୦୩.୨୦୦୯
ଆପଣଙ୍କ କର୍ମପ୍ରବଣତା ଏବଂ ମୂଲ୍ୟବୋଧ ଆମର ପ୍ରେରଣା ହୋଇ ରହୁ ଏବଂ ଆପଣଙ୍କ ଅମର ଆତ୍ମାର ସଦଗତି ପାଇଁ ଶ୍ରୀ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା।
ବନ୍ଧୁ ଓ ପରିବାର ବର୍ଗ
ସୌଜନ୍ୟ : ଗଣେଷ ଇନିଷ୍ଟିଚ୍ୟୁଟ୍ ଅଫ୍ ଇଞ୍ଜିନିୟରିଂ ଆଣ୍ଡ ଟେକ୍‌ନୋଲୋଜି, ଏକାମ୍ର ବିହାର, ଭୁବନେଶ୍ୱର।
ଧ-୩୨୪୩

**ଶ୍ରଦ୍ଧାଞ୍ଜଳି ଉପଲକ୍ଷେ**



**୰ପଣ୍ଡିତ ଭାଗୀରଥି ରଥ**
ଶାସ୍ତ୍ରୀନଗର, ୟୁନିଟ୍-୪, ପ୍ଲଟ୍ ନଂ-୪୭, ଭୁବନେଶ୍ୱର
ଆବିର୍ଭାବ: ୧୯୩୦ ମେ ମାସ, ଅକ୍ଷୟ ତୃତୀୟା,
ତିରୋଧାନ: ୧୯୯୬ ମାର୍ଚ୍ଚ ଦ୍ୱାଦଶୀ
ନନା, ତୁମ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଖରେ ପ୍ରାର୍ଥନା କରୁଛୁ।
ଶୋକସନ୍ତପ୍ତ:-
ପୁଅ ଜୟନ୍ତ, ପ୍ରଶାନ୍ତ, ଝିଅ, ଜ୍ୱାଇଁ, ବୋହୂ, ନାତି, ନାତୁଣୀ, ପରିବାରବର୍ଗ।
ଧ-୩୨୪୧


## ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ବ୍ଲାକ୍ ଆଉଟ୍‌ଫିଟ୍

ଷ୍ଟାଇଲିଶ୍ ଓ ଗ୍ଲାମର୍ସ ଦେଖାଯିବା ପାଇଁ ହେଲେ ପ୍ରଥମେ ନିଜ ଆଉଟ୍‌ଫିଟ୍ ଉପରେ ଧ୍ୟାନଦେବାକୁ ହେବ। ତେବେ ବ୍ଲାକ୍ କଲର ଆଉଟ୍‌ଫିଟ୍ ମୋଟାପଣକୁ କମ୍ ଦେଖାଇଥାଏ। ତେଣୁ ପ୍ଲସ୍ ସାଇଜ୍ ମହିଳା ଏହି ରଙ୍ଗର ବିଭିନ୍ନ ଡିଜାଇନ ଆପଣାଇ ପାରିବେ...

- ବ୍ଲାକ୍ କଲର ଡ୍ରେସ୍ କିଣୁଥିଲେ ପ୍ରିଣ୍ଟେଡ୍‌ର ଲମ୍ବା ଡ୍ରେସ୍ କିଣନ୍ତୁ। ଏଭଳି ଡ୍ରେସ୍ ପିନ୍ଧିଲେ ପତଳା ଦେଖାଯିବେ।
- ଯଦି ହାଇଟ୍ ଠିକ୍ ଥିବ ଓ ପ୍ଲସ୍ ସାଇଜ୍ ହୋଇଥିବ ତା'ହେଲେ ଭର୍ଟିକାଲ ଲାଇନ୍ ପ୍ରିଣ୍ଟଥିବା ଡ୍ରେସ୍ ପିନ୍ଧନ୍ତୁ।
- ବ୍ଲାକ୍‌ର ବେଲ୍ଟ ଡ୍ରେସ୍ ମଧ୍ୟ ପ୍ଲସ୍ ସାଇଜ୍ ମହିଳାଙ୍କୁ ଭଲ ଲାଗିବ। ଏଭଳି ଡ୍ରେସ୍‌ରେ ବଡି ଫ୍ୟାଟ୍ କମ୍ ଲାଗିବ। ତେବେ ମୋଟା ବେଲ୍ଟ ପିନ୍ଧନ୍ତୁ, କିଛି ମାତ୍ରାରେ ପେଟ ଚାପି ହୋଇ ଛୋଟ ଲାଗିବ।
- କଟନ୍ ଓ ଡେନିମ୍ ଫାବ୍ରିକ୍‌ର ଡ୍ରେସ୍ ପିନ୍ଧନ୍ତୁ ନାହିଁ, ଏଥିରେ ଅଧିକ ମୋଟା ଜଣାପଡ଼ିବ।
- ଲାଇଲନ୍ କ୍ରେପ୍ ଓ ଶିଫନ୍ ଭଳି ଫାବ୍ରିକ୍‌ର ଫିଟିଂ ଡ୍ରେସ୍ ପିନ୍ଧନ୍ତୁ, ପତଳା ଦେଖାଯିବେ।
- ବ୍ଲାକ୍ ଶାଢ଼ିରେ ମଧ୍ୟ ମୋଟାପଣକୁ କିଛି ମାତ୍ରାରେ ଲୁଚାଇ ହେବ। ଶାଢ଼ିରେ ମଧ୍ୟ ଭର୍ଟିକାଲ୍ ପ୍ରିଣ୍ଟ ପିନ୍ଧନ୍ତୁ ଅଧିକ ପତଳା ଲାଗିବେ। ତେବେ ଶାଢ଼ି ପିନ୍ଧିବା ସମୟରେ ପେଟିକୋଟ୍ ଠିକ୍ ଭାବେ ବାନ୍ଧନ୍ତୁ ନଚେତ୍ ମୋଟା ଲାଗିବେ।



# ସ୍କୁଲ ପାଇଁ...

ସକାଳୁ ସକାଳୁ ପିଲାଙ୍କୁ ସ୍କୁଲ ନିମନ୍ତେ କିଭଳି ସହଜରେ ପ୍ରସ୍ତୁତି କରାଇବେ ସେନେଇ ଜାଣନ୍ତୁ କିଛି କଥା...



- ପିଲାଙ୍କର ସକାଳୁଆ ସ୍କୁଲ ଥିଲେ ପୂର୍ବଦିନ ରାତିରୁ ହିଁ କିଛି ପ୍ରସ୍ତୁତି କରି ରଖନ୍ତୁ। ଅର୍ଥାତ୍ ପିଲାଙ୍କ ବହିପତ୍ର ସଜାଡ଼ି ରଖିବା, ୟୁନିଫର୍ମ, ପାଣି ବୋତଲକୁ ବାହାରକରି ଏକ ସ୍ଥାନରେ ରଖିବା କାମ କରିଦିଅନ୍ତୁ। ଏମିତିକି ପିଲାଙ୍କୁ କ'ଣ ଟିଫିନ୍ ଦେବେ ସେକଥା ମଧ୍ୟ ପୂର୍ବ ରାତିରୁ ସ୍ଥିରକରି ସବୁ ଜିନିଷ ଅଛି କି ନାହିଁ ଦେଖି ନିଅନ୍ତୁ। ସେହି ଅନୁସାରେ ଯଦି କିଛି ଜିନିଷ ନ ଥାଏ ତେବେ ଆଗୁଆ ଆଣି ରଖିପାରିବେ।
- ସକାଳୁଆ ସ୍କୁଲ ହେଲେ ପିଲାଙ୍କୁ ଉଠାଇବା ସବୁଠୁ କଷ୍ଟ କାମ ହୋଇଥାଏ। ତେଣୁ ସେମାନଙ୍କୁ ଏକ ନିର୍ଦ୍ଦିଷ୍ଟ ସମୟରେ ଉଠାଇବାର ଅଭ୍ୟାସ କରାନ୍ତୁ। ଏହା ବ୍ୟତୀତ ପିଲାଙ୍କୁ ରାତିରେ ଶୀଘ୍ର ଖାଇବାକୁ ଦେଇ ଶୀଘ୍ର ଶୋଇବାର ଅଭ୍ୟାସ କରାନ୍ତୁ।
- ସକାଳୁ ଉଠି କେତେଜଣ ପିଲା ଟିଭି କିମ୍ବା ଫୋନ୍ ଦେଖିବାରେ କିଛି ସମୟ ନଷ୍ଟ କରିଦିଅନ୍ତି। ତେଣୁ ସେମାନଙ୍କର ଏହି ଅଭ୍ୟାସ ବଦଳାଇବା ପାଇଁ ତାଙ୍କ ଉପରେ ଦୃଷ୍ଟି ରଖନ୍ତୁ। କେଉଁ କାମକୁ କେତେ ଶୀଘ୍ର କରିପାରିବେ ସେନେଇ ପରାମର୍ଶ ବି ଦିଅନ୍ତୁ।
- ପିଲାଙ୍କୁ ମଧ୍ୟ ସେମାନଙ୍କ କାମ କରିବା ପାଇଁ ଶିଖାନ୍ତୁ।

# ଭିନ୍ନତାରେ ସମତା





ଏକ ମଧୁର ବନ୍ଧନର ଅନୁଭୂତି ଦେଇଥାଏ ବିବାହ। ଦୁଇଟି ପରିବାର ଭିତରେ ଗଢ଼ିହୁଏ ଏକ ମଜଭୁତ ସମ୍ପର୍କ। ହେଲେ ଭିନ୍ନ ପରମ୍ପରା ଆଉ ସଂସ୍କୃତି ଯୋଗୁଁ କେତେକ କ୍ଷେତ୍ରରେ ଖାପଖୁଆଇବାକୁ ପଡିଥାଏ। ଏଥିପାଇଁ ଲାଇଫ୍‌ଷ୍ଟାଇଲ୍‌ରେ କିଛି ପରିବର୍ତ୍ତନକୁ ସାମ୍ନା କରିବାକୁ ପଡ଼ିଥାଏ ମହିଳାଙ୍କୁ। ଚଳଣିକୁ ଗ୍ରହଣ କରିନେଲେ ହିଁ ସମସ୍ୟା ଆପେ ଦୂରେଇ ଯିବ...

ପାରିବାରିକ ଚାଲିଚଳନ, କଥାବାର୍ତ୍ତା ଆଉ ସଂସ୍କୃତି ସମସ୍ତଙ୍କ ପାଇଁ ଭିନ୍ନ ହୋଇଥାଏ। ତେଣୁ ବିବାହ ପରେ ନାରୀମାନଙ୍କୁ ଅନେକ କିଛି ପରିବର୍ତ୍ତନର ସାମ୍ନା କରିବାକୁ ପଡ଼ିଥାଏ। ଆଉ ସେହି ଅନୁସାରେ ନିଜ ଲାଇଫ୍‌ଷ୍ଟାଇଲ୍ ବଦଳାଇବାକୁ ବି ପଡ଼ିଥାଏ।

ଲାଳନପାଳନ, ଚାଲିଚଳନ ଓ କଥାବାର୍ତ୍ତା, ପର୍ବପର୍ବାଣି ସଂସ୍କୃତି କ୍ଷେତ୍ରରେ ଅନେକ କିଛି ଭିନ୍ନତା ରହିଥାଏ ସବୁ ପରିବାର ଭିତରେ। ସେଥିପାଇଁ ତ ବିବାହ ପରେ ଶାଶୁଘରକୁ ଯିବା ପରେ ଝିଅଟିଏ ବହୁ କିଛି ପରିବର୍ତ୍ତନକୁ ସାମ୍ନା କରିଥାଏ। ଧୀରେ ଧୀରେ ଶାଶୁଘରର ଚାଲିଚଳନକୁ ଆପଣାଇ ସେମାନଙ୍କ ପରମ୍ପରାରେ ସାମିଲହେବାର ଚେଷ୍ଟା ଚଳାଇଥାଏ। ତେବେ ବିବାହ ପରେ ନୂଆ ପରିବାରର ଲାଇଫ୍‌ଷ୍ଟାଇଲକୁ ଆପଣାଇ ସମ୍ପର୍କକୁ ନିବିଡ଼ କରିବାକୁ ଚାହୁଁଥିଲେ କିଛି ଦିଗ ପ୍ରତି ବିଶେଷଭାବରେ ଦୃଷ୍ଟିଦେବାକୁ ହେବ। ବେଳେବେଳେ ଚାଲିଚଳନଠାରୁ ଆରମ୍ଭକରି ଖାଇବା, ପିଇବାରେ ମଧ୍ୟ ଅନେକ ପ୍ରକାର ଭିନ୍ନତାକୁ ସାମ୍ନାକରିବାକୁ ପଡ଼େ ଗୃହିଣୀମାନଙ୍କୁ। ସେହି କ୍ଷେତ୍ରରେ ସାମାନ୍ୟ ଭୁଲ୍ ପଦକ୍ଷେପ ବି ପାରିବାରିକ ସମ୍ପର୍କରେ ବହୁ ସମସ୍ୟା ସୃଷ୍ଟି କରିଥାଏ। ଏହି କ୍ଷେତ୍ରରେ କିଭଳି ନିଜକୁ ଆଡ୍‌ଜଷ୍ଟ କରିବେ ସେନେଇ କେତେକ ଦିଗ ଉପରେ ଦୃଷ୍ଟିଦେବାକୁ ହେବ।



**ଖୋଲା ଆଲୋଚନା:** ନୂଆ ପରିବାରକୁ ଆସିଲେ ପ୍ରଥମେ ବୋହୂଟିଏ ସେହି ଘରର ସଂସ୍କୃତି ଓ ପରମ୍ପରା ସମ୍ପର୍କରେ ଠିକ୍ ଭାବରେ ଜାଣି ନ ଥାଏ। ତେଣୁ ସେହି କ୍ଷେତ୍ରରେ କୌଣସି ଉତ୍ସବ ଅଥବା କାର୍ଯ୍ୟକ୍ରମ ଥିଲେ ଆଗୁଆ ଘର ଲୋକଙ୍କ ସହ କଥାବାର୍ତ୍ତା ହୋଇ କ'ଣ ସବୁ କରିବାକୁ ହେବ ଜାଣିରଖିବା ଦରକାର। ବିଶେଷକରି ନିଜ ପାର୍ଟନରଙ୍କ ସହ ଏନେଇ କଥା ହୋଇ ସବୁ ବିଷୟକୁ ବୁଝିବାକୁ ହେବ। କେଉଁଭଳି ବ୍ୟବହାର କଲେ ପରିବାରରେ ସମସ୍ତେ ଖୁସି ହୋଇ ଗ୍ରହଣ କରିପାରିବେ ସେଥିପାଇଁ ନିଜକୁ ପ୍ରସ୍ତୁତ କରିବାକୁ ହେବ। ତେଣୁ ନିଜର ଅଜ୍ଞତା ବିଷୟରେ ଆଗୁଆ ଖୋଲାଖୋଲି ଆଲୋଚନା କରି କିଭଳି ପ୍ରସ୍ତୁତି କରିବେ ଜାଣିରଖନ୍ତୁ।

**ସାଂସ୍କୃତିକ ଭିନ୍ନତାକୁ ଗ୍ରହଣ କରନ୍ତୁ:** ବିବାହ ପରେ ଅନ୍ୟ ଏକ ପରିବାରକୁ ଆସି ସେହି ପରିବାରର ପର୍ବପର୍ବାଣି ସମ୍ପର୍କରେ କେବଳ ଜାଣିବା ଯଥେଷ୍ଟ ନୁହେଁ, ନିଜକୁ ସେହି ଅନୁସାରେ ପ୍ରସ୍ତୁତ କରିବା ଅଧିକ ଗୁରୁତ୍ୱପୂର୍ଣ୍ଣ। ଅର୍ଥାତ୍ ଶାଶୁଘରର ପରମ୍ପରାକୁ ଆପଣାଇ ସାଂସ୍କୃତିକ କାର୍ଯ୍ୟକ୍ରମରେ ନିଜକୁ ସାମିଲ କରିବା ଦରକାର। ଯଦି ଘରେ କୌଣସି ଉତ୍ସବ ହେଉଥାଏ ତେବେ ସେଥିରେ ନିଜକୁ ସାମିଲ କରି ଖୁସି ହୁଅନ୍ତୁ। ଏପରି ହେଲେ ନିଜେ ଖୁସିହେବା ସହ ପରିବାରର ଅନ୍ୟମାନଙ୍କୁ ମଧ୍ୟ ଖୁସି ଦେଇପାରିବେ।

**ଶିଖିବାର ପ୍ରୟାସ:** ସବୁ ପରିବାରରେ ଖାଦ୍ୟପେୟକୁ ନେଇ ମଧ୍ୟ କିଛି ପାର୍ଥକ୍ୟ ରହିଥାଏ। ସମାନ ଖାଦ୍ୟକୁ ହୁଏତ ସେଠାରେ ଭିନ୍ନ ଢଙ୍ଗରେ ପ୍ରସ୍ତୁତ କରାଯାଇପାରେ। ତେଣୁ ବିବାହ ପୂର୍ବରୁ ନିଜ ଘରର ରୋଷେଇ ଷ୍ଟାଇଲ୍‌କୁ ସେଠାରେ ପ୍ରୟୋଗ ନ କରିବା ଭଲ। ପର୍ବପର୍ବାଣିଗୁଡ଼ିକରେ ତିଆରି ହେଉଥିବା ପିଠାପଣା କିମ୍ବା ଅନ୍ୟ ରୋଷେଇ ସବୁ ଶିଖିବାକୁ ଚେଷ୍ଟା କରନ୍ତୁ। ଏପରି ହେଲେ ପରସ୍ପର ମଧ୍ୟରେ ସମ୍ପର୍କ ଅଧିକ ମଜଭୁତ ହେବ। ଅବଶ୍ୟ ଅନ୍ୟ ଜଣଙ୍କ ଲାଇଫ୍‌ଷ୍ଟାଇଲକୁ ଏତେ ଶୀଘ୍ର ଆପଣେଇବାକୁ ବହୁ ସମୟ ଲାଗିଥାଏ। କିନ୍ତୁ ଏ ଦିଗରେ ଶିଖିବା ପାଇଁ ନିଜର ଆଗ୍ରହ ହିଁ ସମସ୍ତଙ୍କୁ ପ୍ରଭାବିତ କରିବା ସହ ଆପଣାର କରିଥାଏ।

**ଧୈର୍ଯ୍ୟ ଜରୁରୀ:** ଭିନ୍ନ ପରମ୍ପରାକୁ ଆପଣାଇବାକୁ ଗୃହିଣୀମାନଙ୍କର ଧୈର୍ଯ୍ୟ ରହିବା ଜରୁରୀ। ସବୁ ପରିସ୍ଥିତିରେ ନିଜକୁ ସାମିଲକରିବା ସହ ନିଜର ଇଚ୍ଛା ଓ ଅନିଚ୍ଛାକୁ ମଧ୍ୟ ଭୁଲିବାକୁ ହେବ। ଆମର ଚଳଣି ଏମିତି, ମୁଁ ଏମିତି ଶିଖିଛି ଏପରି କହି ହଠାତ୍ କିଛି ବଦଳାଇବାକୁ ଚେଷ୍ଟା କରନ୍ତୁ ନାହିଁ। ପରିବର୍ତ୍ତନ ବଦଳରେ ଗ୍ରହଣ କରିବା ଉପରେ ଅଧିକ ଜୋର୍ ଦିଅନ୍ତୁ। ଏପରି ସ୍ଥଳେ ନିଜକୁ କଷ୍ଟ ଲାଗିଲେ ବି ଧୈର୍ଯ୍ୟର ସହ ସାମ୍ନା କରିବା ଦରକାର। ଏହା ବ୍ୟତୀତ ନିଜକୁ ଶାଶୁଘରର ପରମ୍ପରାରେ ସାମିଲକରିବା ସହ ବାପଘର ଲୋକଙ୍କୁ ମଧ୍ୟ ନୂଆ ପରମ୍ପରା ସମ୍ପର୍କରେ ଜଣାନ୍ତୁ। ଦରକାର ହେଲେ ସେମାନଙ୍କୁ ମଧ୍ୟ ଶାଶୁଘରର କାର୍ଯ୍ୟକ୍ରମରେ ସାମିଲ କରିବା ପାଇଁ ସୁଯୋଗ ଦିଅନ୍ତୁ। ଏପରି ହେଲେ ଦୁଇ ପରିବାର ମଧ୍ୟରେ ସମ୍ପର୍କ ଭଲ ହୋଇପାରିବ।

## ଏମାନେ କ'ଣ କରନ୍ତି

### ଏବେ ସବୁ କରିପାରୁଛି



ଶାଶୁଘରକୁ ଆସିବା ପରେ ମତେ ବହୁ କିଛି ଭିନ୍ନତାକୁ ସାମ୍ନା କରିବାକୁ ପଡ଼ିଥିଲା। ପ୍ରଥମରୁ କିଛି ଜାଣି ନ ଥିଲି। ପ୍ରାୟ ବର୍ଷେ ଯାଏ ସବୁ ସମୟରେ କେବଳ ଲକ୍ଷ୍ୟ କରୁଥିଲି ଓ ବଡ଼ମାନଙ୍କୁ ସାହାଯ୍ୟ କରୁଥିଲି। ପରେ ଧୀରେ ଧୀରେ ନିଜେ ଦାୟିତ୍ୱ ନେଇ କାମ ଆରମ୍ଭ କରିଥିଲି। ଆଉ ଏବେ ଏଠାକାର ସବୁ ପରମ୍ପରା ଓ ସଂସ୍କୃତିକୁ ଆପଣାଇ ନେଇଛି। କେଉଁ ଉତ୍ସବ ସମୟରେ କ'ଣ କରିବାକୁ ହେବ ଏବେ ସେସବୁ ପାଇଁ ଆଗୁଆ ପ୍ରସ୍ତୁତି କରି ଦେଉଛି। ସେଥିପାଇଁ ଶାଶୁଘରେ ସମସ୍ତେ ଖୁସି।

– *ସୀମା ପାଣି*, ଗୃହିଣୀ, ଚକେଇସିହାଣୀ, ଭୁବନେଶ୍ୱର

### ଅଧିକ ଭିନ୍ନତା ନ ଥିଲା



ସେମ୍ କାଷ୍ଟରେ ମ୍ୟାରେଜ୍ ହୋଇଥିବାରୁ ଶାଶୁଘରେ ପ୍ରାୟ ସବୁ ପରମ୍ପରା ଏକାଭଳି। କିନ୍ତୁ ଖାଇବା, ପିଇବା ଓ ପୂଜାପଦ୍ଧତିକୁ ନେଇ କିଛିଟା ଭିନ୍ନତା ଥିଲା। ସେସବୁ କିଛି ଅସୁବିଧା ଭଳି ଲାଗି ନ ଥିଲା। କାହିଁକିନା ଗୋଟେ ଥର ପୂଜା କାମରେ ଶାଶୁଙ୍କ ପାଖରେ ରହିବା ପରେ ତା' ପରଠାରୁ ସବୁକିଛି ନିଜେ କରିପାରିଥିଲି। ମତେ ଅସୁବିଧା ହୋଇଥିଲା କେବଳ ଲୋକଙ୍କ ସହ ମିଶିବାରେ। ବନ୍ଧୁବାନ୍ଧବ ଓ ଗୁରୁଜନଙ୍କ ମଧ୍ୟରୁ କାହା ସହ କିଭଳି କଥା ହେବାକୁ ପଡ଼ିବ ଓ କିଭଳି ଦେବାନେବା କରିବାକୁ ହେବ ସେନେଇ ଚଳଣି ଶିଖିବାରେ ମତେ ଟିକେ ବେଶି ସମୟ ଲାଗିଥିଲା। ହେଲେ ଏବେ ଶାଶୁଙ୍କ ଭଳି ସମସ୍ତଙ୍କ ସହ ଭଲ ସମ୍ପର୍କ ରଖିବାରେ ସମର୍ଥ ହୋଇଛି। ସେଥିପାଇଁ ସମସ୍ତେ ମତେ ପ୍ରଶଂସା ବି କରନ୍ତି।

– *ସୁସ୍ମିତା ସାହୁ*, ଗୃହିଣୀ, ମହାନଦୀବିହାର, କଟକ







# ସୁନ୍ଦରତା ବଢ଼ାଏ ବେଲପତ୍ର



ପୂଜା ପାଇଁ ବ୍ୟବହୃତ ହେଉଥିବା ବେଲପତ୍ରକୁ ସୌନ୍ଦର୍ଯ୍ୟ ଉପଚାରରେ ମଧ୍ୟ ବ୍ୟବହାର କରିହେବ। ତ୍ୱଚାରୁ ଆରମ୍ଭ କରି କେଶର ବିଭିନ୍ନ ସମସ୍ୟାକୁ ବେଲପତ୍ର ବ୍ୟବହାର କରି ସମାଧାନ କରିହେବ...

- ତ୍ୱଚାରେ ଯଦି ବିଭିନ୍ନ ପ୍ରକାର ଦାଗ ରହିଥାଏ ଅଥବା କୁଣ୍ଡାଇ ହେଉଥାଏ ତେବେ ବେଲପତ୍ରକୁ ବାଟି ସେହି ସ୍ଥାନରେ ଲଗାନ୍ତୁ। କିଛିଦିନ ପରେ ଏହି ସମସ୍ୟା ରହିବ ନାହିଁ। ଏହା ବ୍ୟତୀତ ଯଦି ଦେହରୁ ଝାଳ ଗନ୍ଧ ହେଉଥାଏ ତେବେ କିଛିଦିନ ପର୍ଯ୍ୟନ୍ତ ବେଲପତ୍ରକୁ ବାଟି ଲଗାନ୍ତୁ। ଏହା ସହ ସ୍ନାନ ସମୟରେ ବେଲପତ୍ରର ତେଲକୁ ଲଗାନ୍ତୁ।
- ଯଦି କେଶ ଝଡ଼ିବାର ସମସ୍ୟା ରହିଥାଏ ତେବେ ବେଲପତ୍ର ରସ ପ୍ରତିଦିନ ପିଅନ୍ତୁ। ଏହା ସହ ବେଲପତ୍ରକୁ ବାଟି ସେଥିରେ ୧ ଚାମଚ ମହୁ ମିଶାଇ କେଶ ମୂଳରେ ଲଗାନ୍ତୁ। କିଛି ଘଣ୍ଟା ରଖିବା ପରେ କେଶ ଧୋଇ ଦିଅନ୍ତୁ। କିଛିଦିନ ଏପରି କରିବା ଫଳରେ କେଶ ଝଡ଼ିବା କମ୍ ହେବା ସହ କେଶ ଅଧିକ କୋମଳ ହୋଇଯିବ।
- କେଶରେ ଯଦି ରୂପି ସମସ୍ୟା ରହିଥାଏ ତେବେ ବେଲପତ୍ରକୁ ବାଟି ରସ ବାହାରକରି ଦିଅନ୍ତୁ। ଏବେ ଏଥିରେ ଅଳ୍ପ କର୍ପୂର ଓ ରାଶି ତେଲ ମିଶାଇ କେଶ ମୂଳରେ ଲଗାନ୍ତୁ। ପ୍ରାୟ ୧ ଘଣ୍ଟା ପରେ କେଶ ଧୋଇଦିଅନ୍ତୁ। ନିୟମିତ ଏପରି କରିବା ଫଳରେ ରୂପି ସମସ୍ୟା ଦୂର ହୋଇଯିବ।
- ବେଲପତ୍ରରେ ବହୁ ଔଷଧୀୟ ଗୁଣ ରହିଛି। ତେଣୁ ଶରୀରର କୌଣସି ସ୍ଥାନରେ ଯଦି ଧଳାଦାଗର ସମସ୍ୟା ରହିଥାଏ ତେବେ ବେଲପତ୍ର ବ୍ୟବହାର କରିହେବ। ଏଥିପାଇଁ ବେଲପତ୍ରକୁ ବାଟି ଅଧଘଣ୍ଟା ପର୍ଯ୍ୟନ୍ତ ସେହି ସ୍ଥାନରେ ଲଗାନ୍ତୁ। ଏହାପରେ ଧୋଇଦିଅନ୍ତୁ। କିଛିଦିନ ପରେ ଧଳାଦାଗ ଦୂରହେବା ସହ ତ୍ୱଚା ଅଧିକ କୋମଳ ହୋଇପାରିବ।



## ଖାଦ୍ୟରୁଚି

# ସୋୟା କଟ୍‌ଲେଟ୍

**ଆବଶ୍ୟକ ସାମଗ୍ରୀ**

ସୋୟାବିନ୍– ୫୦ ଗ୍ରାମ୍, ଆଳୁ– ୫୦ ଗ୍ରାମ୍ (ସିଝା), ଗରମ ମସଲା– ଅଧା ଚାମଚ, ଧନିଆପତ୍ର– ଅଳ୍ପ, ଗୋଲମରିଚ ଗୁଣ୍ଡ– ଅଳ୍ପ, ଗାଜର– ୨ ବଡ଼ ଚାମଚ (କଟା), ବ୍ରେଡ୍ ଗୁଣ୍ଡ– ଅଳ୍ପ, ବେସନ– ୨ ଚାମଚ, ରସୁଣ– ୧ ଚାମଚ (କଟା), ଆବଶ୍ୟକ ଅନୁସାରେ ଲୁଣ, ହଳଦୀ ଓ ତେଲ।

**ପ୍ରସ୍ତୁତି ପ୍ରଣାଳୀ–** ପ୍ରଥମେ ସୋୟାବିନ୍‌କୁ ଗରମପାଣିରେ କିଛି ସମୟ ଭିଜାଇ କାଢ଼ି ରଖନ୍ତୁ। ଆଳୁକୁ ସିଝାଇ ସେଥିରୁ ଚୋପାର ବାହାର କରିଦିଅନ୍ତୁ। ଗାଜରକୁ ଛୋଟ ଛୋଟ କାଟି ରଖନ୍ତୁ। ଏକ ପାତ୍ରରେ ପ୍ରଥମେ ବେସନରେ ଲୁଣ ଓ ପାଣି ମିଶାଇ ଏକ ଗାଢ଼ ଘୋଳ ପ୍ରସ୍ତୁତ କରନ୍ତୁ। ଏହାପରେ ଅନ୍ୟ ଏକ ପାତ୍ରରେ ସିଝା ଆଳୁ ସହ କଟା ଗାଜର ଓ ଅନ୍ୟ ସମସ୍ତ ମସଲାଗୁଣ୍ଡ, ଲୁଣ, ହଳଦୀ ଆଦି ପକାନ୍ତୁ। ସୋୟାବିନ୍‌କୁ ଛୋଟ ଛୋଟ କରି ଏଥିରେ ପକାଇ ଭଲଭାବେ ଚକଟି ନିଅନ୍ତୁ। ଏହି ମିଶ୍ରଣକୁ ହାତରେ ଛୋଟ ଛୋଟ ଗୋଲକରି ରଖନ୍ତୁ। ଏହାପରେ ଛାଣିବା ପାଇଁ କଡ଼େଇରେ ତେଲ ଗରମ କରନ୍ତୁ। ତେଲ ଭଲଭାବେ ଗରମ ହୋଇଗଲେ ପ୍ରସ୍ତୁତ ହୋଇଥିବା ମିଶ୍ରଣକୁ ପ୍ରଥମେ ବେସନ ଘୋଳରେ ବୁଡ଼ାଇ ତା'ପରେ ବ୍ରେଡ୍ ଗୁଣ୍ଡରେ ଗଡ଼ାଇ ଛାଣିନିଅନ୍ତୁ। ଏବେ ଏହି କଟ୍‌ଲେଟଗୁଡ଼ିକୁ ଚଟଣି କିମ୍ବା ସସ୍ ସହ ଖାଆନ୍ତୁ।



ଧରିତ୍ରୀ DHARITRI 51 Years

www.orissakhabar.com/ www.dharitri.com ପୃଷ୍ଠା ୧୨ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ମଙ୍ଗଳବାର, ମାର୍ଚ୍ଚ ୧୧/୨୦୨୫ Bhubaneswar, Tuesday, March 11/ 2025

# ପୁରସ୍କାର ଦୌଡ଼ରେ ଓଡ଼ିଶାର ଅମିତ, ସୁନେଲିତା

ନୂଆଦିଲ୍ଲୀ, ୧୦।୩ (ପି.ଟି.)

ହକି ଇଣ୍ଡିଆ ଏହାର ବାର୍ଷିକ ପୁରସ୍କାର ଉତ୍ସବ ପାଇଁ ରେକର୍ଡ ୧୨ କୋଟି ଟଙ୍କାର ପୁରସ୍କାର ରାଶି ଘୋଷଣା କରିଛି। ଏଥର ୭ଟି ବିଭାଗରେ ୩୨ଜଣ ଖେଳାଳିଙ୍କୁ ପୁରସ୍କୃତ କରାଯିବ। ଏହି ଇଭେଣ୍ଟ ଏଠାରେ ଶନିବାର ଅନୁଷ୍ଠିତ ହେବ। ୨୦୨୪ ସିଜନରେ ଉଚ୍ଚକୋଟୀର ପ୍ରଦର୍ଶନ କରିଥିବା ଖେଳାଳିଙ୍କୁ ପୁରସ୍କୃତ କରାଯିବ। ବର୍ଷର ଶ୍ରେଷ୍ଠ ପୁରୁଷ ଓ ମହିଳା ଖେଳାଳିଙ୍କୁ ମର୍ଯ୍ୟାଦାପୂର୍ଣ୍ଣ ବଲବୀର ସିଂ ସିନିୟର ପୁରସ୍କାର ପ୍ରଦାନ କରାଯିବ। ଯୁବ ଖେଳାଳିଙ୍କୁ ଉତ୍ସାହିତ କରିବା ଲାଗି

**ହକି ଇଣ୍ଡିଆ ବାର୍ଷିକ ପୁରସ୍କାର**

ମଧ୍ୟ ପୁରସ୍କାର ବ୍ୟବସ୍ଥା କରାଯାଇଛି। ଏହି କାଟେଗୋରିରେ ଅପ୍ କମିଙ୍ଗ ପ୍ଲେୟର ଅଫ୍ ଦି ଇୟର (ପୁରୁଷ) ଏବଂ ଅପ୍ କମିଙ୍ଗ ପ୍ଲେୟର ଅଫ୍ ଦି ଇୟର (ମହିଳା) ପାଇଁ ଅସୁନ୍ତା ଲାକ୍ରା ପୁରସ୍କାର ପ୍ରଦାନ କରାଯିବ। ଏହା ବ୍ୟତୀତ ବିଭିନ୍ନ ପୋଜିଶନରେ ଭଲ ପ୍ରଦର୍ଶନ କରିଥିବା ଖେଳାଳି ଯଥା ଗୋଲ୍‌କିପର ଅଫ୍ ଦି ଇୟର ପାଇଁ ବଲ୍‌ଜିତ ସିଂ ପୁରସ୍କାର, ଡିଫେଣ୍ଡର ଅଫ୍ ଦି ଇୟର ପାଇଁ ପରଗତ ସିଂ ପୁରସ୍କାର, ମିଡ୍‌ଫିଲ୍‌ଡର ଅଫ୍ ଦି ଇୟର ପାଇଁ ଅଜିତ ପାଲ୍ ସିଂ ପୁରସ୍କାର ଏବଂ ଫରୱାର୍ଡ ଅଫ୍ ଦି ଇୟର ପାଇଁ ଧନରାଜ ପିଲ୍ଲେ ପୁରସ୍କାର



ଅମିତ ରୋହିଦାସ



ସୁନେଲିତା ଟପ୍ପୋ

ପ୍ରଦାନ କରାଯିବ। ଓଡ଼ିଶାର ଅମିତ ରୋହିଦାସ ପୁରୁଷ ଡିଫେଣ୍ଡର ଅଫ୍ ଦି ଇୟର ପୁରସ୍କାର ଦୌଡ଼ରେ ରହିଛନ୍ତି। ମହିଳା ବିଭାଗ ଅପ୍ କମିଙ୍ଗ ପ୍ଲେୟର ଅଫ୍ ଦି ଇୟର ସମ୍ଭାବ୍ୟ ତାଲିକାରେ ଓଡ଼ିଶାର ସୁନେଲିତା ଟପ୍ପୋ ସ୍ଥାନ ପାଇଛନ୍ତି। ୧୯୭୫ରେ ଭାରତୀୟ ପୁରୁଷ ଦଳ ଯେଉଁ ଦିନ ଏହାର ପ୍ରଥମ ଏବଂ ଏକମାତ୍ର ବିଶ୍ୱକପ୍ ହାସଲ କରିଥିଲା, ତାହାର ୫୦ବର୍ଷ ପୂର୍ତ୍ତି ଅବସରରେ ସେହିଦିନ ଏଥର ବାର୍ଷିକ ପୁରସ୍କାର କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି। ଏହାଛଡ଼ା ୨୦୨୫ରେ ଭାରତୀୟ ହକିର ୧୦୦ବର୍ଷ ପୂରଣ ହେଉଛି। ୧୯୨୫ ନଭେମ୍ବର ୭ରେ ଦେଶ ଅନ୍ତର୍ଜାତୀୟ ହକି ମହାସଂଘ(ଏଫ୍‌ଆଇଏଚ୍) ଦ୍ୱାରା ସ୍ୱୀକୃତି ଲାଭ କରିଥିଲା। ଶନିବାର ଆହୁରି ମଧ୍ୟ ଗତବର୍ଷ ଏସିଆନ ଚାମ୍ପିୟନ୍ସ ଟ୍ରଫି ଜିତିଥିବା ପୁରୁଷ ଓ ମହିଳା ଦଳ ସହିତ ଭାରତର ଅଲିମ୍ପିକ ବ୍ରୋଞ୍ଜ ବିଜୟୀ ଦଳକୁ ସମ୍ବର୍ଦ୍ଧିତ କରାଯିବ। ପୁରସ୍କାର ବିତରଣ ଉତ୍ସବରେ ଜୁନିୟର ଏସିଆ କପ୍ ବିଜୟୀ ପୁରୁଷ ଓ ମହିଳା ଦଳକୁ ମଧ୍ୟ ସମ୍ମାନିତ କରାଯିବ। ଏହି ପରିପ୍ରେକ୍ଷୀରେ ହକି ଇଣ୍ଡିଆ ସଭାପତି ଦିଲୀପ ତିର୍କୀ କହିଛନ୍ତି, ହକି ଇଣ୍ଡିଆର ୭ମ ବାର୍ଷିକ ପୁରସ୍କାର ଉତ୍ସବ ଭାରତୀୟ ହକିରେ ରହିଥିବା ଅସାଧାରଣ ପ୍ରତିଭାଙ୍କ ଏକ ଉତ୍ସବ। ଏହା କେବଳ ବ୍ୟକ୍ତିଗତ ସଫଳତାକୁ ସ୍ୱୀକୃତି ଦେବା ନୁହେଁ ବରଂ ୨୦୨୪ରେ ଭାରତୀୟ ହକିର ସାମୂହିକ ଭାବନାକୁ ସମ୍ମାନ ଦେବା।

### ହକି ଇଣ୍ଡିଆ ପୁରସ୍କାର ଦୌଡ଼ରେ ଥିବା ଖେଳାଳି

**ଗୋଲ୍‌କିପର ଅଫ୍ ଦି ଇୟର:** ବିଚୁ ଦେବୀ ଖରିବାମ୍, କ୍ରିଷନ ବାହାଦୁର ପାଠକ, ପି.ଆର. ଶ୍ରୀଜେସ ଓ ସବିତା।

**ଡିଫେଣ୍ଡର ଅଫ୍ ଦି ଇୟର:** ସଞ୍ଜୟ, ଅମିତ ରୋହିଦାସ, ହରମନପ୍ରୀତ ସିଂ ଓ ଉଦିତା।

**ମିଡ୍‌ଫିଲ୍ଡର ଅଫ୍ ଦି ଇୟର:** ଜର୍ମନପ୍ରୀତ ସିଂ, ହାର୍ଦ୍ଦିକ ସିଂ, ନୀଳକାନ୍ତ ଶର୍ମା ଓ ସୁମିତ।

**ଫରୱାର୍ଡ ଅଫ୍ ଦି ଇୟର:** ଲାଲରେମସିଆମି, ଅଭିଷେକ, ସୁଖଜିତ ସିଂ ଓ ନବନୀତ କୌର।

**ଅପ୍ କମିଙ୍ଗ ପ୍ଲେୟର ଅଫ୍ ଦି ଇୟର** (୨୧ ବର୍ଷରୁ କମ୍ ମହିଳା): ବିୟୁଟି ଡୁଙ୍ଗ୍‌ଡୁଙ୍ଗ୍, ଦୀପିକା, ବୈଷ୍ଣବୀ ବିଥାଲ ଫାଲ୍‌କେ ଓ ସୁନେଲିତା ଟପ୍ପୋ।

**ଅପ୍ କମିଙ୍ଗ ପ୍ଲେୟର ଅଫ୍ ଦି ଇୟର** (୨୧ ବର୍ଷରୁ କମ୍ ପୁରୁଷ): ଅର୍ଶଦୀପ ସିଂ, ଅମିର ଅଲି, ଶ୍ରଦ୍ଧାନନ୍ଦ ତିୱାରୀ, ଅରାଇଜିତ୍ ସିଂ ହୁଣ୍ଡାଲ।

**ପ୍ଲେୟର ଅଫ୍ ଦି ଇୟର** (ମହିଳା): ସବିତା ପୁନିଆ, ସାଲିମା ଟେଟେ, ସଙ୍ଗିତା କୁମାରୀ ଓ ନବନୀତ କୌର।

**ପ୍ଲେୟର ଅଫ୍ ଦି ଇୟର** (ପୁରୁଷ): ଅଭିଷେକ, ହାର୍ଦ୍ଦିକ ସିଂ, ହରମନପ୍ରୀତ ସିଂ ଓ ସୁଖଜିତ ସିଂ।

# ଆଇସିସି ନିକଟରେ ପ୍ରତିବାଦ କରିବ ପିସିବି

ଲାହୋର,୧୦।୩(ପି.ଟି.)

ଦୁବାଇଠାରେ ଅନୁଷ୍ଠିତ ଆଇସିସି ଚାମ୍ପିୟନ୍ସ ଟ୍ରଫିର ଉଦ୍‌ଯାପନୀ ଉତ୍ସବରେ ପାକିସ୍ତାନ କ୍ରିକେଟ ବୋର୍ଡ (ପିସିବି)ର ସିଇଓ ଏବଂ ଟୁର୍ନାମେଣ୍ଟ ଡାଇରେକ୍ଟର ସୁମେର ଅହମ୍ମଦ ସୟଦଙ୍କୁ ଅଣଦେଖା କରାଯାଇଥିଲା। ଏଥିଲାଗି ପିସିବି ଆନୁଷ୍ଠାନିକ ଭାବେ ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି) ନିକଟରେ ପ୍ରତିବାଦ କରିବ। ପୁରସ୍କାର ବିତରଣ ଉତ୍ସବରେ ସୟଦଙ୍କୁ ମଞ୍ଚ ଉପରକୁ ଆମନ୍ତ୍ରଣ କରା ନ ଯିବା ସମ୍ପର୍କରେ ଆଇସିସି ପକ୍ଷରୁ ରଖାଯାଇଥିବା ଉତ୍ତରରେ ପିସିବି ଚେୟାରମ୍ୟାନ ମହସିନ ନକ୍‌ଭି ସନ୍ତୁଷ୍ଟ ନୁହନ୍ତି। ଆଇସିସି ପକ୍ଷରୁ କୁହାଯାଇଥିଲା ଯେ, ପୁରସ୍କାର ବିତରଣ ଲାଗି ନକ୍‌ଭିଙ୍କୁ ମଞ୍ଚ ଉପରକୁ ଆମନ୍ତ୍ରଣ କରିବାକୁ ଯୋଜନା କରାଯାଇଥିଲା। ହେଲେ ଫାଇନାଲ ମ୍ୟାଚ ଲାଗି ସେ ନଜର ନ ଆସିବାରୁ ସେମାନେ ସେମାନଙ୍କ ଯୋଜନାରେ ପରିବର୍ତ୍ତନ କରିଥିଲେ। ଆଇସିସିର ଏହି ଉତ୍ତରକୁ ପ୍ରତ୍ୟାଖ୍ୟାନ କରିବା ସହ ପିସିବି ପକ୍ଷରୁ କୁହାଯାଇଛି ଯେ, ଟୁର୍ନାମେଣ୍ଟ ବେଳେ ଆଇସିସି ଅନେକ ତ୍ରୁଟି କରିଛି। ଭାରତ ଓ ବାଂଲାଦେଶ ମଧ୍ୟରେ ଖେଳାଯାଇଥିବା ମ୍ୟାଚର ପ୍ରସାରଣ ବେଳେ 'ସିଟି୨୦୨୫' ଲୋଗୋରେ ପରିବର୍ତ୍ତନ କରାଯିବା ସହିତ ଲାହୋରରେ ଅଷ୍ଟ୍ରେଲିଆ-ଇଂଲଣ୍ଡ ମ୍ୟାଚରେ ଭାରତୀୟ ଜାତୀୟ ସଂଗୀତ ଲଗାଯିବା ଭଳି ତ୍ରୁଟି ହୋଇଥିଲା। ତେବେ ଆଇସିସି ପକ୍ଷରୁ ଦାବି କରାଯାଇଥିଲା ଯେ, ପ୍ଲେ-ଲିଷ୍ଟ

**ଚାମ୍ପିୟନ୍ସ ଟ୍ରଫି ଉଦ୍‌ଯାପନୀରେ ପିସିବି ପ୍ରତିନିଧିଙ୍କୁ ଅଣଦେଖା ଘଟଣା**

ମିଶି ଯାଇଥିବାରୁ କିଛି ସେକେଣ୍ଡ ପାଇଁ ଭାରତୀୟ ଜାତୀୟ ସଂଗୀତ ବାଜିଥିଲା। ବିସିସିଆଇ ସଭାପତି ରୋଜର ବିନି ଭାରତୀୟ ଖେଳାଳିଙ୍କୁ ଧଳା ଜ୍ୟାକେଟ ଓ ମ୍ୟାଚ ଅଫିସିଆଲଙ୍କୁ ପଦକ ଦେଇଥିଲେ। ଆଇସିସି ଚେୟାରମ୍ୟାନ ଜୟ ଶାହା ଭାରତୀୟ ଦଳର ଅଧିନାୟକ ରୋହିତ ଶର୍ମାଙ୍କୁ ଚାମ୍ପିୟନ୍ସ ଟ୍ରଫି ପ୍ରଦାନ କରିବା ସହ ଚାମ୍ପିୟନ ଦଳର ଖେଳାଳିଙ୍କୁ ପଦକ ପ୍ରଦାନ କରିଥିଲେ। ବିସିସିଆଇ ସମ୍ପାଦକ ଦେବଜିତ ସାଇକିଆ ଓ ନ୍ୟୁଜିଲାଣ୍ଡ କ୍ରିକେଟର ସିଇଓ ରୋଜର ଟୁସେ ମଞ୍ଚରେ ଉପସ୍ଥିତ ଥିଲେ।

### କାରଣ କ'ଣ ?

ଟୁର୍ନାମେଣ୍ଟର ଆୟୋଜକ ହେବା ସତ୍ତ୍ୱେ ପିସିବି ପକ୍ଷରୁ ଫାଇନାଲ ଲାଗି କୌଣସି ନିର୍ବାଚିତ ସଦସ୍ୟ ପଠାଯାଇ ନ ଥିଲା। ପିସିବି ଚେୟାରମ୍ୟାନ ମହସିନ ନକ୍‌ଭି ଉଦ୍‌ଯାପନୀ ଉତ୍ସବ ପାଇଁ ଦୁବାଇ ଯାତ୍ରା କରି ନ ଥିଲେ। ପିସିବି ପକ୍ଷରୁ ଟୁର୍ନାମେଣ୍ଟ ଡାଇରେକ୍ଟର ସୁମେର ଅହମ୍ମଦଙ୍କୁ ପିସିବିର ପ୍ରତିନିଧି ଭାବେ ପଠାଯାଇଥିଲା। କିନ୍ତୁ ନିୟମ ଅନୁଯାୟୀ, ମଞ୍ଚରେ କେବଳ ନିର୍ବାଚିତ ସଦସ୍ୟ କିମ୍ବା ବୋର୍ଡର ଡାଇରେକ୍ଟରମାନେ ଉପସ୍ଥିତ ରହିପାରିବେ। କୌଣସି କର୍ମଚାରୀ ମଞ୍ଚରେ ରହିବାର ଅନୁମତି ନାହିଁ। ଏଥିଯୋଗୁ ଆଣ୍ଡ୍ରେ ରସେଲଙ୍କୁ ମଧ୍ୟ ମଞ୍ଚ ଉପରକୁ ଆମନ୍ତ୍ରଣ କରାଯାଇ ନ ଥିଲା।

# ଓଡ଼ିଶା ଏଫ୍‌ସିର ଭାଗ୍ୟ ନିର୍ଦ୍ଧାରଣ ଆଜି

- ଆଇଏସ୍‌ଏଲ୍ ପ୍ଲେ-ଅଫ୍ ଯୋଗ୍ୟତା
- ବେଙ୍ଗାଲୁରୁକୁ ଭେଟିବ ମୁମ୍ବାଇ ସିଟି ଏଫ୍‌ସି

ଭୁବନେଶ୍ୱର, ୧୦।୩ (ତପନ ସ୍ୱାଇଁ)

ଇଣ୍ଡିଆନ ସୁପର ଲିଗ୍ (ଆଇଏସ୍‌ଏଲ୍)ର ଚଳିତ ସଂସ୍କରଣରେ ଓଡ଼ିଶା ଏଫ୍‌ସି ପ୍ଲେ-ଅଫ୍‌କୁ ଯାଇ ପାରିବ କି ନାହିଁ ତାହା ମଙ୍ଗଳବାର ସ୍ପଷ୍ଟ ହେବ। କାରଣ ବର୍ତ୍ତମାନ ଓଡ଼ିଶା ଏଫ୍‌ସି ସହ ସମାନ ପଏଣ୍ଟରେ ଥିବା ମୁମ୍ବାଇ ସିଟି ଏଫ୍‌ସି ଏହାର ଶେଷ ଲିଗ୍ ମ୍ୟାଚ ବେଙ୍ଗାଲୁରୁ ଏଫ୍‌ସି ବିପକ୍ଷରେ ଖେଳିବ। ଯଦି ମୁମ୍ବାଇ ସିଟି ଏଫ୍‌ସି ଏହି ମ୍ୟାଚ ଜିତେ କିମ୍ବା ଡ୍ର' ରଖେ ତେବେ ପ୍ଲେ-ଅଫ୍ ଯୋଗ୍ୟତା ହାସଲ କରିବ। ଆଉ ଯଦି ପରାଜିତ ହୁଏ ତେବେ ଓଡ଼ିଶା ଏଫ୍‌ସି ପାଇଁ ରାସ୍ତା ଖୋଲିଯିବ। ଶ୍ରେଷ୍ଠ ୬ ଦଳ ମଧ୍ୟରେ ରହି ଓଡ଼ିଶା ଏଫ୍‌ସି ଆଗକୁ ବଢ଼ିବ। ବର୍ତ୍ତମାନ ଓଡ଼ିଶା ଏଫ୍‌ସି ୨୪ଟି ଯାକ ଲିଗ୍ ମ୍ୟାଚ ଖେଳି ସାରିଥିବାବେଳେ ୮ ବିଜୟ, ୯ ଡ୍ର ଓ ୭ ପରାଜୟ ସହ ୩୩ ପଏଣ୍ଟ ପାଇ ୭ମ ସ୍ଥାନରେ ରହିଛି। ଏହି ଦଳ ୪୪ଟି ଗୋଲ ଦେଇଥିବାବେଳେ ୩୭ଟି ବରଣ କରିଛି। ଗୋଲ ବ୍ୟବଧାନ ରହିଛି +୭। ଅନ୍ୟପକ୍ଷରେ ମୁମ୍ବାଇ ସିଟି ଏଫ୍‌ସି ୨୩ ମ୍ୟାଚରୁ ୮ ବିଜୟ, ୯ ଡ୍ର ଓ ୬ ପରାଜୟ ସହ ୩୩ ପଏଣ୍ଟରେ ରହିଛି। ଦଳ ୨୭ଟି ଗୋଲ ଦେଇଥିବାବେଳେ ୨୮ଟି ବରଣ କରିଛି। ଅର୍ଥାତ୍ ଗୋଲ ବ୍ୟବଧାନ -୧ ରହିଛି। ମାତ୍ର ଏହି ଦଳ ଯଦି ଆଗାମୀ ମ୍ୟାଚ ଜିତେ କିମ୍ବା ଡ୍ର ରଖେ ତେବେ ଏହି ପରିସଂଖ୍ୟାନର କୌଣସି ମାନେ ରହିବ ନାହିଁ। ଓଡ଼ିଶା ଏଫ୍‌ସିଠାରୁ ଅଧିକ ପଏଣ୍ଟ ଭିତ୍ତିରେ ଦଳ ପ୍ଲେ-ଅଫ୍‌ରେ ପ୍ରବେଶ କରିବ। ତେଣୁ ବେଙ୍ଗାଲୁରୁ ବିପକ୍ଷ ମୁମ୍ବାଇର ମ୍ୟାଚ ଓଡ଼ିଶା ଏଫ୍‌ସି ପାଇଁ ଅନେକ ଗୁରୁତ୍ୱ ବହନ କରିବ। ମୁମ୍ବାଇ ଦଳ ୨୨ଟି ମ୍ୟାଚରୁ ୩୩ ପଏଣ୍ଟରେ ପହଞ୍ଚି ସାରିଥିଲା। ମାତ୍ର ପୂର୍ବ ମ୍ୟାଚରେ କେରଳ ବ୍ଲାଷ୍ଟର୍ସ ନିକଟରୁ ୦-୧ ଗୋଲରେ ହାରିଯିବାରୁ ଓଡ଼ିଶା ଏଫ୍‌ସିର ଆଶା ଉଜ୍ଜୀବିତ ରହିଛି। ଟେବୁଲର ପ୍ରଥମ ୫ ସ୍ଥାନରେ ଥିବା ମୋହନ ବାଗାନ ସୁପର ଜାଏଣ୍ଟ (୫୬ ପଏଣ୍ଟ), ଏଫ୍‌ସି ଗୋଆ (୪୮), ନର୍ଥ ଇଷ୍ଟ ୟୁନାଇଟେଡ (୩୮), ବେଙ୍ଗାଲୁରୁ ଏଫ୍‌ସି (୩୮) ଓ ଜାମସେଦପୁର ଏଫ୍‌ସି (୩୮) ପ୍ଲେ-ଅଫ୍ ଯୋଗ୍ୟତା ପାଇ ସାରିଛନ୍ତି। ଅବଶିଷ୍ଟ ଗୋଟିଏ ସ୍ଥାନ କେଉଁ ଦଳ ହାସଲ କରିବ ତାହା ଆଗାମୀ ମ୍ୟାଚପରେ ସ୍ପଷ୍ଟ ହୋଇଯିବ। ପ୍ରକାଶ ଯୋଗ୍ୟ ଯେ, ପ୍ରତିଯୋଗିତାର ଗତ ସଂସ୍କରଣରେ ଓଡ଼ିଶା ଏଫ୍‌ସି ୪ର୍ଥ ସ୍ଥାନରେ ରହି ପ୍ଲେ-ଅଫ୍ ଯୋଗ୍ୟତା ସହ ସେମିଫାଇନାଲ ଖେଳିଥିଲା।

# ରାଜ୍ୟଗୋଷ୍ଠୀ କ୍ରୀଡ଼ା ମହାସଂଘର ନାମ ପରିବର୍ତ୍ତନ

**ଲଣ୍ଡନ, ୧୦।୩ (ପି.ଟି.):** କମନୱେଲ୍‌ଥ ଗେମ୍ସ ଫେଡେରେଶନ(ସିଜିଏଫ୍) ଅବା ରାଜ୍ୟଗୋଷ୍ଠୀ କ୍ରୀଡ଼ା ମହାସଂଘର ନାମ ପରିବର୍ତ୍ତନ କରାଯାଇଛି। ଏଣିକି ଏହା କମନୱେଲ୍‌ଥ ସ୍ପୋର୍ଟ୍ସ ଅବା ରାଜ୍ୟଗୋଷ୍ଠୀ କ୍ରୀଡ଼ା ନାମରେ ପରିଚିତ ହେବ। ମାର୍ଚ୍ଚ ୧୦ରେ ରାଜ୍ୟଗୋଷ୍ଠୀ ଦିବସ ଅବସରରେ ଏହା ଘୋଷଣା କରାଯାଇଛି। ରାଜ୍ୟଗୋଷ୍ଠୀ କ୍ରୀଡ଼ା ସିଇଓ କେଟି ସାଡଲିଅର କହିଛନ୍ତି, କ୍ରୀଡ଼ା ମହାସଂଘକୁ ଏକ କ୍ରୀଡ଼ା ଆନ୍ଦୋଳନରେ ପରିଣତ କରିବା ଉଦ୍ଦେଶ୍ୟରେ ଏହା କରାଯାଇଛି। କିନ୍ତୁ ଆଇନଗତ ପରିଚୟ ଦୃଷ୍ଟିରୁ ରାଜ୍ୟଗୋଷ୍ଠୀ କ୍ରୀଡ଼ା ମହାସଂଘ ଅବା 'କମନୱେଲ୍‌ଥ ଗେମ୍ସ ଫେଡେରେଶନ' ଏହାର ନାମ ବଜାୟ ରଖିବ। ଅନ୍ୟପକ୍ଷରେ ରାଜ୍ୟଗୋଷ୍ଠୀ କ୍ରୀଡ଼ାର ପୃଷ୍ଠପୋଷକ କିଙ୍ଗ୍ ଚାର୍ଲ୍ସ ସୋମବାର ରାଜ୍ୟଗୋଷ୍ଠୀ ଦିବସ ଅବସରରେ ବକିଙ୍ଗହାମ୍ ପ୍ୟାଲେସ୍‌ଠାରେ ଗ୍ଲାସ୍‌ଗୋ ୨୦୨୬ ରାଜ୍ୟଗୋଷ୍ଠୀ କ୍ରୀଡ଼ା ଉଦ୍‌ଘାଟନୀ ପାଇଁ କମନୱେଲ୍‌ଥ ସ୍ପୋର୍ଟ୍ସ କିଙ୍ଗ୍ସ ବାଟନ ରିଲେ ବିଧିବଦ୍ଧ ଉନ୍ମୋଚନ କରିଛନ୍ତି। ସେ ପ୍ରଥମ ବାଟନଧାରୀ ସାର୍ କ୍ରିସ୍ ହଏଙ୍କୁ ବାଟନ ହସ୍ତାନ୍ତର କରିଛନ୍ତି। ଏଥିସହିତ ଗ୍ଲାସ୍‌ଗୋ ୨୦୨୬ ଉଦ୍‌ଘାଟନୀ ଉତ୍ସବ ପର୍ଯ୍ୟନ୍ତ ୫୦୦ ଦିନ ଧରି ରିଲେ ଆରମ୍ଭ ହୋଇଛି। ରାଜ୍ୟଗୋଷ୍ଠୀ କ୍ରୀଡ଼ା ପାଇଁ ସବୁଠାରୁ ଅଧିକ ଦିନ ଧରି ଏହି ବାଟନ ରିଲେ ଅନୁଷ୍ଠିତ ହେବ।

# ଚାମ୍ପିୟନ୍ସ ଟ୍ରଫିରେ ଭାରତୀୟ ସ୍ପିନରଙ୍କ କମାଲ




| ଅକ୍ଷର ପଟେଲ | କୁଲଦୀପ ଯାଦବ | ରବୀନ୍ଦ୍ର ଜାଡେଜା | ବରୁଣ ଚକ୍ରବର୍ତ୍ତୀ |
|---|---|---|---|
| ମ୍ୟାଚ: ୫ | ମ୍ୟାଚ: ୫ | ମ୍ୟାଚ: ୫ | ମ୍ୟାଚ: ୩ |
| ଓଭର: ୪୫ | ଓଭର: ୪୬.୩ | ଓଭର: ୪୨ | ଓଭର: ୩୦ |
| ଉଇକେଟ: ୫ | ଉଇକେଟ: ୭ | ଉଇକେଟ: ୫ | ଉଇକେଟ: ୯ |
| ଆଭରେଜ: ୩୯.୨୦ | ଆଭରେଜ: ୩୧.୮୫ | ଆଭରେଜ: ୩୬.୬୦ | ଆଭରେଜ: ୧୫.୧୧ |
| ଇକୋନୋମି: ୪.୩୫ | ଇକୋନୋମି: ୪.୭୯ | ଇକୋନୋମି: ୪.୩୫ | ଇକୋନୋମି: ୪.୫୩ |

# ପାରା ଜୁଡୋ ଆଥ୍‌ଲେଟ୍ ମୋହନଙ୍କୁ ୨ବ୍ରୋଞ୍ଜ



ମୋହନ ସାହୁଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

ଭୁବନେଶ୍ୱର, ୧୦।୩ (ବିଜୟ ରଣା)

ଓଡ଼ିଶାର ଆଦିବାସୀ ଅଧ୍ୟୁଷିତ କଳାହାଣ୍ଡି ଜିଲାର ମୋହନ ସାହୁ ୧୩ତମ ଜାତୀୟ ପାରା ଜୁଡୋ ଚାମ୍ପିୟନଶିପ୍ ୨୦୨୫ରେ ଦୁଇଟି ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ମୋହନ ଜୁନିୟର ଜେଆଇ (୬୬କେଜି) ଓ ସିନିୟର ଜେଆଇ (୬୪କେଜି) ଶ୍ରେଣୀରେ ଏହି ସଫଳତା ପାଇଛନ୍ତି। ବର୍ତ୍ତମାନ ସେ ଉଜ୍‌ବେକିସ୍ତାନର

**ଜାତୀୟ ଚାମ୍ପିୟନଶିପ୍**

ତାସ୍‌କେଣ୍ଟଠାରେ ହେବାକୁଥିବା ଏସିଆନ ପାରା ଜୁଡୋ ଚାମ୍ପିୟନଶିପ୍ ୨୦୨୫ ପାଇଁ ଭାରତୀୟ ଦଳକୁ ପ୍ରତିନିଧିତ୍ୱ କରିବା ଲାଗି ନିଜକୁ ପ୍ରସ୍ତୁତ କରୁଛନ୍ତି। ବେଦାନ୍ତ ଆଲୁମିନିୟମଠାରୁ ତାଙ୍କୁ ଯୋଉଁ ପ୍ରୋତ୍ସାହନ ଓ ସହାୟତା ମିଳିଛି ସେଥି ପାଇଁ ସେ କୃତଜ୍ଞ। କାରଣ ଏଥିଯୋଗୁ ସେ ବର୍ତ୍ତମାନ ଉଚ୍ଚସ୍ତର ପ୍ରତିଯୋଗିତାରେ ଭାଗ ନେବାଲାଗି ଆତ୍ମ ବିଶ୍ୱାସ ଆଣି ଦେଇଛି। ଏହି ଅବସରରେ ବେଦାନ୍ତ ଆଲୁମିନିୟରର ଚିଫ୍ ଅପରେଟିଂ ଅଫିସର ସୁନିଲ ଗୁପ୍ତା କହିଛନ୍ତି, ସ୍ଥାନୀୟ ପ୍ରତିଭାଙ୍କୁ ବିକଶିତ କରିବାରେ ତାଙ୍କ କମ୍ପାନୀର ଉତ୍ସର୍ଗୀକୃତ ଆଭିମୁଖ୍ୟ ରହିଛି।

# ହ୍ୟାରୀ ବ୍ରୁକ୍ ୨ ବର୍ଷ ବାସନ୍ଦ

**ଲଣ୍ଡନ,୧୦।୩ (ପି.ଟି.):** ଆସନ୍ତା ୨୨ ତାରିଖରୁ ଆରମ୍ଭ ହେବାକୁ ଥିବା ଆଇପିଏଲ ପୂର୍ବରୁ ଦିଲ୍ଲୀ କ୍ୟାପିଟାଲ୍ସ ସହ ହୋଇଥିବା ଚୁକ୍ତିରୁ ଇଂଲଣ୍ଡ ବ୍ୟାଟର ହ୍ୟାରୀ ବ୍ରୁକ ଓହରି ଯାଇଛନ୍ତି। ଏଥିଯୋଗୁ ତାଙ୍କୁ ଆଇପିଏଲରୁ ଦୁଇ ବର୍ଷ ଲାଗି ବାସନ୍ଦ କରାଯାଇଛି। ଲଗାତର ଦ୍ୱିତୀୟ ସିଜନ ଲାଗି ନିଜକୁ ଅନୁପଲବ୍ଧ କରିଥିବା ବ୍ରୁକ ଦିଲ୍ଲୀ ଫ୍ରାଞ୍ଚାଇଜ୍ ଓ ଏହାର ସମର୍ଥକଙ୍କଠାରୁ କ୍ଷମାପ୍ରାର୍ଥନା କରିଛନ୍ତି। ମୁଁ ଆଗାମୀ ଆଇପିଏଲ୍‌ରୁ ଓହରିବାକୁ କଷ୍ଟକର ନିଷ୍ପତ୍ତି ନେଇଛି। ଏଥିଲାଗି ମୁଁ ଦିଲ୍ଲୀ କ୍ୟାପିଟାଲ୍ସ ଓ ଏହାର ସମର୍ଥକଙ୍କଠାରୁ କ୍ଷମାପ୍ରାର୍ଥନା କରୁଛି। ଏହା ଇଂଲଣ୍ଡ କ୍ରିକେଟ ଲାଗି ଖୁବ ଗୁରୁତ୍ୱପୂର୍ଣ୍ଣ ସମୟ। ଆଗାମୀ ସିରିଜ ପାଇଁ ପ୍ରସ୍ତୁତିରେ ମୁଁ ସମୟ ଦେବାକୁ ଚାହୁଁଛି। ମୋତେ ମୋ କ୍ୟାରିୟରର ସବୁଠୁ ବ୍ୟସ୍ତବହୁଳ କାର୍ଯ୍ୟସୂଚୀ ଲାଗି ନିଜକୁ ରିଚାର୍ଜ କରିବା ଦରକାର। ମୁଁ ଜାଣିଛି, ଏହାକୁ ସମସ୍ତେ ବୁଝିପାରିବେ ନାହିଁ ଏବଂ ମୁଁ ଏହା ଆଶା ବି କରୁନାହିଁ। କିନ୍ତୁ ଯାହା ଉଚିତ ବୋଲି ମୁଁ ବିଶ୍ୱାସ କରେ, ମୋତେ ତାହା କରିବାକୁ ପଡ଼ିବ। ମୁଁ ଦେଶ ପାଇଁ ଖେଳିବାକୁ ପ୍ରାଥମିକତା ଦଉଛି ବୋଲି ବ୍ରୁକ ସୋସିଆଲ ମିଡିଆରେ ପୋଷ୍ଟ କରିଛନ୍ତି।

# ସଫଳ କୋଚ୍ ସତ୍ୟପ୍ରଜ୍ଞଙ୍କୁ ଭବ୍ୟ ସ୍ୱାଗତ

ଭୁବନେଶ୍ୱର, ୧୦।୩ (ତପନ ସ୍ୱାଇଁ)

ମଣ୍ଟେନେଗ୍ରୋରେ ଅନୁଷ୍ଠିତ ବିଶ୍ୱ ଜୁନିୟର ଚେସ୍ (୨୦ ବର୍ଷରୁ କମ୍)ରେ ନିଜ ଦାୟିତ୍ୱକୁ ସୁଚାରୁରୂପେ ସମ୍ପାଦନ କରି ଓଡ଼ିଶାର ଅନ୍ତର୍ଜାତୀୟ ମାଷ୍ଟର ସ୍ୱୟଂଶୁ ସତ୍ୟପ୍ରଜ୍ଞ ସୋମବାର ଭୁବନେଶ୍ୱର ପ୍ରତ୍ୟାବର୍ତ୍ତନ କରିଛନ୍ତି। ସର୍ବଭାରତୀୟ ଚେସ୍ ଫେଡେରେଶନ ପକ୍ଷରୁ ତାଙ୍କୁ ପ୍ରତିନିଧି ଦଳର ମୁଖ୍ୟ/କୋଚ୍ ଭାବେ ନିଯୁକ୍ତ କରାଯାଇଥିଲା। ତାଙ୍କ ଦିଗ୍‌ଦର୍ଶନରେ ଭାରତୀୟ ଗ୍ରାଣ୍ଡମାଷ୍ଟର

**ବିଶ୍ୱ ଜୁନିୟର ଚେସ୍‌ରେ ଭାରତୀୟ ପ୍ରତିନିଧି ଦଳର ମୁଖ୍ୟ ଥିଲେ**

ତାମିଲନାଡୁର ପ୍ରଣବ ଭେଙ୍କଟେଶ୍ ଚାମ୍ପିୟନ ହୋଇ ଇତିହାସ ରଚିଥିଲେ। ଏହି ପ୍ରତିଯୋଗିତାରେ ୬୩ଟି ଦେଶର ୧୨ ଗ୍ରାଣ୍ଡମାଷ୍ଟରଙ୍କ ସମେତ ୧୫୭ ଖେଳାଳି ଅଂଶଗ୍ରହଣ କରିଥିଲେ। ଭୁବନେଶ୍ୱରରେ ପହଞ୍ଚିବାପରେ ସତ୍ୟପ୍ରଜ୍ଞଙ୍କୁ ବିଜୁ ପଟ୍ଟନାୟକ ବିମାନବନ୍ଦରରେ ଖୋର୍ଦ୍ଧା ଜିଲା ଚେସ୍ ଆସୋସିଏଶନ ସମ୍ପାଦକ ଶୁଭାଶିଷ ପଟ୍ଟନାୟକ, ପ୍ରୋ-ଚେସ୍-ଟାର କୋଚ୍ ଶୁଭବ୍ରତ ମିତ୍ର, ରାଜେନ୍ଦ୍ର କୁମାର ସାହୁ, ପ୍ରଶାସନିକ ଅଧିକାରୀ ଲକ୍ଷ୍ମୀକାନ୍ତ ବେହେରା, ଖେଳାଳି ଓ ଅଭିଭାବକମାନେ ଭବ୍ୟ ସ୍ୱାଗତ କରିଛନ୍ତି। ପ୍ରକାଶଯୋଗ୍ୟ ଯେ, ସତ୍ୟପ୍ରଜ୍ଞ ତାଙ୍କ କ୍ୟାରିୟରରେ ୮ ଥର ୧୯ ବର୍ଷରୁ କମ୍ ଜାତୀୟ ଚାମ୍ପିୟନଶିପ୍‌ରେ ଅଂଶଗ୍ରହଣ କରିବା ସହ ୨ ଥର ଏସିଆନ ଜୁନିୟର ଏବଂ ୨ ଥର ବିଶ୍ୱ ଜୁନିୟର ଚେସ୍‌ରେ ଭାଗ ନେଇଥିଲେ।


ସ୍ୱୟଂଶୁ ସତ୍ୟପ୍ରଜ୍ଞଙ୍କୁ ବିମାନ ବନ୍ଦରରେ ସ୍ୱାଗତ କରାଯାଉଛି।

Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-34, Industrial Estate, Pita Mahal, Rayagada, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ